# ଧରିତ୍ରୀ
DHARITRI

ଭୁବନେଶ୍ୱର, ମଙ୍ଗଳବାର, ଅଗଷ୍ଟ ୩/୨୦୨୧ (୧୬ ପୃଷ୍ଠା) | Bhubaneswar, Tuesday, August 3/2021 | ★★★★

୪୭ଶ ଭାଗ ୨୪୯ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-



DSPL-106

ODISHA
INDIA'S BEST KEPT SECRET.

## ହକି ମୈଦାନରେ ଇତିହାସ ରଚିଲେ ୩୮ଜଣ ଚାମ୍ପିଅନ୍

## ୧୩୦ କୋଟି ଭାରତୀୟ ଆଜି ଗର୍ବିତ

ଭାରତୀୟ ପୁରୁଷ ଓ ମହିଳା ହକି ଦଳ ଟୋକିଓ ଅଲିମ୍ପିକ
ସେମି ଫାଇନାଲରେ ପହଞ୍ଚିଛନ୍ତି।

**ଜୟ ହିନ୍ଦ୍**

## ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଓ ଶୁଭେଚ୍ଛା



## ଏହି ଗୌରବମୟ ଅଭିଯାନରେ ହକି ଇଣ୍ଡିଆର ସହଭାଗୀ ହୋଇଥିବାରୁ ଓଡ଼ିଶା ଆଜି ଗର୍ବିତ

OIPR-29001/13/0006/2122



ଆର୍‌ଜେଡି ସୁପ୍ରିମୋ ଲାଲୁ ପ୍ରସାଦ ଯାଦବ ଏବଂ ସମାଜବାଦୀ ପାର୍ଟିର ପୂର୍ବତନ ଅଧ୍ୟକ୍ଷ ମୁଲାୟମ ସିଂ ଯାଦବ ସୋମବାର ନୂଆଦିଲ୍ଲୀରେ ପରସ୍ପରକୁ ଭେଟିଛନ୍ତି। ଏହି ଆଲୋଚନା ବେଳେ ସମାଜବାଦୀ ପାର୍ଟି ଅଧ୍ୟକ୍ଷ ଅଖିଳେଶ ଯାଦବ ମଧ ଉପସ୍ଥିତ ଥିଲେ। ସର୍ବବରିଷ୍ଠ ସମାଜବାଦୀ ବନ୍ଧୁ ମୁଲାୟମଙ୍କୁ ଭେଟି ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିଥିଲି ବୋଲି ଲାଲୁ ଟୁଇଟ୍ କରିଛନ୍ତି। କୃଷକମାନଙ୍କ ପାଇଁ ଏବଂ ଅସମାନତା, ଦାରିଦ୍ର୍ୟ ଏବଂ ବେରୋଜଗାରି ବିରୋଧରେ ଆମର ଲଢ଼େଇ ଜାରି ରହିବ ବୋଲି ସେ ଉଲ୍ଲେଖ କରିଛନ୍ତି।



# ଆଶଙ୍କା ବଢ଼ାଉଛି ବର୍ଦ୍ଧିତ ସଂକ୍ରମଣ

- ଚଳିତ ମାସରେ ଆସିପାରେ ତୃତୀୟ ଲହର
- ୪୦ ହଜାର ଉପରେ ଦୈନିକ ମାମଲା

ନୂଆଦିଲ୍ଲୀ, ୨।୮

କରୋନା ପ୍ରକୋପ ହ୍ରାସକୁ ନେଇ ଦେଶବାସୀ ଆଶ୍ୱସ୍ତ ହୋଇ ଆସୁଥିବାବେଳେ ଏବେ ପୁଣି ଉପରମୁହାଁ ହୋଇଛି ସଂକ୍ରମଣ। ଦିନକରେ ଦେଶରେ ୪୦,୧୩୪ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୪୨୨ ଜଣଙ୍କ ଜୀବନ ନେଇଛି ଭୂତାଣୁ। ଦ୍ୱିତୀୟ ଲହର ଥମିଆସୁଥିବାବେଳେ ମେ' ମଧ୍ୟଭାଗ ପରଠାରୁ ପ୍ରଥମ କରି କ୍ରମାଗତ ସପ୍ତାହେ ଧରି ୪୦ ହଜାର ଉପରେ କରୋନା ପଜିଟିଭ୍ ଚିହ୍ନଟ ହେଉଛନ୍ତି। ଚଳିତ ମାସରେ ଦେଶରେ କରୋନାର ତୃତୀୟ ଲହର ଆସିବାର ଏହା ଲକ୍ଷଣ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।

ରବିବାର ୧୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ସଂକ୍ରମିତଙ୍କ ସଂଖ୍ୟା ପୁଣି ରେକର୍ଡ କରିଛି। ଗତ ସପ୍ତାହ ତୁଳନାରେ କେରଳରେ ଆକ୍ରାନ୍ତ ସଂଖ୍ୟା ଯଥେଷ୍ଟ ବୃଦ୍ଧି ପାଇଛି। ଜୁନ୍ ୧୪ରେ କେରଳରେ ସର୍ବନିମ୍ନ ୫୮୧ ଜଣ ପଜିଟିଭ୍ ବାହାରିଥିଲେ। କିନ୍ତୁ ରବିବାର ଏହି ସଂଖ୍ୟା ୩,୭୭୦ ରହିଛି। ସେହିପରି ପ୍ରଥମ ଓ ଦ୍ୱିତୀୟ ଲହରରେ ବ୍ୟାପକ ଭାବେ ପ୍ରଭାବିତ ହୋଇଥିବା ମହାରାଷ୍ଟ୍ର ମଧ କେରଳ ରାସ୍ତାରେ ଚାଲିଛି। ରବିବାର ଏଠାରେ ୬,୪୭୯ ମାମଲା ସାମ୍ନାକୁ ଆସିଛି। ଦେଶରେ ମୋଟ ସଂକ୍ରମଣ ୩,୧୬,୯୫,୯୫୮ ଏବଂ ମୃତ୍ୟୁ ସଂଖ୍ୟା ୪,୨୪,୭୭୩କୁ ବୃଦ୍ଧି ପାଇଛି। ଏବେ ୪,୧୩,୭୧୮ ସକ୍ରିୟ ମାମଲା ରହିଛି। କେବଳ କେରଳରେ ୧.୬୭ ଲକ୍ଷ ଆକ୍ଟିଭ୍ କେସ୍ ରହିଛି। କେରଳ, ମହାରାଷ୍ଟ୍ର ପରେ ଆନ୍ଧ୍ରପ୍ରଦେଶ, ତାମିଲନାଡୁ, କର୍ନାଟକରେ ମଧ ସଂକ୍ରମଣ ବୃଦ୍ଧି ପାଉଛି।

ଅନ୍ୟପକ୍ଷରେ ଦୈନିକ ସଂକ୍ରମଣ ୪୦ ହଜାର ଉପରେ ରହୁଥିବାରୁ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ ଅଫ୍ ଟେକ୍ନୋଲୋଜି(ଆଇଆଇଟି) ହାଇଦ୍ରାବାଦ ଏବଂ କାନପୁରର ଆକଳନ ଅନୁସାରେ ଚଳିତ ମାସରେ ଏହା ଆହୁରି ବୃଦ୍ଧି ପାଇପାରେ। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଦୈନିକ ସଂକ୍ରମଣ ଲକ୍ଷେ ମଧ ଟପିବାର ଆଶଙ୍କା ରହିଛି। ଅକ୍ଟୋବର ସୁଦ୍ଧା ସଂକ୍ରମଣ ଶୀର୍ଷକୁ ଛୁଇଁବ ବୋଲି ବିଶେଷଜ୍ଞମାନେ ଚେତାବନୀ ଦେଇଛନ୍ତି।



**ଲୋକେ ମାନୁ ନାହାନ୍ତି କରୋନା କଟକଣା:** ଉତ୍ତରପ୍ରଦେଶର କାନପୁରସ୍ଥିତ ସୀମାମାଉ ବଜାରରେ ସୋମବାର ପ୍ରବଳ ଗହଳି।

## ସଂକ୍ଷେପରେ

### ଇସ୍ତଫା ଦେଲେ ପ୍ରଧାନମନ୍ତ୍ରୀଙ୍କ ଉପଦେଷ୍ଟା



**ନୂଆଦିଲ୍ଲୀ, ୨।୮:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମୁଖ୍ୟ ଉପଦେଷ୍ଟା ଅମରଜିତ୍ ସିହ୍ନା ନିଜ ପଦରୁ ଇସ୍ତଫା ଦେଇଥିବା ଜଣାପଡ଼ିଛି। ୨୦୨୦ ଫେବୃୟାରୀରେ ସିହ୍ନାଙ୍କ ସମେତ ଭାସ୍କର ଖୁଲ୍‌ବେ ମୋଦିଙ୍କ ଉପଦେଷ୍ଟା ନିଯୁକ୍ତ ହୋଇଥିଲେ। ୧୯୮୩ ବ୍ୟାଚ୍‌ର ବିହାର କ୍ୟାଡର ଆଇଏଏସ୍ ଅଫିସର ସିହ୍ନା ସାମାଜିକ କ୍ଷେତ୍ର ସହ ସମ୍ପୃକ୍ତ ପ୍ରୋଜେକ୍ଟ ବିଷୟ ବୁଝୁଥିଲେ। ପିଏମ୍‌ଓରେ ଯୋଗଦେବା ପୂର୍ବରୁ ସେ ଗତବର୍ଷ ଗ୍ରାମାଞ୍ଚଳ ବିକାଶ ସଚିବ ଭାବେ ଅବସର ନେଇଥିଲେ। ପୂର୍ବତନ କ୍ୟାବିନେଟ ସଚିବ ପି.କେ. ସିହ୍ନାଙ୍କ ପରେ ପିଏମ୍‌ଓରୁ ଇସ୍ତଫା ଦେବାରେ ଅମରଜିତ୍ ଦ୍ୱିତୀୟ ଶୀର୍ଷ ଅଧିକାରୀ। ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ପରାମର୍ଶଦାତା ଭାବେ କାର୍ଯ୍ୟ କରୁଥିବା ପି.କେ. ସିହ୍ନା ଗତ ମାର୍ଚ୍ଚରେ ଇସ୍ତଫା ଦେଇଥିଲେ।

### ଭାଜପାରେ ୫ ଅକାଳୀ ଦଳ ନେତା

**ନୂଆଦିଲ୍ଲୀ, ୨।୮:** ପଞ୍ଜାବ ବିଧାନସଭା ନିର୍ବାଚନ ପୂର୍ବରୁ ଶିରୋମଣି ଅକାଳୀ ଦଳ (ଏସ୍‌ଏଡି)ର ୫ ଜଣ ନେତା ଏବଂ ଜଣେ ପୂର୍ବତନ ଟିଭି ଉପସ୍ଥାପକ ସୋମବାର ଭାଜପାରେ ସାମିଲ ହୋଇଛନ୍ତି। ଗୈରିକ ଦଳରେ ଯୋଗଦେଇଥିବା ଏହି ନେତାମାନେ ହେଲେ ଏସ୍‌ଏଡି ମହିଳା ଶାଖାର ପୂର୍ବତନ ରାଷ୍ଟ୍ରୀୟ ସାଧାରଣ ସମ୍ପାଦକ ଅମନଜ୍ୟୋତ କୌର ରମୁୱାଲିଆ, ଗୁରପ୍ରୀତ ସିଂ ଶାହପୁର, ଚାନ୍ଦ ସିଂ ଚଥା, ବଲ୍‌ଜିନ୍ଦର ସିଂ ଡାକୋହା ଏବଂ ପ୍ରୀତମ୍ ସିଂ। ଦଳର ମୁଖ୍ୟାଳୟରେ କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂ ଶେଖାୱତ୍ ଭାଜପା ପଞ୍ଜାବ ପ୍ରଭାରୀ ଦୁଷ୍ୟନ୍ତ ଗୌତମ, ଓ ସାଧାରଣ ସମ୍ପାଦକ ତରୁଣ ଚୁଗ୍‌ଙ୍କ ଉପସ୍ଥିତିରେ ସେମାନେ ପଦ୍ମ ଧରିଥିଲେ। ଟିଭି ଉପସ୍ଥାପକ ଚେତନ ମୋହନ ଜୋଷୀ ମଧ ଭାଜପାରେ ସାମିଲ ହୋଇଛନ୍ତି।

### ଆବେଦନ ପ୍ରତ୍ୟାହାର କଲା ଜନ୍‌ସନ୍

**ନୂଆଦିଲ୍ଲୀ, ୨।୮:** ଆମେରିକା ଫାର୍ମାସ୍ୟୁଟିକାଲ କମ୍ପାନୀ ଜନ୍‌ସନ୍ ଆଣ୍ଡ୍ ଜନ୍‌ସନ୍ ଭାରତରେ ଏହାର ସିଙ୍ଗଲ ଡୋଜ୍ କୋଭିଡ୍-୧୯ ଟିକା 'ଜନ୍‌ସେନ୍'ର ବ୍ୟବହାର ନିମନ୍ତେ କରିଥିବା ଆବେଦନକୁ ପ୍ରତ୍ୟାହାର କରିନେଇଛି। ଏ ନେଇ ଡ୍ରଗ୍ସ କଣ୍ଟ୍ରୋଲର ଜେନେରାଲ ଅଫ୍ ଇଣ୍ଡିଆ (ଡିସିଜିଆଇ) ସୋମବାର ସୂଚନା ଦେଇଛନ୍ତି। ତେବେ ଆବେଦନ ପ୍ରତ୍ୟାହାର କରିବା କାରଣ ସମ୍ପର୍କରେ ଜନ୍‌ସନ୍ ପକ୍ଷରୁ କିଛି ସ୍ପଷ୍ଟ କରାଯାଇନାହିଁ। ଗତ ଏପ୍ରିଲରେ ଏହି କମ୍ପାନୀ ଭାରତରେ ଟିକାର କ୍ଲିନିକାଲ ଟ୍ରାଏଲ ପାଇଁ ମଞ୍ଜୁରୀ ମାଗିଥିଲା। ସେତେବେଳେ ଏହି ଟିକା ନେଇଥିବା ଲୋକଙ୍କ ଶରୀରରେ ରକ୍ତଜମାଟ ସମସ୍ୟା ଉପୁଜିବା ପରେ ଟ୍ରାଏଲକୁ କମ୍ପାନୀ ବନ୍ଦ ରଖିଥିଲା।

## କରୋନାକୁ ସଂକ୍ରାମକ କରିଥିଲା ଉହାନ ଲାବ୍

ୱାଶିଂଟନ, ୨।୮

ଚାଇନାର ଉହାନ ସହରରେ ଥିବା ଗବେଷଣା କେନ୍ଦ୍ରରୁ କରୋନା ଭୂତାଣୁ ଲିକ୍ ହୋଇଥିବାର ଯଥେଷ୍ଟ ପ୍ରମାଣ ରହିଥିବା ଆମେରିକା ରିପବ୍ଲିକାନ୍‌ସ ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଉହାନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭାଇରୋଲୋଜି (ଡବ୍ଲୁଆଇଭି)ର ବୈଜ୍ଞାନିକମାନେ କରୋନା ଭୂତାଣୁକୁ ମାନବ ଶରୀରକୁ ସଂକ୍ରମିତ ହେବା ନିମନ୍ତେ ବିକଶିତ କରାଇବା ପାଇଁ କାର୍ଯ୍ୟ କରୁଥିଲେ। ଏଥିରେ ଆମେରିକାର ବିଶେଷଜ୍ଞମାନେ ସହାୟତା କରିଥିଲେ। ଉଭୟ ଚାଇନା ଓ ଆମେରିକା ସରକାର ଏଥିପାଇଁ ଅର୍ଥ ଯୋଗାଇଥିଲେ। ଏହି ଷଡ଼ଯନ୍ତ୍ରକୁ ଲୁଚାଇ ରଖାଯାଇଥାଇପାରେ ବୋଲି ରିପୋର୍ଟରେ କୁହାଯାଇଛି। କରୋନା ଭୂତାଣୁ ବର୍ତ୍ତମାନ ସୁଦ୍ଧା ବିଶ୍ୱବ୍ୟାପୀ ୪୪ ଲକ୍ଷ ଲୋକଙ୍କ ଜୀବନ ନେଲାଣି। କୋଭିଡ୍-୧୯ର ମୂଳ ଉତ୍ସ ଖୋଜି ବାହାର କରିବା ଲାଗି ଦୁଇଟି ଟିମ୍ ଦ୍ୱାରା ତଦନ୍ତ କରାଯିବାକୁ ଗୃହ କମିଟି ପରାମର୍ଶ ଦେଇଛି।

## ଲଦାଖରୁ ସେନା ପ୍ରତ୍ୟାହାର ପାଇଁ ଭାରତ, ଚାଇନା ରାଜି



ନୂଆଦିଲ୍ଲୀ, ୨।୮

ପୂର୍ବ ଲଦାଖର ବିଭିନ୍ନ ସ୍ଥାନରୁ ସେନା ପ୍ରତ୍ୟାହାର ଲାଗି ଭାରତ ଓ ଚାଇନା ରାଜି ହୋଇଛନ୍ତି। ଶନିବାର ଚୁଶୁଲ-ମୋଲ୍‌ଡୋ ସୀମାରେ ଦୁଇଦେଶ ମଧ୍ୟରେ ଅନୁଷ୍ଠିତ ସେନା କମାଣ୍ଡର ସ୍ତରୀୟ ଦ୍ୱାଦଶ ପର୍ଯ୍ୟାୟ ଆଲୋଚନା ଫଳପ୍ରଦ ହୋଇଥିବା କୁହାଯାଇଛି। ବୈଠକରେ ଗୋଗ୍ରା ଏବଂ ହଟ୍‌ସ୍ପ୍ରିଙ୍ଗ ଫ୍ରାକ୍ସନ ପଏଣ୍ଟରୁ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ସୈନ୍ୟ ପ୍ରତ୍ୟାହାର ହୋଇ ନ ଥିବା କଥା ଉଠିଥିଲା। ପ୍ରକୃତ ନିୟନ୍ତ୍ରଣ ରେଖା (ଏଲ୍‌ଏସି)ର ଅବଶିଷ୍ଟ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ନେଇ ଉଭୟ ପକ୍ଷ ପରସ୍ପର ମଧ୍ୟରେ ଆଲୋଚନା କରିଥିଲେ ବୋଲି ସୋମବାର ଭାରତ-ଚାଇନା ପକ୍ଷରୁ ଜାରି ମିଳିତ ବିବୃତିରେ କୁହାଯାଇଛି। ଅନ୍ୟ ପ୍ରସଙ୍ଗଗୁଡ଼ିକର ଶୀଘ୍ର ସମାଧାନ ଦ୍ୱିପାକ୍ଷିକ ଚୁକ୍ତିନାମା ଏବଂ ପ୍ରୋଟୋକଲ ଅନୁଯାୟୀ କରିବା ପାଇଁ ଉଭୟ ପକ୍ଷ ରାଜି ହୋଇଥିଲେ। ସୂଚନାଯୋଗ୍ୟ, ଗତ ଫେବୃୟାରୀରେ ପୂର୍ବ ଲଦାଖର ପଙ୍ଗୋଙ୍ଗ୍ ହ୍ରଦ ଉଭୟ ପାର୍ଶ୍ୱରୁ ଦୁଇ ଦେଶ ସେନା ପ୍ରତ୍ୟାହାର କରିନେଇଥିଲେ। ଏଲ୍‌ଏସିରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଲାଗି ଉଦ୍ୟମ ଜାରି ରଖିବାକୁ ଉଭୟ ସହମତ ହୋଇଥିଲେ।

## ପାର୍ଲାମେଣ୍ଟରେ ଅଚଳାବସ୍ଥା ଜାରି

ନୂଆଦିଲ୍ଲୀ, ୨।୮(ପି.ଟି.)

ପେଗାସସ୍ ସ୍ପାଏୱେର ବିବାଦ ଓ ଅନ୍ୟାନ୍ୟ ପ୍ରସଙ୍ଗକୁ ନେଇ ବିରୋଧୀ ଦଳଗୁଡ଼ିକ ପକ୍ଷରୁ ହଟ୍ଟଗୋଳ ଯୋଗୁ ସୋମବାର ପାର୍ଲାମେଣ୍ଟର ଉଭୟ ସଦନରେ ଅଚଳାବସ୍ଥା ଜାରି ରହିଛି। ହୋହଲ୍ଲା ମଧ୍ୟରେ ଲୋକ ସଭାରେ ସାଧାରଣ ବୀମା ବ୍ୟବସାୟ(ଜାତୀୟକରଣ) ସଂଶୋଧନ ବିଲ୍ ଧ୍ୱନି ମତରେ ଗୃହୀତ ହୋଇଥିଲା। ଏହା ପରେ ଲୋକ ସଭାକୁ ମଙ୍ଗଳବାର ସକାଳ ପର୍ଯ୍ୟନ୍ତ ମୁଲତବୀ ଘୋଷଣା କରାଯାଇଛି। ସେହିପରି ରାଜ୍ୟ ସଭାକୁ ବାରମ୍ବାର ମୁଲତବୀ ରଖିବାକୁ ପଡ଼ିଥିଲା। ହଟ୍ଟଗୋଳ ମଧ୍ୟରେ ଇନ୍‌ଲାଣ୍ଡ ଭେସେଲ୍ସ ବିଲ୍-୨୦୨୧ ଗୃହୀତ ହୋଇଛି। ଏକାଧିକ ଥର ମୁଲତବୀ ପରେ ଅପରାହ୍ନ ୩ଟା ୩୬ରେ ଗୃହ କାର୍ଯ୍ୟ ଆରମ୍ଭ ହେବା ମାତ୍ରେ ସରକାରଙ୍କ ପକ୍ଷରୁ ଦୁଇଟି ବିଲ୍ ଉପସ୍ଥାପନ କରାଯାଇଥିଲା। ହଟ୍ଟଗୋଳ କରୁଥିବା ବିରୋଧୀ ସଦସ୍ୟମାନଙ୍କୁ ସେମାନଙ୍କ ଆସନକୁ ଫେରିଯାଇ ବିଲ୍ ଉପରେ ଆଲୋଚନାରେ ଭାଗ ନେବାକୁ ଗୃହରେ ଅଧ୍ୟକ୍ଷତା କରୁଥିବା ଭୁବନେଶ୍ୱର କାଲିତା ଅନୁରୋଧ କରିଥିଲେ। ଦୁଇଟି ବିନିଯୋଗ ବିଧେୟକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥିବାରୁ ଏହା ଉପରେ ଏକତ୍ର ଆଲୋଚନା ପାଇଁ ସେ କହିଥିଲେ। ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ବିଲ୍ ଦୁଇଟି ଆଗତ କରି ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ ମଧ ବିରୋଧୀ ସଦସ୍ୟମାନେ ସ୍ଲୋଗାନବାଜି ଜାରି ରଖିଥିଲେ। ଫଳରେ ମଙ୍ଗଳବାର ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଗୃହକୁ ମୁଲତବୀ ଘୋଷଣା କରାଯାଇଥିଲା।

## ବିରୋଧୀ ନେତାଙ୍କ ବୈଠକ ଡାକିଲେ ରାହୁଲ

ନୂଆଦିଲ୍ଲୀ, ୨।୮(ପି.ଟି.)

ପେଗାସସ୍ ଗୁପ୍ତଚରଗିରି ପ୍ରସଙ୍ଗରେ ଏକ ମିଳିତ ରଣନୀତି ପ୍ରସ୍ତୁତ କରିବା ଲାଗି କଂଗ୍ରେସ ନେତା ରାହୁଲ ଗାନ୍ଧୀ ସମସ୍ତ ବିରୋଧୀ ଦଳ ନେତାଙ୍କୁ ଆମନ୍ତ୍ରଣ କରିଛନ୍ତି। ମଙ୍ଗଳବାର କନ୍‌ଷ୍ଟିଚ୍ୟୁଶନ କ୍ଲବ୍‌ରେ ଏଥିପାଇଁ ବ୍ରେକ୍‌ଫାଷ୍ଟ ବୈଠକ ବସିବ। ପେଗାସସ୍ ପ୍ରସଙ୍ଗରେ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଏକତା ରକ୍ଷା କରିବା ଏହି ବୈଠକର ଉଦ୍ଦେଶ୍ୟ। ଏଥିପାଇଁ ସମସ୍ତ ବିରୋଧୀ ଦଳ ଏମ୍‌ପି ଏବଂ ଗୃହରେ ଦଳର ନେତାମାନଙ୍କୁ ଡକାଯାଇଛି। ବିରୋଧୀ ସଦସ୍ୟମାନେ ପାର୍ଲାମେଣ୍ଟରେ ପେଗାସସ୍ ପ୍ରସଙ୍ଗ ଆଲୋଚନା ପାଇଁ ପ୍ରତିଦିନ ମୁଲତବୀ ନୋଟିସ ଦେଉଛନ୍ତି।

## ପେଗାସସ୍: ତଦନ୍ତ ଦାବିକଲେ ନୀତୀଶ

ନୂଆଦିଲ୍ଲୀ, ୨।୮

ପେଗାସସ୍ ସ୍ପାଏୱେର ଗୁପ୍ତଚରଗିରିର ତଦନ୍ତ ଦାବିରେ ବିରୋଧୀ ଦଳ ଦୁଇ ସପ୍ତାହ ହେଲା ପାର୍ଲାମେଣ୍ଟକୁ ଅଚଳ କରି ରଖିଥିଲାବେଳେ ପ୍ରଥମ ଥର ପାଇଁ ଭାଜପା ସହଯୋଗୀ ଜେଡିୟୁ ମୁଖ୍ୟ ତଥା ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ସେମାନଙ୍କ ସହ ସ୍ୱର ମିଳାଇଛନ୍ତି। ଇସ୍ରାଏଲୀ ସ୍ପାଏୱେର ଦ୍ୱାରା ଦେଶର ରାଜନେତା, ଖବରଦାତା, ବିଚାରପତି ଓ ଅନ୍ୟମାନଙ୍କୁ ଟାର୍ଗେଟ କରାଯାଇଥିବା ଅଭିଯୋଗ ହେଉଛି। ସବୁକିଛି ସାର୍ବଜନୀନ ହେବା ଆବଶ୍ୟକ



ହୋଇଥିବାରୁ ପେଗାସସ୍ ମାମଲାର ତଦନ୍ତ କରାଯିବାକୁ ନୀତୀଶ ଦାବି କରିଛନ୍ତି। ଏଥିସହିତ ଉକ୍ତ ପ୍ରସଙ୍ଗ ପାର୍ଲାମେଣ୍ଟରେ ମଧ ଆଲୋଚନା ହେବା ଆବଶ୍ୟକ ବୋଲି ସେ କହିଛନ୍ତି। ଏନ୍‌ଡିଏର ସହଯୋଗୀ ଥାଇ ନୀତୀଶଙ୍କ ଏଭଳି ମନ୍ତବ୍ୟ କେନ୍ଦ୍ରର ନରେନ୍ଦ୍ର ମୋଦି ସରକାରଙ୍କୁ ଅଡୁଆରେ ପକାଇଛି।

ପେଗାସସ୍ ବିବାଦ ପ୍ରସଙ୍ଗରେ ଆଲୋଚନା ପାଇଁ ବିରୋଧୀ ଦଳଗୁଡ଼ିକ ପ୍ରତିଦିନ ଦାବି ଉଠାଉଥିବାବେଳେ ସରକାର ଏହାକୁ ଅଣପ୍ରସଙ୍ଗ କହି ଏଡ଼ାଇଯାଉଛନ୍ତି। ଏହି ପ୍ରସଙ୍ଗକୁ ନେଇ ମୌସୁମୀ ଅଧିବେଶନ ଆରମ୍ଭରୁ ଉଭୟ ଲୋକ ସଭା ଓ ରାଜ୍ୟ ସଭାରେ ହଟ୍ଟଗୋଳ ଲାଗି ରହିଛି। ଭାରତର ୩୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ମୋବାଇଲ ନମ୍ବର ଉକ୍ତ ସ୍ପାଏୱେର ଟାର୍ଗେଟ ତାଲିକାରେ ଥିବା ଅନ୍ତର୍ଜାତୀୟ ଗଣମାଧ୍ୟମଗୁଡ଼ିକରେ ପ୍ରକାଶ ପାଇଥିଲା।

## ଜଳିଗଲାଣି ୨.୪୪ ଲକ୍ଷ ଏକର

**କାଲିଫର୍ନିଆ ବନାଗ୍ନି**

ସାନ୍‌ଫ୍ରାନ୍ସିସ୍କୋ, ୨।୮

ଜୁଲାଇ ୧୪ରୁ ଉତ୍ତର କାଲିଫର୍ନିଆ ଜଙ୍ଗଲରେ ଲାଗିଥିବା ନିଆଁ ବର୍ତ୍ତମାନ ସୁଦ୍ଧା ୨.୪୪ ଲକ୍ଷ ଏକରରୁ ଊର୍ଦ୍ଧ୍ୱ ଅଞ୍ଚଳକୁ ବ୍ୟାପିଗଲାଣି। ଡିକ୍ସି ଫାୟାର ଭାବେ ନାମିତ ଏହି ନିଆଁ ପାରାଡାଇଜର ଉତ୍ତରପୂର୍ବରେ ୧୦ ମାଇଲ ଦୂରରେ ଲାଗିଥିଲା। ଇତିମଧ୍ୟରେ ବୁଟେ ଏବଂ ପ୍ଲୁମାସ୍ କାଉଣ୍ଟି ଅନ୍ତର୍ଗତ ୨,୪୪,୮୮୮ ଏକର ଅଞ୍ଚଳ ଜଳିଗଲାଣି। ଏହା କାଲିଫର୍ନିଆରେ ସବୁଠୁ ବଡ଼ ବନାଗ୍ନି ବୋଲି କୁହାଯାଉଛି। ତେବେ ନିଆଁ ଲାଗିବାର କାରଣ ଏପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏହାର ତଦନ୍ତ ଜାରି ରହିଥିବା ଜଙ୍ଗଲ ଓ ଅଗ୍ନି ସୁରକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ନିଆଁ ଲାଗି ୬୭ ଷ୍ଟ୍ରକ୍ଚର କ୍ଷତିଗ୍ରସ୍ତ ହୋଇଥିବାବେଳେ ୯ଟି କ୍ଷତିଗ୍ରସ୍ତ ହୋଇଛି। ବିଭିନ୍ନ ଅଞ୍ଚଳରୁ ଲୋକମାନଙ୍କୁ ସ୍ଥାନାନ୍ତର କରାଯାଇଛି। ବିଭିନ୍ନ ଅଞ୍ଚଳରେ ନିଆଁଲିଭା କାର୍ଯ୍ୟ ଜାରି ରହିଛି। ଆମେରିକାରେ ବର୍ତ୍ତମାନ ସୁଦ୍ଧା ୮୩ଟି ସ୍ଥାନରେ ଜଙ୍ଗଲ ନିଆଁ ଦେଖାଯାଇଛି। ଦକ୍ଷିଣ ଓରେଗନ୍‌ରେ ଲାଗିଥିବା ବୁଟ୍‌ଲେଗ ଫାୟାରରେ ସର୍ବାଧିକ ୪,୧୩,୫୬୨ ଏକର ଜଳିଗଲାଣି।



କାଲିଫର୍ନିଆର ବୁଟେ ଏବଂ ପ୍ଲୁମାସ୍ କାଉଣ୍ଟି ଅନ୍ତର୍ଗତ ଜଙ୍ଗଲ ଜଳୁଛି।

## ରାଜ୍ୟଗୁଡ଼ିକୁ ସୁପ୍ରିମକୋର୍ଟ ନୋଟିସ

**ଆଇଟି ଆଇନର ଧାରା ୬୬ଏ ବ୍ୟବହାର**

**ନୂଆଦିଲ୍ଲୀ, ୨।୮:** ସୂଚନା ପ୍ରଯୁକ୍ତି (ଆଇଟି) ଆଇନର ଧାରା ୬୬ଏକୁ ୨୦୧୫ ମାର୍ଚ୍ଚରେ ରଦ୍ଦ କରାଯାଇଥିଲା। ଏହା ସତ୍ତ୍ୱେ ଏବେ ବି ବିଭିନ୍ନ ରାଜ୍ୟର ଥାନା ଓ ତଳ କୋର୍ଟରେ ଏହି ଧାରାକୁ ବ୍ୟବହାର କରାଯାଉଥିବାରୁ ସୁପ୍ରିମକୋର୍ଟ ସୋମବାର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଏନେଇ ସମସ୍ତ ରାଜ୍ୟ, କେନ୍ଦ୍ରଶାସିତ ଅଞ୍ଚଳ ଏବଂ ସମସ୍ତ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ସର୍ବୋଚ୍ଚ ଅଦାଲତ ନୋଟିସ ଜାରି କରିଛନ୍ତି। ପିପୁଲ୍ସ ୟୁନିୟନ ଫର୍ ସିଭିଲ୍ ଲିବର୍ଟିଜ୍ ନାମକ ଏନ୍‌ଜିଓ ପକ୍ଷରୁ ଦାଏର ପିଟିଶନର ଶୁଣାଣି କରି ଜଷ୍ଟିସ୍ ଆର୍.ଏଫ୍. ନରିମାନ ଏବଂ ବି.ଆର୍. ଗଭାଇଙ୍କ ଖଣ୍ଡପୀଠ ଏନେଇ ଏକ ନିର୍ଦ୍ଦେଶନାମା ଜାରି କରିବେ ବୋଲି କହିଥିଲେ।



କୋଲକାତାର ନେତାଜୀ ଇନ୍‌ଡୋର୍ ଷ୍ଟାଡିୟମରେ ସୋମବାର 'ଖେଲା ହବେ' ଯୋଜନା ଶୁଭାରମ୍ଭ ଅବସରରେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଫୁଟ୍‌ବଲ ଖେଳୁଛନ୍ତି।

## ଏୟାରପୋର୍ଟ ତଳେ ଅତ୍ୟାଧୁନିକ ନିର୍ମାଣ

- ମଧ୍ୟଏସିଆରେ ଚାଇନାର ଆଧିପତ୍ୟ ବିସ୍ତାର ଲକ୍ଷ୍ୟ
- ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଲା

ନୂଆଦିଲ୍ଲୀ, ୨।୮

ଜିନଜିଆଙ୍ଗ ପ୍ରାନ୍ତ ନିକଟ ତାଶକୁରଗାନ୍‌ଠାରେ ଚାଇନା ନିର୍ମାଣ କରୁଥିବା ବିମାନବନ୍ଦରକୁ ମଧ ଏସିଆରେ ଆଧିପତ୍ୟ ବିସ୍ତାର ଲକ୍ଷ୍ୟରେ ଅସ୍ତ୍ର ଭାବେ ବ୍ୟବହାର କରିବାକୁ ଯୋଜନା କରିଛି। ନିର୍ମାଣାଧୀନ ଏହି ବିମାନବନ୍ଦର ତଳେ ଚାଇନା ସୁରକ୍ଷିତ ଅତ୍ୟାଧୁନିକ ଅଣ୍ଡରଗ୍ରାଉଣ୍ଡ ବ୍ୟବସ୍ଥା ନିର୍ମାଣ କରୁଥିବା ସାଟେଲାଇଟ୍ ଚିତ୍ରରୁ ଜଣାପଡ଼ିଛି। ଏହି ବିମାନବନ୍ଦର ତାଜ୍‌କିସ୍ତାନ, ଆଫ୍‌ଗାନିସ୍ତାନ ଏବଂ ପାକିସ୍ତାନ ଅଧିକୃତ କଶ୍ମୀର(ପିଓକେ) ସୀମା ନିକଟବର୍ତ୍ତୀ ହୋଇଥିବାରୁ ଏହାକୁ ଭାରତ ବିରୋଧୀ କାର୍ଯ୍ୟକଳାପ ତଥା ଆକ୍ରମଣ ନିମନ୍ତେ ବ୍ୟବହାର ପାଇଁ ଚାଇନାର ଯୋଜନା ରହିଛି ବୋଲି ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। ୨୦୧୫ରେ ଚାଇନାର ବେସାମରିକ ବିମାନ ଚଳାଚଳ ପ୍ରାଧିକରଣ ପ୍ରଥମେ ପାମିର ମାଳଭୂମି ଉଚ୍ଚତାରେ ପ୍ରାୟ ୧୦,୫୦୦ ଫୁଟ ଉପରେ ଏକ ବିମାନବନ୍ଦର ନିର୍ମାଣ କରିବାକୁ ଯୋଜନା ଥିବା ନେଇ ପ୍ରକାଶ କରିଥିଲା। ୨୦୨୦ ଏପ୍ରିଲରୁ ଏହି ସାଇଟ୍‌ରେ ଚାଇନା ନିର୍ମାଣ କାମ ଆରମ୍ଭ କରିଦେଇଛି। ମେ' ୨୦୨୦ରେ ଲଦାଖର ପାଙ୍ଗୋଙ୍ଗ ସୋ'ରେ ଭାରତ ଏବଂ ଚାଇନା ସେନା ମଧ୍ୟରେ ପ୍ରଥମ ସଂଘର୍ଷର ପ୍ରାୟ ସପ୍ତାହେ ପୂର୍ବରୁ ଏହି ଏୟାରପୋର୍ଟ ନିର୍ମାଣ ଆରମ୍ଭ ହୋଇଥିଲା। ସ୍ପେସ୍ ଫାର୍ମ ପ୍ଲାନେଟ୍ ଲାବ୍‌ସ ପକ୍ଷରୁ ନିଆଯାଇଥିବା ଉପଗ୍ରହ ଚିତ୍ରରୁ ବିମାନବନ୍ଦର ଏକାଧିକ କାର୍ଯ୍ୟରେ ବ୍ୟବହାରଯୋଗ୍ୟ ନିମନ୍ତେ ନିର୍ମାଣ ହେଉଥିବା ସ୍ପଷ୍ଟ ହୋଇଛି। ବିପୁଳ ଅସ୍ତ୍ରଶସ୍ତ୍ର ଠୁଳ ତଥା ନିଜ ସୈନ୍ୟକୁ ସମସ୍ତ ସୁବିଧା ପ୍ରଦାନ ପାଇଁ ଚାଇନା ଏହି ନିର୍ମାଣରେ ଲାଗିଥିବା ନେଇ ଚର୍ଚ୍ଚା ଲାଗିରହିଛି।



### ବେଜିଂର ଗୁପ୍ତ ରଣନୀତି

ତାଜ୍‌କିସ୍ତାନ, ଆଫ୍‌ଗାନିସ୍ତାନ ଏବଂ ପିଓକେ ସୀମା ନିକଟବର୍ତ୍ତୀ ଅଞ୍ଚଳ ହୋଇଥିବାରୁ ତାଶକୁରଗାନ୍‌ଠାରେ ଚାଇନାର ବିମାନବନ୍ଦର ନିର୍ମାଣ ପଛରେ ସାମରିକ ଯୋଜନା ରହିଥିବା ବିଶେଷଜ୍ଞମାନେ ମତ ରଖିଛନ୍ତି। ତାଜକିସ୍ତାନ ଓ ପାକିସ୍ତାନରେ ଚାଇନା ବିପୁଳ ମାତ୍ରାରେ ନିବେଶ କରିଛି। ଅଶାନ୍ତ ଆଫଗାନିସ୍ତାନରେ ବଦଳୁଥିବା ସ୍ଥିତିରୁ ଫାଇଦା ଉଠାଇବା ପାଇଁ ଚାଇନା ବିମାନବନ୍ଦର ଆଳରେ ସେଠାରେ ନିଜ ସେନା ନିୟୋଜିତ କରିପାରିବ। ଆରବ ସାଗର ଏବଂ ଚାଇନା ପାକିସ୍ତାନ ଅର୍ଥନୈତିକ କରିଡର (ସିପିଇସି) ଖୋଲିବା ପାଇଁ ଏହା ବେଜିଂ ପାଇଁ ଏକ ରଣନୈତିକ ମାର୍ଗ ହେବ, ଯାହା କି ବେଲ୍ଟ ଆଣ୍ଡ ରୋଡ୍ ଇନିସିଏଟିଭ୍(ବିଆର୍‌ଆଇ) ପ୍ରୋଜେକ୍ଟର ଅଂଶ ବୋଲି କଲୋନେଲ(ଅବସରପ୍ରାପ୍ତ) ବିନାୟକ ଭଟ୍ଟ କହିଛନ୍ତି। ଚାଇନା ମିଡିଆ ରିପୋର୍ଟ ଅନୁସାରେ, ଏୟାରପୋର୍ଟ ପ୍ରାରମ୍ଭିକ ଡିଜାଇନରେ ଏକ ଟର୍ମିନାଲ ବିଲ୍ଡିଂ, ୪ଟି ଯୁଦ୍ଧବିମାନ ଷ୍ଟାଣ୍ଡ, ଏକ ଟାୱାର, ୮ ଶହ ବର୍ଗମିଟରର ଏୟାର ଟ୍ରାଫିକ୍ କଣ୍ଟ୍ରୋଲ ବିଲ୍ଡିଂ, ଇନ୍ଧନ, ବିଦ୍ୟୁତ୍ ଯୋଗାଣ, ଅଗ୍ନି ନିର୍ବାପକ, ଉଦ୍ଧାର କାର୍ଯ୍ୟ ବ୍ୟବସ୍ଥା ଆଦି ରହିଥିଲା।



## ପ୍ରଥମ ଟେଷ୍ଟ ଖେଳିବେନି ମୟଙ୍କ

ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ଖେଳିବେ ନାହିଁ ଭାରତର ଆଘାତପ୍ରାପ୍ତ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ। ୧୪

୧୨

## କ୍ରିକେଟ ଖେଳିବେ ଜାହ୍ନବୀ

ବଲିଉଡ ନାୟିକା ଜାହ୍ନବୀ କପୁରଙ୍କୁ ଶରନ ଶର୍ମାଙ୍କ ଫିଲ୍ମରେ କ୍ରିକେଟର ଭୂମିକାରେ ଦେଖିବାକୁ ମିଳିବ।





ଟୋକିଓ ଅଲିମ୍ପିକ୍ସର ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଅଷ୍ଟ୍ରେଲିଆକୁ ହରାଇବା ପରେ ଉଚ୍ଛ୍ୱସିତ ଭାରତୀୟ ମହିଳା ହକି ଦଳ।

# ସେମିରେ ମହିଳା ହକି

## ଅଲିମ୍ପିକ୍ସରେ ଇତିହାସ ରଚିଲା ଦଳ

### ଅଷ୍ଟ୍ରେଲିଆକୁ ହରାଇ ପ୍ରଥମଥର ସେମିକୁ ଉଠିଲା

### ସେମିଫାଇନାଲରେ ଆର୍ଜେଣ୍ଟିନାକୁ ଭେଟିବ

ଟୋକିଓ, ୨।୮

ଭାରତୀୟ ମହିଳା ହକି ଦଳ ଟୋକିଓ ଅଲିମ୍ପିକ୍ସରେ ଇତିହାସ ସୃଷ୍ଟି କରିଛି। ଅଲିମ୍ପିକ୍ସରେ ଭାରତ ପ୍ରଥମଥର ପାଇଁ ସେମିଫାଇନାଲରେ ପ୍ରବେଶ କରିଛି। ହକିରେ ଭାରତର ପୂର୍ବ ସ୍ୱର୍ଣ୍ଣିମ ଯୁଗ ଫେରିବା ଭଳି ମନେହେଉଛି। ସୋମବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ରାନୀ ରାମପାଲଙ୍କ ନେତୃତ୍ୱାଧୀନ ଭାରତ ସାହସିକ ଖେଳ ପ୍ରଦର୍ଶନ କରି ୩ଥର ଚାମ୍ପିୟନ ଶକ୍ତିଶାଳୀ ଅଷ୍ଟ୍ରେଲିଆକୁ ପରାସ୍ତ କରି ଏହି ସଫଳତା ହାସଲ କରିଛି। କଡ଼ା ସଂଘର୍ଷପୂର୍ଣ୍ଣ ଏହି ମୁକାବିଲାରେ ଭାରତ ୧-୦ ଗୋଲରେ ବିଶ୍ୱର ୨ ନମ୍ବର ଦଳ ଅଷ୍ଟ୍ରେଲିଆକୁ ହରାଇ ବିପର୍ଯ୍ୟୟ ଘଟାଇଛି। ଭାରତୀୟ ଦଳ ଅସମ୍ଭବକୁ ସମ୍ଭବ କରି ଦେଖାଇଛି। ଅଷ୍ଟ୍ରେଲିଆକୁ ଭାରତ ହରାଇବ ବୋଲି କେହି ଅନୁମାନ କିମ୍ବା ଭବିଷ୍ୟବାଣୀ କରି ନ ଥିଲେ। ୪୯ ବର୍ଷ ପରେ ଭାରତୀୟ ପୁରୁଷ ଦଳ ଅଲିମ୍ପିକ୍ସ ସେମିଫାଇନାଲରେ ପ୍ରବେଶ କରିବାର ଠିକ୍ ଗୋଟିଏ ଦିନ ପରେ ମହିଳା ଦଳ ଏହି ସଫଳତାକୁ ଦୋହରାଇଛି। ବିଶ୍ୱ ର୍ୟାଙ୍କିଙ୍ଗ୍‌ର ୯ ନମ୍ବର ସ୍ଥାନରେ ରହିଥିବା ଭାରତ ପାଇଁ ଡ୍ରାଗ୍- ଫ୍ଲିକର ଗୁରଜିତ କୌର ୨୨ତମ ମିନିଟ୍‌ରେ ମିଳିଥିବା ଏକ ପେନାଲ୍ଟି କର୍ନରକୁ ଗୋଲରେ ପରିଣତ କରି ମ୍ୟାଚ୍‌ର ଏକମାତ୍ର ଗୋଲ ସ୍କୋର କରିଥିଲେ। ଅଗଷ୍ଟ ୪ ତାରିଖ ବୁଧବାର ଭାରତ ସେମିଫାଇନାଲରେ ଆର୍ଜେଣ୍ଟିନାକୁ ଭେଟିବ। ଆର୍ଜେଣ୍ଟିନା ଅନ୍ୟଏକ କ୍ୱାର୍ଟର ଫାଇନାଲରେ ସୋମବାର ଜର୍ମାନୀକୁ ୩-୦ରେ ହରାଇ ସେମିକୁ ଉଠିଛି। ପୂରା ମ୍ୟାଚ୍‌ରେ ଭାରତର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ଥିଲା। ଭାରତର ଡିଫେନ୍ସ ଉଚ୍ଚକୋଟୀର ଥିଲା। ପ୍ରଥମ କ୍ୱାର୍ଟରରେ ☞ପୃଷ୍ଠା-୨

## ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ

ଭୁବନେଶ୍ୱର,୨।୮(ବ୍ୟୁରୋ)



ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳ ଅଷ୍ଟ୍ରେଲିଆକୁ ହରାଇ ପ୍ରଥମ ଥର ସେମିଫାଇନାଲକୁ ପ୍ରବେଶ କରିଛି। ଏହି ବିଜୟ ପାଇଁ ଭାରତୀୟ ମହିଳା ହକି ଦଳକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଭିନନ୍ଦନ ଜଣାଇଛନ୍ତି। ଏହା ଏକ ଚମତ୍କାର ଖେଳଥିଲା। ଭାରତୀୟ ମହିଳା ଦଳ ଅଷ୍ଟ୍ରେଲିଆକୁ ରୋମାଞ୍ଚକର ମ୍ୟାଚରେ ପରାସ୍ତ କରିଛି। ଏଭିଳି ଧାରା ବଜାୟ ରଖି ଦେଶର ଟେକ ରଖିବାକୁ ଏକ ଭିଡିଓ ବାର୍ତ୍ତା ମାଧ୍ୟମରେ ଟିମ୍ ଇଣ୍ଡିଆକୁ ଅଭିନନ୍ଦନ ଜଣାଇଛନ୍ତି।

ସେହିପରି କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରୀ ତୁଷାରକାନ୍ତି ବେହେରା ଦୀର୍ଘବର୍ଷ ପରେ ଟୋକିଓ ଅଲିମ୍ପିକ୍ସରେ ଭାରତୀୟ ପୁରୁଷ ଓ ମହିଳା ହକି ଦଳ ସେମିଫାଇନାଲରେ ପ୍ରବେଶ କରିଥିବାରୁ ଉଭୟ ଦଳକୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ☞ପୃଷ୍ଠା-୨

# ୬ ହଜାର ଟପିଲା କରୋନା ମୃତ୍ୟୁ

## ଖୋର୍ଦ୍ଧାରେ ସର୍ବାଧିକ ୧,୧୬୫

ଭୁବନେଶ୍ୱର,୨।୮(ବ୍ୟୁରୋ)



ରାଜ୍ୟରେ କରୋନା ସଂକ୍ରମଣ କମୁଥିଲେ ମଧ୍ୟ ଦୈନିକ ମୃତ୍ୟୁ ରିପୋର୍ଟ ୬୦ ଉପରେ ରହୁଛି। ଏବେ ଆଉ ୬୭ଜଣଙ୍କ ମୃତ୍ୟୁ ହୋଇଥିବା ସୋମବାର ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଫଳରେ ରାଜ୍ୟରେ କରୋନାଜନିତ ମୃତ୍ୟୁ ସଂଖ୍ୟା ୬,୦୩୩କୁ ବୃଦ୍ଧି ପାଇଛି। ଏଥିମଧ୍ୟରେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୧,୧୬୫ଜଣ ରହିଛନ୍ତି। ସେହିଭଳି ସୁନ୍ଦରଗଡ଼ରେ ୫୩୮, ଗଞ୍ଜାମ ୪୪୭, ପୁରୀ ୩୬୮, କଟକ ୩୫୭, ବରଗଡ଼ ୨୯୦, ଅନୁଗୋଳ ୨୬୦ ଓ ମୟୂରଭଞ୍ଜରେ ୨୧୧ଜଣଙ୍କ ମୃତ୍ୟୁ ଘଟିଛି। ବାକିସବୁ ଜିଲାରେ ମୃତ୍ୟୁ ସଂଖ୍ୟା ଦୁଇଶହ ତଳକୁ ଥିବାବେଳେ ଦେବଗଡ଼ରେ ସର୍ବନିମ୍ନ ୩୮ଜଣ ଆକ୍ରାନ୍ତଙ୍କ ଜୀବନ ଯାଇଛି। ତେବେ ରାଜ୍ୟର କରୋନା ମୃତ୍ୟୁ ସଂଖ୍ୟାକୁ ନେଇ ଡିଏମ୍ଇଟି କହିଛନ୍ତି, ଏହା ବର୍ତ୍ତମାନର ସ୍ଥିତି ନୁହେଁ। ପୂର୍ବର ମୃତ୍ୟୁ ତଥ୍ୟ କ୍ଲିୟର କରାଯାଉଛି। ଏବେ ପ୍ରକାଶିତ ହେଉଥିବା ମୃତ୍ୟୁ ସଂଖ୍ୟା ଅଡିଟେଡ୍ ଓଲ୍ଡ ରେକର୍ଡ। ଆଉ ୧୦ରୁ ୧୫ ଦିନ ଭିତରେ ମୃତ୍ୟୁର ଅଡିଟ୍ ସରିଯିବ ବୋଲି ସେ କହିଛନ୍ତି।

ସେପଟେ ରାଜ୍ୟରେ ଗତ ୨୪ ଘଣ୍ଟାରେ ୬୭,୧୩୧ ନମୁନା ପରୀକ୍ଷା ହୋଇଥିବାବେଳେ ୧,୦୩୨ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ସଂକ୍ରମଣ ହାର ଆହୁରି ହ୍ରାସ ପାଇ ୧.୫୪%ରେ ପହଞ୍ଚିଛି। ଏବେସବୁ ଜିଲାରେ ସଂକ୍ରମଣ ହାର ୫% ତଳେ ରହିଛି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ୨୩୭ଜଣ ଥିବାବେଳେ କଟକରୁ ୧୫୪, ପୁରୀ ଓ ଜଗତସିଂହପୁରରୁ ୮୨ଜଣ ଲେଖାଏ ☞ପୃଷ୍ଠା-୨

## ଓଡ଼ିଶାରେ ୧% ତଳେ ଆର୍-ଭାଲ୍ୟୁ

ଭୁବନେଶ୍ୱର,୨।୮(ବ୍ୟୁରୋ)

ଓଡ଼ିଶାରେ ୧ ପ୍ରତିଶତ ତଳେ ରହିଛି ଆର୍-ଭାଲ୍ୟୁ, ଯେଉଁଥିପାଇଁ କରୋନା ସଂକ୍ରମଣ କମିବାରେ ଲାଗିଛି। ଆର୍-ଭ୍ୟାଲୁ ହେଉଛି ଭୂତାଣୁର ପୁନଃ ସଂକ୍ରମଣ। ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ଡିଏମ୍ଇଟି ସିବିକେ ମହାନ୍ତି କହିଛନ୍ତି, ଆର-ଭାଲ୍ୟୁ ୧ ପ୍ରତିଶତ ଉପରେ ରହିଲେ ସଂକ୍ରମଣ ବଢ଼ିବ। ଦେଶରେ କେତେକ ରାଜ୍ୟରେ ଏହା ୧ ପ୍ରତିଶତରୁ ଅଧିକ ଥିବାରୁ ସେଠାରେ ସଂକ୍ରମଣ ବଢୁଛି। ଓଡ଼ିଶାରେ ସଂକ୍ରମଣ କମୁଥିବାରୁ ଆର୍-ଭାଲ୍ୟୁ ନିଶ୍ଚିତ ଭାବେ ୧ ପ୍ରତିଶତ ତଳେ ଥିବା ଡିଏମ୍ଇଟି କହିଛନ୍ତି। ଆର୍-ଭାଲ୍ୟୁ ଗୋଷ୍ଠୀରେ ପ୍ରତିଫଳିତ ହୋଇଥାଏ। ଗୋଷ୍ଠୀରେ କିପରି ପ୍ରତିଫଳିତ ହେଉଛି ତା'ର କାରଣ ଖୋଜା ଚାଲିଛି। ଆର୍-ଭାଲ୍ୟୁ ପାଇଁ ସଂକ୍ରମଣ ଅଧିକ ହୋଇଥାଏ, କିନ୍ତୁ ତା'ମାନେ ନୁହେଁ ସମସ୍ତେ ସଂକ୍ରମିତ ହେବେ। ଚାଇନାରେ ପ୍ରଥମ ଲହରରେ ଆର୍-ଭାଲ୍ୟୁ ୬ ଉପରେ ଥିଲା। କିନ୍ତୁ ଭାରତରେ ଦ୍ୱିତୀୟ ଲହରରେ ଏହା ଦେଖିବାକୁ ମିଳିନାହିଁ। ତେଣୁ ଏହାକୁ ନେଇ ବ୍ୟସ୍ତ ହେବାର କିଛି କାରଣ ନାହିଁ। ତେବେ ଟିକାକରଣ ସହ ସମସ୍ତଙ୍କୁ କରୋନା କଟକଣା ନିୟମ ଅନୁସରଣ କରିବାକୁ ଡିଏମ୍ଇଟି ପରାମର୍ଶ ଦେଇଛନ୍ତି।




# ନିଲମ୍ବନ ପରେ ବାଧ୍ୟତାମୂଳକ ଅବସର

## ପିଏସ୍ ବିରଞ୍ଚିଙ୍କ ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

ଭୁବନେଶ୍ୱର,୨।୮(ବ୍ୟୁରୋ)

- ବିଭାଗୀୟ ପଦକ୍ଷେପ ପରେ କାର୍ଯ୍ୟାନୁଷ୍ଠାନ ନେଲେ ରାଜ୍ୟ ସରକାର
- ଓଏସ୍ଏସ୍‌ସି ନିଯୁକ୍ତି ଲିଙ୍କ୍ ନେଇ ଭିଜିଲାନ୍ସର ଖୋଳତାଡ଼

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍ଏସ୍‌ସି) ସଦସ୍ୟଙ୍କ ପ୍ରାଇଭେଟ ସେକ୍ରେଟାରି (ପିଏସ୍) ବିରଞ୍ଚି ନାରାୟଣ ସାହୁଙ୍କ ପାଇଁ ମହଙ୍ଗା ପଡିଛି। ଶନିବାର ଭିଜିଲାନ୍ସ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଏବେ ସେ ଝାରପଡ଼ା ଜେଲରେ ଥିବାବେଳେ ତାଙ୍କ ବିରୋଧରେ ବିଭାଗୀୟ ଓ ରାଜ୍ୟ ସରକାରଙ୍କ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ହୋଇଛି। ସୋମବାର ଓଏସ୍ଏସ୍‌ସି ଅଧ୍ୟକ୍ଷ ନିର୍ମଳ ଚନ୍ଦ୍ର ମିଶ୍ର ବିରଞ୍ଚିଙ୍କୁ କାର୍ଯ୍ୟରୁ ନିଲମ୍ବନ କରିବା ସହ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ରାଜ୍ୟ ସରକାରଙ୍କୁ ସୁପାରିସ କରିଥିଲେ। ଏହାପରେ ରାଜ୍ୟ ସରକାର ତାଙ୍କୁ ବାଧ୍ୟତାମୂଳକ ଅବସର ଦେଇଛନ୍ତି।

ଅନ୍ୟପକ୍ଷରେ ଏହି ଘଟଣାରେ ଭିଜିଲାନ୍ସ ମାମଲା (ନଂ.୧୬/୨୧) ରୁଜୁ କରି ତଦନ୍ତ ଜାରି ରଖିଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ପଛରେ ଓଏସ୍ଏସ୍‌ସି ନିଯୁକ୍ତି ଲିଙ୍କ୍ ରହିଥିବା ନେଇ ସନ୍ଦେହ କରାଯାଉଥିବାରୁ ଏହାକୁ ମଧ୍ୟ ଭିଜିଲାନ୍ସ ଗୁରୁତ୍ୱର ସହ ଗ୍ରହଣ କରିଛି। ମାମଲାରେ ବିରଞ୍ଚି ମୁଖ୍ୟ ଅଭିଯୁକ୍ତ ଥିବାବେଳେ ସ୍ତ୍ରୀ, ସନ୍ତୁ ଓ ଅନ୍ୟମାନେ ସହଯୋଗୀ ଥିବା ଦର୍ଶାଇ ଭିଜିଲାନ୍ସ ସେମାନଙ୍କୁ ତଦନ୍ତ ପରିସରଭୁକ୍ତ କରିଛି। ବିରଞ୍ଚିଙ୍କୁ ରିମାଣ୍ଡରେ ଆଣି କଳାଟଙ୍କା କାରବାର ଓ ଚାକିରି ର୍ୟାକେଟର ଗୁମର ଖୋଲିବାକୁ ଭିଜିଲାନ୍ସ ଯୋଜନା କରୁଥିବାବେଳେ ଏନେଇ କିଛି ସୂଚନା ଦିଆଯାଇନାହିଁ। ଏପଟେ ଓଏସ୍ଏସ୍‌ସି ପରୀକ୍ଷାରେ କୌଣସି ଅନିୟମିତତା ହୋଇ ନ ଥିବା ଅଧ୍ୟକ୍ଷ ମିଶ୍ର ଗଣମାଧ୍ୟମକୁ କହିଛନ୍ତି। ଯେଉଁମାନେ ଚାକିରି ପାଇଛନ୍ତି ସେମାନେ ନିଜ ଦକ୍ଷତା ଅନୁଯାୟୀ ପାଇଥିବା ସେ ସ୍ୱଷ୍ଟ କରିଛନ୍ତି।

ସୂଚନା ଯୋଗ୍ୟ, ତୃତୀୟ ଶ୍ରେଣୀ କର୍ମଚାରୀ ଥିବା ବିରଞ୍ଚିଙ୍କ ଭୁବନେଶ୍ୱର ନୀଳାଦ୍ରିବିହାରସ୍ଥିତ ବାସଭବନ, କଟକରେ ଥିବା ଶ୍ୱଶୁରଘର ସମେତ ୬ସ୍ଥାନରେ ଶୁକ୍ରବାର ଭିଜିଲାନ୍ସର ୩ ଟିମ୍ ଚଢାଉ କରି ବିପୁଳ ସମ୍ପତ୍ତି ଠାବ କରିଥିଲା। ନୀଳାଦ୍ରିବିହାର ୨ମହଲା ଘରୁ ଦେଢ କେ.ଜି.ର ସୁନା ଅଳଙ୍କାର, ନଗଦ ୧୨ଲକ୍ଷ ଟଙ୍କ, ୫୬ଲକ୍ଷ ଟଙ୍କାର ବୀମା, ବ୍ୟାଙ୍କ ଜମା, ଟଙ୍କାର କାରବାର ରସିଦ୍, ବିଦେଶୀ ଟଙ୍କା, ଛାତ୍ରୀଛାତ୍ରଙ୍କ ଆଡ୍‌ମିଟ୍ କାର୍ଡ଼, କାର, ବାଇକ ଓ ଅନ୍ୟାନ୍ୟ ସାମଗ୍ରୀ ମିଳିଥିଲା। ଏଥିସହିତ ବିଭିନ୍ନ ସ୍ଥାନରେ ଥିବା ୧୪ଟି ପ୍ଲଟ୍, ଦୁଇଟି ଦୁଇ ମହଲା କୋଠା ସମେତ ମୋଟ ୪ଟି ଘରକୁ ଭିଜିଲାନ୍ସ ଟିମ୍ ଠାବ କରିଥିଲା। ସେହିଭଳି ତାଙ୍କ ସମ୍ପର୍କୀୟଙ୍କ ଘରୁ ମଧ୍ୟ ୧୩ଲକ୍ଷ ନଗଦ ଟଙ୍କା ଜବତ କରାଯାଇଥିଲା। ଯାଞ୍ଚ ପରେ ମୋଟ ୩ କୋଟି ୫୧ଲକ୍ଷ ଓ ୫୧ହଜାର ଟଙ୍କାର ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିଥିବାବେଳେ ଏହା ତାଙ୍କ ଆୟର ୨୬୮% ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଥିଲା।

## ଡିଜିଟାଲ ପେମେଣ୍ଟ ଇ-ରୁପି ଆରମ୍ଭ

### ଭର୍ଚୁଆଲ ମୋଡ୍‌ରେ ଉନ୍ମୋଚନ କଲେ ମୋଦି

ନୂଆଦିଲ୍ଲୀ, ୨।୮: ଦେଶର ନୂଆ ଡିଜିଟାଲ ପେମେଣ୍ଟ ସିଷ୍ଟମ 'ଇ-ରୁପି'କୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଭର୍ଚୁଆଲଭାବେ ଶୁଭାରମ୍ଭ କରିଛନ୍ତି। ଇ-ଭାଉଚର ଭିତ୍ତିକ ଏହି ସେବାକୁ ନ୍ୟାଶନାଲ ପେମେଣ୍ଟସ କର୍ପୋରେଶନ ଅଫ୍ ଇଣ୍ଡିଆ(ଏନ୍‌ପିସିଆଇ) ପକ୍ଷରୁ ବିକଶିତ କରାଯାଇଛି। ଆର୍ଥିକ ସେବା ବିଭାଗ, ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଓ ଜାତୀୟ ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷ ଏଥିରେ ସହଯୋଗୀ ରହିଛନ୍ତି। ଡିଜିଟାଲ ପେମେଣ୍ଟ ଲାଗି ଇ-ରୁପି ଏକ କ୍ୟାଶ୍‌ଲେସ ଏବଂ କଣ୍ଟାକ୍ଟଲେସ ଇନ୍‌ଷ୍ଟ୍ରୁମେଣ୍ଟ। ଏହା କ୍ୟୁଆର୍ କୋଡ୍, ଏସ୍ଏମ୍ଏସ୍ ଭିତ୍ତିକ ଇ-ଭାଉଚର। ହିତାଧିକାରୀଙ୍କ ମୋବାଇଲରେ ଏହାକୁ ପଠାଯାଇପାରିବ। ହିତାଧିକାରୀ ଏବଂ ସେବା ଯୋଗାଉଥିବା ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଏହା ସଂଯୋଗ ସ୍ଥାପନ କରିବ। ଡିଜିଟାଲ ଉପାୟରେ ସବୁ କିଛି ହେବ। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ**

## ଆଦରରୁ ଚମତ୍କାର

**ଆଜିର ମନ୍ତବ୍ୟ**
"ଦେଶ ଏବେ ପୁଞ୍ଜିବାଦ ଓ ସାମ୍ପ୍ରଦାୟିକତାବାଦ ନୁହେଁ ସମାନତା ଏବଂ ସମାଜବାଦ ଚାହେଁ।
– ଲାଲୁ ପ୍ରସାଦ ଯାଦବ, ଆର୍‌ଜେଡି ସୁପ୍ରିମୋ




## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ଅମିତ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ଗୁଳିମାଡ଼ କରି ଲୁଟ୍: ୨ ଗୁରୁତର

**ଭଦ୍ରକ ଅଫିସ, ୨।୮:** ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧୀନ ସାତଭଉଣୀ ହରିପୁର ଛକରେ ସୋମବାର ରାତି ପ୍ରାୟ ୯ଟା ବେଳେ ଗୁଳିମାଡ଼ କରି ଦାଦା ପୁତୁରାଙ୍କଠାରୁ ଲୁଟ୍ ହୋଇଛି। ଏଥିରେ ଦାଦାଙ୍କ ଗୋଡ଼ରେ ଦୁଇଟି ଗୁଳି ବାଜିଥିବା ବେଳେ ଲୁଟେରାଙ୍କ ସହ ଧସ୍ତାଧସ୍ତି ସମୟରେ ପୁତୁରା ମଧ୍ୟ ଆହତ ହୋଇଛନ୍ତି। ଗୁରୁତର ଦାଦା ହରିପୁର ଗ୍ରାମର ମଣ୍ଟୁ ମହାରଣାଙ୍କୁ ପ୍ରଥମେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଆହତ ପୁତୁରା ମାନସ ମହାରଣା ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ଅଛନ୍ତି। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

ସୂଚନା ଅନୁଯାୟୀ, ମଣ୍ଟୁ ଓ ମାନସ ହରିପୁର ଛକରେ ଥିବା ଦୋକାନ ବନ୍ଦ କରି ଘରକୁ ଫେରୁଥିଲେ। ଏହି ସମୟରେ ୩ ଲୁଟେରା ବାଇକ୍‌ରେ ଆସି ମଣ୍ଟୁଙ୍କ ବେକରୁ ସୁନାଚେନ୍ ଓ ବ୍ରେସଲେଟ ଝାମ୍ପି ନେଇଥିଲେ। ମାନସ ଏହାର ପ୍ରତିବାଦ କରିବାରୁ ସେମାନେ ମଣ୍ଟୁଙ୍କୁ ଲକ୍ଷ୍ୟ କରି ଗୁଳି ଫୁଟାଇଥିଲେ। ତେବେ ଦାଦା ପୁତୁରା ଜଣେ ଲୁଟେରାଙ୍କୁ କାବୁ କରିବାରେ ସକ୍ଷମ ହୋଇଛନ୍ତି। ଖବର ପାଇ ଗ୍ରାମବାସୀ ସେଠାରେ ପହଞ୍ଚି ଉକ୍ତ ଲୁଟେରାଙ୍କୁ ପୋଲିସ ଜିମା ଦେଇଛନ୍ତି। ଫେରାର ଦୁଇଜଣଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଛି।

ପ୍ରଥମ ପୃଷ୍ଠାରୁ...

## ସେମିରେ ମହିଳା...

ଦୁଇ ଦଳ ମଧ୍ୟରେ କଡ଼ା ସଂଘର୍ଷ ଦେଖିବାକୁ ମିଳିଥିଲା। ଦୁଇ ଦଳ ଗୋଲ କରିବାର ଗୋଟିଏ ଲେଖାଏ ସୁଯୋଗ ହରାଇଥିଲେ। ମ୍ୟାଚ୍ ଦ୍ୱିତୀୟ ମିନିଟ୍‌ରେ ଅଷ୍ଟ୍ରେଲିଆ ଫର୍‌ୱାର୍ଡ ଭାରତୀୟ ଗୋଲ ପୋଷ୍ଟକୁ ଆଟାକ୍ କରିଥିଲେ। ତେବେ ଭାରତୀୟ ଡିଫେଣ୍ଡର ଏହାକୁ ରୋକିବାରେ ସଫଳ ହୋଇଥିଲେ। ସେହିପରି ନବମ ମିନିଟ୍‌ରେ ଭାରତ ସୁଯୋଗ ସୃଷ୍ଟି କରିଥିଲା। କିନ୍ତୁ ଅଧିନାୟିକା ରାନୀ ରାମପାଲ ଫେଲ୍ ମାରିଥିଲେ। ବନ୍ଦନା କାଟାରିୟାଙ୍କ ପାସ୍‌କୁ ରାନୀ ଜବରଦସ୍ତ ଶଟ୍ ମାରିଥିଲେ ମଧ୍ୟ ବଲ ଗୋଲପୋଷ୍ଟରେ ବାଜିଥିଲା। ଦ୍ୱିତୀୟ କ୍ୱାର୍ଟରରେ ଭାରତ ସୁନ୍ଦର ଖେଳ ପ୍ରଦର୍ଶନ କରିଥିଲା। ସେହିପରି ତୃତୀୟ କ୍ୱାର୍ଟରରେ ଅଷ୍ଟ୍ରେଲିଆ ଦମ୍‌ଦାର ଖେଳ ଦେଖାଇଥିଲା। ତେବେ ଅଷ୍ଟ୍ରେଲିଆ ଗୋଲ ସ୍କୋର କରିବାରେ ବିଫଳ ହୋଇଥିଲା। ଶେଷ ଦୁଇଟି କ୍ୱାର୍ଟରରେ ଅଷ୍ଟ୍ରେଲିଆ ଭାରତ ଉପରେ ପ୍ରଭାବ ବିସ୍ତାର କରିବାରେ ସଫଳ ହୋଇଥିଲା। ଗୋଲ କରିବା ପାଇଁ ଅଷ୍ଟ୍ରେଲିଆ ପାଖରେ ଏକାଧିକ ସୁଯୋଗ ରହିଥିଲା। ତେବେ ଭାରତୀୟ ଡିଫେନ୍ସ ସବୁ ପ୍ରୟାସକୁ ପଣ୍ଡ କରିଥିଲା। ଭାରତୀୟ ଡିଫେନ୍ସକୁ ଭେଦ କରିବାରେ ଅଷ୍ଟ୍ରେଲିଆ ସଫଳ ହୋଇପାରି ନ ଥିଲା। ଏହି ବିଜୟ ଶ୍ରେୟର ହକ୍‌ଦାର ହେଉଛି ଭାରତୀୟ ଡିଫେନ୍ସ। ୧-୦ରେ ପଛରେ ଥିବା ଅଷ୍ଟ୍ରେଲିଆ ବାରମ୍ବାର ଗୋଲ ଶୁଝାଇବାକୁ ପ୍ରୟାସ କରିଥିଲା। କିନ୍ତୁ ଭାରତୀୟ ଡିଫେନ୍ସ ଏହା ହେବାକୁ ଦେଇ ନ ଥିଲା। ସବିତା ଓ ଦୀପ୍ ଗ୍ରେସ ଏକ୍କାଙ୍କ ନେତୃତ୍ୱରେ ଭାରତୀୟ ଡିଫେନ୍ସ ଚଟାଣ ଭଳି ଛିଡ଼ା ହୋଇଥିଲା। ଅଷ୍ଟ୍ରେଲିଆ କ୍ରମାଗତ ୩ଟି ପେନାଲ୍ଟି କର୍ନର ସୁଯୋଗ ପାଇଥିଲେ ମଧ୍ୟ ଗୋଲ ଦେଇପାରି ନ ଥିଲା। ଅନ୍ତିମ ୮ ମିନିଟ୍‌ରେ ଅଷ୍ଟ୍ରେଲିଆ ଉପରେ ଚାପ ବଢ଼ିବାରେ ଲାଗିଥିଲା ଓ ୪ଟି ପେନାଲ୍ଟି କର୍ନର ପାଇଥିଲେ ମଧ୍ୟ ଗୋଲ ହୋଇପାରି ନ ଥିଲା।

ଚଳିତ ଅଲିମ୍ପିକ୍ସରେ ଭାରତୀୟ ଦଳର ଆରମ୍ଭ ନିହାତି ଖରାପ ଥିଲା। ଭାରତ ତା'ର ପ୍ରଥମ ୩ଟି ମ୍ୟାଚ୍‌ରେ ପରାସ୍ତ ହୋଇ ହ୍ୟାଟ୍ରିକ ପରାଜୟ ବରଣ କରିଥିଲା। ଭାରତ ନେଦରଲାଣ୍ଡ୍ସ, ଜର୍ମାନୀ ଓ ଗତଥରର ଚାମ୍ପିୟନ ଗ୍ରେଟ୍ ବ୍ରିଟେନଠାରୁ ପରାସ୍ତ ହୋଇଥିଲା। ତେବେ ଏହାପରେ ଭାରତ ଜବରଦସ୍ତ ପ୍ରତ୍ୟାବର୍ତ୍ତନ କରିଥିଲା। ଭାରତ ଉଚ୍ଚ ର୍‍ୟାଙ୍କର ଦଳ ଆୟର୍ଲାଣ୍ଡକୁ ୧-୦ରେ, ଦକ୍ଷିଣ ଆଫ୍ରିକାକୁ ୪-୩ରେ ହରାଇଥିଲା। ପୁଲ୍ ଏ'ର ଶେଷ ମ୍ୟାଚ୍‌ରେ ବ୍ରିଟେନ ୨-୦ରେ ଆୟର୍ଲାଣ୍ଡକୁ ହରାଇବା ପରେ ଭାରତ କ୍ୱାର୍ଟରକୁ ଉଠିବା ସ୍ପଷ୍ଟ ହୋଇଥିଲା।

୧୯୮୦ରେ ଭାରତୀୟ ମହିଳା ଦଳ ପ୍ରଥମଥର ପାଇଁ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବାର ସୁଯୋଗ ପାଇଥିଲା। ସେତେବେଳେ ଅବଶ୍ୟ ସେମିଫାଇନାଲ ଫର୍ମାଟ୍ ନ ଥିଲା। ଗ୍ରୁପ୍ ପର୍ଯ୍ୟାୟ ପରେ ସବୁଠାରୁ ଅଧିକ ପଏଣ୍ଟ ହାସଲ କରିଥିବା ଦୁଇଟି ଦଳ ଫାଇନାଲ ଖେଳିଥିଲେ। ୬ଟି ଦଳକୁ ନେଇ ଅନୁଷ୍ଠିତ ଏହି ଅଲିମ୍ପିକ୍ସର ଏହି ସଂସ୍କରଣରେ ଭାରତ ଚତୁର୍ଥ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା। ଏହାପରେ ଭାରତ ୨୦୧୬ ରିଓ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିଥିଲା ଓ ଦ୍ୱାଦଶ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲା।

କଠିନ ପରିଶ୍ରମର ଫଳ ଏବେ ଆମକୁ ମିଳିଛି ବୋଲି ଗୋଲ ସ୍କୋରର ଗୁରଜିତ କହିଛନ୍ତି। ଦଳଗତ ପ୍ରଦର୍ଶନ ଯୋଗୁ ଆମେ ସଫଳତା ପାଇଛୁ। ଆମେ ବେଶ୍ ଖୁସି ଅଛୁ। ସାହସିକ ପ୍ରଦର୍ଶନ ବିଜୟ ପାଇଁ ବାଟ କାଢ଼ିଥିଲା ଓ କଡ଼ା ସଂଘର୍ଷପୂର୍ଣ୍ଣ ଏହି ମ୍ୟାଚ୍‌ରେ ଆମେ ଶେଷରେ ବିଜୟୀ ହୋଇଛୁ ବୋଲି ସେ କହିଛନ୍ତି। ବିଜୟ ହାସଲ କରିବା ପରେ ଭାରତୀୟ ଖେଳାଳିମାନେ ଏକାଠି ହୋଇ କୋଚ୍ ଜୋଏର୍ଡ ମାରିଜନେଙ୍କ ସହ ମିଶି ଖୁସି ମନାଇଥିଲେ। ଏହି ଅବସରରେ ଖେଳାଳି ଓ କୋଚ୍‌ଙ୍କ ଆଖିରେ ଆନନ୍ଦାଶ୍ରୁ ଦେଖିବାକୁ ମିଳିଥିଲା।

## ମୁଖ୍ୟମନ୍ତ୍ରୀଙ୍କ ଅଭିନନ୍ଦନ....

ନିଜର ଦକ୍ଷତା ଓ ପରାକାଷ୍ଠା ପ୍ରଦର୍ଶନ କରିଥିବାରୁ ଦୀର୍ଘବର୍ଷ ପରେ ପୁଣି ଅଲିମ୍ପିକ୍ସ ପଦକ ଆଶା ଉଜ୍ଜୀବିତ ହୋଇଛି । ଭାରତ ଏବଂ ଓଡ଼ିଶା ପାଇଁ ଏହା ଗର୍ବର ବିଷୟ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ହକି ପ୍ରତି ଭଲପାଇବା ଯୋଗୁ ୨୦୧୮ ପରଠାରୁ ରାଜ୍ୟସରକାର ଭାରତୀୟ ପୁରୁଷ ଓ ମହିଳା ହକି ଦଳର ପ୍ରାୟୋଜକ ରହି ଆସିଛନ୍ତି । କେବଳ ସେତିକି ନୁହେଁ ଓଡ଼ିଆ ପୁରୁଷ ଓ ମହିଳା ଖେଳାଳି ଭାରତୀୟ ଦଳରେ ସାମିଲ ହୋଇ ଓଡ଼ିଆ ଜାତିକୁ ସମଗ୍ର ବିଶ୍ୱରେ ଗର୍ବିତ କରିଛନ୍ତି। ଦୀର୍ଘ ଦଶନ୍ଧି ଧରି ମୁଖ୍ୟମନ୍ତ୍ରୀଙ୍କ କ୍ରୀଡ଼ା ପ୍ରତି ପ୍ରତିବଦ୍ଧତା, ହାଇପରଫର୍ମାନ୍ସ ସେଣ୍ଟରର ପ୍ରତିଷ୍ଠା ଏବଂ ହକି ଭିତ୍ତିଭୂମି ସୁଦୃଢ଼ୀକରଣ ଆଦି ଏହି ସଫଳତା ଆଣିବାରେ ସହାୟକ ହୋଇପାରିଛି। ଓଡ଼ିଶା ୨୦୧୮ରେ ହକି ବିଶ୍ୱ କପ ଆୟୋଜନ କରିଥିବାବେଳେ ୨୦୨୩ରେ ଭୁବନେଶ୍ୱର ଓ ରାଉରକେଲାରେ ହକି ବିଶ୍ୱ କପ ଆୟୋଜନ କରିବାକୁ ଯାଉଛି। ତୃଣମୂଳସ୍ତରରୁ ଖେଳାଳି ଚୟନ ସହ ଅନ୍ତର୍ଜାତୀୟ ସ୍ତରର କୋଚ୍‌ମାନଙ୍କୁ ନେଇ ଯେଉଁ ତାଲିମ କାର୍ଯ୍ୟକ୍ରମ ଚାଲୁରହିଛି ସେସବୁର ସକାରାତ୍ମକ ପ୍ରଭାବ ଦେଖିବାକୁ ମିଳୁଛି ବୋଲି ମନ୍ତ୍ରୀ କହିଛନ୍ତି।

## ଡିଜିଟାଲ ପେମେଣ୍ଟ...

ଇ-ରୁପି ଭାଉଚର ଦେଶ ମଧ୍ୟରେ ଡିଜିଟାଲ ନେଣଦେଣକୁ ଆହୁରି ସକ୍ରିୟ ଏବଂ ସ୍ୱଚ୍ଛ କରାଇବ ବୋଲି ଆଶା କରାଯାଉଛି। ଡିଜିଟାଲ ଗଭର୍ନାନ୍ସକୁ ଏହାଦ୍ୱାରା ନୂଆ ଦିଗନ୍ତ ମିଳିଥିବା କୁହାଯାଇଛି। ସେହିଭଳି ସୁବିଧାର ପ୍ରତ୍ୟକ୍ଷ ହସ୍ତାନ୍ତର(ଡିବିଟି) ଅଧିକ ଦକ୍ଷ କରାଇବା ଦିଗରେ ଏହା ଯୋଗଦାନ ରଖିପାରିବ। ଦେଶ ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ଏଭଳି ଏକ ପଦକ୍ଷେପ ଶୁଭାରମ୍ଭ କରି ଅତ୍ୟନ୍ତ ଖୁସି ବୋଲି ମୋଦି କହିଛନ୍ତି। କେବଳ ସରକାର ନୁହନ୍ତି, ସାଧାରଣ ଲୋକମାନେ ଏହାଦ୍ୱାରା ଲାଭବାନ ହୋଇପାରିବେ। କାହାର ଚିକିତ୍ସା, ଶିକ୍ଷା କିମ୍ବା ଅନ୍ୟ କାମ ପାଇଁ ନଗଦ ଅର୍ଥ ପରିବର୍ତ୍ତେ ଇ-ରୁପି ପ୍ରଦାନ କରାଯାଇପାରିବ। ଲୋକମାନେ ଯେଉଁ କାମ ଲାଗି ଅର୍ଥ ଦେଉଛନ୍ତି ତାହା ସେହି କାମରେ ଯେଭଳି ଲାଗିବ ତାକୁ ଏହି ପ୍ଲାଟ୍‌ଫର୍ମ ସୁନିଶ୍ଚିତ କରାଇବ। ଏହା ଏକ ୱାନ୍ ଟାଇମ ପେମେଣ୍ଟ ସର୍ଭିସ ହୋଇଥିବା ବେଳେ ୟୁଜର ବିନା କୌଣସି କାର୍ଡ, ଡିଜିଟାଲ ପେମେଣ୍ଟ ଆପ୍ ଏବଂ ଇଣ୍ଟରନେଟ ବ୍ୟାଙ୍କିଙ୍ଗ୍ ବିନା ଭାଉଚରକୁ ରିଡିମ କରିପାରିବେ। ମୋଦି କହିଛନ୍ତି, ପୂର୍ବରୁ କିଛି ଲୋକ କହିଥିଲେ ଟେକ୍ନୋଲୋଜି କେବଳ ଧନୀଙ୍କ କାମରେ ଆସିବ। ମାତ୍ର ସ୍ଥିତି ଏବେ ବଦଳିଛି। ଗରିବଙ୍କ ବିକାଶ କ୍ଷେତ୍ରରେ ଟେକ୍ନୋଲୋଜି ଏକ ଅସ୍ତ୍ର ଭାବେ କାମ କରୁଥିବା ଦେଖାଯାଉଛି। ଇ-ରୁପି ଏହି କ୍ଷେତ୍ରରେ ଯୋଗଦାନ ରଖିବ ବୋଲି ଆଶା ରହିଛି। ଟେକ୍ନୋଲୋଜି ବ୍ୟବହାର ଏବଂ ସଂଯୋଗ ସ୍ଥାପନ କ୍ଷେତ୍ରରେ ସାରା ବିଶ୍ୱରେ ଭାରତ ଏକ ସ୍ୱତନ୍ତ୍ର ଛାପ ଛାଡ଼ିପାରିଛି। ସରକାର ଆରମ୍ଭ କରିଥିବା ପ୍ରଧାନମନ୍ତ୍ରୀ ସମ୍ମାନନିଧି ଯୋଜନାରେ ୨୩ ଲକ୍ଷ ଉଠାଦୋକାନୀଙ୍କୁ ସହାୟତା ଯୋଗାଇ ଦିଆଯାଇଛି। କୋଭିଡ୍ ସମୟରେ ମଧ୍ୟ ସେମାନଙ୍କ ନିକଟକୁ ୨୩୦୦ କୋଟି ଟଙ୍କା ପଠାଯାଇଛି। ଗତ ୬ରୁ ୭ ବର୍ଷରେ ଡିଜିଟାଲ ଭିତ୍ତିଭୂମି ଏବଂ ଡିଜିଟାଲ ନେଣଦେଣ କ୍ଷେତ୍ରରେ ଭାରତ ଉଲ୍ଲେଖନୀୟ ଅଗ୍ରଗତି କରିପାରିଛି। ବିଭିନ୍ନ ଫିନ୍‌ଟେକ କମ୍ପାନୀ ଭାରତରେ ଗଢ଼ି ଉଠିଛନ୍ତି। ଜୁଲାଇରେ ୩୦୦ କୋଟି ଟ୍ରାଞ୍ଜାକଶନ ହୋଇଛି ଯାହାର ମୂଲ୍ୟ ପ୍ରାୟ ୬ ଲକ୍ଷ କୋଟି ଟଙ୍କା ହେବ ବୋଲି ମୋଦି ସ୍ପଷ୍ଟ କରିଛନ୍ତି।

## ୬ ହଜାର ଟପିଲା...

ରହିଛନ୍ତି। ଅନ୍ୟ ଜିଲାଗୁଡ଼ିକରେ ସଂକ୍ରମିତ ସଂଖ୍ୟା ୫୦ ତଳକୁ ରହିଥିବାବେଳେ ନୂଆପଡ଼ାରେ ସର୍ବନିମ୍ନ ଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କୁ ମିଶାଇ ରାଜ୍ୟରେ ମୋଟ କରୋନା ପଜିଟିଭ୍ ସଂଖ୍ୟା ୯,୭୯,୭୩୭ରେ ପହଞ୍ଚିଛି। ବର୍ତ୍ତମାନ ରାଜ୍ୟରେ ୯,୬୦,୩୮୬ ଆକ୍ରାନ୍ତ ଆରୋଗ୍ୟଲାଭ କରିଥିବାବେଳେ ୧୩,୨୬୫ଜଣ ସକ୍ରିୟ ରୋଗୀ ରହିଛନ୍ତି। କେବଳ ଖୋର୍ଦ୍ଧା ଜିଲା ଏବେ ରେଡ୍ ଜୋନ୍‌ରେ ରହିଛି। ଏହି ଜିଲାରେ ସର୍ବାଧିକ ୩,୭୮୫ଜଣ ସକ୍ରିୟ ରୋଗୀ ରହିଛନ୍ତି। ସେହିପରି କଟକ ଜିଲାରେ ୧,୭୧୭ଜଣ ସକ୍ରିୟ ରୋଗୀ ରହିଥିବାବେଳେ ଏହା ଏବେ ୟେଲୋ ଜୋନ୍‌ରେ ଓ ବାକିସବୁ ଜିଲା ଗ୍ରୀନ ଜୋନ୍‌ରେ ରହିଛି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଦିନଟିରେ ସହଜ ଓ ସୁବିଧାରେ କାମ ହାସଲ କରିବେ। ସମସ୍ୟା ସମାଧାନ କ୍ଷେତ୍ରରେ ବନ୍ଧୁ ସାହାଯ୍ୟ କରିବେ। କୃତ୍ତିକା ନକ୍ଷତ୍ର ଗୃହସୀମା କିମ୍ବା ଘରଭଡ଼ାକୁ କେନ୍ଦ୍ର କରି ବିତର୍କର ସମ୍ମୁଖୀନ ହୋଇପାରନ୍ତି। ଅଧାପନ୍ତରିଆ ରହିଥିବା କାମଟିକୁ ପୂର୍ଣ୍ଣ କରିବେ। କଳା, ସାହିତ୍ୟ, ସାଂସ୍କୃତିକ କାର୍ଯ୍ୟକ୍ରମ, ସଂଗଠନକୁ ଦୃଢ଼ କରିବାରେ ସମର୍ଥ ହେବେ।

**ବୃଷ** ଗ୍ରହବୈଗୁଣ୍ୟରୁ ସମ୍ପର୍କୀୟଙ୍କ ପ୍ରତ୍ୟେକ ଘଟଣାକୁ ସନ୍ଦେହ ଦୃଷ୍ଟିରେ ଦେଖିବେ। ମୃଗଶିରା ନକ୍ଷତ୍ର ଜାତ ବ୍ୟକ୍ତିମାନେ ପରୋକ୍ଷ ଶତ୍ରୁତା କାରଣରୁ ପ୍ରାପ୍ୟଧନରେ ବାଧା ସୃଷ୍ଟି କରିପାରନ୍ତି। ବ୍ୟବସାୟିକ ସ୍ଥିତି ଉନ୍ନତ ହେବା ସହ କଳା, ସାହିତ୍ୟ, ସାମ୍ବାଦିକତାରେ ସମସ୍ୟା ସମାଧାନ ହୋଇଯିବ। ପିଲାଙ୍କ ପାଇଁ ଗୌରବାନ୍ୱିତ ହେବ।

**ମିଥୁନ** ଅସାବଧାନତା କାରଣରୁ ଟଙ୍କା ପଇସା କିମ୍ବା ପୁନର୍ବସୁ ନକ୍ଷତ୍ରର ଯାତ୍ରାକାଳରେ ଜିନିଷ ହଜିଯିବା କିମ୍ବା ନଷ୍ଟ ହୋଇପାରେ। ବିଭିନ୍ନ ପ୍ରକାରର ପାରିବାରିକ ସମସ୍ୟାକୁ ନେଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ବନ୍ଧୁମିଳନ ସହ ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରିବେ। କର୍ମକ୍ଷେତ୍ରରେ ସ୍ଥଗିତ କାମ ପାଇଁ ଅନ୍ୟାକୁ କୈଫିୟତ୍ ଦେବାକୁ ପଡିବ।

**କର୍କଟ** କର୍ମକ୍ଷେତ୍ରର ବିଭିନ୍ନ ସମସ୍ୟା ବିଷୟ ଚିନ୍ତାକରି ଆଜିର ମାନସିକ ସ୍ଥିତି ସେତେଟା ଭଲ ରହିବ ନାହିଁ। ନୀଚ ସଂସର୍ଗରୁ ଦୂରେଇ ନ ରହିଲେ ସମାଲୋଚିତ ହେବାକୁ ପଡ଼ିପାରେ। ପୁଷ୍ୟା ନକ୍ଷତ୍ର ଆର୍ଥିକ ଦିଗଟି ଭଲ ରହିବ, କିନ୍ତୁ ବାକି ଥିବା ଟଙ୍କା ଫେରି ପାଇବେ ନାହିଁ। କିନ୍ତୁ ପୂର୍ବ ସ୍ଥିରୀକୃତ ନୂତନ ଯୋଜନା ପାଇଁ ପରିବାରରୁ ପୂର୍ଣ୍ଣ ସହଯୋଗ ପାଇବେ।

**ସିଂହ** ନିରପେକ୍ଷ ଚିନ୍ତାଧାରା ଅନ୍ୟମାନଙ୍କୁ ନ ସୁହାଇବା କାରଣରୁ କଟୁ ମନ୍ତବ୍ୟ ଶୁଣିବାକୁ ପଡ଼ିପାରେ। ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଜାତବ୍ୟକ୍ତିମାନେ ଅପ୍ରିୟ ସତ କହି ବିରୋଧୀ ହୋଇପାରନ୍ତି। ବନ୍ଧୁଙ୍କ ନିମନ୍ତ୍ରଣ କ୍ରମେ ଶୁଭକାର୍ଯ୍ୟରେ ଯୋଗ ଦେଇପାରନ୍ତି। ବ୍ୟବସାୟ, ନିର୍ମାଣ, କାରିଗରି ତଥା ରପ୍ତାନି ବାଣିଜ୍ୟରେ ଉନ୍ନତି କରିବେ।

**କନ୍ୟା** ଯାହା ପାଇଁ ଆଶା ବାନ୍ଧି ବସିଛନ୍ତି ତାହା ପାଇବା କାଠିକର ପାଠ ହୋଇଯିବ। ଚିତ୍ରା ନକ୍ଷତ୍ର ଜାତ ବ୍ୟକ୍ତିମାନେ କୌଶଳ କ୍ରମେ କାମ ହାସଲରେ ସମର୍ଥ ହେବେ। ଅସମୟରେ ଖାଇବା ହେତୁ ପେଟ ଗୋଳମାଳ ଦେଖାଦେଇ ପାରେ। ଭ୍ରାତୃସମ୍ପର୍କ, କଚେରି ମାମଲା, ଆମଦାନୀ କାରବାର ଏବଂ ବନ୍ଧୁସମ୍ପର୍କରେ ଉନ୍ନତ ଫଳ ପାଇବେ।

**ତୁଳା** ଆଜିର ଯାତ୍ରା ସ୍ଥଗିତ ରହିଯିବ, ବ୍ୟବସାୟରେ ଝଗଡା, ସ୍ତ୍ରୀ କିମ୍ବା ସ୍ୱାମୀଙ୍କ ସହ ମତ ପାର୍ଥକ୍ୟ ଜନିତ ଅଶାନ୍ତି ସୃଷ୍ଟି ହୋଇପାରେ। ଯେ କୌଣସି କ୍ଷେତ୍ରରେ ହେଉନା କାହିଁକି, ଆପଣ ତରବରିଆ ପଦକ୍ଷେପ ନେଲେ ଅସୁବିଧାରେ ପଡିବେ। ସ୍ୱାତୀ ନକ୍ଷତ୍ର ଜାତବ୍ୟକ୍ତିମାନେ ପାରିବାରିକ ଜୀବନରେ ଉତ୍ତମ ବୁଝାମଣାରେ ସଫଳତା ପାଇପାରନ୍ତି।

**ବିଛା** ଅନୁରାଧା ନକ୍ଷତ୍ରଜାତ ବ୍ୟକ୍ତିମାନଙ୍କର ଆନୁଷ୍ଠାନିକ କାମରେ ଅବହେଳା, ଘରୋଇ କଥାରେ ଝଗଡା, କାମରେ ପ୍ରତିବନ୍ଧକ ଲାଗିରହିବ। ବ୍ୟବସାୟିକ ଆଲୋଚନା, ରାଜନୀତି, ମାଲି ମକଦ୍ଦମା କିମ୍ବା ସଭାସମିତି କାମରେ ସମୟ ଅତିବାହିତ ହେବ। ଏଜେନ୍ସିପ୍, ପ୍ରଶାସନ ଓ ପ୍ରକାଶନ କ୍ଷେତ୍ରରେ ବିଶେଷ ଶୁଭଫଳ ପାଇବେ।

**ଧନୁ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ସଫଳତା ଅବଶ୍ୟମ୍ଭାବୀ। କଳା, ସାହିତ୍ୟ, କ୍ରୀଡ଼ା କିମ୍ବା ଚଳଚ୍ଚିତ୍ର କ୍ଷେତ୍ରରେ ଥିବା ସମସ୍ୟାର ସମାଧାନ ହୋଇଯିବ। ମୂଳା ନକ୍ଷତ୍ର ଜାତ ବ୍ୟକ୍ତିମାନେ କର୍ମକ୍ଷେତ୍ରରେ ଅବହେଳିତ କାମ ସକାଶେ ଅନୁତାପ କରିବାକୁ ପଡିପାରେ। ପରୋକ୍ଷ ଶତ୍ରୁତା ଯୋଗୁ ବିଚଳିତବୋଧ କରିପାରନ୍ତି।

**ମକର** ବନ୍ଧୁଙ୍କ ମନ ବୁଝିଲା ଭଳି ପ୍ରତିଶ୍ରୁତି, ମିଷ୍ଟାନ୍ନ ଭୋଜନ, ଓ ମନୋରଞ୍ଜନରେ ସାମିଲ୍ ହେବାର ସୌଭାଗ୍ୟ ଅର୍ଜନ କରିବେ। ଶ୍ରବଣା ନକ୍ଷତ୍ର ଆଶା କରିଥିବା ଖବରଟି ପଡୋଶୀଙ୍କଠାରୁ ପାଇ ଖୁସି ହେବେ। ପରିବାରରେ ମତଭେଦ କାରଣରୁ ମାନସିକ ଅଶାନ୍ତିର ସୂଚନା ରହିଛି। ସାମାଜିକ ସ୍ତରରେ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ।

**କୁମ୍ଭ** କର୍ମକ୍ଷେତ୍ରରେ ଶତ୍ରୁତା କରୁଥିବା ବ୍ୟକ୍ତିଙ୍କ ପ୍ରତି ସାବଧାନତା ଅବଲମ୍ବନ କରିବା ଭଲ। ଶତଭିଷା ଜାତ ବ୍ୟକ୍ତିମାନେ ଯାନବାହନରେ ସତର୍କ ନ ରହିଲେ ଅପ୍ରୀତିକର ପରିସ୍ଥିତିର ସାମ୍ନା କରିବାକୁ ପଡିପାରେ। ଧର୍ମକାର୍ଯ୍ୟରେ ବ୍ୟୟ ବରାଦ କରିପାରନ୍ତି। ନିଜର ଚତୁର୍ପାର୍ଶ୍ୱରେ ଖଳ ଲୋକଙ୍କ ଦ୍ୱାରା ପ୍ରଚାରିତ ଗୁଜବ ପ୍ରତି ମନ ଦିଅନ୍ତୁ ନାହିଁ।

**ମୀନ** ଦିନ ଭିତରେ ସବୁ ଭଲ ଥିଲେ ମଧ୍ୟ ଅତୀତର କୌଣସି ଅଭୁଲା କଥା ମନକୁ ବାରମ୍ବାର ଆଲୋଡ଼ିତ କରିବ। ବନ୍ଧୁ ଦେଇଥିବା ପ୍ରତିଶ୍ରୁତିରେ ଖିଲାପ କରିପାରନ୍ତି, ଫଳରେ କେତେକ କାମ ବିଗିଡି ଯାଇପାରେ। ରେବତୀନକ୍ଷତ୍ର ବିବାଦୀୟ ପରିସ୍ଥିତିରେ ଦୃଢ଼ ମୁକାବିଲା କରିବେ। ଦେହ ଭଲ ରହିଲେ ମଧ୍ୟ ସାମୟିକ କ୍ରନିକ ରୋଗୀମାନେ କଷ୍ଟ ପାଇବେ।


# classifieds Everyday
0674-2580101, 2549302




**SALE**

Plot for sale in Shreekhetra Vihar near Mangalpur, Bhubaneswar, Puri NH side with gated community, Electricity, Security, Park, Temple. 9777302825. D-70882

ଭୁବନେଶ୍ୱର ପିତାପଲ୍ଲୀ Flyoverରୁ 300mtr ଦୂରତାରେ 30ft. ରାସ୍ତାଥାଇ ପ୍ଲଟ ମିଳୁଅଛି। 7848882166. D-70875

ଜଟଣୀ Railwaystation ହାଟ ବଜାରରେ (ଘରବାରି ସ୍ଥିତିବାନ, ପଟ୍ଟା) ଜାଗା ଉପରେ ୨ବଖରା ଆଜବେଷ୍ଟସ୍ ଘର ଥାଇ ତୁରନ୍ତ ବିକ୍ରିହେବ। Owner- 9437011120. D-70881

ଭୁବନେଶ୍ୱର ଜଟଣୀଗେଟ୍‌ରୁ 500mtr ଦୂରତାରେ sqft. 250/-, 450/-, Adyanta/ Getam/ BEC Collegeକୁ ଲାଗି sqft. 270/- ପ୍ଲଟ୍ ପୋଜେସନ ସହ ମିଳୁଛି। 7894433357, 9437607388. D-70877

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ **Biggest commercial Hub (Grand Bazar)** ସମ୍ମୁଖ **NH-16ରୁ ଅଳ୍ପଦୂରରେ** ଘରବାରି ପ୍ଲଟ୍ ଶସ୍ତାରେ କିଣନ୍ତୁ। **9078699286.** D-70880

NH-5 Pitapalli ଛକରେ electricity, boundary wall ଥାଇ BDA plot ମିଳୁଅଛି। Contact- 9800700664, 7750068828. D-21237

ଭୁବନେଶ୍ୱର New Railwaystation ପାଖରେ 30ft.Road Yellowzone Plot Sq.ft. 520/-, M.- 6371406921. D-69399

Bhubaneswar Smartcity area Ghangapatna Mouza 30ft. road, electricity, borewell ସହ ସ୍ଥିତିବାନ plot ପୋଜେସନ୍ ଥାଇ ମିଳୁଛି। Owner. 9090963952. D-70865

**Flat, Duplex, Simplex near Phulnakhara, Patia Bigbazar, Bhubaneswar (Bank finance available). 8249363553, 9437677099.** D-70876

ଭୁବନେଶ୍ୱର ଭରତପୁର GA plot ପାଖରେ revenue ରୋଡ୍ ଇଲେକ୍ଟ୍ରିସିଟି ସୁବିଧା ଥାଇ boundary plot @14,40,000/-ରେ ନେଇ ତୁରନ୍ତ ଘର କରନ୍ତୁ। 7978998868. D-70873

**Residential cum Commercial Road side Plot, Niali Road @ 750 Sft., Residential Plots with Boundary Wall, Electricity System, Homely Temple, Nakhara 7 K.M., BBSR - 12 K.M. 8249851363, 7809525452.** D-70462

ଭୁବନେଶ୍ୱର ଲିଙ୍ଗିପୁରଛକ, ପୁରୀ bypassରୁ 200mtr. ଦୂରତାରେ ସଙ୍ଗେ ସଙ୍ଗେ ଘର କଲାଭଳି ଘରବାରି boundary ପ୍ଲଟ୍, ରୋଡ୍, ଇଲେକ୍ଟ୍ରିସିଟି ସୁବିଧା ଥାଇ @20,40,000/-ରେ ମିଳୁଛି। 7978998868. D-70874

ଭୁବନେଶ୍ୱର ଜଟଣୀଗେଟ୍‌ରୁ କିଛି ଦୂରତାରେ 1200sqft. 2,80,000/-, ନଖରା ତ୍ରିନାଥ ବଜାର sqft.-150/- (outright). 9348232008, 9348817649. D-70869




Swarna SPA newly open positively health benefits with expert therapist. 9556978408. D-70595

New opening Saikrupa Panchakarma and Spa jointpain, fullbody massage, 8984068077. D-65919

Take wellness relax massage ladies/ gents therapist 800/-, 7008773793, 8018656899. D-59999




ଘରେବସି Matter Forwarding କାମ କରି 12000-35000 ରୋଜଗାର କରନ୍ତୁ। 9667693638, 9667693639. D-59998

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

**LOST**

Sanjarekha Sahoo flat No.-109, Ganapati Tower, Rasulgarh, Bhubaneswar, Dist- Khurda vide Sale Deed Serial No.-6765 and Regd- No.-5124 Dtd. 03.08.2001 has been lost some where else in transit on 22.07.2021. Please Contact No.- 9073389664, 8697747044. D-21239

**AFFIDAVIT**

I, Shivajyoti Dalai, S/o Ratnakar Dalai have changed my name to Shivjyoti Dalai vide affidavit dated 30/07/2021. D-21240

Before the Notary Public Bhubaneswar, I, Mina Merkap, W/o- Shri Pramod Kumar Merkap, Plot No.- 600, Saheed Nagar, Bhubaneswar, Dist- Khordha, Pin- 751007 declare that before marriage I was Mina Kumari Acharya, D/o- Krishna Mohan Acharya that after marriage my surname changed from Acharya to Merkap both Mina Kumari Acharya and Mina Merkap is one and same person. D-21148

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ଗୁଣି, ପୂର୍ବ ରାଗରୁ ୩ ଜଣଙ୍କୁ ହତ୍ୟା

### ୬ ଅଭିଯୁକ୍ତଙ୍କ ମଧ୍ୟରେ ମୃତକଙ୍କ ପୁଅ, ୨ ନାବାଳକ

**ଖମାର,୨।୮(ଡି.ଏନ.ଏ.)**

ଅନୁଗୋଳ ଜିଲା ପାଲଲହଡା ବ୍ଲକ ଖମାର ଥାନା କୁଞ୍ଜାମ ପଞ୍ଚାୟତର ୩ ଜଣଙ୍କୁ ଗୁଣିଗାରେଡି ସନ୍ଦେହ ଓ ପୂର୍ବ ରାଗ ରଖି ହତ୍ୟା କରାଯାଇଛି। ହତ୍ୟାକାଣ୍ଡ ପରେ ମୃତଦେହକୁ ରଶିରେ ବାନ୍ଧି ଘୋଷାରି ନେଇ ସମାକୋଇ ନଦୀରେ ଫିଙ୍ଗାଯାଇଥିବା ସ୍ପଷ୍ଟ କରିଛି ଖମାର ପୋଲିସ। ଏହି ଘଟଣାରେ ସମ୍ପୃକ୍ତି ଅଭିଯୋଗରେ ଶଙ୍କର ପୂର୍ତ୍ତି, ନିରଞ୍ଜନ ଚାମ୍ପିଆ, ଚନ୍ଦ୍ର ଡଙ୍ଗ, ଟିଟୁ ଡଙ୍ଗ ଓ ଅନ୍ୟ ୨ ନାବାଳକଙ୍କ ସହ ମୋଟ ୬ ଜଣଙ୍କୁ ଗିରଫ କରାଯାଇଛି। ଗିରଫ ଶଙ୍କର ମୃତ ମୁନି ଚାତରଙ୍କ ପୁଅ ବୋଲି ଜଣାପଡ଼ିଛି। ଅଭିଯୁକ୍ତମାନେ ଗତ ଶୁକ୍ରବାର ଅପରାହ୍ନରେ ସଂଘବଦ୍ଧ ଭାବେ ୩ଜଣଙ୍କୁ ପିଟି ପିଟି ହତ୍ୟା କରିଥିବା ପୋଲିସ କହିଛି। ରବିବାର ନଦୀରୁ ନିଖୋଜ ଜିତମୁଣ୍ଡା କୋଲହ ସାହିର ବୁଧୁ ଚାତର(୫୫)ଙ୍କ ମୃତଦେହ ଜବତ ହୋଇଥିବା ବେଳେ ସୋମବାର କୁଞ୍ଜାମ ଡିପା ସାହିର ମତେଇ ଗାଗରାଇ (୪୮)ଙ୍କ ମୃତଦେହ ମିଳିଛି। ଅନ୍ୟ ନିଖୋଜ ବୁଧୁଙ୍କ ସ୍ତ୍ରୀ ମୁନି ଚାତରଙ୍କ ମୃତଦେହ ଏଯାଏ ଜବତ କରାଯାଇ ନାହିଁ।

ପୋଲିସ କହିଛି, ଡିପ ସାହିର ମତେଇ ଗାଗରାଇ ତାଙ୍କ ବାପାଙ୍କ ଶ୍ରାଦ୍ଧ ଭୋଜିରେ ଖାସି ମାଂସ ପରିବର୍ତ୍ତେ କୁକୁଡ଼ା ମାଂସ ଖାଇବାକୁ ଦେଇଥିଲେ। ତେଣୁ ତାଙ୍କୁ ଗାଁ ଲୋକେ ବାସନ୍ଦ କରିଥିଲେ। ସେହିପରି ଜିତମୁଣ୍ଡା କୋଲହ ସାହିର ବୁଧୁ ଚାତର କିଛି ବର୍ଷ ତଳେ ତାଙ୍କ ବିଧବା ଶଳା ଭାଉଜ (ମୁନି ଚାତର)ଙ୍କୁ ବିବାହ କରିଥିଲେ ମଧ୍ୟ ଭୋଜି ଦେଇ ନ ଥିଲେ। ଏଥିପାଇଁ ତାଙ୍କୁ ମଧ୍ୟ ଗାଁରୁ ବାସନ୍ଦ କରାଯାଇଥିଲା। ଏହାଛଡ଼ା ପୁଅ ଶଙ୍କର ପୂର୍ତ୍ତି ଓ ଝିଅଙ୍କୁ ଛାଡ଼ି ମୁନି ବୁଧୁଙ୍କୁ ବିବାହ କରିଥିବାରୁ ଶଙ୍କର ପୂର୍ବରୁ ସେମାନଙ୍କ ଉପରେ ରାଗ ରଖିଥିଲେ। ଏଥିସହ ଅଭିଯୁକ୍ତ ଟିଟୁ ଡଙ୍ଗଙ୍କ ଭାଇ କିଛି ଦିନ ପୂର୍ବରୁ ଜ୍ୱରରେ ପଡ଼ି ମରିଯାଇଥିଲେ। ମୁନିଙ୍କ ଝିଅ ମଧ୍ୟ ରୋଗରେ ପଡ଼ିଥିଲେ। ଏଥିପାଇଁ ଟିଟୁ ଓ ଶଙ୍କର ମତେଇ ଗାଗରାଇ ଏବଂ ବୁଧୁ ଚାତରଙ୍କୁ ଦାୟୀ କରିଥିଲେ। ଦୁହେଁ ଗୁଣିଗାରେଡି କରୁଥିବା ଅଭିଯୁକ୍ତମାନେ ସନ୍ଦେହ କରୁଥିଲେ। ଏଥିସହ ବୁଧୁଙ୍କ ଉପରେ ଶଙ୍କରଙ୍କ ପୂର୍ବ ରାଗ ମଧ୍ୟ ଥିଲା। ୩୦ ତାରିଖ ଶୁକ୍ରବାର ମତେଇ ଗାଗରାଇ ପୁଅଙ୍କ ସହ ବୁଧୁଙ୍କ ଘରକୁ ଆସିଥିବା ଦେଖି ଅଭିଯୁକ୍ତ ଶଙ୍କର ଓ ଅନ୍ୟମାନେ ଅପରାହ୍ନରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ମତେଇଙ୍କୁ ବାନ୍ଧିନେବା ବେଳେ ତାଙ୍କ ପୁଅ ଦେଖିଥିବାରୁ ୩୧ ତାରିଖ ଶନିବାର ମତେଇଙ୍କ ସ୍ତ୍ରୀ ଶ୍ରୀମତି ଗାଗରାଇ ଖମାର ଥାନାରେ ସ୍ୱାମୀଙ୍କ ନିଖୋଜ ନେଇ ଅଭିଯୋଗ କରିଥିଲେ। ଏହି ନିଖୋଜ ମାମଲାର ତଦନ୍ତ ବେଳେ ପୋଲିସ ସମ୍ପୃକ୍ତ ଅଭିଯୁକ୍ତମାନଙ୍କ ପାଖରେ ପହଞ୍ଚିଥିଲା ଓ ୩ ଜଣଙ୍କ ହତ୍ୟା ଘଟଣା ଉପରୁ ପରଦା ଉଠାଇଥିବା ଖମାର ଥାନା ଅଧିକାରୀ ଜ୍ଞାନରଞ୍ଜନ ସାମଲ ପ୍ରକାଶ କରିଛନ୍ତି। ଦୁଇ ନାବାଳକ ଅଭିଯୁକ୍ତଙ୍କୁ ବାଳ ସୁଧାର ଗୃହ ଓ ଅନ୍ୟ ୪ ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ସାମଲ ସୂଚନା ଦେଇଛନ୍ତି।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**କାହାକୁ କହିବା**
**କପାଳରେ ସିନା କର ମାରିବା।**

କର୍ମ ସହିତ ଭାଗ୍ୟ ଓ ଭଗବାନ ଅନୁକୂଳ ନ ରହିଲେ ମଣିଷ କେବେହେଲେ ଆଗକୁ ବଢ଼ିପାରେ ନାହିଁ। ପରିସ୍ଥିତି ସାଥ୍ ନ ଦେଲେ ମଣିଷ ହତାଶ ହୋଇଯାଏ। ଏପରି ସ୍ଥଳେ କାହାର ଦୋଷ ନ ଦେଇ ନିଜ ଭାଗ୍ୟକୁ ଆଦରି ପଡ଼ିରହିବା ହିଁ ଉଚିତ ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୁକୁର ପୋଷା ଭିକ ବେଉସା**
**ବେକେ ଗରଗଡ଼ ମାଳା**
**ଦୂରରୁ ଦେଖିଲେ ନିଶ୍ଚୟ ଜାଣିବ**
**ସେ ଯେ ସାପୁଆ କେଳା।**

ସାଧାରଣତଃ ସାପୁଆ କେଳାମାନେ ବସ୍ତି ଅଞ୍ଚଳରେ ରହିବା ସହ କୁକୁର ପାଳିଥାନ୍ତି। ମୁଣ୍ଡରେ ପର ଖୋସି ବେକରେ ମାଳି ପକାଇ ଗାଁ ଗାଁ ବୁଲି ସାପ ଖେଳ ଦେଖାଇ ନିଜର ଜୀବିକା ନିର୍ବାହ କରିଥାନ୍ତି। ସାପୁଆ କେଳାଙ୍କ ବିଚିତ୍ର ବେଶ ପରିପାଟି ଓ ଜୀବନଶୈଳୀ ପ୍ରତି ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ

**କରୋନା ସଂକ୍ରମଣ ସ୍ଥିତି**

| | ଆକ୍ରାନ୍ତ | ମୃତ୍ୟୁ | ଆରୋଗ୍ୟ |
|---|---|---|---|
| ବିଶ୍ୱ | ୧୯,୯୨,୫୩,୦୧୮ | ୪୨,୪୪,୫୧୧ | ୧୭,୯୮,୧୫,୮୮୩ |
| ଭାରତ | ୩,୧୭,୦୮,୨୭୦ | ୪,୨୫,୦୨୨ | ୩,୦୮,୭୯,୪୫୪ |
| ଓଡ଼ିଶା | ୯,୭୯,୭୩୭ | ୭୦୩୩(+୫୩) | ୯,୭୦,୩୮୬ |

ସୋମବାର ରାତି ୧୦ଟା ସୁଦ୍ଧା (+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ) ଉତ୍ସ: https://www.worldometers.info/coronavirus/ଏବଂ ଓଡ଼ିଶା ସରକାର

# ହକି ଗୌରବ ପ୍ରଚ୍ଛଦରେ ଓଡ଼ିଶା



## କଳିଙ୍ଗ ଷ୍ଟାଡିୟମ୍‌ରୁ ଟୋକିଓ ଟିକେଟ

ଜାପାନର ଟୋକିଓରେ ଚାଲିଥିବା ଅଲିମ୍ପିକ୍ସର ୩୨ତମ ସଂସ୍କରଣରେ ଭାରତୀୟ ମହିଳା ଓ ପୁରୁଷ ହକି ଦଳ ସେମିଫାଇନାଲରେ ପ୍ରବେଶ କରି ଦେଶର ହକି ଇତିହାସରେ ଏକ ନୂଆ ଅଧ୍ୟାୟ ଯୋଡ଼ିଛି। ଭାରତୀୟ ପୁରୁଷ ଦଳ ଦୀର୍ଘ ୪୯ ବର୍ଷ ବ୍ୟବଧାନରେ ସେମିରେ ପହଞ୍ଚିବାର ଦିନକ ପରେ ମହିଳା ଦଳ ଇତିହାସ ରଚିଛି। ପୂର୍ବତନ ବିଶ୍ୱ ଚାମ୍ପିୟନ ଅଷ୍ଟ୍ରେଲିଆକୁ ହରାଇ ଭାରତୀୟ ମହିଳା ଦଳ ପ୍ରଥମ ଥରପାଇଁ ଅଲିମ୍ପିକ୍ସର ସେମିଫାଇନାଲରେ ପ୍ରବେଶ କରିଛି। ଉଭୟ ମହିଳା ଓ ପୁରୁଷ ଦଳରେ ଓଡ଼ିଶାର ୨ ଜଣ ଲେଖାଏ ଖେଳାଳି ରହିଛନ୍ତି। ମହିଳା ଦଳରେ ଦୀପ୍ ଗ୍ରେସ୍ ଏକ୍କା, ନମିତା ଟପ୍ପୋ ଏବଂ ପୁରୁଷ ଦଳରେ ବୀରେନ୍ଦ୍ର ଲାକ୍ରା ଏବଂ ଅମିତ ରୋହିଦାସ ସ୍ଥାନ ପାଇଛନ୍ତି। କେବଳ ସେତିକି ନୁହେଁ, ମହିଳା ଦଳରେ ଦୀପ୍ ଗ୍ରେସ ଏବଂ ପୁରୁଷ ଦଳରେ ବୀରେନ୍ଦ୍ର ଉପଅଧିନାୟକ ଦାୟିତ୍ୱ ମଧ୍ୟ ତୁଲାଉଛନ୍ତି।

### ପ୍ରାୟୋଜକଭାବେ ଉଦାହରଣ

ଭାରତୀୟ ହକିର ଉତ୍ଥାନ ପଥରେ ଓଡ଼ିଶାର ଅନେକ ଅବଦାନ ରହିଛି। ପ୍ରଥମ ରାଜ୍ୟଭାବେ ଓଡ଼ିଶା ୨୦୧୮ରୁ ଭାରତୀୟ ଦଳର ପ୍ରାୟୋଜକ ରହି ଆସିଛି। ୫ ବର୍ଷୀୟା ଚୁକ୍ତି ପାଇଁ ରାଜ୍ୟ ପାଖାପାଖି ୧୫୦ କୋଟି ଟଙ୍କା ଖର୍ଚ୍ଚ କରୁଛି। କ୍ରୀଡ଼ାକୁ ପ୍ରୋତ୍ସାହନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଢ଼ ଇଚ୍ଛାଶକ୍ତି ଯୋଗୁ କଳିଙ୍ଗ ଷ୍ଟାଡିୟମରେ ବିଶ୍ୱସ୍ତରୀୟ ଭିତ୍ତିଭୂମି ଉପଲବ୍ଧ ହୋଇଛି। ଫଳରେ ଏଠାରେ ହକି ବିଶ୍ୱକପ ସମେତ ଏକାଧିକ ଅନ୍ତର୍ଜାତୀୟ ଟୁର୍ନାମେଣ୍ଟ ଆୟୋଜନ ସମ୍ଭବ ହୋଇପାରିଛି। ୨୦୧୮ରେ ଓଡ଼ିଶା ହକି ବିଶ୍ୱକପ ଆୟୋଜନ କରିଥିଲା। ଓଡ଼ିଶାର ଆତିଥ୍ୟ, ଉପଲବ୍ଧ ସୁବିଧା ସୁଯୋଗ ଏବଂ ଉନ୍ନତ ମାନର ଭିତ୍ତିଭୂମି ଯୋଗୁ ଅନ୍ତର୍ଜାତୀୟ ହକି ଫେଡେରେଶନ (ଏଫ୍‌ଆଇଏଚ୍) ଦ୍ୱିତୀୟ ଥରପାଇଁ ହକି ବିଶ୍ୱକପ ଆୟୋଜନ ଅଧିକାର ପ୍ରଦାନ କରିଛି। ୨୦୨୩ରେ ହକି ବିଶ୍ୱକପ ଭୁବନେଶ୍ୱର ଓ ରାଉରକେଲାରେ ଅନୁଷ୍ଠିତ ହେବ। ଏଥିପାଇଁ ରାଉରକେଲାରେ ଭାରତର ସବୁଠାରୁ ବଡ଼ ହକି ଷ୍ଟାଡିୟମ ନିର୍ମାଣ ପଥରେ ରହିଛି। କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ବୃହତ୍ ଟୁର୍ନାମେଣ୍ଟ ମଧ୍ୟରେ ରହିଛି ହକି ଚାମ୍ପିୟନ୍ସ ଟ୍ରଫି (୨୦୧୪), ପୁରୁଷ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍(୨୦୧୭), ହକି ବିଶ୍ୱକପ (୨୦୧୮), ପୁରୁଷ ହକି ସିରିଜ ଫାଇନାଲ୍ସ (୨୦୧୯), ମହିଳା ଓ ପୁରୁଷ ହକି ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ (୨୦୧୯) ଏବଂ ପୁରୁଷ ହକି ପ୍ରୋ ଲିଗ୍ (୨୦୨୦)। ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ୨୦୧୯ ନଭେମ୍ବର ୧ ଓ ୨ରେ ଅନୁଷ୍ଠିତ କ୍ୱାଲିଫାୟର୍ସରୁ ହିଁ ଭାରତୀୟ ମହିଳା ଓ ପୁରୁଷ ଦଳ ଟୋକିଓ ଅଲିମ୍ପିକ୍ସ ପାଇଁ ଟିକେଟ ହାସଲ କରିଥିଲା।

### ତୃଣମୂଳ ସ୍ତରରୁ ବିକାଶ କାର୍ଯ୍ୟକ୍ରମ

ଭାରତୀୟ ହକିର ଗଡ଼ ଭାବେ ସୁନ୍ଦରଗଡ଼ ପରିଚିତ। ଭାରତୀୟ ଦଳର ପୂର୍ବତନ ଅଧିନାୟକ ଦିଲୀପ ତିର୍କୀଙ୍କଠାରୁ ଆରମ୍ଭ କରି ବର୍ତ୍ତମାନ ଖେଳୁଥିବା ଅମିତ ରୋହିଦାସଙ୍କ ପର୍ଯ୍ୟନ୍ତ ଏଠାରୁ ରାଜ୍ୟର ସବୁଠାରୁ ଅଧିକ ହକି ଖେଳାଳି ଦେଶ ପକ୍ଷରୁ ପ୍ରତିନିଧିତ୍ୱ କରିଛନ୍ତି। ତେଣୁ ଏଠାରେ କିପରି ତୃଣମୂଳସ୍ତରରୁ ହକିର ବିକାଶ ହୋଇପାରିବ ସେଥିପାଇଁ ସରକାରଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ନିଆଯାଉଛି। ଏହି ଜିଲାର ପ୍ରତି ବ୍ଲକରେ ଗୋଟିଏ ଲେଖାଏ ଅଷ୍ଟ୍ରୋଟର୍ଫ ଷ୍ଟାଡିୟମ ନିର୍ମାଣ ପାଇଁ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ବିଭିନ୍ନ ସମୟରେ ବିଭାଗୀୟ ଅଧିକାରୀମାନେ ରାଉରକେଲା ଗସ୍ତ କରି ଅଗ୍ରଗତି କାର୍ଯ୍ୟର ତଦାରଖ କରୁଛନ୍ତି।

### ହାଇପରଫର୍ମାନ୍ସ ସେଣ୍ଟର

ବୈଜ୍ଞାନିକ ପଦ୍ଧତିରେ ଖେଳାଳିଙ୍କୁ ଉଚ୍ଚମାନର ଟ୍ରେନିଂ ସହ ସେମାନଙ୍କ ଶାରୀରିକ ଦକ୍ଷତାର ବିକାଶ ପାଇଁ କଳିଙ୍ଗ ଷ୍ଟାଡିୟମରେ ହାଇପରଫର୍ମାନ୍ସ ସେଣ୍ଟର ପ୍ରତିଷ୍ଠା କରାଯାଇଛି। ଏହା ମଧ୍ୟରେ ରହିଛି ଅଭିନବ ବିନ୍ଦ୍ରା ଟାର୍ଗେଟିଂ ହାଇପରଫର୍ମାନ୍ସ (ଏବିଟିପି), ଡାଲମିଆ ଭାରତ ଗୋପୀଚାନ୍ଦ ବ୍ୟାଡ୍‌ମିଣ୍ଟନ ଏକାଡେମି, ଜେଏସ୍‌ଡବ୍ଲ୍ୟୁ ସୁଇମିଂ ହାଇପରଫର୍ମାନ୍ସ ସେଣ୍ଟର, ଆଥଲେଟିକ୍ସ, ହକି ଓ ଭାରୋତ୍ତୋଳନ ଲାଗି ଖେଲୋ ଇଣ୍ଡିଆ ଷ୍ଟେଟ୍ ସେଣ୍ଟର ଅଫ୍ ଏକ୍ସିଲେନ୍ସି (କେଆଇଏସ୍‌ସିଇ), ଭାରୋତ୍ତୋଳନ ପାଇଁ କେଜେଏସ୍ ଆହାଲୁୱାଲିଆ ଆଣ୍ଡ ଟେକ୍‌ଭିକ୍ ସ୍ପୋର୍ଟ୍ସ ହାଇପରଫର୍ମାନ୍ସ ସେଣ୍ଟର, ନାଭାଲ ଟାଟା ହକି ଏକାଡେମି(ଏନ୍‌ଟିଏଚ୍‌ଏ), ଓଡ଼ିଶା ଆଦିତ୍ୟ ବିର୍ଲା ଆଣ୍ଡ ଗଗନ ନାରଙ୍ଗ ଶୁଟିଂ ହାଇପରଫରମାନ୍ସ ସେଣ୍ଟର, ରିଲାଏନ୍ସ ଫାଉଣ୍ଡେଶନ ଓଡ଼ିଶା ଆଥଲେଟିକ୍ସ ହାଇପରଫର୍ମାନ୍ସ ସେଣ୍ଟର, ସାଇ ରିଜିଓନାଲ ବ୍ୟାଡ୍‌ମିଣ୍ଟନ ଏକାଡେମି, ଉଡାନ ବ୍ୟାଡ୍‌ମିଣ୍ଟନ ଏକାଡେମି ଏବଂ ଏଆଇଏଫ୍‌ଏଫ୍ ହାଇପରଫର୍ମାନ୍ସ ସେଣ୍ଟର।

**କଳିଙ୍ଗରେ ଅନ୍ତର୍ଜାତୀୟ ହକି ପ୍ରତିଯୋଗିତା**

- ହକି ଚାମ୍ପିୟନ୍ସ ଟ୍ରଫି ୨୦୧୪ ଡିସେମ୍ବର ୬ରୁ ୧୪
- ପୁରୁଷ ଏଫ୍‌ଆଇଏଚ୍ ହକି ୱାର୍ଲ୍ଡ ଲିଗ୍ ୨୦୧୭ ଡିସେମ୍ବର ୧ରୁ ୧୦
- ପୁରୁଷ ହକି ବିଶ୍ୱକପ ୨୦୧୮ ନଭେମ୍ବର ୨୮ରୁ ଡିସେମ୍ବର ୧୬
- ପୁରୁଷ ହକି ସିରିଜ ଫାଇନାଲ୍ସ ୨୦୧୯ ଜୁନ ୬ରୁ ୧୬
- ମହିଳା ଓ ପୁରୁଷ ହକି ଏଫ୍‌ଆଇଏଚ୍ ଅଲିମ୍ପିକ୍ କ୍ୱାଲିଫାୟର୍ସ ୨୦୧୯ ନଭେମ୍ବର ୧ ଓ ୨
- ପୁରୁଷ ହକି ପ୍ରୋ ଲିଗ୍ ୨୦୨୦ ଜାନୁୟାରୀ ୧୮ରୁ ମେ ୨୪



୨୦୧୮ରେ ନୂଆଦିଲ୍ଲୀରେ ଅନୁଷ୍ଠିତ ଜର୍ସି ଉନ୍ମୋଚନ ଅବସରରେ ଭାରତୀୟ ମହିଳା ହକି ଦଳର ଅଧିନାୟିକା ରାଣୀ ରାମପାଲ(ବାମ) ଓ ପୁରୁଷ ଦଳର ଅଧିନାୟକ ମନପ୍ରୀତ ସିଂ(ଡାହାଣ)ଙ୍କ ସହ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

### ହକି ଗୌରବ

ଭାରତୀୟ ପୁରୁଷ ହକି ଦଳ ୧୯୨୮ ଆମଷ୍ଟରଡାମ, ୧୯୩୨ ଲସ ଆଞ୍ଜେଲ୍ସ, ୧୯୩୬ ବର୍ଲିନ, ୧୯୪୮ ଲଣ୍ଡନ, ୧୯୫୨ ହେଲସିଙ୍କି, ୧୯୫୬ ମେଲବୋର୍ନ, ୧୯୬୪ ଟୋକିଓ, ୧୯୮୦ ମସ୍କୋ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ, ୧୯୬୦ ରୋମ ଅଲିମ୍ପିକ୍ସରେ ରୌପ୍ୟ ଏବଂ ୧୯୬୮ ମେକ୍ସିକୋ ଏବଂ ୧୯୭୨ ମ୍ୟୁନିଚ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ପାଇଥିଲା। ହୃତ ଗୌରବ ଫେରି ପାଇବା ପାଇଁ ଭାରତୀୟ ପୁରୁଷ ଦଳ ଆଉ ମାତ୍ର ଗୋଟିଏ ବିଜୟ ଦୂରରେ ରହିଛି। ସେମିଫାଇନାଲରେ ବିଜୟୀ ହେଲେ ଭାରତର ସ୍ୱର୍ଣ୍ଣ କିମ୍ବା ରୌପ୍ୟ ପଦକ ନିଶ୍ଚିତ ହେବ। ପରାଜିତ ହେଲେ ବ୍ରୋଞ୍ଜ ପଦକ ମ୍ୟାଚ ଖେଳିବାକୁ ପଡ଼ିବ। ଅଲିମ୍ପିକ୍ସରେ ଭାରତୀୟ ମହିଳା ହକି ଦଳର ଶ୍ରେଷ୍ଠ ପ୍ରଦର୍ଶନ ହେଉଛି ୪ର୍ଥ ସ୍ଥାନ। ୧୯୮୦ ଅଲିମ୍ପିକ୍ସରେ ଭାରତ ଏହି ସଫଳତା ପାଇଥିଲା, ମାତ୍ର ସେତେବେଳେ ରାଉଣ୍ଡ ରବିନ୍ ଫର୍ମାଟରେ ଫାଇନାଲିଷ୍ଟ ନିର୍ଣ୍ଣୟ ହୋଇଥିଲା।

---

**ଅଲିମ୍ପିକ୍ସ ସେମିରେ ଉଭୟ ମହିଳା ଓ ପୁରୁଷ ଭାରତୀୟ ହକିଦଳ।**




## ହାଇକୋର୍ଟ ପକ୍ଷରୁ ଇ-ସେବା ଆରମ୍ଭ

**କଟକ ଅଫିସ,୨୮**

ଓଡ଼ିଶା ହାଇକୋର୍ଟ ପକ୍ଷରୁ ଇ-ସେବା ଆରମ୍ଭ ହୋଇଛି। ସୋମବାର ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଏହି ନୂତନ ଇ-ସେବାର ଶୁଭାରମ୍ଭ କରିଛନ୍ତି। ମୁଖ୍ୟ ବିଚାରପତି ନୂତନ ଇ-ସେବାର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏଥିସହ ସେ ସାଧାରଣ ଲୋକଙ୍କୁ ଆଇନସେବା ଯୋଗାଇବାରେ ମୁଖ୍ୟ ଭୂମିକା ନିଭାଉଥିବା ଓକିଲ ସଂଘ, ଆଇନ ଅଧିକାରୀଙ୍କ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ମୋବାଇଲ ଆପ୍, ଜିଲା ଓ ସବ୍‌ଅର୍ଡିନେଟ କୋର୍ଟଙ୍କ ନିକଟରେ ଦାଖଲ କରାଯାଉଥିବା ଜରିମାନାର ଅନ୍‌ଲାଇନ ପଇଠ ବ୍ୟବସ୍ଥା, କଟକ-ଭୁବନେଶ୍ୱରରେ ଟ୍ରାଫିକ ଇ-ଚାଲାଣ ହେଉଥିବା ଭର୍ଚୁଆଲ କୋର୍ଟ ବ୍ୟବସ୍ଥା ପାଇଁ ଇ-ସେବା ଶୁଭାରମ୍ଭ ହୋଇଛି। ସେହିପରି ମୁଖ୍ୟ ବିଚାରପତିଙ୍କ କୋର୍ଟ ପ୍ରୋସିଡିଂର ସିଧା ପ୍ରସାରଣ ସୋମବାରଠାରୁ ଆରମ୍ଭ କରାଯାଇଛି। ଏହି ଭର୍ଚୁଆଲ ବୈଠକରେ ହାଇକୋର୍ଟର ବିଚାରପତି, ଜିଲା ଜଜ୍, ଆଡ୍‌ଭୋକେଟ ଜେନେରାଲ, ଆରକ୍ଷୀ ମହାନିର୍ଦ୍ଦେଶକ, ପୋଲିସ କମିଶନର, ପରିବହନ କମିଶନର ପ୍ରମୁଖ ଉପସ୍ଥିତ ଥିଲେ।

## ଖୁଡ଼ୀଙ୍କ ଗଳା କାଟି ହତ୍ୟା କଲେ ପୁତୁରା

**ବାରିପଦା ଅଫିସ, ୨୮:** ଜମିବାଡ଼ି ବିବାଦରୁ ବାସନ୍ତୀ ପୂର୍ତ୍ତି(୫୫) ନାମ୍ନୀ ଜଣେ ବିଧବାଙ୍କୁ ତାଙ୍କ ପୁତୁରା ଗଳା କାଟି ହତ୍ୟା କରିଛି। ମୟୂରଭଞ୍ଜ ଜିଲା ରରୁଆଁ ଥାନା ଟିଲୁ ସାହିରେ ରବିବାର ବିଳମ୍ବିତ ରାତିରେ ଏହି ଘଟଣା ଘଟିଛି। ପୋଲିସ ଅଭିଯୁକ୍ତ ପୁତୁରା ମଧୁ ପୂର୍ତ୍ତି(୪୦)ଙ୍କୁ ଗିରଫ କରିଛି। ଏନେଇ ଥାନାରେ ଏକ ମାମଲା(ନଂ.୧୦୬/୨୧) ରୁଜୁ ହୋଇଛି। ପୋଲିସ ସୂଚନା ଅନୁଯାୟୀ, ପରିବାର ଲୋକେ ଖାଇପିଇ ଘର ଭିତରେ ଶୋଇଥିଲା ବେଳେ ବାସନ୍ତୀ ପିଣ୍ଡାରେ ଶୋଇଥିଲେ। ଅଭିଯୁକ୍ତ ମଧୁ ଏକ ଟାଙ୍ଗିଆରେ ବାସନ୍ତୀଙ୍କ ଗଳାକୁ କାଟି ପଳାଇ ଯାଇଥିଲେ। ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଯାଇଛି।






## ୧୧ରୁ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ

**କଟକ ଅଫିସ,୨୮**

**୭ ଜିଲାରେ ୯ କେନ୍ଦ୍ର**

ଆସନ୍ତା ୧୧ ତାରିଖରୁ ମାଟ୍ରିକ ପରୀକ୍ଷା ଖାତା ମୂଲ୍ୟାୟନ ପ୍ରକ୍ରିୟା ଆରମ୍ଭ ହେବ। ଏହା ୩ଦିନ ଧରି ଚାଲିବ। ଏନେଇ ସୋମବାର ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। କଟକ, ଖୋର୍ଦ୍ଧା, ଢେଙ୍କାନାଳ, ଯାଜପୁର, କେନ୍ଦ୍ରାପଡ଼ା, ନୟାଗଡ଼ ଓ ପୁରୀ ଜିଲାର ମୋଟ ୯ଟି କେନ୍ଦ୍ରରେ ପରୀକ୍ଷା ଖାତା ମୂଲ୍ୟାୟନ କରାଯିବ। ଏହି ପ୍ରକ୍ରିୟାରେ ସମୁଦାୟ ୧୫୦୦ ମୂଲ୍ୟାୟନକାରୀଙ୍କୁ ନିୟୋଜିତ କରାଯାଇଛି। ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ପରୀକ୍ଷା ଖାତା ମଧ୍ୟ ମୂଲ୍ୟାୟନ ଆରମ୍ଭ ହେବ। ମୂଲ୍ୟାୟନ ପ୍ରକ୍ରିୟା ସୁପରିଚାଳନା ପାଇଁ ସମ୍ପୃକ୍ତ ଜିଲା ଶିକ୍ଷା ଅଧିକାରୀ କିମ୍ବା ଭାରପ୍ରାପ୍ତ ଅଧିକାରୀମାନେ ଅଗଷ୍ଟ ୧୦ ତାରିଖ ଅପରାହ୍ନ ୨ଟାରେ ମୂଲ୍ୟାୟନକାରୀମାନଙ୍କ ସହ ବୈଠକ କରିବେ। ମୂଲ୍ୟାୟନ କେନ୍ଦ୍ରରେ ରାଜ୍ୟ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ପାଳନ କରାଯିବ। କେନ୍ଦ୍ର ସୁପରଭାଇଜରମାନେ କେନ୍ଦ୍ରଗୁଡ଼ିକୁ ସାନିଟାଇଜ କରାଇବା ସହ ମୂଲ୍ୟାୟନକାରୀଙ୍କ ଥର୍ମାଲ ସ୍କ୍ରିନିଂ, ହାତ ସାନିଟାଇଜ ପ୍ରଭୃତି ନିମନ୍ତେ ବ୍ୟବସ୍ଥା କରିବେ।

## ମ୍ୟାଲେରିଆ: ଏବେଠୁ ସଚେତନତା ଲୋଡ଼ା

**ଭୁବନେଶ୍ୱର, ୨୮ (ବ୍ୟୁରୋ)**

କରୋନା ସହ ଡେଙ୍ଗୁ ଆତଙ୍କ ରାଜଧାନୀବାସୀଙ୍କୁ ଅତିଷ୍ଠ କରିପକାଉଥିବାବେଳେ ଏବେ ମ୍ୟାଲେରିଆ ଭୟ ବି ଘାରିଲାଣି। ପ୍ରତିବର୍ଷ ସହରରେ ମ୍ୟାଲେରିଆ ବ୍ୟାପୁଥିବାର ନଜିର ରହିଛି। ବର୍ଷାଦିନେ ବିଶେଷକରି ବସ୍ତି ଓ ବିଭିନ୍ନ କଲୋନୀ ଅଞ୍ଚଳରେ ଲୋକେ ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଥାନ୍ତି। ହେଲେ ଏବର୍ଷ ବର୍ଷା ଆରମ୍ଭରୁ ଜ୍ୱର ବ୍ୟାପିଥିଲା। ଲୋକେ କରୋନା ଭୟରେ ହସ୍ପିଟାଲ ନ ଯାଇ ଘରେ ରହି ଚିକିତ୍ସିତ ହୋଇଥିଲେ। ପରେ ଏହା ଡେଙ୍ଗୁ ବୋଲି ଜଣାପଡିବାବେଳକୁ ବହୁ ବିଳମ୍ବ ହୋଇଯାଇଥିଲା। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଆରମ୍ଭରୁ ସଚେତନତା ସହ ଆବଶ୍ୟକ ପଦକ୍ଷେପ ନ ନେବାରୁ ସ୍ଥିତି ବିଗିଡିଗଲା। ଏବେ ମ୍ୟାଲେରିଆ ବ୍ୟାପିବା ଆରମ୍ଭ କରିଥିଲେ ମଧ୍ୟ ଏହା ଉପରେ କେହି ଗୁରୁତ୍ୱ ଦେଉନାହାନ୍ତି। ବହୁ ଜ୍ୱରାକ୍ରାନ୍ତ ହସ୍ପିଟାଲଲେ ଭର୍ତ୍ତି ହେବାପରେ ସାଧାରଣତଃ ଡେଙ୍ଗୁ ଓ କରୋନା ଟେଷ୍ଟ କରାଯାଉଛି। ଅଧିକାଂଶ ରିପୋର୍ଟ ନେଗେଟିଭ୍ ଆସୁଥିବାରୁ ଜ୍ୱରର କାରଣ ମ୍ୟାଲେରିଆ ବୋଲି ସନ୍ଦେହ କରାଯାଉଛି। ତେବେ ଭୁବନେଶ୍ୱରରେ ମ୍ୟାଲେରିଆ ସ୍ଥିତି ସଂକ୍ରାନ୍ତରେ କୌଣସି ସରକାରୀ ତଥ୍ୟ ମିଳି ନ ଥିଲେ ମଧ୍ୟ ବିଭିନ୍ନ ଘରୋଇ ହସ୍ପିଟାଲରେ ଏହି ରୋଗୀ ଚିକିତ୍ସିତ ହେଉଥିବା ଜଣାପଡିଛି। ତେବେ ସହରରେ ଯେପରି ଡେଙ୍ଗୁ ପରି ମ୍ୟାଲେରିଆ ସ୍ଥିତି ନ ଉପୁଜିବ ସେଥିପାଇଁ ଏବେଠୁ ସଚେତନତା ଉପରେ ଗୁରୁତ୍ୱ ଦେବାର ଆବଶ୍ୟକତା ରହିଛି।

ମ୍ୟାଲେରିଆ ଭୂତାଣୁର ବାହକ ହେଉଛନ୍ତି ଆନୋଫେଲିଶ୍ ମଶା। ଅଳିଆ ଆବର୍ଜନା ଓ ଜମି ରହୁଥିବା ପାଣିରେ ଏହି ମଶାର ବଂଶବୃଦ୍ଧି ହୋଇଥାଏ। ଏବେ ସହରରେ ରହିଥିବା ୧୦ରୁ ଊର୍ଦ୍ଧ୍ୱ ବଡ଼ ଡ୍ରେନ୍ ଓ ଶତାଧିକ ଡ୍ରେନ୍‌ରେ ଆବର୍ଜନା ସହ ପଚା ପାଣି ଜମି ରହୁଛି। ଏନେଇ ନା କୌଣସି ପଦକ୍ଷେପ ହେଉଛି ନା ଲୋକଙ୍କୁ ମ୍ୟାଲେରିଆ ସଂକ୍ରାନ୍ତରେ ସଚେତନ କରାଯାଉଛି। ଏପରିକି ସହରରେ ଏହାର ସ୍ଥିତି କ'ଣ ତାହା ବି ସ୍ୱାସ୍ଥ୍ୟ ବିଭାଗ ସ୍ପଷ୍ଟ କରିପାରୁନାହିଁ। ତେବେ ଏ ସମ୍ପର୍କରେ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନିରଞ୍ଜନ ମିଶ୍ର କହିଛନ୍ତି, ଡେଙ୍ଗୁ ଅଛି ମାନେ ମ୍ୟାଲେରିଆ ବି ରହିଛି। ଏବେ ଡେଙ୍ଗୁ ଦ୍ରୁତ ଗତିରେ ବ୍ୟାପୁଥିବାରୁ ଏହାର ପ୍ରତିଦିନର ତଥ୍ୟ ପ୍ରଦାନ କରାଯାଉଛି, ଯାହାକି ମ୍ୟାଲେରିଆ କ୍ଷେତ୍ରରେ ହୋଇ ନାହିଁ। ମ୍ୟାଲେରିଆ ରୋଗୀଙ୍କ ସମ୍ପର୍କରେ ମାସକୁ ଥରେ ତଥ୍ୟ ପ୍ରଦାନ କରାଯାଉଛି। ଅଧିକାଂଶ ରୋଗୀ ଚିହ୍ନଟ ହୋଇ ନ ଥିଲେ ମଧ୍ୟ ସହରରେ ଯେ ମ୍ୟାଲେରିଆ ରୋଗୀ ନାହାନ୍ତି ତାହା କହିବା ଠିକ୍ ହେବ ନାହିଁ ବୋଲି ଡା. ମିଶ୍ର କହିଛନ୍ତି। ଡେଙ୍ଗୁ ଭଳି ଏହାକୁ ମଧ୍ୟ ଆଖପାଖ ପରିବେଶ ସ୍ୱଚ୍ଛ ରଖିବା ସହ ସଚେତନତା ଜରୁରୀ ବୋଲି ସେ ପରାମର୍ଶ ଦେଇଛନ୍ତି। ଏଭଳି ସ୍ଥିତିରେ ବିଏମ୍‌ସି ଓ ରାଜଧାନୀବାସୀ ଏବେଠାରୁ ସଚେତନ ହେବା ଜରୁରୀ। ସହରର ସମସ୍ତ ଅଞ୍ଚଳରେ ଅନାବଶ୍ୟକ ଗଛକଟା ଯିବା ସହ ନାଳନର୍ଦ୍ଦମା ସଫା କରିବା ତଥା ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ବିଏମ୍‌ସି ପ୍ରାଥମିକତା ଦେଉ ବୋଲି ସହରବାସୀ ଦାବି କରିଛନ୍ତି।

ଭଗବାନଙ୍କର ସଂକଳ୍ପ ଓ ଇଚ୍ଛା ଅନୁସରଣ କରି ଭାରତ ଆଧ୍ୟାତ୍ମିକ ପର୍ବତର ଶିଖର ଉପରେ ଦଣ୍ଡାୟମାନ ହୋଇ ଆଲୋକ ବିକିରଣ କରିବ। ବିଶ୍ୱବାସୀଙ୍କୁ ସତ୍ୟର ପଥ ପ୍ରଦର୍ଶନ କରିବ ଏବଂ ବିଶ୍ୱକୁ ଐକ୍ୟ ଦିଗରେ ସଂଗଠିତ କରିଚାଲିବ। —ଶ୍ରୀମା



# ଆଦରରୁ ଚମତ୍କାର

ଟୋକିଓ ଅଲିମ୍ପିକ୍ସରେ ୧ ଅଗଷ୍ଟରେ ଭାରତର ପୁରୁଷ ହକି ଦଳ ଓ ୨ ତାରିଖରେ ମହିଳା ହକି ଦଳ ସେମି ଫାଇନାଲକୁ ପ୍ରବେଶ କରିବା ପରେ ଦେଶବ୍ୟାପୀ ଖେଳପ୍ରେମୀଙ୍କ ମଧ୍ୟରେ ଏକ ଉତ୍ସାହ ସୃଷ୍ଟି ହୋଇଛି। ଚଳିତ ଅଲିମ୍ପିକ୍ସରେ ଅଦ୍ୟାବଧି ଭାରତ ଦୁଇଟି ପଦକ ହାସଲ କରିଛି। ମୀରାବାଇ ଚାନୁ ଭାରୋତ୍ତୋଳନରେ ରୌପ୍ୟ ପଦକ ଜିତିଥିବା ବେଳେ ପି.ଭି. ସିନ୍ଧୁ ମହିଳା ସିଙ୍ଗଲ୍ସ ବ୍ୟାଡ୍‌ମିଣ୍ଟନରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ମହିଳା ବକ୍ସିଂରେ ଲଭଲିନା ବୋରଗୋହାଇନ୍ ପଦକ ପାଇବା ସୁନିଶ୍ଚିତ କରିଛନ୍ତି। ଇତିମଧ୍ୟରେ ବକ୍ସିଂରେ ମେରୀକମ୍‌ଙ୍କ ଦୁଃଖଦ ବିଦାୟ ଏବଂ ଓଡ଼ିଶାର ମହିଳା ସ୍ପ୍ରିଣ୍ଟର ଦୂତୀ ଚାନ୍ଦ ଉଭୟ ୧୦୦ ଓ ୨୦୦ ମିଟର ଦୌଡ଼ରେ ସପ୍ତମ ସ୍ଥାନରେ ରହି ଅଲିମ୍ପିକ୍ସରୁ ବିଦାୟ ନେଇଛନ୍ତି। ତେବେ ଅଲିମ୍ପିକ୍ସରେ ପ୍ରଥମ ଥର ପାଇଁ ମହିଳା ହକି ଟିମ୍ ଏବଂ ୪୯ ବର୍ଷ ପରେ ପୁରୁଷ ହକି ଟିମ୍ ସେମିଫାଇନାଲକୁ ଉନ୍ନୀତ ହେବା ଏକ ବଡ଼ ସଫଳତା। ପଦକ କଥା ପଛରେ ଥାଉ।

ଭାରତ ପୃଥିବୀର ଦ୍ୱିତୀୟ ଜନବହୁଳ ରାଷ୍ଟ୍ର। ୧୯୦୦ ମସିହାରୁ ଭାରତ ଅଲିମ୍ପିକ୍ସରେ ଭାଗ ନେଇ ଆସିଥିଲେ ମଧ୍ୟ ଅଦ୍ୟାବଧି ପଦକ ତାଲିକାରେ ଦୁଇଅଙ୍କ ଛୁଇଁପାରି ନାହିଁ। କେବଳ ଦଳଗତ ପ୍ରଦର୍ଶନରେ ଭାରତ ଧ୍ୟାନଚାନ୍ଦଙ୍କ ସମୟକୁ ହିସାବ କଲେ ୭ ଥର ସ୍ୱର୍ଣ୍ଣ ପଦକ ପାଇପାରିଛି। ବ୍ୟକ୍ତିଗତ ଇଭେଣ୍ଟରେ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୧୦ ମିଟର ଏୟାର ରାଇଫଲ୍ସରେ ଅଭିନବ ବିନ୍ଦ୍ରା ସ୍ୱର୍ଣ୍ଣ ପଦକ ଜିତିଥିଲେ। ୧୩୫ କୋଟିରୁ ଊର୍ଦ୍ଧ୍ୱ ଲୋକ ଥିବା ଏକ ଦେଶକୁ ଗୋଟିଏ ସ୍ୱର୍ଣ୍ଣ ପଦକ ମିଳିବା ଅସମ୍ଭବ ହୋଇପଡୁଛି। ଇଥିଓପିଆ ଓ ଲାଟଭିଆ ଭଳି ଛୋଟିଆ ରାଷ୍ଟ୍ର ପଦକ ତାଲିକାରେ ଭାରତଠାରୁ କାହିଁ କେତେ ଉପରେ ରହିଛନ୍ତି। ୧୨୭ ଜଣ କ୍ରୀଡ଼ାବିତ୍‌ଙ୍କୁ ନେଇ ଯାଇଥିବା ଭାରତୀୟ କଣ୍ଟିଜେଣ୍ଟ ଖେଳ ଶେଷ ସୁଦ୍ଧା କେତେ ପଦକ ହାସଲ କରିବେ ତାହା ଜଣାପଡ଼ିବ। କିନ୍ତୁ ଯାହା ଧାରା ଦେଖାଯାଉଛି ହକି ଟିମ୍ ଉପରେ ଦେଶବାସୀଙ୍କ ଅଧିକ ନଜର ରହିବା ସ୍ୱାଭାବିକ। ପ୍ରତ୍ୟେକ ଥର ଅଲିମ୍ପିକ୍ସ ଆସିଲେ ଭାରତର ପ୍ରଦର୍ଶନକୁ ନେଇ ବିଭିନ୍ନ ପ୍ରକାର ତର୍ଜମା ହୋଇଥାଏ। ମାତ୍ର ଇଭେଣ୍ଟର ଅବଧି ସରିଗଲେ ସେହି ବିଷୟକୁ ଭାରତବାସୀ ଭୁଲିଯାଆନ୍ତି। ଏଠାରେ ଅଲିମ୍ପିକ୍ସକୁ ଯିବା ବେଳକୁ କ୍ରୀଡ଼ାବିତ୍‌ଙ୍କୁ ଉତ୍ସାହିତ କରିବା ଲାଗି ସରକାରୀ ସ୍ତରରେ ପୁରସ୍କାର ରାଶି ଘୋଷଣା କରାଯାଉଛି। କିନ୍ତୁ ଦେଶର ପ୍ରତ୍ୟେକ ଅଞ୍ଚଳରେ କିଭଳି କ୍ରୀଡ଼ା ଭିତ୍ତିଭୂମି ସହ ଖେଳୁଆଡ଼ ମନୋଭାବରେ ଉନ୍ନତି କରାଯିବ ସେଥିପ୍ରତି ସେଭଳି ଦୃଷ୍ଟିପାତ କରାଯାଉ ନାହିଁ। ସ୍କୁଲରେ ପାଠପଢ଼ାକୁ ଯେଭଳି ଗୁରୁତ୍ୱ ଦିଆଯାଇଥାଏ, କ୍ରୀଡ଼ା ପ୍ରତି ତା'ର କାଣିଚାଏ ଦୃଷ୍ଟି ଦିଆଯାଏ ନାହିଁ। ଭାରତୀୟ ସ୍କୁଲଗୁଡ଼ିକରେ ସପ୍ତାହକୁ ସାଧାରଣରେ ଗୋଟିଏ କିମ୍ବା ଦୁଇଟି କ୍ରୀଡ଼ା ପରିୟଡ୍ ରହିଥାଏ। ସେଥିରୁ ପିଲାମାନେ ଯାହା ଶିଖିବା କଥା ତାହା ଅନୁମାନଯୋଗ୍ୟ। ପୃଥିବୀର ଅନ୍ୟାନ୍ୟ ଦେଶରେ ପିଲାଟିଏକୁ ପ୍ରାଥମିକ ଶ୍ରେଣୀ ବେଳୁ କ୍ରୀଡ଼ା ପ୍ରଶିକ୍ଷଣ ଦିଆଯାଇଥାଏ। ହେଲେ ଭାରତରେ ବ୍ୟାୟାମ ଓ ଖେଳକୁ ପାଠ୍ୟପୁସ୍ତକର ପୃଷ୍ଠା ଭିତରେ ସୀମିତ ରଖାଯାଉଛି। ହୁଏତ ସେଥିପାଇଁ ଭାରତୀୟଙ୍କ ସାଧାରଣ ଜୀବନଯାପନରେ କ୍ରୀଡ଼ାର କୌଣସି ଗୁରୁତ୍ୱ ରହୁନାହିଁ।

କ୍ରୀଡ଼ାରେ ଦାରିଦ୍ର୍ୟର ମଧ୍ୟ କୌଣସି ଭୂମିକା ନାହିଁ। ଜାମାଇକା ଭଳି ଗରିବ ଦେଶ ଅନେକ ଉଚ୍ଚକୋଟୀର କ୍ରୀଡ଼ାବିତ୍ ସୃଷ୍ଟି କରିପାରିଛି। ଏହା ମଧ୍ୟ ଏକ ତ୍ରୁଟିପୂର୍ଣ୍ଣ ଚିନ୍ତା ଯେ, ସେହି ଦେଶରେ ଗଦାଗଦା ଭିତ୍ତିଭୂମି ସବୁଆଡ଼େ ରହିଛି। ସଫଳତା ସକାଶେ ମୁଖ୍ୟ ଆବଶ୍ୟକତା ହେଉଛି ପ୍ରୋତ୍ସାହନ। ହକି ପରି ମରିଯାଉଥିବା ଏକ କ୍ରୀଡ଼ାକୁ ଓଡ଼ିଶା ଭଳି ରାଜ୍ୟ ପୁନର୍ଜୀବିତ କରିପାରିଛି। ଦେଶବ୍ୟାପୀ ସମସ୍ତଙ୍କ ଧାରଣା ଯେ, ଓଡ଼ିଶା ଏକ ଗରିବ ରାଜ୍ୟ। ଅଧିକାଂଶ ଶିକ୍ଷିତ ଓଡ଼ିଆ ନିଜ ରାଜ୍ୟକୁ ଘୃଣା ଚକ୍ଷୁରେ ଦେଖନ୍ତି। 'ବନ୍ଦେ ଉତ୍କଳ ଜନନୀ' କିମ୍ବା 'ଜୟ ଜଗନ୍ନାଥ' ଧ୍ୱନି ହେଉଛି ସେମାନଙ୍କ ପାଇଁ ସବୁଠାରୁ ବଡ଼ ଓଡ଼ିଶା ପ୍ରୀତିର ପ୍ରତୀକ। କିନ୍ତୁ ଉଭୟ ଭାରତୀୟ ପୁରୁଷ ଓ ମହିଳା ହକି ଦଳର ସଫଳତା ପ୍ରମାଣ କରୁଛି ଯେ, ସରକାରୀ ସମର୍ଥନ ମିଳିଲେ ଅସମ୍ଭବ ମଧ୍ୟ ସମ୍ଭବ ହୋଇପାରିବ। ଏଠାରେ କୁହାଯାଇପାରିବ ଯେ, ୨୦୧୮ରୁ ନବୀନ ପଟ୍ଟନାୟକଙ୍କ ସରକାର ଜାତୀୟ ହକିକୁ କୋଳାଇ ନେବା ପରେ ତାହାର ଉନ୍ନତି ଘଟିଛି। ହକି ପ୍ରତି ହତାଦର କରାଯାଉ ନାହିଁ ବୋଲି ଓଡ଼ିଶା ପ୍ରମାଣ କରିଦେଲା। ପ୍ରୋତ୍ସାହନ ସହିତ ଆଦର ମିଳିଲେ କେଉଁ ପ୍ରକାର ଚମତ୍କାର ହୋଇପାରେ ତାହା ଭାରତର ମହିଳା ଓ ପୁରୁଷ ହକି ଦଳ ଦେଖାଇଦେଲା।

# ଗାନ୍ଧୀ ଲିଗାସି ଲିଭାଇବା ପ୍ରୟାସ



ତୁଷାର ଗାନ୍ଧୀ

ଭାରତ ସରକାର ଗୁଜରାଟ ସରକାରଙ୍କ ମାଧ୍ୟମରେ ସାବରମତି ଆଶ୍ରମର ପୁନଃବିକାଶ କରି ତାହାକୁ ବିଶ୍ୱସ୍ତରୀୟ ସ୍ମାରକୀ ପ୍ରତିଷ୍ଠା କରିବା ସମ୍ପର୍କିତ ଖବର ଗଣମାଧ୍ୟମରେ ପ୍ରକାଶ ପାଇ ଆସୁଛି। ଲଗାତର ଦୁଇବର୍ଷ ହେବ ଏଭଳି ଖବର ପ୍ରକାଶ ପାଉଛି। ଏ ସଂକ୍ରାନ୍ତରେ ବି ବହୁ ଉଡ଼ାଖବର ବି ଶୁଣିବାକୁ ମିଳୁଛି। ହେଲେ ଏ ବାବଦରେ ଖୁବ୍ କମ୍ ସରକାରୀ ସୂଚନା ରହିଛି, ଯାହା ମନେ ହେଉଛି ସରକାରୀ ସ୍ତରରେ ସେମାନେ ସୂଚନା ଗୋପନ ରଖିବା ଲାଗି ଚାହୁଁଛନ୍ତି। ତେବେ ଏହି ସମୟ ମଧ୍ୟରେ ମୁଁ ଯେତେବେଳେ ସାବରମତି ଆଶ୍ରକୁ ପରିଦର୍ଶନରେ ଯାଇଛି ସେଠାରେ ଦୀର୍ଘଦିନ ଧରି ରହି ଆସୁଥିବା ଅନେକ ବାସିନ୍ଦାକୁ ଭେଟିଛି। ୧୯୧୭ରେ କସ୍ତୁରବା ଗାନ୍ଧୀ ଓ ବାପୁ (ମହାତ୍ମାଗାନ୍ଧୀ)ଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା ଆଶ୍ରମ ଅନ୍ତେବାସୀଙ୍କର ଏମାନେ ବଂଶଜ ଓ ଶହେ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ସେଠାରେ ରହି ଆସୁଛନ୍ତି।

୧୨ ମାର୍ଚ୍ଚ ୧୯୩୦ରେ ଯେତେବେଳେ ବାପୁ ଦାଣ୍ଡି ପଦଯାତ୍ରାରେ ବାହାରିଲେ, ସେତେବେଳେ ଭାରତ ସ୍ୱାଧୀନ ନ ହେବା ଯାଏ ଆଶ୍ରମକୁ ଫେରିବେ ନାହିଁ ବୋଲି ଶପଥ ନେଇଥିଲେ। ୧୯୩୩ରେ ତାଙ୍କ ଶପଥ ଭଙ୍ଗ କରିଥିଲେ। ଦାଣ୍ଡି କଚ୍ଛ ଏବଂ ପରେ ପରେ ଦେଶବ୍ୟାପୀ ଲବଣ ସତ୍ୟାଗ୍ରହ ପରିପେକ୍ଷୀରେ ବ୍ରିଟିଶ ଶାସକ ଅହିଂସା ଆନ୍ଦୋଳନକୁ ଦବାଇ ଦେବା ଲାଗି ନିଷ୍ଠୁରତା ପ୍ରକାଶ କରିଥିଲେ। କୃଷକ ଏବଂ ସତ୍ୟାଗ୍ରହୀମାନେ ବ୍ରିଟିଶ୍ ସରକାରର ଦମନଲୀଳାର ଶିକାର ହୋଇ ଅକଥନୀୟ ଦୁର୍ଦ୍ଦଶା ଭୋଗ କରିଥିଲେ। ସେମାନଙ୍କ ସମ୍ପତ୍ତି ଜବତ କରାଯିବା ସହ ସେମାନଙ୍କ ଅଧିକାର ଛିନ୍ନ କରାଗଲା । ସେମାନଙ୍କୁ ସବୁ ସୁବିଧାରୁ ବଞ୍ଚିତ କରାଗଲା। ସେମାନେ ବେସାହାରା ପାଲଟିଗଲେ। ଏହା ବାପୁଙ୍କୁ ଖୁବ୍ ଅଘାତ ଦେଲା ଏବଂ ବ୍ରିଟିଶ ସରକାରଙ୍କର ଏଭଳି ନିଷ୍ଠୁରତାର ପ୍ରତିବାଦର ପ୍ରତୀକ ଭାବେ ସାବରମତି ଆଶ୍ରମକୁ ସେମାନଙ୍କ ହାତରେ ସମର୍ପଣ କରିଦେବାକୁ ନିଷ୍ପତ୍ତି ନେଇଥିଲେ। ଯେହେତୁ ସେ ଇଂରେଜ ସରକାରଙ୍କ ବିରୋଧରେ ସଂଗ୍ରାମ ଆରମ୍ଭ କରିଥିଲେ, ସେଥିପାଇଁ ସେ ନିଜେ ଦଣ୍ଡ ପାଇବା ଉଚିତ ବୋଲି ବିଶ୍ୱାସ କରୁଥିଲେ। ବାପୁଙ୍କ ଏହି ନିଷ୍ପତ୍ତି ସମ୍ପର୍କରେ ତାଙ୍କ ସହକର୍ମୀମାନେ ଯେତେବେଳେ ଜାଣିବାକୁ ପାଇଲେ ସେମାନେ ଏହା ବିରୋଧରେ ଦୃଢ଼ ସ୍ୱର ଉତ୍ତୋଳନ କଲେ। ପରେ ବାପୁଙ୍କ ବରିଷ୍ଠ ସହଯୋଗୀ ଠାକର ବାପ୍ପା ଏଭଳି କଠୋର ନିଷ୍ପତ୍ତି ନ ନେବା ଲାଗି ତାଙ୍କୁ ବୁଝାଇଲେ। ବାପୁ ତା'ପରେ ଏଥିରୁ ନିବୃତ୍ତ ରହିଲେ ଏବଂ ଆଶ୍ରମକୁ ହରିଜନ ସେବକ ସଂଘକୁ ହସ୍ତାନ୍ତର କରିଥିଲେ। ସବୁଦିନ ପାଇଁ ହରିଜନଙ୍କ ବିକାଶ ଓ ହିତ ପାଇଁ ଆଶ୍ରମକୁ ବ୍ୟବହାର କରିବା ନିମନ୍ତେ ସେ ନିର୍ଦ୍ଦେଶ ଦେଇଥିଲେ। ସେ ତାଙ୍କ ୧୩ ବର୍ଷର ଆଶ୍ରମ ରହଣିକୁ ବିଦାୟ ଦେଇ ଆଶ୍ରମ ପରିଚାଳକ ମଗନଲାଲ ଗାନ୍ଧୀଙ୍କୁ ନିର୍ଦ୍ଦେଶ ଦେଇଥିଲେ ଯେ, ଯେଉଁମାନେ ଆଶ୍ରମ ସମ୍ପତ୍ତିର ଅଧିକାରୀ ଭାବେ ରହିଛନ୍ତି ସେମାନେ ସମସ୍ତେ ବାପୁ ଓ କସ୍ତୁରବାଙ୍କ ବିଚାରଧାରା ଅନୁଯାୟୀ ଆଶ୍ରମରେ ଯେତେ ଦିନ ପାରିବେ ରହିବେ ବୋଲି ନିଶ୍ଚିତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତା'ପରଠାରୁ ସେତେବେଳେ ଆଶ୍ରମରେ ରହୁଥିବା ପରିବାରଗୁଡ଼ିକର ବଂଶଜ ଏବେ ବି ଆଶ୍ରମରେ ରହୁଛନ୍ତି। ସେମାନଙ୍କ ମଧ୍ୟରୁ କେତେକ ୧୦୦ ବର୍ଷରୁ ଊର୍ଦ୍ଧ୍ୱ ହେବ ରହି ଆସିଲେଣି। ବର୍ତ୍ତମାନ ସେମାନେ ବେଦଖଲ ଓ ସମ୍ପୂର୍ଣ୍ଣ ବିସ୍ଥାପିତ ହେବା ଭଳି ସମ୍ଭାବ୍ୟ ପରିସ୍ଥିତିକୁ ସାମ୍ନା କରିଛନ୍ତି। ଏଣୁ ଗତ ଦୁଇବର୍ଷ ହେବ ଯେତେବେଳେ ମୁଁ ଆଶ୍ରମକୁ ଯାଏ ସେଠାକାର ଏହି ଲୋକମାନେ ସରକାରଙ୍କ ପ୍ରସ୍ତାବକୁ ନେଇ ଭୟଭୀତ ଥିବା ମୁଁ ଅନୁଭବ କରିଛି। ଆଶ୍ରମକୁ ତଥା ସେମାନଙ୍କ ଘରକୁ ସୁରକ୍ଷିତ ରଖିବା ଲାଗି ସେମାନେ ମୋତେ ବ୍ୟାକୁଳ ନିବେଦନ କରିଛନ୍ତି। ମୁଁ ସେଇଠି ବଢ଼ିଛି ଓ ଆଶ୍ରମରେ ରହୁଥିବା ପରିବାରଗୁଡ଼ିକ ସଦସ୍ୟମାନଙ୍କ ମଧ୍ୟରୁ ଅନେକଙ୍କୁ ଜାଣିଛି। ବିସ୍ଥାପିତ ହେବାର ଭାବନା ସେମାନଙ୍କୁ ଚିନ୍ତାରେ ପକାଇ ଦେଇଛି, ବାସ୍ତବିକ ସେମାନେ ନିରାଶ ଓ ଚିନ୍ତାଜନକ ସ୍ଥିତିରେ ରହିଛନ୍ତି।

ଆଶ୍ରମକୁ ଅଧିକାର କରି ପୁନଃ ନିର୍ମାଣ ଯୋଜନାରେ ସରକାର ବେଶ୍ ଆଗୁଆ ଥିବା ସମ୍ପର୍କିତ ବିଭିନ୍ନ ଖବର ଗଣମାଧ୍ୟମରେ ପ୍ରକାଶ ପାଇଛି। ଏଥିପାଇଁ ସ୍ଥପତିଙ୍କୁ ନିଯୁକ୍ତି ଦିଆଯାଇଛି। ଦେଖାଯାଉଛି, ଏସବୁ ଖବରରେ ତାଳମେଳ ନାହିଁ। ଜଣେ କହୁଛି, ୧୯୪୭ରେ ଭାରତ ସ୍ୱାଧୀନ ହେବାବେଳର ଆଶ୍ରମ ଫଟୋ ସରକାରଙ୍କ ପାଖରେ ରହିଛି ଓ ସରକାର ଆଶ୍ରମକୁ ସେହି ସ୍ଥିତିକୁ ଫେରାଇ ନେବାକୁ ଚାହୁଁଛନ୍ତି। ଏହି ପଦକ୍ଷେପର ପ୍ରଭାବ ମନ୍ଦ। ଜଣାଶୁଣା ସ୍ଥପତି ଚାର୍ଲ୍ସ କୋରେଆଙ୍କ ଡିଜାଇନରେ ପ୍ରତିଷ୍ଠିତ ତଥା ବହୁ ପୁରସ୍କାର ବିଜୟୀ ସଂଗ୍ରହାଳୟକୁ ହଟାଇ ଦିଆଯିବ। ଏହା ପଛର କାରଣ ହେଉଛି ଏହାକୁ ପୂର୍ବତନ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଙ୍କ ତତ୍ତ୍ୱାବଧାନରେ କରାଯିବା ସହ ତାଙ୍କ ଦ୍ୱାରା ଏହାର ଉଦ୍‌ଘାଟନ କରାଯାଇଥିଲା। ଅନ୍ୟ ଏକ ରିପୋର୍ଟ ଦାବି କରିଛି ଯେ, ଏହାକୁ ଏକ ବିଶ୍ୱସ୍ତରୀୟ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ କରାଯିବାର ଯୋଜନା କରାଯାଇଛି। ହରିଜନଙ୍କ ଉତ୍‌ଥାନ ଓ ହିତ ପାଇଁ ସାବରମତି ଆଶ୍ରମ କାର୍ଯ୍ୟ କରିବା ଜରୁରୀ ବୋଲି ବାପୁ ସ୍ପଷ୍ଟ କହିଛନ୍ତି । ତେବେ ଏହି ପ୍ରସ୍ତାବିତ ପୁନଃ ନିର୍ମାଣ କିପରି ବାପୁଙ୍କ ଲକ୍ଷ୍ୟ ହାସଲ କରିବ। ଆଶ୍ରମ ହତାରେ ରହୁଥିବା ହରିଜନ ପରିବାରଗୁଡ଼ିକ ପ୍ରସ୍ତାବିତ ପୁନଃ ନିର୍ମାଣ ଯୋଗୁ ଉଚ୍ଛେଦର ଶିକାର ହେବେ। ଏହାଦ୍ୱାରା ସେମାନେ କି ଲାଭ ପାଇବେ। ଇଂରେଜ ସରକାର ଜୋରଜବରଦସ୍ତ କୃଷକ ଓ ସତ୍ୟାଗ୍ରହୀମାନଙ୍କ ଘର ଜବତ କରିବା ଘଟଣା ବାପୁଙ୍କୁ ଗଭୀର ଦୁଃଖ ଦେଉଥିଲା। ଏବେ ଭାରତ ସରକାର କାହିଁକି ଇରେଜ ଶାସନ ଭଳି ସତ୍ତାବାଦୀ ଓ ଅତ୍ୟାଚାରୀ ଭାବେ କାମ କରୁଛନ୍ତି।

ଏହି ସବୁ କଥା ସହ ସରକାରଙ୍କ ଯୋଜନା ଓ ତା' ଉଦ୍ଦେଶ୍ୟ ସମ୍ପର୍କରେ ବହୁତ କିଛି ବେସରକାରୀ ସୂତ୍ରରୁ ଜଣାପଡିଛି। ହେଲେ ଏ ବାବଦରେ କିଛି ବି ସରକାରୀ ଭାବେ କୁହାଯାଇ ନାହିଁ। ଗୋଟିଏ କଥା ନିଶ୍ଚିତ, ଏହା ପ୍ରଧାନମନ୍ତ୍ରୀଙ୍କ ପ୍ରୋଜେକ୍ଟ। ପ୍ରଧାନମନ୍ତ୍ରୀଙ୍କ ଅନ୍ୟ ପ୍ରୋଜେକ୍ଟ ଭଳି ଏହା ଆମକୁ ବିନା ପ୍ରତିରୋଧରେ ମାନିନେବାକୁ ବାଧ କରାଯାଉଛି। ଆମ ସ୍ୱରକୁ ଦବାଇ ଦିଆଯାଉଛି। ଏବେ ଆଶ୍ରମ ବାସିନ୍ଦା ମୋତେ ବହୁତ କିଛି ତଥ୍ୟ ଦେଇଛନ୍ତି। କିନ୍ତୁ ସାବରମତି ଆଶ୍ରମର ସଂରକ୍ଷକ ଓ ତତ୍ତ୍ୱାବଧାରକ ଭାବେ କାର୍ଯ୍ୟ କରୁଥିବା ଟ୍ରଷ୍ଟଗୁଡ଼ିକର ଅନେକ ସଦସ୍ୟଙ୍କ ସହ ମୁଁ କଥା ହୋଇଥିଲି । ସେମାନେ ବାରମ୍ବାର କହିଥିଲେ ଯେ, ସେମାନଙ୍କ ପାଖରେ ଏ ବାବଦରେ କୌଣସି ଖବର ନାହିଁ। ଏପରିକି ଏବେ ସୁଦ୍ଧା ସରକାରଙ୍କ ତରଫରୁ କିଛି ସୂଚନା ଦିଆଯାଇନାହିଁ। ଆଶ୍ରମର ବାସିନ୍ଦା କହନ୍ତି, ସେମାନଙ୍କୁ କ୍ଷତିପୂରଣ ନେବାକୁ ଅନୁରୋଧ କରାଯାଇଛି । ଆଉ କେତେକେ କହନ୍ତି, କ୍ଷତିପୂରଣ ନେଇ ଚୁପଚାପ ବାହାରିଙ୍ଯିବାକୁ କିମ୍ବା ଉଚ୍ଛେଦକୁ ସାମ୍ନା କରିବାକୁ ପ୍ରସ୍ତୁତ ରହିବାକୁ ଧମକ ଦିଆଯାଇଛି। ତଥାପି ଟ୍ରଷ୍ଟିଗୁଡ଼ିକ ନିକଟରେ କୌଣସି ସରକାରୀ ଖବର ନାହିଁ। ତେବେ ସମ୍ପୂର୍ଣ୍ଣ ବିଷୟର ମନ୍ଦ ଉଦ୍ଦେଶ୍ୟ ବାରି ହୋଇପଡୁଛି। ନଚେତ କାହିଁକି ଗୋପନୀୟତାର ଆଭରଣ ଢାଙ୍କି ଦିଆଯାଇଛି। ସରକାରୀ ଗୋପନୀୟତାର ରହସ୍ୟ କ'ଣ। ସାବରମତି ଆଶ୍ରମରେ କ'ଣ ଘଟୁଛି ଏହା ତାହାର ଜ୍ୱଳନ୍ତ ସ୍ଥିତି।

ବାପୁ କହିଥିଲେ,ମୋ ଜୀବନ ହିଁ ମୋର ବାର୍ତ୍ତା। ଏହା ହିଁ ତାଙ୍କର ଲିଗାସୀ। ଏବକାର ସମୟରେ ସେହି ମହାମାନବଙ୍କ ସରଳତା, ସ୍ୱଷ୍ଟୋକ୍ତି, ମିତବ୍ୟୟିତାକୁ ହୃଦୟଙ୍ଗମ କରିବା ଭାରି କଷ୍ଟ। ତାଙ୍କ ଜୀବନ ଥିଲା ବାସ୍ତବରେ ସ୍ୱଚ୍ଛ। ଏଭଳି ଜଣେ ମଣିଷ ଥିଲେ ତାହା ଏବକାର ସମୟରେ ଭାବିବା କଷ୍ଟ। ସାବରମତି ଆଶ୍ରମ ଓ ୱାର୍ଦ୍ଧାର ସେବାଗ୍ରାମ ମଣିଷର ସରଳତା ଏବଂ ତା'ର ମିତବ୍ୟୟିତା ଓ ସ୍ୱଚ୍ଛତାର ସାଦୃଶ୍ୟ ପ୍ରତୀକ ଭାବେ ଦଣ୍ଡାୟମାନ। ସାବରମତି ଆଶ୍ରମକୁ ପରିଦର୍ଶନରେ ଯାଇଥିବାବେଳେ ମୁଁ ଶୁଣିଛି ହୃଦୟକୁଞ୍ଜରେ ପିଲାମାନେ ସେମାନଙ୍କ ଅଭିଭାବକମାନଙ୍କୁ ପଚାରନ୍ତି, ଏଭଳି କ'ଣ ଜଣେ ମହାମାନବ ଏପରି ଏକ ଛୋଟ ଓ ନିରାଡମ୍ବର କୁଟିରରେ ରହୁଥିଲେ ? ସେ କ'ଣ ଖୋଲା ଜାଗାରେ ବସି କାମ କରୁଥିଲେ ? ସାବରମତି ଆଶ୍ରମରେ ହୃଦୟକୁଞ୍ଜ ଏବଂ ସେବାଗ୍ରାମରେ ବାପୁ କୁଟିରକୁ ଦେଖିଲେ ଏବକାର ପିଢ଼ିଙ୍କର ଏହା ବିଶ୍ୱାସ ହେବ। ଯେତେବେଳେ ଏଗୁଡ଼ିକ ବିଲୁପ୍ତ ହୋଇଯିବ ବାପୁ ସେତେବେଳେ ଏକ କାହାଣୀ ପାଲଟି ଯିବେ।

ବାପୁଙ୍କ ଜୀବନର ବିଚାର ଓ ଲିଗାସିକୁ ପ୍ରତିଷ୍ଠାପିତ କରିଛି ସାବରମତି ଆଶ୍ରମ। ଏହା ବିରଳ। ଏହା ସରଳ ଏବଂ ମିତବ୍ୟୟିତାର ସ୍ୱଷ୍ଟ ପ୍ରତୀକ। ଯେଉଁମାନେ ବାପୁଙ୍କ ଜୀବନ ଓ ବିଚାରକୁ ହୃଦୟଙ୍ଗମ କରନ୍ତି ସେମାନେ ଜାଣନ୍ତି ତାହା ତାଙ୍କର ପ୍ରକୃତ ଲିଗାସି। ସାବରମତି ଆଶ୍ରମ ହିଁ ତାହା ଦର୍ଶାଏ। ଯେଉଁମାନେ କେବେ ବି ବାପୁଙ୍କୁ ବୁଝିବାକୁ ଚେଷ୍ଟା କରି ନାହାନ୍ତି ଓ ଆଶ୍ରମକୁ ଶ୍ରେଷ୍ଠ ପର୍ଯ୍ୟଟନ ସ୍ଥଳୀ କରିବାକୁ ଚାହୁଁଛନ୍ତି ସେମାନଙ୍କୁ ଗାନ୍ଧୀ ବିଚାରକୁ ଅନୁକରଣ କରିବାକୁ ଛାଡିଦିଆଯାଉ। ଆଶ୍ରମକୁ ସୁରକ୍ଷିତ ରଖିବା କି ଅଧିକ ଆକର୍ଷଣୀୟ କରିବା ସେମାନଙ୍କ ଉଦ୍ଦେଶ୍ୟ ନୁହେଁ। ଆଶ୍ରମକୁ ଏବଂ ଗାନ୍ଧିଜୀ ଲିଗାସୀକୁ ବିଲୋପ କରିଦେବା ସେମାନଙ୍କ ଲକ୍ଷ୍ୟ। ବାପୁ ଓ କସ୍ତୁରବାଙ୍କ ରହଣିସ୍ଥଳ ତଥା ସ୍ୱାଧୀନତା ସଂଗ୍ରାମର ପ୍ରତୀକ ସବାରମତି ଆଶ୍ରମକୁ ପର୍ଯ୍ୟଟନ ପ୍ଲାଜା ଓ ମନୋବିନୋଦନ ପାର୍କ କରିବା ତାଙ୍କର ପ୍ରକୃତ ଉଦ୍ଦେଶ୍ୟ। ତେବେ ପ୍ରଶ୍ନ ଏବେ ସାବରମତିର ସୁରକ୍ଷା ଉପରେ ନୁହେଁ, ବରଂ ଏହା ବାପୁ ଲିଗାସୀର ସୁରକ୍ଷା ଉପରେ ପର୍ଯ୍ୟବସିତ।

**ଶାନ୍ତି କର୍ମୀ ତଥା ମହାତ୍ମା ଗାନ୍ଧୀ ଫାଉଣ୍ଡେଶନ୍‌ର ମୁଖ୍ୟ**

## ୨୫ ବର୍ଷ ତଳର ଧରିତ୍ରୀ

୩ ଅଗଷ୍ଟ ୧୯୯୬

- ଫିଜିଠାରେ ଦକ୍ଷିଣ ପ୍ରଶାନ୍ତ ଆଣବିକ ମୁକ୍ତ ଅଞ୍ଚଳ ଚୁକ୍ତିରେ ଟୋଙ୍ଗାର ଯୁବରାଜ ଟୁପୋଟା ସ୍ୱାକ୍ଷର କରିଛନ୍ତି।
- ୟୁକ୍ରେନଠାରୁ ୩୨୦ଟି ନୂଆ ଯୁଦ୍ଧ କମାଣ କିଣିବା ନେଇ ପାକିସ୍ତାନ ଓ ୟୁକ୍ରେନ ମଧ୍ୟରେ ରାଜିନାମା ସ୍ୱାକ୍ଷରିତ।
- ହିମାଚଳ ପ୍ରଦେଶ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ଜଷ୍ଟିସ ଶୈଳେନ୍ଦ୍ର ନାଥ ଫୁକନ ଓଡ଼ିଶା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ଶପଥ ଗ୍ରହଣ କରିଛନ୍ତି।

## su|do|ku ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 7 | | | | | | | | |
| | | | 3 | 5 | 4 | | | 2 |
| | | | | 8 | 6 | | | |
| | | 8 | | | | | 6 | 1 |
| | | | | | 3 | 7 | | 9 |
| | 4 | | | | 2 | 8 | 3 | |
| 9 | | 4 | | | | | | |
| | | 5 | | | 7 | 1 | | 6 |
| | | 1 | | | | | | 7 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 1 | 8 | 2 | 5 | 4 | 6 | 3 | 7 |
| 7 | 2 | 5 | 6 | 1 | 3 | 8 | 4 | 9 |
| 6 | 3 | 4 | 9 | 7 | 8 | 1 | 5 | 2 |
| 3 | 5 | 9 | 7 | 6 | 2 | 4 | 8 | 1 |
| 2 | 4 | 7 | 3 | 8 | 1 | 5 | 9 | 6 |
| 1 | 8 | 6 | 4 | 9 | 5 | 7 | 2 | 3 |
| 4 | 6 | 1 | 5 | 2 | 9 | 3 | 7 | 8 |
| 8 | 9 | 3 | 1 | 4 | 7 | 2 | 6 | 5 |
| 5 | 7 | 2 | 8 | 3 | 6 | 9 | 1 | 4 |

ଗତକାଲିର ଉତ୍ତର

# ଆୟୁଷ ସରିଆସୁଥିବା ବିଶ୍ୱର ଅତିଥି



ସାରଦା ପ୍ରସାଦ କର

ଭାଗବତର କଥା- ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହେଲେ ବି ମରଇ। ନଶ୍ୱର ମାନବ, ଏହାକୁ ଘେରି ରହିଥିବା ଜୈବ ବଳୟ। ମନୁଙ୍କଠାରୁ ଉତ୍ପନ୍ନ ମଣିଷର ପୁଣି ମନ୍ୱନ୍ତରରେ ବିନାଶ ଅଛି। ଖଣ୍ଡ ପ୍ରଳୟ, ପ୍ରଳୟ କି ମହାପ୍ରଳୟର କଥା ପୁରାଣ ଦର୍ଶନର ଗବାକ୍ଷ ଡେଇଁ ଆମକୁ ଯେଉଁ ସନ୍ଦେଶ ଦିଏ ତାହା ଭୟ, ବିପଦ ଓ ଏକ ନକାରାତ୍ମକ ଚିତ୍ରର କଥା। ଈଶ୍ୱର ଯିଏ ଏକ ଅଦୃଶ, ଅପରାଜେୟ ଓ ଅପରାହତ ଶକ୍ତି ତାହା କେବଳ ଅବିନଶ୍ୱର ଆଉ ସମସ୍ତେ ମରଣଶୀଳ। ତରୁ-ଲତା, ଗୁଳ୍ମ, ପାହାଡ଼, ସମୁଦ୍ର, ଜୀବଜନ୍ତୁ, ଜୈବ ମଣ୍ଡଳ ଆଦି ସମସ୍ତେ ଧ୍ୱଂସଶୀଳ ଆଉ ପ୍ରଳୟ କାଳରେ ସତ୍ତାହୀନ ହେବାର ନିଶ୍ଚିତ ବୋଲି କାଳଦ୍ରଷ୍ଟା ଶତାୟୁ ସନ୍ଥମାନେ ପ୍ରାଚୀନ କାଳରୁ ଦାବି ଉଲ୍ଲେଖ୍ୟ କରିଯାଇଛନ୍ତି। ତା'ର ଝଲକ ସହସ୍ରାବ୍ଦର କାଳାନଳ ଜୟ କରିଥିବା ମଣିଷ ପାଇସାରିଲାଣି।

ସୌରଶିଖା ଉଦ୍ଦୀପ୍ତମାନ ହେବାରେ ବିଜ୍ଞାନୀ ମଣିଷ ସୂର୍ଯ୍ୟଙ୍କ ଆୟୁଷର ଯେତେବେଳେ ଅବଗଣନା ଆରମ୍ଭ କରିଦେଇଛି ସେତେବେଳେ ଧରିନେବାକୁ ହେବ ଯେ, ଆୟୁଷ ସରିଆସୁଥିବା ବିଶ୍ୱର ଆମେ ବା ଆମର ପରବର୍ତ୍ତୀ କେଇଟା ପିଢ଼ି ଏ ବିଶ୍ୱର ଅଢ଼େଇ ଦିନିଆ ଅତିଥି। ସୌରାଲୋକ ଧରଣୀକୁ ତେଲ କଡ଼େଇରେ ଭାଜିଲାବେଳେ ଅଧିକ କ୍ଷମତାସମ୍ପନ୍ନ ଶୀତତାପ ନିୟନ୍ତ୍ରିତ ଯନ୍ତ୍ରର ଆବଶ୍ୟକତା ଅନୁଭବ ହେଉଛି। ଆଉ ଯେତେବେଳେ ସୂର୍ଯ୍ୟ ନିର୍ବାପିତ ହେବା ଆରମ୍ଭ ହେବେ, ହୁଏତ ବିଜ୍ଞାନୀ ମଣିଷର ଅକଲ ଗୁଡୁମ୍ ହୋଇଯିବ ! ତାପମାତ୍ରା ଅଧିକ ବା କମ୍ ସହିବା ପାଇଁ ମଣିଷ ଶରୀରର ଗୋଟିଏ ସୀମାରେଖା ଅଛି। ବୁଦ୍ଧିଆ ମଣିଷ, ୬-୯ କରି ୫୦ବର୍ଷ ଆଗକୁ ବିଶ୍ୱର ଆୟୁଷ ଖେଳିପାରେ ହେଲେ ଜୈବମଣ୍ଡଳର ଧ୍ୱଂସ ସହ ବୃକ୍ଷଲତା, ଜୀବଜନ୍ତୁଙ୍କ ଅନୁପସ୍ଥାନରେ ମଣିଷ ପ୍ରକୃତିର କ୍ରୀଡ଼ାନକ ହୋଇ ହାଃ ହାଃ କାର ଭିତରକୁ ଚାଲିଯିବ।

ବିଜ୍ଞାନ ସିଦ୍ଧାନ୍ତରେ ୪୬୦ କୋଟି ବର୍ଷ ତଳେ ପୃଥିବୀର ସୃଷ୍ଟି। ବିଜ୍ଞାନୀ ମଣିଷ ଏଭଳି ଏକ ଜୀବସତ୍ତା ସମ୍ପନ୍ନ ନୀଳ ଗ୍ରହର ସନ୍ଧାନ ପାଇନି ଏଯାବତ୍। ଯାହା ଥିବାର କହୁଛି ତାହା କେବଳ ଅନୁମାନରେ ସୀମିତ। ତେବେ ପ୍ରକୃତିର ଉପହାର ସ୍ୱରୂପ ମଣିଷକୁ ଦିଆଯାଇଛି ୬ ଗୋଟି ଋତୁ। ବର୍ଷା ଅନିୟମିତ, ଶୀତ ପ୍ରାୟ ଅତିଥିର ଭୂମିକାରେ। କାଉ, ଭଦଭଦଳିଆ, ଚିଲ, ଶାଗୁଣା ଆଦି ଜୀବମାନେ ମଧ୍ୟ ଅତିଥି ଭୂମିକାରେ। ସରକାରଙ୍କର ବିସ୍ତୃତ ତାଲିକା ଭିତରେ ଆମ ସମାଜର ଦୈନିକ ଦେଖିଥିବା ଜୀବଜନ୍ତୁ ସବୁ ଉଭାନ ହେବାରେ ଲାଗିଛନ୍ତି। ବିଜ୍ଞାନ କହେ ଜଳବାୟୁ ଏହାର ବିଶିଷ୍ଟ କାରଣ।

ମଣିଷର କର୍ମଫଳର ଚରମ ନିଦର୍ଶନରେ ଧରିତ୍ରୀ ଅନନିଃଶ୍ୱାସୀ। ପାପ ଫଳର କଥା ବିଜ୍ଞାନୀଗଣ ସିଧାସଳଖ କହିବାକୁ ପ୍ରସ୍ତୁତ ନ ଥିବାବେଳେ ତାପଜନିତ ଫଳ କଥା ଗ୍ରହଣ କରିସାରିଲେଣି। ଅଙ୍ଗାରକାମ୍ଳର ଅତ୍ୟଧିକ ନିଃସହରଣ ଫଳରେ ଆମ ପରିବେଶର ସବା ଉପରସ୍ତରରେ ଥିବା ଓଜୋନ ଗ୍ୟାସ ସ୍ତରରେ ଫାଟ ସୃଷ୍ଟି ହୋଇ ସୂର୍ଯ୍ୟଙ୍କଠାରୁ ସିଧା ସଳଖ ଅତି ବାଇଗଣୀ ରଶ୍ମି ପୃଥିବୀରେ ମାଡ଼ ହେବ। ମଣିଷର ହେତୁ ବାହାରେ କର୍କଟ ଭଳି ମାରାତ୍ମକ ବ୍ୟାଧି ସଂଗ୍ରହ ହେବ। ବାୟୁ ମଣ୍ଡଳକୁ ଅଧିକ ଉତ୍ତେଜିତ କଲେ ପରିବେଶ ଅସ୍ୱାଭାବିକ ହେବା ସହ ଆଣ୍ଟାର୍କଟିକାର ହିମ ଖଣ୍ଡ ତରଳି ପୃଥିବୀ ଜଳାର୍ଣ୍ଣବ ହେବ, ବିଶ୍ୱର ଆୟୁଷ ସରିଯିବ। ଆମେ ହେବା ସେହି ଆୟୁଷ ସରିଆସୁଥିବା ବିଶ୍ୱର ଅତିଥି।

ପୃଥିବୀର ପ୍ରଥମ ୫୦ କିଲୋମିଟର ମଧ୍ୟରେ ଆମ ବ୍ୟବହୃତ ମାତ୍ର ୨୦ ପ୍ରତିଶତ ଅମ୍ଳଜାନ ଅଛି। କିନ୍ତୁ ଆମେ ଯଦି ପରିବେଶକୁ ଅଧିକ ଗରମ ରଖିବା ତେବେ ଅମ୍ଳଜାନ ଆହୁରି ହାଲୁକା ହୋଇ ଉର୍ଦ୍ଧ୍ୱମୁଖୀ ହେବ। ଆମେ ଗଛ କାଟୁଛେ, ଗାଡ଼ି ମୋଟର, କାରଖାନାଜନିତ ପ୍ରଦୂଷଣ ବଢ଼ଉଛେ, ଆଣବିକ ବିକିରଣ କି ରକେଟ୍ ପରୀକ୍ଷା ବନ୍ଦ କରିପାରିବାନି ବୋଲି କହୁଛେ। ତେବେ ଗଛ କାଟିବା, ସହରକୁ କଂକ୍ରିଟ କରି ମାଟିର ବିକିରଣଜନିତ ଶୋଷଣ କ୍ଷମତାକୁ ନ୍ୟୂନ କରିବା ଅର୍ଥ ବିଶ୍ୱର ଆୟୁ ହାନି କରିବା। ଭୂ-ବିଜ୍ଞାନ ପ୍ରକୃତି ଗବେଷକ ଜର୍ଜିଆ ଟେକ୍ ଏବଂ ଟୋହୋ ବିଶ୍ୱବିଦ୍ୟାଳୟ ପୃଥିବୀର ଆୟୁଷ ସର୍ବାଧିକ ଗୋଟେ ବିଲିୟନ ବର୍ଷ କଳନା କରିଛନ୍ତି। ଅନ୍ୟ ଗ୍ରହାଣୁର ଧକ୍କା, ଭୂକମ୍ପ କିମ୍ବା ମାଧ୍ୟାକର୍ଷଣ ବଳ ହ୍ରାସରୁ କକ୍ଷଚ୍ୟୁତ ହେବାଭଳି ଧ୍ୱଂସ ଲୀଳା ଆଉ କଳ୍ପନା ବାହାରେ ନାହିଁ। ଅସଲ କଥା ହେଲା ବୃକ୍ଷ ଲତା ନଷ୍ଟ ଯୋଗୁ ଅମ୍ଳଜାନର ସଙ୍କଟ ଓ ତତ୍‌ଜନିତ ଜୀବସତ୍ତା ଧ୍ୱଂସର ସହସା ନିରାକରଣ କାହା ପାଖରେ ନାହିଁ।

ତର୍କଶାସ୍ତ୍ରରେ କୁହାଯାଇଛି ସତ୍ୟଯୁଗ ୧୭ ଲକ୍ଷ ୨୮ ହଜାର ସୌର ବର୍ଷ ବା ୪୮ଶହ ଦେବ ବର୍ଷ । ସେହିଭଳି ତ୍ରେତୟା ୧୨ଲକ୍ଷ ୯୬ ହଜାର ବର୍ଷ ବା ୩୬ଶହ ବର୍ଷ, ଦ୍ୱାପର ୮ଲକ୍ଷ ୬୪ ହଜାର ବର୍ଷ ବା ୨୪ ଶହ ବର୍ଷ ଆଉ କଳିଯୁଗ ୪ଲକ୍ଷ ୩୨ ହଜାର ବର୍ଷ ବା ୧୨ଶହ ବର୍ଷ। ଆଉ କେତେକେ ଆକଳନ କଲେଣି ୨୦୨୫ରେ ଗ୍ରହାଣୁ ଧକ୍କାରେ ସଭ୍ୟତା ନଷ୍ଟ ହେବ। ତେବେ କଳିଯୁଗର ଅନ୍ତୁଡ଼ି କି ଅନ୍ତ୍ୟେଷ୍ଟି ଛୁଇଁବା ତାରିଖ ତର୍କଶାସ୍ତ୍ରୀ ଘୋଷଣା କରିପାରିନାହାନ୍ତି। ଅଷ୍ଟମ ଶତାବ୍ଦୀରେ କେରଳ ଜନ୍ମିତ ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ ଚାରିଧାମର ପ୍ରତିଷ୍ଠା ଅବସରରେ ଅଦ୍ୱୈତବାଦର ପ୍ରଚାର କରିଛନ୍ତି। ସ୍ରଷ୍ଟା (ଭଗବାନ) ଓ ସୃଷ୍ଟି (ଯାହା ତାଙ୍କର ଆତ୍ମା) ଦୁହିଁଙ୍କୁ ଅଲଗା ଦେଖାଯାଇ ନ ପାରେ। ଆଇନ ଷ୍ଟାଇନ୍ କହିଥିଲେ, ମୁଁ ଭଗବାନଙ୍କୁ ଜାଣେନାହିଁ, କିନ୍ତୁ ସୃଷ୍ଟିର ଗଭୀର ଅଧ୍ୟୟନ କରିବା ପରେ ମୋର ବିଶ୍ୱାସ ଯେ ଏଭଳି ଅକଳ୍ପନୀୟ ସୃଷ୍ଟି କୌଣସି ସାଧାରଣ ମଣିଷର କାମ ନୁହେଁ। ଏଥିରୁ ସିଦ୍ଧାନ୍ତ ହୁଏ ଯେ କୌଣସି ଗୋଟେ କର୍ମ ଶକ୍ତି (ସୁପର ଫୋର୍ସ) ଏ ବ୍ରହ୍ମାଣ୍ଡ ସୃଷ୍ଟିର କାରଣ। ଆତ୍ମା-ପରମାତ୍ମାଙ୍କୁ ଭିନ୍ନଚିନ୍ତା କରିହେବ ନାହିଁ। ଅର୍ଜୁନଙ୍କୁ କୃଷ୍ଣ କହୁଛନ୍ତି ଶ୍ରୀମଦ୍‌ଭଗବଦ୍ ଗୀତାରେ - 'ମୟାଧ୍ୟକ୍ଷେଣ ପ୍ରକୃତି ସୂୟତେ ସଚରାଚରମ୍।' ଅର୍ଥାତ୍ ମୋର ଅଧ୍ୟକ୍ଷତାରେ ପ୍ରକୃତି, ଚରାଚର ସମଗ୍ର ଜଗତକୁ ସର୍ଜନା କରେ।

ମହାଅନ୍ଧକାରରେ ଘୂରିବୁଲୁଥିବା ବିରାଟ ବିରାଟ ଗ୍ରହାଣୁ କେତେ ପୃଥିବୀରେ ଧକ୍କା ଖାଇଲେ ଜୀବସତ୍ତାର ଅନ୍ତଃ ସୁନିଶ୍ଚିତ। ତେବେ ଏସବୁ ନିଶ୍ଚିହ୍ନ ହେବା ପଛରେ ଆଉ ଅଦୃଶ୍ୟ ନିୟନ୍ତାଙ୍କ ଖେଳ ଭିତରେ ଆମେ ନିଆଁରେ ଘିଅ ଢାଳି ବିଶ୍ୱର ଆୟୁଷ କ୍ଷୁଣ୍ଣ ପାଇଁ ନିଜକୁ ଦାୟୀ କରିବା ଠିକ୍ ହେବ ନାହିଁ। ପରିବେଶ ସୁରକ୍ଷା ଆମ ହାତରେ, ସମୁଦ୍ରରେ କୁଢ଼ କୁଢ଼ ପ୍ଲାଷ୍ଟିକ୍, ବିଷାକ୍ତ ତୈଳର ମିଶ୍ରଣ, ପୃଥିବୀ ଚଟାଣରେ ସବୁଜିମା ନଷ୍ଟ କରିବା ବଦ ଅଭ୍ୟାସରୁ ବିରତ ରହିଲେ ଯଥା ସମ୍ଭବ ଆମ ପାଇଁ ଭଲ।

**୧୨୬୧, ଜମେଶ୍ୱର ପାଟଣା, ପୁରୁଣା ଭୁବନେଶ୍ୱର**
**ମୋ-୮୨୪୯୮୨୭୧୪୮**

## ଏଇ ଭାରତରେ

ଜଣେ ଆଇଏଏସ୍ ଅଧିକାରୀ ଗ୍ରାମାଞ୍ଚଳର ୯୦୦ରୁ ଊର୍ଦ୍ଧ୍ୱ ସରକାରୀ ସ୍କୁଲକୁ ବିଦ୍ୟୁତ୍ ଯୋଗାଇ ଦେବାର ବ୍ୟବସ୍ଥା କରି ଉଦାହରଣ ସୃଷ୍ଟି କରିଛନ୍ତି। ଏହି ଆଇଏଏସ୍ ଅଧିକାରୀ ହେଉଛନ୍ତି ଡ. ଜିତେନ୍ଦ୍ର କୁମାର ସୋନି। ରାଜସ୍ଥାନର ନାଗପୁରର ଜିଲାପାଳ ଭାବେ ଦାୟିତ୍ୱ ନିର୍ବାହ କରୁଛନ୍ତି। ସେ ଜୁଲାଇ ୨୦୨୦ରେ ଦାୟିତ୍ୱ ନେବା ପରେ ଗୋଟିଏ ବର୍ଷରେ ଏହି ସଫଳତା ହାସଲ କରିପାରିଛନ୍ତି। ସେ ଏଥିପାଇଁ 'ଉଜାସ୍' ଅଭିଯାନ ଆରମ୍ଭ କରିଛନ୍ତି। ଏହି ଅଭିଯାନରେ ଦୁର୍ଗମ ଅଞ୍ଚଳରେ ବହୁ ସ୍କୁଲରେ ବ୍ୟକ୍ତିଙ୍କ ଅନୁଦାନରେ ମଧ୍ୟ ବିଦ୍ୟୁତ୍ ସଂଯୋଗ କରାଯାଇଛି। ଉକ୍ତ କାର୍ଯ୍ୟରେ ଜିଲାର ବିଡିଓ,ସରପଞ୍ଚ, ସ୍କୁଲ ଶିକ୍ଷକମାନେ ପ୍ରତ୍ୟକ୍ଷ ଭାବେ ଜଡିତ ରହି କାର୍ଯ୍ୟ କରୁଛନ୍ତି। ଜିଲାପାଳଙ୍କ ଏହି ପ୍ରୟାସ ଯୋଗୁ ଜିଲାର ସମସ୍ତ ସ୍କୁଲରେ ବିଦ୍ୟୁତୀକରଣ ଶେଷ ହୋଇପାରିଛି। ସରକାରୀ ସ୍କୁଲରେ ପଢ଼ିଥିବାରୁ ସେଠାକାର ଅଭାବ ଅସୁବିଧାକୁ ଦୃୟଙ୍ଗମ କରିଛି। ଏହାକୁ ସୁଧାରିବା ଲାଗି ଏଭଳି ଅଭିଯାନ ଚାଲିଛି ବୋଲି କହନ୍ତି ଜିଲାପାଳ।

## ଚିରନ୍ତନୀ

ଦେଖିଲି ବୃଦ୍ଧା ଏକାକିନୀ ତରୁ ତଳେ
ଛିନ୍ନ ବସନ ନ ପାରେ ବେଢ଼ାଇ ଗଳେ,
ନିଭିଛି ଆଲୋକ ପଳିତ ନୟନ ପତା,
ନ ଚଳେ ଚରଣ ସକଳ ଅଙ୍ଗେ ବ୍ୟଥା।

ପାଶେ ଆସି ତା'ର ପୁଛିଲିଇଁ ପରିଚୟ,
ନିରେଖି ସେ ମୁଖ ଉପୁଜିଲା ଘୋର ଭୟ-
ଦଶନବିହୀନ ଅଧରେ ଉଠିଲା ହସି
କପୋଳୁଁ ରକତ ଶୁଖିଛି, ରହିଛି ମସୀ !

-(ଜୀବନର ସ୍ପର୍ଶ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସରକାରଙ୍କ ଧନରେ ରାଜା ହେବା ପାଇଁ ମନ

ମହାଶୟ,

ସମଗ୍ର ରାଜ୍ୟରେ ଗ୍ରାମାଞ୍ଚଳ ପଥପାର୍ଶ୍ୱ ବନୀକରଣରେ ବ୍ୟାପକ ରାଜସ୍ୱ ହରିଲୁଟ୍ ହୋଇଥିବା ଆପେ ଆପେ ପ୍ରକାଶ ହେଉଛି। ଗ୍ରାମାଞ୍ଚଳ ପଥପାର୍ଶ୍ୱ ଚାରା ରୋପଣ ପାଇଁ ସରକାର ଯଥେଷ୍ଟ ଅର୍ଥ ଅନୁଦାନ ମଞ୍ଜୁର କରିଥିଲେ। ପ୍ରଶାସନର ପ୍ରତି ବ୍ଲକ ସ୍ତରରେ ଚାରା ରୋପଣ ପାଇଁ ପ୍ରଶାସନ ସମ୍ପୂର୍ଣ୍ଣ ସହଯୋଗ କରିଥିଲା। ବିଡମ୍ବନାର ବିଷୟ ଏକାଧିକ ପଥପାର୍ଶ୍ୱରେ ଗୋଟାଏ ବି ଚାରା ଗଛ ଦେଖିବାକୁ ମିଳୁନାହିଁ। କାହିଁ କୁଆଡେ ଗଲା ସେସବୁ ପଥପାର୍ଶ୍ୱ ଚାରାଗଛ । ଆଶ୍ଚର୍ଯ୍ୟ ବିଷୟ ଏକାଧିକ ସ୍ଥାନରେ ପଥ ପାର୍ଶ୍ୱରେ କେବଳ ତିନିଖଣ୍ଡ ବାଉଁଶ ବତା ପୋତାଯାଇ ଆଲୁ ଅଖା ପଟିରେ ବସ୍ତ୍ର ପିନ୍ଧାଇ ଦିଆଯାଇଛି। ପ୍ରତ୍ୟକ୍ଷଦର୍ଶୀ ଭୁଆଁ ବୁଲାଇବା ପାଇଁ ଏକ ସୁଚିନ୍ତିତ ସଠତାର ଏହା ନଗ୍ନ ଦୃଶ୍ୟ । ଏଥିରେ ପ୍ରଶାସନରେ କେଉଁ ଅଫିସର ପାସ୍ କରାଇ ଲକ୍ଷ ଲକ୍ଷ ଟଙ୍କା ବିଲ୍ କରାଇଦେଲେ । ତେଣୁ ରାଜ୍ୟ ସରକାର ଉକ୍ତ ପଥପାର୍ଶ୍ୱ ବନୀକରଣର ଭିଜିଲାନ୍ସ ତଦନ୍ତ କରାଇବା ଆବଶ୍ୟକ । ନଚେତ୍ ଏମାନେ ସାରା ରାଜ୍ୟକୁ ଚଲୁ କରିଦେବେ ।

-ଆଦିକନ୍ଦ ସାହୁ, ଇଚ୍ଛାପୁର, କେନ୍ଦ୍ରାପଡ଼ା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ୨୫ଲକ୍ଷର ବ୍ରାଉନସୁଗାର ଜବତ

ଜଳେଶ୍ୱର, ୨।୮(ଡି.ଏନ.ଏ.): ବାଲେଶ୍ୱର ଜିଲାର ଜଳେଶ୍ୱର ଅଞ୍ଚଳ ବ୍ରାଉନ୍‌ସୁଗାର କାରବାରର ପେଣ୍ଠସ୍ଥଳୀ ପାଲଟିଛି। କିଛି ଦିନ ବ୍ୟବଧାନରେ ପୋଲିସ ଓ ଏସଟିଏଫ୍ ଚଢ଼ାଉ କରି କୋଟି କୋଟି ଟଙ୍କାର ବ୍ରାଉନସୁଗାର ଜବତ କରୁଥିଲେ ମଧ୍ୟ ନିଶା ବେପାରୀମାନେ ଏଥିପ୍ରତି ଭ୍ରୂକ୍ଷେପ ନ କରି ଅନାୟାସରେ କାରବାର ଚଳାଇ ଆସୁଛନ୍ତି। ସୋମବାର ଭୋର ସମୟରେ ପୋଲିସ ପୌରପାଳିକା ଅଧୀନ ରାଜପୁର ଗାଁର ସେକ୍ ଆସିକ୍‌ଙ୍କ ଘରେ ଚଢ଼ାଉ କରିଥିଲା। ତାଙ୍କ ପୁଅ ସେକ୍ ସାଦିର (୨୪) ୨୫୦ ଗ୍ରାମର ବ୍ରାଉନ୍‌ସୁଗାର ଧରି ଘରୁ ବାହାରୁଥିବା ବେଳେ ପୋଲିସ କାବୁ କରିନେଇଥିଲା। ଜବତ ବ୍ରାଉନ୍‌ସୁଗାର ମୂଲ୍ୟ ୨୫ଲକ୍ଷ ଟଙ୍କା ହେବ। ଏହି କାରବାରରେ ସମ୍ପୃକ୍ତ ସେକ୍ ସାଦିରଙ୍କ ଶାଶୁ ଖାଦି ବିବି ଘଟଣାସ୍ଥଳରୁ ଫେରାର ହୋଇଯିବାରେ ସକ୍ଷମ ହୋଇଥିଲେ। ଏସ୍‌ଡିପିଓ ଅଙ୍କିତା କୁମ୍ଭାର, ଜଳେଶ୍ୱର ଆଇଆଇସି ପର୍ଶୁରାମ ସାହୁ ଓ ଏସ୍‌ଆଇ ନଗରଦୀପ ସେଠୀ ପ୍ରମୁଖଙ୍କ ନେତୃତ୍ୱରେ ଚଢ଼ାଉ ହୋଇଥିଲା।

### ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ବ୍ୟାପକ ଦୁର୍ନୀତି ଅଭିଯୋଗ

୧୫ ଦିନରେ କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନ କରିବ ଭାଜପା

**ଭୁବନେଶ୍ୱର, ୨।୮ (ବ୍ୟୁରୋ):** ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲମ୍ବା ସମୟ ଧରି ଦେଶରେ ପ୍ରଣୟନ ହୋଇଛି। ରୋଜଗାର ନ ଥିବା ଲୋକଙ୍କୁ ପ୍ରତିବର୍ଷ ଏହି ଯୋଜନାରେ ଅନ୍ତର୍ଭୁକ୍ତକରି ସେମାନଙ୍କୁ ବିଭିନ୍ନ କାମ ଯୋଗାଇ ଆର୍ଥିକ ସ୍ୱାବଲମ୍ବୀ କରାଇବା ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା। କିନ୍ତୁ ଏହି ଯୋଜନାରେ ସରକାରୀ ଅଫିସର ଓ ବିଧାୟକଙ୍କ ପ୍ରୋତ୍ସାହନରେ ଶାସକ ଦଳର ମାଫିଆମାନେ ଗରିବଙ୍କ ଅର୍ଥକୁ ହରିଲୁଟ୍ କରୁଛନ୍ତି ବୋଲି ଭାଜପା ରାଜ୍ୟ ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ ଅଭିଯୋଗ କରିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ପୃଥ୍ୱୀରାଜ କହିଛନ୍ତି, ଗତ ୭ ବର୍ଷରେ ମୋଦି ସରକାର ମହାତ୍ମାଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ଓଡ଼ିଶାକୁ ୧୬ ହଜାର କୋଟି ଟଙ୍କାର ଅନୁଦାନ ପ୍ରଦାନ କରିଛନ୍ତି। ମହାମାରୀ ପରିସ୍ଥିତିରେ ସମଗ୍ର ଦେଶରେ ୧ ଲକ୍ଷ କୋଟି ଟଙ୍କାର ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ହେବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଥିଲେ। ୨୦୨୦-୨୧ ଆର୍ଥିକ ବର୍ଷରେ ୪୪୩୬ କୋଟି ଟଙ୍କା ଅନୁଦାନ ଓଡ଼ିଶାକୁ ମିଳିଥିଲା। ଓଡ଼ିଶାରେ ଶହେରୁ ଶହେ ପ୍ରତିଶତ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାମ ସିଧାସଳଖ ଜେସିବି ଏବଂ ବିଭିନ୍ନ ମେସିନ ଲଗାଇ କରାଯାଇଛି। ୪୦ ପ୍ରତିଶତରୁ ଅଧିକ କାମ ମିଥ୍ୟା ବିଲ୍ ଆକାରରେ ବିଭିନ୍ନ ବ୍ଲକରୁ ଟଙ୍କା ଉଠାଯାଇଛି। ଯଦି ବାସ୍ତବିକ ତଦନ୍ତ କରାଯାଏ ୩୧୪ ବ୍ଲକର ୩୧୪ ବିଡିଓ ଏବଂ ୬ ହଜାର ଜିଆର୍‌ଏସ୍‌ଙ୍କ ସହ ୩ ରୁ ୪ ହଜାର କନିଷ୍ଠ ଯନ୍ତ୍ରୀ ସସ୍ପେଣ୍ଡ ହେବେ ବୋଲି ସେ କହିଛନ୍ତି। ୧୫ ଦିନ ମଧ୍ୟରେ ରାଜ୍ୟ ସରକାର କେନ୍ଦ୍ରୀୟ ଅର୍ଥକୁ ଆତ୍ମସାତ୍ କରିଥିବା ଅପରାଧୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଆଗାମୀ ଦିନରେ ୩୧୪ ବ୍ଲକ ଓ ୬ ହଜାର ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଦୁର୍ନୀତି ବିରୋଧରେ ବ୍ୟାପକ ଜନ ଆନ୍ଦୋଳନ କରାଯିବ ବୋଲି ପୃଥ୍ୱୀରାଜ ଚେତାବନୀ ଦେଇଛନ୍ତି।

# ଅଭିନୟରେ ଅଧିକ ଆତ୍ମସନ୍ତୋଷ ମିଳେ

ଧରିତ୍ରୀ ଆଳାପ

**ଚିନ୍ତାମଣି ବିଶ୍ୱାଳ ଏକାଧାରରେ ଜଣେ ଅଭିନେତା, ଚିତ୍ରଶିଳ୍ପୀ, କବିତା, ଗଳ୍ପ ଲେଖକ ଭାବେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛନ୍ତି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅନ୍ତର୍ଗତ ପଞ୍ଚଟିକିରି ଗ୍ରାମରେ ଏକ ନିମ୍ନମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରିଥିବା ଚିନ୍ତାମଣି ବହୁ ଅଭାବ ଅନଟନ ମଧ୍ୟରେ ଗତି କରି ମଧ୍ୟ ନିଜର ପ୍ରତିଭା ଓ ଦକ୍ଷତା ବଳରେ ଆଜି ସଫଳତାର ଶୀର୍ଷରେ ପହଞ୍ଚିଛନ୍ତି। ତାଙ୍କର ଚିତ୍ରକଳା କେବଳ ରାଜ୍ୟ କି ଦେଶ ନୁହେଁ, ଇଣ୍ଡୋନେସିଆ, ପ୍ୟାରିସ୍ ଭଳି ବିଦେଶରେ ମଧ୍ୟ ଲୋକପ୍ରିୟ ହୋଇପାରିଛି। ଏଥିପାଇଁ ତାଙ୍କୁ ଅନେକ ଜାତୀୟ ଓ ଅନ୍ତର୍ଜାତୀୟ ପୁରସ୍କାର ମିଳିଛି। ଏହାମଧ୍ୟରେ ସେ ୧୫ରୁ ଊର୍ଦ୍ଧ୍ୱ ଧାରାବାହିକ, ୧୦ରୁ ଊର୍ଦ୍ଧ୍ୱ ଓଡ଼ିଆ ଚଳଚ୍ଚିତ୍ର, ବଙ୍ଗଳା ଚଳଚ୍ଚିତ୍ର 'ରଙ୍ଗଶାଳା' ସହିତ ୨୫ରୁ ଊର୍ଦ୍ଧ୍ୱ ନାଟକରେ ଅଭିନୟ କରିଛନ୍ତି। ଅଭିନୟ ଯାଦୁରେ ଦର୍ଶକଙ୍କୁ ବାନ୍ଧି ରଖୁଥିବା ଅଭିନେତା ଚିନ୍ତାମଣିଙ୍କ ସହ ଧରିତ୍ରୀ ଆଳାପ...**


ଚିନ୍ତାମଣି ବିଶ୍ୱାଳ

**୧. କଳା ପ୍ରତି କେବେଠୁ ଆଗ୍ରହ ହେଲା?**
ଉତ୍ତର: ବାପା ଜଣେ ମୂର୍ତ୍ତିଶିଳ୍ପୀ ଥିଲେ। ତାଙ୍କ ପ୍ରଭାବ ମୋ ଉପରେ ପଡ଼ିଥିଲା। ଛୋଟ ବେଳୁ ହିଁ ଚିତ୍ରଶିଳ୍ପୀ ହେବା ପାଇଁ ଇଚ୍ଛା ଥିଲା। ଚାକିରି ମୋହରେ ନ ପଡ଼ି ମୁଁ କଳାକୁ ବାଛିଛି। ମୁଁ ପ୍ରଥମେ ପ୍ରତିରକ୍ଷା ବିଭାଗରେ ଚାକିରି କରିଥିଲି। ସେତେବେଳେ ମତେ ୧୫ହଜାର ଟଙ୍କା ଦରମା ମିଳୁଥିଲା। ମାତ୍ର ପିଲାଦିନର ସ୍ୱପ୍ନ ପାଇଁ ମୁଁ ଚାକିରି ଛାଡ଼ି ଦେଇଥିଲି।

**୨.ସଫଳତା ପାଇବା ପାଇଁ ସଂଘର୍ଷ କିପରି ଥିଲା?**
ଉତ୍ତର: ନିମ୍ନମଧ୍ୟବିତ୍ତ ପରିବାରରେ ୩ଭଉଣୀଙ୍କ ପରେ ମୋର ଜନ୍ମ। ଭଉଣୀଙ୍କ ବିବାହରେ ସବୁ ଜମିବାଡ଼ି ବନ୍ଧା ପଡ଼ି ସାରିଥିଲା। ତେଣୁ ପାଠ ପଢ଼ିବା ପାଇଁ ମୋତେ ବହୁତ କଷ୍ଟ କରିବାକୁ ପଡ଼ିଛି। କଲେଜ ପଢ଼ିବା ପର୍ଯ୍ୟନ୍ତ ଭଲ ଚପଲଟିଏ ନ ଥିଲା। ଏପରି କି ନିଜର ବହି ମଧ୍ୟ ନ ଥିଲା। ମାଟ୍ରିକ ପରୀକ୍ଷାରେ ମାମୁପୁଅର ବହି ପଢି ମାଟ୍ରିକ୍ ପାସ୍ କରିଥିଲି। କଲେଜରେ ଟ୍ୟୁଶନ କରି ବହି କିଣିଥିଲି। ଗୋଟେ ସାଇକେଲ ପାଇଁ ବାପାଙ୍କୁ କହିଥିଲି। ତାଙ୍କ ପାଖରେ ସମ୍ବଳ ନାହିଁ ବୋଲି ମନା କରିଦେଇଥିଲେ। ସେବେଠାରୁ ଆଉ କିଛି ବାପାଙ୍କୁ ମାଗିନାହିଁ।

**୩.ଲେଖକ, ଅଭିନେତା, ଚିତ୍ରକର କେଉଁଥିରେ ଆତ୍ମସନ୍ତୋଷ ମିଳେ?**
ଉତ୍ତର: ଚିତ୍ର ମୋର ନିଃଶ୍ୱାସ, ପ୍ରଶ୍ୱାସ। ମାତ୍ର ଅଭିନୟରେ ଅଧିକ ଆତ୍ମସନ୍ତୋଷ ମିଳେ। କାରଣ ଏଥିରେ ବିଭିନ୍ନ ପରୀକ୍ଷା ନିରୀକ୍ଷା ଥାଏ। ତାଳ, ସଙ୍ଗୀତ, ସାହିତ୍ୟ ସବୁ କଳାର ମିଶ୍ରଣରେ ଅଭିନୟର ସୃଷ୍ଟି। ଭାବକୁ ଦର୍ଶକଙ୍କ ମଧ୍ୟରେ ପହଞ୍ଚାଇବାର ମୁଖ୍ୟ ମାଧ୍ୟମ ହେଉଛି ଅଭିନୟ। ଚିତ୍ରରେ ଯେତିକି ଦର୍ଶକଙ୍କ ପାଖରେ ମୁଁ ପହଞ୍ଚିପାରିନାହିଁ, ଅଭିନୟ ଦ୍ୱାରା ତାହା ସମ୍ଭବ ହୋଇଛି।

**୪.ପ୍ରଥମ ରୋଜଗାର ଅର୍ଥରେ କ'ଣ କରିଥିଲେ?**
ଉତ୍ତର: ୨୦୦୦ ମସିହାରେ ମୋର ପ୍ରଥମ ଚିତ୍ର 'ଅନ୍ ୱାଣ୍ଟେଡ୍' ବିକ୍ରି ହୋଇଥିଲା। ଏହି ଚିତ୍ରରେ ଜଣେ ଗରିବ ମା' ତା'ର ୩ ଛୁଆଙ୍କୁ ଧରି ମୁଣ୍ଡରେ ଝୁଡ଼ିରେ ମାଟି ବୋହୁଥିଲା। ଏଥିରେ ମୁଁ ମୋ ମା'ଙ୍କ ପ୍ରତିଛବି ଦେଖିଥିଲି। ଚିତ୍ରଟି ୧ଲକ୍ଷ ୬୦ହଜାର ଟଙ୍କାରେ ବିକ୍ରି ହୋଇଥିଲା। ୧୯୯୯ ମହାବାତ୍ୟାରେ ଆମ ଘର ଭାଙ୍ଗିଯାଇଥିଲା। ସେ ଘରକୁ ବାପା ନିଜ ହାତରେ ମାଟିରେ ତିଆରି କରିଥିଲେ। ପ୍ରଥମ ରୋଜଗାରରେ ଗାଁରେ ମାଟିଘର ତିଆରି କରିଥିଲି। ଏହା ମତେ ଆଗକୁ ଯିବାକୁ ପ୍ରେରଣା ଯୋଗାଇଥିଲା। ଏହାର ୩ବର୍ଷ ପରେ ମୋର ଆଉ ୨ଟି ଚିତ୍ର ୭ଲକ୍ଷ ୮୦ ହଜାର ଟଙ୍କାରେ ବିକ୍ରି ହୋଇଥିଲା। ସେହି ପଇସାରେ ଗାଁରେ କୋଠାଘର ତିଆରି କରିଥିଲି।

**୫. ଚିତ୍ରଶିଳ୍ପୀରୁ ଅଭିନେତା କିପରି ହେଲେ?**
ଉତ୍ତର: ବମ୍ବେରେ ପଢୁଥିବା ସମୟରେ ଗୋଟେ ନାଟକର ସେଟ୍ ଡିଜାଇନିଂ କାମ କରୁଥିଲି। ସେହି ସମୟରେ ନାଟକର ନିର୍ଦ୍ଦେଶକ ମତେ ତାଙ୍କ ନାଟକରେ ଏକ ଚରିତ୍ର କରିବାକୁ ଅଫର୍ ଦେଇଥିଲେ। ସେହି ଚରିତ୍ର ଜଣେ ଚିତ୍ରଶିଳ୍ପୀଙ୍କର ଥିଲା। ତେଣୁ ମୁଁ କରିବାକୁ ରାଜି ହୋଇଥିଲି। ଏଥିରେ ମତେ ବହୁତ ପ୍ରଶଂସା ମିଳିଥିଲା। ଏହାପରେ ମୁଁ ଅଭିନୟ ଆରମ୍ଭ କରିଥିଲି।

**୬. ଜୀବନର ସ୍ମରଣୀୟ ମୁହୂର୍ତ୍ତ?**
ଉତ୍ତର: ଭୁବନେଶ୍ୱର ବିକେ ଆର୍ଟ କଲେଜରେ ପାଠ ପଢୁଥାଏ। ମୋ ଉପର ଭଉଣୀର ବାହାଘର ହେବାର ଥାଏ। ଜିନିଷ ପତ୍ର କିଣିବା ପରେ ମୋ ପାଖରେ ଗାଁକୁ ଯିବାକୁ ପଇସା ନ ଥାଏ। ରାତିରେ ମୁଁ ନୟାପଲ୍ଲୀ ଦୁର୍ଗାପୂଜା ପଡ଼ିଆ ପାଖରେ ଠିଆ ହୋଇଥାଏ। ଜଣେ ଲୋକ ଆସି ମତେ ଟ୍ରକ୍‌ରୁ ନାଲିଗୋଡ଼ି ଅନ୍‌ଲୋଡ କରିବାକୁ କହିଥିଲେ। କାମ କଲେ ୧୫୦ଟଙ୍କା ଦେବେ ବୋଲି କହିଲେ। ମୁଁ ହଁ ମାରି କରିଥିଲି ଓ ସେ ପଇସାରେ ଗାଁକୁ ଯାଇଥିଲି।

**୭.ଆଗକୁ କ'ଣ କରିବାକୁ ଯୋଜନା ରହିଛି?**
ଉତ୍ତର: ଓଡ଼ିଶାର ଝୋଟି, ଚିତାକୁ ନେଇ ମୁଁ ଗବେଷଣା ସହ ପିଏଚ୍‌ଡି କରୁଛି। ଭୁବନେଶ୍ୱରରେ ଗୋଟେ ଜାଗା ନେଇଛି। ସେଠାରେ କଳ୍ପତରୁ ଆର୍ଟ ଆଣ୍ଡ କ୍ରାଫ୍ଟ ଅନୁଷ୍ଠାନ କରିଛି। ଆଗକୁ ଆଶା ଅଛି ମୋ ଭଳି ଗରିବ ପ୍ରତିଭାଙ୍କୁ ମାଗଣାରେ ଶିକ୍ଷାଦାନ କରିବି। ଅର୍ଥାଭାବରୁ ଯେଉଁମାନଙ୍କ ସ୍ୱପ୍ନ ପୂରଣ ହୋଇ ପାରୁନାହିଁ, ସେମାନଙ୍କ ପାଇଁ କାମ କରିବି।

**ସାକ୍ଷାତ୍‌କାର: ବନ୍ଦନା ସେଠୀ**

## ସାର ଅଭାବ ପ୍ରସଙ୍ଗରେ ରାଜ୍ୟପାଳଙ୍କୁ ଭେଟିଲା କଂଗ୍ରେସ

ଭୁବନେଶ୍ୱର, ୨।୮(ବ୍ୟୁରୋ)

ଅଧିକ ଅମଳ ପାଇଁ ସାରର ଆବଶ୍ୟକତା ଏକାନ୍ତ ଜରୁରୀ। କିନ୍ତୁ ଚଳିତ ଖରିଫ ଚାଷରେ ସାର ଅଭାବରୁ ଚାଷ ବାଧାପ୍ରାପ୍ତ ହେବାକୁ ଯାଉଛି। ବର୍ତ୍ତମାନ ରୁଆ ବେଉଷଣର ସମୟରେ ରାଜ୍ୟରେ ଆବଶ୍ୟକ ପରିମାଣର ୟୁରିଆ ଓ ଅନ୍ୟାନ୍ୟ ସାରର ଘୋର ଅଭାବ ରହିଛି। କେନ୍ଦ୍ର ହେଉ କିମ୍ବା ରାଜ୍ୟ ସାର ଯୋଗାଣ ଓ ବିତରଣରେ ଚାଷୀଙ୍କ ପ୍ରତି ଯେପରି ଅବହେଳା ପ୍ରଦର୍ଶନ କରୁଛନ୍ତି ଏହା ଅତ୍ୟନ୍ତ କ୍ଷୋଭର ବିଷୟ। ଏହାର ଆଶୁ ପ୍ରତିକାର ପାଇଁ ସୋମବାର ଓଡ଼ିଶା ପ୍ରଦେଶ କିଷାନ କଂଗ୍ରେସ ପକ୍ଷରୁ ଅଧ୍ୟକ୍ଷ ଅମିୟ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ୭ ଜଣିଆ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ନିକଟକୁ ଏକ ସ୍ମାରକପତ୍ର ଦେଇଛନ୍ତି। କଂଗ୍ରେସ କିଷାନ ସେଲ୍ ପକ୍ଷରୁ ଦର୍ଶାଯାଇଛି ଯେ, ସରକାରଙ୍କ ଘୋଷଣା ଅନୁଯାୟୀ କୃଷି ଉତ୍ପାଦନ କିପରି ବଢ଼ିବ ଏବଂ ୨୦୨୨କୁ ଚାଷୀଙ୍କ ଆୟ କିଭଳି ଦୁଇଗୁଣା ହେବ ସରକାର କୁହନ୍ତୁ। ଜୁଲାଇ ସୁଦ୍ଧା ମୋଟ୍ ୬ ଲକ୍ଷ ୨୦ ହଜାର ୮୦ ମେଟ୍ରିକ୍ ଟନ୍‌ରୁ ୩ ଲକ୍ଷ ୯୦ ହଜାର ୯୭୦ ଟନ୍ ଓଡ଼ିଶାକୁ ମିଳିଥିବା ବେଳେ ଆଉ ୨ ଲକ୍ଷ ୩୦ ହଜାର ମେଟ୍ରିକ୍ ଟନ୍ ସାର ଏପର୍ଯ୍ୟନ୍ତ ମିଳିନାହିଁ। ରେଳ ବିଭାଗ ଆବଶ୍ୟକ କଣ୍ଟେନର ଦେଉ ନାହିଁ, ଠିକଣା ସମୟରେ ରେଲୱେ ରେକ୍ ମଧ୍ୟ ଲାଗୁନାହିଁ। ଅନୁରୂପଭାବେ ରାଜ୍ୟ ସରକାରଙ୍କ ପକ୍ଷରୁ ସାରର ସୁବିତରଣ କରାଯାଉ ନାହିଁ ବୋଲି କଂଗ୍ରେସ ଅଭିଯୋଗ କରିଛି।

## ଉପେନ୍ଦ୍ର ତ୍ରିପାଠୀ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟା

ଭୁବନେଶ୍ୱର,୨।୮(ବ୍ୟୁରୋ)


ଉପେନ୍ଦ୍ର ତ୍ରିପାଠୀ

**କର୍ଣ୍ଣାଟକ କ୍ୟାଡର ଆଇଏଏସ୍ ଅଫିସର**

ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଉପେନ୍ଦ୍ର ତ୍ରିପାଠୀ ଓଡ଼ିଶା ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ଉପଦେଷ୍ଟା ତଥା ସଭାପତି ଭାବେ ନିଯୁକ୍ତ ହୋଇଛନ୍ତି। ସୋମବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ଏହି ନିଯୁକ୍ତି ଦେଇଛନ୍ତି । ଏଥିପାଇଁ ତାଙ୍କୁ ରାଜ୍ୟ ମନ୍ତ୍ରୀ ଭଳି ସମସ୍ତ କ୍ଷମତା ଓ ସୁବିଧା ସୁଯୋଗ ମିଳିବ। ବର୍ତ୍ତମାନ ସେ ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଉପଦେଷ୍ଟା (ଶିକ୍ଷା) ଭାବେ କାର୍ଯ୍ୟ କରୁଛନ୍ତି ।

ଉପେନ୍ଦ୍ର ୧୯୮୦ ବ୍ୟାଚ୍ କର୍ଣ୍ଣାଟକ କ୍ୟାଡର ଆଇଏଏସ୍ ଅଫିସର। ପୂର୍ବରୁ ଆଦର୍ଶ ବିଦ୍ୟାଳୟ ସଙ୍ଗଠନ ନେଇ ତାଙ୍କର ଅଭିଜ୍ଞତା ରହିଛି । କର୍ଣ୍ଣାଟକରେ ଗୁଣାତ୍ମକ ଶିକ୍ଷାର ବିକାଶ ଦିଗରେ ସେ ପୂର୍ବରୁ କାର୍ଯ୍ୟ କରିଛନ୍ତି । ସେ ଭାରତ ସରକାରଙ୍କ ଅକ୍ଷୟଶକ୍ତି ମନ୍ତ୍ରଣାଳୟରେ ସଚିବ ଦାୟିତ୍ୱ ତୁଲାଇଛନ୍ତି। ଏଥିସହିତ ସେ ବ୍ରସେଲ୍‌ସରେ ଥିବା ଭାରତୀୟ ଦୂତାବାସରେ ଉପଦେଷ୍ଟା (କୃଷି ଓ ସାମୁଦ୍ରିକ ଉତ୍ପାଦ) ଭାବେ କାର୍ଯ୍ୟ କରିଛନ୍ତି।

ଏଠାରେ ସୂଚନା ଯୋଗ୍ୟ, ଗତ ଜୁନ୍ ୩ ତାରିଖରେ ତତ୍କାଳୀନ ଉପଦେଷ୍ଟା ବିଜୟ କୁମାର ସାହୁଙ୍କ କରୋନାରେ ଦେହାନ୍ତ ହୋଇଥିଲା। ସେବେଠାରୁ ଏହି ପଦବୀ ଖାଲି ପଡ଼ିଥିଲା।

## 'ଓଏସ୍‌ଏସ୍‌ସି ଦୁର୍ନୀତି ଚପାଇବାକୁ ସରକାରଙ୍କ ଉଦ୍ୟମ'

ଭୁବନେଶ୍ୱର, ୨।୮(ବ୍ୟୁରୋ)

ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ମହାଦୁର୍ନୀତି ପ୍ରତିବାଦରେ ସୋମବାର ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଷ୍ଟାଫ୍ ସିଲେକ୍ସନ କମିଶନ କାର୍ଯ୍ୟାଳୟ ସମ୍ମୁଖରେ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଛାତ୍ର କଂଗ୍ରେସ କର୍ମକର୍ତ୍ତାମାନେ ଏଡିଏମ୍ ଅଫିସଠାରୁ ଏକ ବିକ୍ଷୋଭ ଶୋଭାଯାତ୍ରାରେ ବାହାରି ଷ୍ଟାଫ୍ ସିଲେକ୍ସନ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ବିକ୍ଷୋଭରତ ଛାତ୍ର କଂଗ୍ରେସ ସଭାପତି ନୱାଜ ଓ କର୍ମକର୍ତ୍ତାଙ୍କୁ ପୋଲିସ ଷ୍ଟାଫ୍ ସିଲେକ୍ସନ କମିଶନ କାର୍ଯ୍ୟାଳୟ ସମ୍ମୁଖରୁ ବଳପୂର୍ବକ ଉଠାଇ ନେଇଥିଲା। ଏହି ଅବସରରେ ନୱାଜ କହିଛନ୍ତି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ସହ ଖେଳୁଛନ୍ତି। ଷ୍ଟାଫ୍ ସିଲେକ୍ସନ କମିଶନ ଦୁର୍ନୀତିର ଗନ୍ତାଘର। ଏହାର କାନ୍ଥବାଡ଼ରେ ଅଦୃଶ୍ୟଭାବେ ଲେଖା ହୋଇଛି-'ପଇସା ଦିଅ, ଚାକିରି ନିଅ'। କେବଳ ଜଣେ କିରାଣିଙ୍କୁ ଧରି ସରକାର ମହାଦୁର୍ନୀତିକୁ ଚପାଇଦେବାକୁ ଚାହୁଁଛନ୍ତି। ଷ୍ଟାଫ୍ ସିଲେକ୍ସନର ଅଧ୍ୟକ୍ଷଙ୍କ ଠାରୁ ସମସ୍ତ ସଭ୍ୟ ଏଥିରେ ସମ୍ପୃକ୍ତ। ମେଧାବୀ ଛାତ୍ର କଷ୍ଟକରି ପାଠପଢ଼େ, ପରୀକ୍ଷା ଦିଏ, ହେଲେ ପରୀକ୍ଷା ପୂର୍ବରୁ ଚାକିରି ବିକ୍ରି ହୋଇଯାଉଛି। ଏ ଘଟଣାକୁ ଚପାଇବାକୁ ଜଣଙ୍କୁ ଧରାହୋଇଛି। ଅସଲ ଅପରାଧୀଙ୍କୁ ମୁଖ୍ୟମନ୍ତ୍ରୀ ଘଣ୍ଟ ଘୋଡ଼ାଇଛନ୍ତି। ଭିଜିଲାନ୍ସ ତଦନ୍ତ ସରକାରଙ୍କୁ ଘଣ୍ଟ ଘୋଡ଼ାଇବ। ଛାତ୍ର କଂଗ୍ରେସ ହାଇକୋର୍ଟଙ୍କ ତତ୍ତ୍ୱାବଧାନରେ ତଦନ୍ତ ଦାବି କରୁଛି ବୋଲି ନୱାଜ କହିଛନ୍ତି।


ଭୁବନେଶ୍ୱର ଷ୍ଟାଫ୍ ସିଲେକ୍ସନ୍ କମିଶନ ଅଫିସ ଆଗରେ ସୋମବାର ଛାତ୍ର କଂଗ୍ରେସ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

# ସୁବର୍ଣ୍ଣରେଖାରେ ବନ୍ୟା

ଭୋଗରାଇ/ ଜଳେଶ୍ୱର/ ବାଲିଆପାଳ, ୨।୮(ଡି.ଏନ.ଏ./ସ୍ୱ.ପ୍ର.)

ଉପରମୁଣ୍ଡରେ ଲଘୁଚାପ ଜନିତ ଲଗାଣବର୍ଷା ଯୋଗୁ ସୁବର୍ଣ୍ଣରେଖାରେ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି। ଝାଡ଼ଖଣ୍ଡ ଗାଲୁଡ଼ିହି ବ୍ୟାରେଜରୁ ୧୨ଟି ଗେଟ୍ ଖୋଲାଯାଇ ସେକେଣ୍ଡକୁ ୮ହଜାର କ୍ୟୁସେକ୍ ଉଦ୍‌ବୃତ୍ତ ବର୍ଷା ଜଳ ସୁବର୍ଣ୍ଣରେଖାକୁ ଛଡ଼ାଯିବାରୁ ରାଜଘାଟଠାରେ ଜଳପତ୍ତନ ବୃଦ୍ଧି ପାଇଛି। ରାଜଘାଟଠାରେ ବିପଦସଙ୍କେତ ୧୦.୩୬ମିଟର ଥିବା ବେଳେ ସୋମବାର ଅପରାହ୍ନ ୨ଟା ସୁଦ୍ଧା ବନ୍ୟାଜଳ ବୃଦ୍ଧି ପାଇ ୧୦.୬୦ମିଟରରେ ପ୍ରବାହିତ ହେଉଛି। ବନ୍ୟାଜଳ ଭୋଗରାଇ, ବାଲିଆପାଳ ଓ ଜଳେଶ୍ୱର ତଳିଆ ଅଞ୍ଚଳରେ ପଶି ଜଳମଗ୍ନ ହୋଇଛି। ଅନେକ ଗାଁ ବାହ୍ୟଜଗତରୁ ବିଚ୍ଛିନ୍ନ ରହିଛି।

ଭୋଗରାଇ ଲକ୍‌ଠାରୁ ମନୁନଗର, ପନ୍ତେଇଠାରୁ ଭୂଷଣ୍ଡେଶ୍ୱର, ଭୁଆ ବନ୍ଧ ତେନ୍ତୁଳିଠାରୁ କୁସୁଡ଼ା, ଭୁଆବନ୍ଧରୁ କୁଳିନ୍ଦା ରାସ୍ତାରେ ବନ୍ୟାଜଳ ପ୍ରବାହିତ ହୋଇ ଯୋଗାଯୋଗ ବିଚ୍ଛିନ୍ନ ହୋଇଛି। ଚାଷଜମିରେ ପାଣି ପଶିବା ଯୋଗୁ ଧାନଚାଷ, ପନିପରିବା ଫସଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଝାଡ଼ଖଣ୍ଡ ଜାମସେଦ୍‌ପୁରରେ ୧୧୭.୨୦୦ମି.ମି., ଫେକ ଘାଟରେ ୪୨.୩୮ମି.ମି., ଘାଟଶିଳାରେ ୬୮.୬୪୦ମି.ମି., ଜାମଶୂଳାରେ ୪୮.୯୬୦ମି.ମି. ବର୍ଷା ହୋଇଥିବା ସୂଚନା ମିଳିଛି। ବନ୍ୟା ସ୍ଥିତି ଅନୁଧ୍ୟାନ ନିମନ୍ତେ ଭୋଗରାଇ ବିଡିଓ, ତହସିଲଦାର ନଦୀକୂଳ ପରିଦର୍ଶନ କରି ଭୟଭୀତ ନ ହେବାକୁ ଜନସାଧାରଣଙ୍କୁ ପରାମର୍ଶ ଦେଇଛନ୍ତି। ଜଳେଶ୍ୱରର ଖାଲିନା, ଝାଡ଼ପିମ୍ପଳ, ବାଇଗଣବାଡ଼ିଆ, ପଶ୍ଚିମବାର୍ଡ, ପାଇକସିଦା, ଖୁଲୁଡ଼ା, ରାୟାଁରାମଚନ୍ଦ୍ରପୁର ଆଦି ପଞ୍ଚାୟତର କେତେକ ଗାଁରେ ବନ୍ୟାଜଳ ପ୍ରବେଶ କରିଛି। ସେହିପରି ବାଲିଆପାଳ ପଞ୍ଚାୟତର ଗୁନାପୁର, ଆଠବାଟିଆ, ସୁଙ୍ଗମୁହଁ, କୁଦମାନସିଂ, ରାଉତୁରାପୁର, ମଧୁପୁରା ପଞ୍ଚାୟତର ଚୌଧୁରୀକୁଦ, ଚରବସ୍ତ କାଳରୁଇ, ପଞ୍ଚରୁଖି, ବିଷ୍ଣୁପୁର ପଞ୍ଚାୟତର ବିଷ୍ଣୁପୁର, ରସଲପୁର, ନୟାବାଲି, ଇକଡପାଳ, କୁହ୍ଲା, ଜାମକୁଣ୍ଡା ପଞ୍ଚାୟତର ଜାମକୁଣ୍ଡା, କୁହ୍ଲାଚଡ଼, ତାଳପଦା ଏବଂ ଆସ୍ତି ପଞ୍ଚାୟତର ବଡ଼ାପାଳ, ପାରଦୀପା, ଶରଦ୍ଧାରସାହି, ଅସ୍ତି, ବଡ଼ଖାନପୁର, ପାଳଚମ୍ପେଇ ଆଦି ଗ୍ରାମରେ ବନ୍ୟାଜଳ ପ୍ରବାହିତ ହେଉଛି। ପ୍ରଶାସନ ଏଥିପ୍ରତି ସଜାଗ ରହିଛି। ଆବଶ୍ୟକ ହେଲେ ସମସ୍ତ ବ୍ୟବସ୍ଥା କରାଯିବ ବୋଲି ବାଲିଆପାଳ ତହସିଲଦାର ଦୀପକ କୁମାର ଦାଶ କହିଛନ୍ତି।


ବାଲିଆପାଳ-ବିଷ୍ଣୁପୁର ମୁଖ୍ୟ ରାସ୍ତାରେ ବନ୍ୟାଜଳ ପ୍ରବାହିତ ହେଉଛି।

ଟାପାରିଆ® AN ISO-9001 CO.
"ଟାପାରିଆ"ଟୁଲ୍ସ କିଣନ୍ତୁ ।
ଆପଣା ହାତେ କରାମତି ଅନୁଭବ କରନ୍ତୁ
"ପ୍ରତ୍ୟେକ ବ୍ୟକ୍ତି ହସ୍ତ ଉପକରଣ ଆବଶ୍ୟକ କରନ୍ତି"

TAPARIA
"ଟାପାରିଆ"କାମ ଦେଇବାଲେ ସାରା ଜୀବନ ।
ହ୍ୟାଣ୍ଡ ଟୁଲ୍‌ସ ମନୁଷ୍ୟ ହସ୍ତର ଏକ ସମ୍ପ୍ରସାରଣ ଅଟେ
କୋଲ୍‌କାତା ଦୂରଭାଷ. 033 - 2215 1850 / 51 ଇମେଲ୍ : suyogtrading@gmail.com
CIN: L99999MH1965PLC013392
ଆମକୁ ଏଠାରେ ଦେଖନ୍ତୁ www.tapariatools.com
TJM/TTL/21/ORI

D.D. AUTONOMOUS COLLEGE, KEONJHAR
QUOTATION CALL FOR SECURITY GUARD
Sealed quotations are invited from the reputed registered Security Agencies for providing unarmed Security Guards (Three numbers) for 24 hours security at the main gate of the College premises. The quotations must be sent through Speed Post/Registered Post. The quotations must be reached at the office of the undersigned on or before the last date of submission of quotation within office hour. The postal delay will not be entertained.
Last date of submission of quotation is Dt.19.08.2021 (5.00 P.M.).
For details please visit the college website: **www.ddcollege.nic.in**.
**Sd./- Principal**
**D.D. Autonomous College, Keonjhar**

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
NOTICE INVITING TENDER
Tender Notice No. TPWODL-MK-O-SER-027 Date: 03.08.2021
TP Western Odisha Distribution Limited invites quotations (in 2 part) from eligible vendors for the following package:
**Rate Contract for Meter Installation and Associated Services in TPWODL**
Interested bidders to submit Tender Participation Fee and Authorization letter by e-mail on or before **10th August 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of our website: **www.tpwesternodisha.com**.
**Sd./- Chief Contracts & Stores**

TPWODL
TP WESTERN ODISHA DISTRIBUTION LIMITED
(A Tata Power & Odisha Govt. Joint Venture)
Corporate Office, Burla, Dist.- Sambalpur (Odisha) - 768017
NOTICE INVITING TENDER
Tender Notice No. TPWODL/SD/O/SER/029
TP Western Odisha Distribution Limited invites quotations (in 2 part) from eligible vendors for the following package:
**Rate Contract for Revenue Recovery of Permanent & Temporary Disconnected and Live Cases**
Interested bidders to submit Tender Participation Fee and Authorization letter by e-mail on or before **11th August 2021, 15.00 hrs.** in order to become eligible to participate in the bidding process.
All correspondence regarding the tender details bid submission, date extension etc. shall only take place with the eligible bidders through E-Tender system.
For detailed tender documents you may visit tender section of our website: **www.tpwesternodisha.com**.
**Sd./- Chief Contracts & Stores**

## ସଂକ୍ଷେପରେ

### ବାଇକ୍ ଡିକି ଭାଙ୍ଗି ୨୫ ହଜାର ଲୁଟ୍

ରାଜନଗର,୨।୮(ଡି.ଏନ.ଏ.): ରାଜନଗର ତହସିଲ କ୍ୟାମ୍ପସରୁ ଜଣେ ଅବସରପ୍ରାପ୍ତ ଶିକ୍ଷକଙ୍କ ବାଇକ୍ ଡିକି ଭାଙ୍ଗି ଦୁର୍ବୃତ୍ତ ଟଙ୍କା ଲୁଟି ନେଇଛନ୍ତି। ରାଜନଗର ଥାନା ଅନ୍ତର୍ଗତ ଓସ୍ତିଆ ପଞ୍ଚାୟତ ଜଗନ୍ନାଥପୁର ଶାସନ ଗାଁର ଅବସରପ୍ରାପ୍ତ ଶିକ୍ଷକ ଆଦିକନ୍ଦ ତ୍ରିପାଠୀ ରାଜନଗର ଷ୍ଟେଟ ବ୍ୟାଙ୍କରୁ ସୋମବାର ୨୫ ହଜାର ଟଙ୍କା ଉଠାଇ ବାଇକ୍ ଡିକିରେ ରଖି ତହସିଲ କ୍ୟାମ୍ପସକୁ ଆସିଥିଲେ। ତହସିଲ କାର୍ଯ୍ୟାଳୟ ପ୍ରବେଶ ପଥ ନିକଟରେ ବାଇକ୍ ରଖି କାମରେ ଯାଇଥିଲେ। ହଠାତ୍ ଜଣେ ଯୁବକ ତାଙ୍କ ବାଇକ୍ ପାଖକୁ ଆସି ଡିକି ଭାଙ୍ଗି ୨୫ ହଜାର ଟଙ୍କା ଲୁଟି ନେଇଛନ୍ତି। ଏ ନେଇ ଥାନାରେ ଅଭିଯୋଗ ହେବା ପରେ ପୋଲିସ ରାଜନଗର ବ୍ଲକ ଓ ତହସିଲ ପକ୍ଷରୁ ଲାଗିଥିବା ସିସିଟିଭି ଯାଞ୍ଚ କରି ଅଭିଯୁକ୍ତଙ୍କୁ ଧରିବା ପାଇଁ ପ୍ରୟାସ ଆରମ୍ଭ କରିଛି।

### ବିଦ୍ୟାଳୟର ଭିତ୍ତିଭୂମି ପରଖିଲେ ଜିଲାପାଳ

ଡେରାବିଶ,୨।୮(ସ୍ୱ.ପ୍ର.): କେନ୍ଦ୍ରାପଡ଼ା ଜିଲାପାଳ ଅମ୍ରିତ ଋତୁରାଜ ସୋମବାର ଡେରାବିଶ ବ୍ଲକ ଅନ୍ତର୍ଗତ ଦାନପୁର, ହରିଅଙ୍କ ଓ ଜଅଁରା ବାରିମୁଳ ପଞ୍ଚାୟତ ପରିଦର୍ଶନ କରିଛନ୍ତି। ପରିଦର୍ଶନ ସମୟରେ ଜିଲାର ଅନ୍ୟତମ ପ୍ରମୁଖ ସରକାରୀ ଉଚ୍ଚ ବିଦ୍ୟାଳୟ ଦାନପୁର ପଞ୍ଚାୟତର ଦୋହଲି ସ୍ଥିତ ବି.ବି. ମଡେଲ ହାଇସ୍କୁଲ, ହରିଅଙ୍କ ପଞ୍ଚାୟତସ୍ଥିତ ପଞ୍ଚାୟତ ହାଇସ୍କୁଲ ଓ ପାଣିଓଲା ବିଦ୍ୟାଳୟ ଏବଂ ଜଅଁରା ବାରିମୁଳ ସ୍ଥିତ ପଞ୍ଚାୟତ ହାଇସ୍କୁଲକୁ ଗସ୍ତ କରି ବିଦ୍ୟାଳୟଗୁଡ଼ିକର ଭିତ୍ତିଭୂମି ବାବଦରେ ସମୀକ୍ଷା କରିଥିଲେ। ଏଥିସହ ସମ୍ପୃକ୍ତ ପଞ୍ଚାୟତଗୁଡିକରେ ବିଭିନ୍ନ ସରକାରୀ ଯୋଜନାରେ ନିର୍ମାଣ ହୋଇଥିବା ଗ୍ରାମ୍ୟ ପାର୍କ, ପାଠାଗାର, ଖେଳପଡିଆ ଓ ବିଭିନ୍ନ ସାହି ରାସ୍ତାର ତଦାରଖ କରିଥିଲେ। ଏହି ଗସ୍ତ ସମୟରେ ଜିଲାପାଳଙ୍କ ସହ ଜିଲା ଗ୍ରାମ୍ୟ ଉନ୍ନୟନ ଅତିରିକ୍ତ ପ୍ରକଳ୍ପ ଅଧିକାରୀ ମନ୍ଦରଧର ମହାଳିକ, ଅବଦୁଲ ରହେମାନ୍ ଓ ଅଜୟ ବିଶ୍ୱାଳ(ବୈଷୟିକ), ବିଡିଓ ଗୋପବନ୍ଧୁ ଭୋସାଗର, ଏବିଡିଓ ଭଞ୍ଜକିଶୋର ନାୟକ, ସହକାରୀ ନିର୍ବାହୀଯନ୍ତ୍ରୀ ବିଜୟ ସେଠୀ, କନିଷ୍ଠ ଯନ୍ତ୍ରୀ ଅବନୀ ମହାନ୍ତି, ବ୍ଲକ ପ୍ରୋଗ୍ରାମ ଅଫିସର ସାବିତ୍ରୀ ମନ୍ତ୍ରୀଙ୍କ ସମେତ ଅନ୍ୟ ଅଧିକାରୀମାନେ ସାମିଲ ହୋଇଥିଲେ। ଏହି ଗସ୍ତ କାର୍ଯ୍ୟକ୍ରମ ବେଳେ ଦାନପୁର ସରପଞ୍ଚ ବିଭୁଦେନ୍ଦୁ ପଣ୍ଡା, ହରିଅଙ୍କ ସରପଞ୍ଚ ଯୁଗଳ ମହାନ୍ତି, ଜଅଁରା ବାରିମୁଳ ସରପଞ୍ଚ ସବିତା ରାଉତ ପ୍ରମୁଖ ଉପସ୍ଥିତ ରହି ନିଜ ପଞ୍ଚାୟତର ବିଭିନ୍ନ ସମସ୍ୟା ଉପରେ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ।

### ଖବରଦାତାଙ୍କ ପିତୃବିୟୋଗ

ଡେରାବିଶ,୨।୮(ସ୍ୱ.ପ୍ର.): ଡେରାବିଶ ବ୍ଲକ ଅଞ୍ଚଳର ଖବରଦାତା ପ୍ରମୋଦ ପ୍ରଧାନଙ୍କ ପିତା ପ୍ରକାଶ ପ୍ରଧାନ(୭୨)ଙ୍କ ରବିବାର ରାତି ପରଲୋକ ଘଟିଛି। ସେ ଦୀର୍ଘଦିନ ହେବ ଅସୁସ୍ଥ ରହି ଜଅଁରା ବାରିମୁଳ ପଞ୍ଚାୟତ ଅର୍ତ୍ତାମୁଳସ୍ଥିତ ନିଜ ଘରେ ଅବସ୍ଥାନ କରୁଥିଲେ। ସୋମବାର ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ପ୍ରକାଶ ବିଦ୍ୟୁତ୍ ବିଭାଗର ଜଣେ ଅବସରପ୍ରାପ୍ତ କର୍ମଚାରୀ ହୋଇଥିବା ବେଳେ ଜଣେ ପରୋପକାରୀ, ଧର୍ମପରାୟଣ ବ୍ୟକ୍ତି ଭାବେ ପରିଚିତ ଥିଲେ।

# ସୁନେଇ ରୂପେଇ ଜଙ୍ଗଲ ଉପରେ ସମୁଦ୍ରର ଆଖି


ସାତଭାୟାଠାରେ ଜୁଆର ମାଡରେ ତଟକ୍ଷୟ ଯୋଗୁ ନଳକୂପ ଓ ପୁରୁଣା ପଞ୍ଚୁବରାହୀ ମନ୍ଦିର ସମୁଦ୍ର ଗର୍ଭରେ ଲୀନ ହେବା ଅବସ୍ଥାରେ।

କେନ୍ଦ୍ରାପଡ଼ା ଅଫିସ, ୨।୮

- ଇତିହାସ ପାଲଟିଯାଉଛି ପୁରୁଣା ପଞ୍ଚୁବରାହୀ ମନ୍ଦିର
- ସାତଭାୟାର ଚାଷଜମିକୁ ହେନ୍ତାଳ ବଣ କରାଯାଉ
- ଅଗରନାଶୀରେ ପଥରବନ୍ଧ ତଟକ୍ଷୟ ରୋକିବ

ତଟକ୍ଷୟ ଏବେ କେନ୍ଦ୍ରାପଡ଼ା ଜିଲାର ପ୍ରମୁଖ ସମସ୍ୟା ହୋଇଛି। ବଙ୍ଗୋପସାଗରର ୪୮ କି.ମି. ଲମ୍ବର ତଟ ଅଞ୍ଚଳରୁ ପ୍ରାୟ ୨୮ କି.ମି.ରେ ଭୟାବହ ପରିସ୍ଥିତି ସୃଷ୍ଟି ହୋଇଛି। ସାତଭାୟାଠାରେ ଗତ ବର୍ଷକ ମଧ୍ୟରେ ପ୍ରାୟ ୪୦ ମିଟର ତଟକ୍ଷୟ ହୋଇଛି। ସାତଭାୟାର ପଞ୍ଚୁବରାହୀଙ୍କ ମୂର୍ତ୍ତିଙ୍କୁ ୨୦୧୮ ଏପ୍ରିଲରେ ୧୨ କି.ମି. ଦୂର ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। କନିକା ରାଜାଙ୍କ ଦ୍ୱାରା ପ୍ରତିଷ୍ଠିତ ପୁରୁଣା ପଞ୍ଚୁବରାହୀ ମନ୍ଦିର ମଧ୍ୟରେ ଏବେ ଜୁଆର ପାଣି ବାଡ଼େଇ ହେଉଛି। ପୁରୁଣା ପଞ୍ଚୁବରାହୀ ମନ୍ଦିର ଏହି ବର୍ଷାଋତୁ ମଧ୍ୟରେ ଇତିହାସ ପାଲଟିବାକୁ ଯାଉଛି। ଏବେ ସମୁଦ୍ରର ଆଖି ନିକଟସ୍ଥ ସୁନେଇ ରୂପେଇ ଜଙ୍ଗଲ ଉପରେ ପଡିଛି। ଏହାର ସୁରକ୍ଷା ପାଇଁ ସାତଭାୟାର ଅବଶିଷ୍ଟ ଚାଷଜମିକୁ ହେନ୍ତାଳବଣ ସୃଷ୍ଟି କରିବା ଆବଶ୍ୟକ ହୋଇପଡିଛି।

ସେହିପରି କ୍ରମାଗତ ଭାବେ ତଟକ୍ଷୟ ହୋଇଚାଲିଥିବା ଅଗରନାଶୀ ଦ୍ୱୀପରେ ପଥରବନ୍ଧ ଆବଶ୍ୟକ ବୋଲି ସ୍ଥାନୀୟ ଅନୁଭବୀ ଗ୍ରାମବାସୀ ମତ ଦେଇଛନ୍ତି।

ବଗପାଟିଆକୁ ସ୍ଥାନାନ୍ତର ଓ ବରାହୀପୁରର ମୂଳ ନିବାସୀ ସୁଦର୍ଶନ ସ୍ୱାଇଁ କହିଛନ୍ତି, ସାତଭାୟା ପଞ୍ଚାୟତ ୭ ରାଜସ୍ୱ ଗ୍ରାମକୁ ନେଇ ଗଠିତ ହୋଇଥିଲା। ଏହି ରାଜସ୍ୱ ଗ୍ରାମଗୁଡ଼ିକ ୫ ଦଶନ୍ଧି ମଧ୍ୟରେ ସମୁଦ୍ର ଗର୍ଭକୁ ଚାଲି ଯାଇଥିବା ବେଳେ ଏବେ ମଗରକନ୍ଦା, ଅଡ଼ସଲ ପ୍ରଭୃତି ପଡା ଗ୍ରାମ କିଛି ମାତ୍ରାରେ ଅଛି। ସମୁଦ୍ରର ଦ୍ରୁତ ତଟକ୍ଷୟ ସ୍ଥାନୀୟ ଅଞ୍ଚଳରୁ ସ୍ଥାନାନ୍ତର ହେବା ପାଇଁ ବାଧ କରିଛି। ଏ ନେଇ ୪ ଦଶନ୍ଧିର ସଂଘର୍ଷ ପରେ ୩ ବର୍ଷ ପୂର୍ବେ ଏହି ଅଞ୍ଚଳର ୫୭୧ ପରିବାରଙ୍କୁ ନିକଟସ୍ଥ ବଗପାଟିଆକୁ ସ୍ଥାନାନ୍ତର କରାଯାଇଛି। ସାତଭାୟାର ଆରାଧ୍ୟ ଦେବୀ ପଞ୍ଚୁବରାହୀଙ୍କୁ ମଧ୍ୟ ସ୍ଥାନାନ୍ତର କରାଯାଇଥିଲା। ଜୁଆର ମାଡ଼ ଏଠାରେ ପ୍ରବଳ ହେଉଥିବାରୁ ସୁନେଇ ରୂପେଇ ଜଙ୍ଗଲ ନଷ୍ଟ ହେବା ଆଶଙ୍କା ଦେଖାଦେଇଛି। ଏହାର ଦୀର୍ଘକାଳୀନ ନିରାକରଣ ନ ହେଲେ ଉପାନ୍ତ ଅଞ୍ଚଳବାସୀ ବିପଦରେ ପଡ଼ିବେ ବୋଲି ସେ ମତ ରଖିଛନ୍ତି। ବାଉଁଶଗଡ଼ି ନଦୀର ନାଉରିଆ କରୁଣାକର ବେହେରା କହିଛନ୍ତି, ଦୀର୍ଘକାଳ ଧରି ମା' ପଞ୍ଚୁବରାହୀ ମନ୍ଦିର ହିନ୍ଦୁ ସଂସ୍କୃତିର ଆସ୍ଥାର ପ୍ରତୀକ ଭାବେ ଉଭା ହୋଇଛି। ତେବେ ପୁରୁଣା ମନ୍ଦିରକୁ ସମୁଦ୍ର ଛୁଇଁବା ପରେ ଜଣେ ହେଲେ ପର୍ଯ୍ୟଟକ ନଦୀ ପାର ହେଉନାହାନ୍ତି। ତଟକ୍ଷୟକୁ ରୋକିବା ପାଇଁ ସାତଭାୟାର ଅବଶିଷ୍ଟ ଚାଷଜମିକୁ ହେନ୍ତାଳବଣରେ ପରିଣତ କରିବା ଆବଶ୍ୟକ ବୋଲି ପରିବେଶବିତ୍ ହେମନ୍ତ କୁମାର ରାଉତ କହିଛନ୍ତି। ସେ କହିଛନ୍ତି, ପେଣ୍ଠଠାରେ ଜିଓ ସିନ୍ଥେଟିକ ଟ୍ୟୁବ୍ ୱାଲ୍ ନିର୍ମାଣ ହୋଇଛି। ଏହି ଜିଓ ଟ୍ୟୁବ୍ ୱାଲ୍ ସମୁଦ୍ର ଜୁଆର ମାଡ଼କୁ ସହି ପାରୁନାହିଁ। ଏଠାରେ ଥିବା ଗାବିଅନ ବକ୍ସକୁ ଛିଡ଼ାଇ ପଥରଗୁଡ଼ିକୁ ସମୁଦ୍ର ନିଜ ଗର୍ଭକୁ ନେଇଯାଉଛି। ଏପରିକି ଏହାର ସୁରକ୍ଷା ପାଇଁ ନିର୍ମାଣ ହୋଇଥିବା ପଥରବନ୍ଧ ମଧ୍ୟ ଏଥିରୁ ବାଦ୍ ପଡୁନାହିଁ। ପରିବେଶ ଓ ପାଣିପାଗ ପରିବର୍ତ୍ତନ ସହ ବିଶ୍ୱ ତାପନ ଫଳରେ ସମୁଦ୍ରର ଜଳପତ୍ତନ ବୃଦ୍ଧି ପାଉଛି। ଅମାବାସ୍ୟା, ପୂର୍ଣ୍ଣିମା ଆଦି ତିଥିରେ ଆସୁଥିବା ଜୁଆର ଲୁଣାବନ୍ଧକୁ ଡେଇଁଯାଉଛି। ସୁରକ୍ଷା ପ୍ରାଚୀର ଭାବେ ହେନ୍ତାଳବଣ ବୃଦ୍ଧିର ଆବଶ୍ୟକତା ଅଛି। ତେବେ ଏହି ଆର୍ଦ୍ରଭୂମିରେ ହେନ୍ତାଳବଣ ବୃଦ୍ଧି ପାଇଁ ଯଥେଷ୍ଟ ପରିମାଣର ମଧୁର ଜଳ ପହଞ୍ଚି ପାରୁନାହିଁ। ଆର୍ଦ୍ରଭୂମି ପାଇଁ ଅନ୍ୟୂନ ୪୦ ପ୍ରତିଶତ ମଧୁର ଜଳ ଆବଶ୍ୟକ ଥିବା ବେଳେ ଖରାଦିନେ ମାତ୍ର ୧୫ ପ୍ରତିଶତ ପହଞ୍ଚି ପାରୁଥିବା ସେ ମତ ଦେଇଛନ୍ତି। ଛପାଲି ଗାଁର ହରେକୃଷ୍ଣ ପାତ୍ର କହିଛନ୍ତି, ଅଗରନାଶୀ ଦ୍ୱୀପ ପୂର୍ବରୁ ୭ କି.ମି. ଲମ୍ବା ଥିଲା। ଏବେ ମାତ୍ର ୭୦୦ ମିଟର ରହିଛି। ଏଠାରେ ବଡ଼ ପଥର ଦ୍ୱାରା ବନ୍ଧ ବନ୍ଧାଗଲେ ତଟକ୍ଷୟ ରୋକାଯାଇ ପାରିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଡିଏଫ୍ଓ ଡ. ଯଜ୍ଞଦତ୍ତ ପତି କହିଛନ୍ତି, ତଟ ଅଞ୍ଚଳରେ ହେନ୍ତାଳବଣ ସୃଷ୍ଟି ପାଇଁ ଗୁରୁତ୍ୱ ଦିଆଯାଇଛି। ସାତଭାୟା, ପେଣ୍ଠ ଆଦି ଅଞ୍ଚଳରେ ବହୁ ପରିମାଣରେ ଚାରା ଲାଗିଛି। ତଟକ୍ଷୟ ସମ୍ପର୍କରେ ବିଶେଷଜ୍ଞଙ୍କୁ ଅବଗତ କରାଇ ରିପୋର୍ଟ ପ୍ରସ୍ତୁତ ହୋଇଛି।

# ରୋଗୀ, ସ୍ୱାସ୍ଥ୍ୟ କର୍ମଚାରୀ ଭୟଭୀତ


ପାଳିମୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସୁଛି କଂକ୍ରିଟ୍ ଖଣ୍ଡ।

### ପାଳିମୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ଛାତରୁ ଖସୁଛି କଂକ୍ରିଟ୍

ଆଳି,୨।୮(ଡି.ଏନ.ଏ.)

କେନ୍ଦ୍ରାପଡ଼ା ଜିଲା ଆଳି ବ୍ଲକ ଧୋୟାଞ୍ଚଳର ଲୋକମାନଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଗୋବିନ୍ଦପୁର ଓ ପାଳିମୀଠାରେ ରହିଛି ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର। ଏହି ଦୁଇଟି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ଧୋୟାଞ୍ଚଳର ଲୋକମାନେ ନିର୍ଭର କରିଥାନ୍ତି। କିଛିଦିନ ହେବ ପାଳିମୀ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଛାତରୁ ଖଣ୍ଡଖଣ୍ଡ ହୋଇ କଂକ୍ରିଟ ଖସୁଥିବା ଦେଖିବାକୁ ମିଳୁଛି। ଏହି ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ପାଳିମୀ, ମୋହନପୁର, ଏରଡଙ୍ଗ, ନାଟରା, ଗୁଣ୍ଡୁଦିଆ, ନୂଆପାଟଣା, କୁସୁମି ଅଞ୍ଚଳର ପ୍ରାୟ ୩ ହଜାରରୁ ଊର୍ଦ୍ଧ୍ୱ ଲୋକ ନିର୍ଭର କରିଥାନ୍ତି। ସ୍ୱାସ୍ଥ୍ୟକେନ୍ଦ୍ରକୁ ଦୈନିକ ଶତାଧିକ ରୋଗୀ ଆସୁଥିବା ବେଳେ ଭୟଭୀତ ଅବସ୍ଥାରେ ଡାକ୍ତରଙ୍କୁ ଦେଖାଉଛନ୍ତି। ଛାତରୁ ଖଣ୍ଡଖଣ୍ଡ କଂକ୍ରିଟ ଖସୁଥିବାରୁ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ସମେତ ରୋଗୀ ଓ ସମ୍ପର୍କୀୟମାନେ ଭୟଭୀତ ହୋଇ ପଡିଛନ୍ତି। ମିଳିଥିବା ସୂଚନା ମୁତାବକ, ଏହି ସ୍ୱାସ୍ଥ୍ୟକେନ୍ଦ୍ର ଗୃହଟି ବହୁତ ପୁରୁଣା। କିଛିଦିନ ପୂର୍ବେ ଏହାର ମରାମତି କରା ଯାଇଥିଲା। କିନ୍ତୁ ମରାମତି ପରେ ପୁନର୍ବାର କଂକ୍ରିଟ ଖସିଲାଣି। କୌଣସି ଏକ ବଡ ଧରଣର ଦୁର୍ଘଟଣା ଘଟିବା ପୂର୍ବରୁ ବିଭାଗୀୟ କର୍ତ୍ତୃପକ୍ଷ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେଇ ସ୍ଥାୟୀ ପ୍ରତିକାର ବ୍ୟବସ୍ଥା କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

# ୬ ପରିବାର ଲୁଣା ଜଙ୍ଗଲ ଲାଗି ଦେଲେ ଜମି

ରାଜନଗର, ୨।୮(ଡି.ଏନ.ଏ.)

ବଙ୍ଗୋପସାଗର ତଟବର୍ତ୍ତୀ ରାଜନଗର ଅଞ୍ଚଳର ସୁରକ୍ଷା ପାଇଁ ନୂତନ ଲୁଣା ଜଙ୍ଗଲ ସୃଷ୍ଟି ନିମନ୍ତେ ସ୍ଥାନୀୟ ଲୋକେ ଆଗେଇ ଆସିଛନ୍ତି। ଲୁଣା ଜଙ୍ଗଲର ପରିସୀମା ବଢାଇବାକୁ ଲୋକେ ନିଜର ଜମିରେ ଚାରା ରୋପଣ ପାଇଁ ବନବିଭାଗକୁ ଦାନ କରୁଛନ୍ତି। ସୋମବାର ଘଡିଆମାଳ ପଞ୍ଚାୟତର ନୂଆଗାଁର ୬ ପରିବାର ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ନିଜର ପୈତୃକ ସମ୍ପତ୍ତିକୁ ବନବିଭାଗକୁ ହସ୍ତାନ୍ତର କରିଛନ୍ତି। ୬ ପରିବାରଙ୍କ ୬୦ ଡେସିମିଲ ଜମିରେ ଲୁଣା ଗଛର ଚାରା ରୋପଣ କରାଯାଇଛି।

ରାଜନଗର ବନ ବିଭାଗ ପକ୍ଷରୁ ମ୍ୟାନ ଗ୍ରୁଭ ମିତ୍ର କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଲୁଣା ଜଙ୍ଗଲ ସୃଷ୍ଟି ଓ ସୁରକ୍ଷାରେ ସ୍ଥାନୀୟ ଅଧିବାସୀଙ୍କ ସମ୍ପୃକ୍ତି ବଢାଇବା ଲକ୍ଷ୍ୟରେ ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। କେବଳ ଲୁଣା ଜଙ୍ଗଲ ବା ହେନ୍ତାଳବଣ ହିଁ ଉପକୂଳକୁ ପ୍ରାକୃତିକ ବିପର୍ଯ୍ୟୟରୁ ରକ୍ଷା କରିପାରିବ। ଏ ନେଇ ବନ ବିଭାଗ ପକ୍ଷରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରାଯିବା ପରେ ଲୋକେ ବ୍ୟକ୍ତିଗତ ଜମିରେ ଲୁଣା ଜଙ୍ଗଲ ସୃଷ୍ଟି କରିବାକୁ ଜମି ଦାନ କରୁଛନ୍ତି। ସପ୍ତାହକ ତଳେ ରାଜେନ୍ଦ୍ର ନାରାୟଣପୁର ଗାଁର ଦିଲୀପ କୁମାର ମଣ୍ଡଳ ପରମାନନ୍ଦପୁର ମୌଜାର ୧ ଏକର ଜମି ଓ ନଳିତାପାଟିଆ ଗାଁର ସତ୍ୟପ୍ରିୟ ସାହୁ ନଳିତାପାଟିଆ ମୌଜାରେ ୧ ଏକର ଜମି ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ବନବିଭାଗକୁ ହସ୍ତାନ୍ତର କରିଥିଲେ। ଏହି ଜମିରେ ଲୁଣା ଜଙ୍ଗଲ ପାଇଁ ଚାରା ଲଗାଯାଇଛି। ଘଡିଆମାଳ ଗାଁ ମୁଣ୍ଡରୁ ନୂଆଗାଁ ଯାଏ ୨ କିମି ଧରି ନଦୀ କୂଳରେ ଲୁଣା ଜଙ୍ଗଲ ସୃଷ୍ଟି ହୋଇଛି। ୫ ବର୍ଷ ମଧ୍ୟରେ ଏହି ଲୁଣା ଜଙ୍ଗଲ ସୃଷ୍ଟି ହୋଇଛି। ଏହି ୨ କିମି ମଧ୍ୟରେ କେରୁଅଁ, ଓରୁଅ, ସିନ୍ଦୁକା ପ୍ରଜାତିର ଗଛ ରହିଛି। ୟାସ ବାତ୍ୟାରେ ଏହି ଲୁଣା ଜଙ୍ଗଲ ଗାଁକୁ ସୁରକ୍ଷା ଦେଇଥିଲା। ଗ୍ରାମବାସୀ ଲୁଣା ଜଙ୍ଗଲର ଉପକାରିତା ଅଙ୍ଗେ ନିଭାଇ ଥିଲେ। ଏହିକ୍ରମରେ ଶନିବାର ନୂଆଗାଁର ଗୋବର୍ଦ୍ଧନ ପ୍ରଧାନ, ଅଭିରାମ ପ୍ରଧାନ, ଶୁକଦେବ ପ୍ରଧାନ, ଖଗେଶ୍ୱର ପ୍ରଧାନ, ଅଶ୍ୱିନୀ ପ୍ରଧାନ, ମାୟାଧର ପ୍ରଧାନ ଗାଁ ନିକଟରେ ପ୍ରବାହିତ ବ୍ରାହ୍ମଣୀ ନଦୀ କୂଳରେ ଲୁଣା ଜଙ୍ଗଲ ସୃଷ୍ଟି ପାଇଁ ଜମିଦାନ କରିଛନ୍ତି। ସେମାନେ ଦେଇଥିବା ୬୦ ଡେସିମିଲ ଜମିରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାରା ରୋପଣ କରିବା ସହ ଜମି ଦାନ କରିଥିବା ପରିବାରଙ୍କୁ କୃତଜ୍ଞତା ଜଣାଇଥିଲେ। ଏଥିରେ ଅବୈତନିକ ବନଖଣ୍ଡ ତତ୍ତ୍ୱାବଧାରକ ସୂର୍ଯ୍ୟ ନାରାୟଣ ଲେଙ୍କା, ଆଇଆଇସି ତପନ କୁମାର ନାୟକ, କନିକା ରେଞ୍ଜ ଅଫିସର ମାନସ କୁମାର ଦାସ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଜମିରେ ପାଣିଆନ୍ଧ, ଜାଗୁଲା, ବନ୍ଦରୀ, ହବାଳି, ସୁନ୍ଦରୀ, ସହରାଇ, ସିନ୍ଦୁକା, ବନ୍ଦରୀ ଚାରା ରୋପଣ କରାଯାଇଛି।


ଲୁଣା ଜଙ୍ଗଲ ପାଇଁ ଜମି ଦେଇଥିବା ଲୋକଙ୍କୁ ବିଧାୟକ ଧ୍ରୁବ ସାହୁ ସମ୍ବର୍ଦ୍ଧିତ କରୁଛନ୍ତି।

### ବଉଳା କୁମ୍ଭୀର ସମ୍ପର୍କିତ ସଚେତନତା ଶିବିର

ରାଜନଗର,୨।୮(ଡି.ଏନ.ଏ.)

ରାଜନଗର ବନ ବିଭାଗ ପକ୍ଷରୁ ଗୁପ୍ତି ପଞ୍ଚାୟତର ବନବିହାରୀପୁରଠାରେ ବଉଳା କୁମ୍ଭୀର ସମ୍ପର୍କିତ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଫରେଷ୍ଟର ବିଜୟ କୁମାର ପାତ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଚେତନତା ଶିବିରରେ ଫରେଷ୍ଟର ରିତ ରାଉତ, ଫରେଷ୍ଟ ଗାର୍ଡ ସବିତା ବେହେରା, ଅଭିରାମ ଦାସ, ହିମାଂଶୁ ରାଉତ, ପୂର୍ବତନ ସରପଞ୍ଚ ଗିରିଶ ଚନ୍ଦ୍ର ନାୟକ, ଖଗେଶ୍ୱର ଲେଙ୍କା ପ୍ରମୁଖ ଯୋଗଦେଇଥିଲେ। ସେମାନେ ବଉଳା କୁମ୍ଭୀର ଭିତରକନିକା ଲୁଣା ଜଙ୍ଗଲ ସୁରକ୍ଷାରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ବୋଲି କହିଥିଲେ। ଲୁଣା ଜଙ୍ଗଲର ସୁରକ୍ଷା ଓ ଜୈବ ବିବିଧତାର ସୁରକ୍ଷା ପାଇଁ ବଉଳା କୁମ୍ଭୀର ସଂରକ୍ଷଣ ଜରୁରୀ। ବର୍ତ୍ତମାନ କୁମ୍ଭୀର ପ୍ରଜନନ ଋତୁରେ ସେମାନେ ଅଧିକ ହିଂସ୍ର ହୋଇ ଉଠିଥାନ୍ତି। ଏହି ସମୟରେ ନଦୀ ନାଳଗୁଡିକରେ କୁମ୍ଭୀର ଆକ୍ରମଣର ଭୟ ରହିଛି। ନଦୀ, ନାଳ ନିକଟକୁ ନ ଯିବା ଓ ବନ ବିଭାଗ ପକ୍ଷରୁ ହୋଇଥିବା ଗାଧୁଆ ଘାଟରେ ଗାଧୋଇବା ପାଇଁ ପରାମର୍ଶ ଦିଆଯାଇଥିଲା।

# ଅରେହିକଣା ପଞ୍ଚାୟତର ଜବ୍‌କାର୍ଡଧାରୀଙ୍କୁ ମିଳୁନି ମଜୁରି


କାମ କରି ମଜୁରି ପାଇ ନ ଥିବା ଜବ୍‌କାର୍ଡଧାରୀମାନେ।

ଆଳି,୨।୮(ଡି.ଏନ.ଏ.)

ରାଜ୍ୟ ସରକାର ସାଧାରଣ ଲୋକଙ୍କ ଆର୍ଥିକ ଅସୁବିଧା ଦୂର କରିବା ନିମନ୍ତେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍) କାର୍ଯ୍ୟକାରୀ କରି ଲୋକମାନଙ୍କୁ କାମ ଯୋଗାଇ ଦେଉଛନ୍ତି। ହେଲେ ଏହି ଯୋଜନାରେ କାମ କରି ବର୍ଷେ ହେବ ଜବକାର୍ଡଧାରୀମାନେ ମଜୁରି ପାଇ ନ ଥିବା ନେଇ ଅଭିଯୋଗ କରିଛନ୍ତି। ଆଳି ବ୍ଲକ ଅରେହିକଣା ପଞ୍ଚାୟତରୁ ଏଭଳି ଅଭିଯୋଗ ଆସିଛି। ପଞ୍ଚାୟତର ହଳଧର ପ୍ରଧାନ, ସାଫଲ୍ୟ ରାଉତ, ସଦାନନ୍ଦ ଦାସ, ନିନ୍ଧିରାମ ମହାରଣା, ଶୁକଦେବ ନାୟକ, ମନୋଜ ରାଉତ, ବିନୋଦ ରାଉତଙ୍କ ସମେତ ଶତାଧିକ ଲୋକ ଅଭିଯୋଗ କରିଛନ୍ତି ଯେ, ବର୍ଷେ ପୂର୍ବେ ପଞ୍ଚାୟତର କୁମ୍ଭାର ଟଙ୍କା ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଥିବା ପୋଖରୀର ସ୍ୱର ନିର୍ମାଣ କାର୍ଯ୍ୟ ହୋଇଥିଲା। ସେହି ସମୟରେ ଗ୍ରାମର ଶତାଧିକ ମହିଳାପୁରୁଷମାନେ ମୁଣ୍ଡରେ ପଥର ବୋହି ପଥର ପ୍ୟାକିଂ କାମ କରିଥିଲେ। ୩ ଦିନ କାମ କରିବା ପରେ ସେମାନଙ୍କୁ କାମ କରିବାକୁ ନ ଦେଇ ମେଶିନ ସାହାଯ୍ୟରେ କରାଯାଇଥିଲା। ଏହି ପ୍ରକଳ୍ପ ଶେଷ ହେବା ପରେ ସେମାନେ ସେମାନଙ୍କ ପ୍ରାପ୍ୟ ମାଗିବାରୁ ପଞ୍ଚାୟତ ପକ୍ଷରୁ ଦିଆଯାଇ ନ ଥିଲା। ୩ ଦିନର ମଜୁରି ପାଇଁ ସେମାନେ ପଞ୍ଚାୟତକୁ ଧାଇଁ ଧାଇଁ ନୟାନ୍ତ ହୋଇଗଲେଣି। ଏ ସମ୍ପର୍କରେ ଆଳି ବିଡିଓ ଦ୍ୱିବେନ୍ଦୁ ଦାସଙ୍କୁ ପଚାରିବାରୁ ସେମିତି ହୋଇପାରିବ ନାହିଁ। ଯଦି ଜବକାର୍ଡଧାରୀମାନେ କାମ କରିଛନ୍ତି ତେବେ ସେମାନେ ମଜୁରି ପାଇବା ନିଶ୍ଚିତ। ଏ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

# ପିଲାମାନେ ପାଠପଢ଼ା ଛାଡ଼ି ମାଛ, କଙ୍କଡ଼ା ଧରୁଛନ୍ତି

ମହାକାଳପଡ଼ା,୨।୮ (ଡି.ଏନ୍.ଏ.)

### କରୋନାରେ ଦିଗହରା ପ୍ରାଥମିକ ଶିକ୍ଷା

ମହାମାରୀ କରୋନା ବିଶ୍ୱକୁ ଗ୍ରାସିଛି। ଏହା ପ୍ରଭାବରେ ଗାଁରୁ ସହର ବାସିନ୍ଦାମାନଙ୍କ ମଧ୍ୟରେ ଭୟ ସଞ୍ଚାର ହୋଇଛି। ସମସ୍ତ ସରକାରୀ ବ୍ୟବସ୍ଥା ସଙ୍କଟ ଦେଇ ଗତିକରୁଛି। ଶିକ୍ଷା, ସ୍ୱାସ୍ଥ୍ୟ, ବ୍ୟବସାୟ, ଚାକିରି ସମେତ ଅନେକ ପ୍ରଭାବିତ ହୋଇଛି। ବିଶେଷକରି ବିଦ୍ୟାଳୟ ବନ୍ଦ ପରେ ଛାତ୍ରୀଛାତ୍ରମାନେ ବହି ବସ୍ତାନି ଫୋପାଡି ଗାଁ ନିକଟ ନଦୀ, ନାଳ, ଯୋରି ଓ ଖାଲ ପାଟ ଆଦିରେ ମାଛ, କଙ୍କଡା ଧରୁଥିବା ଦେଖିବାକୁ ମିଳୁଛି। ପଚାରିଲେ ପିଲାମାନେ କୁହନ୍ତି, ସ୍କୁଲ ବନ୍ଦ ହୋଇଛି। ମାଛ କଙ୍କଡା ଧରିବୁନି ତ ଆଉ କ'ଣ କରିବୁ। ଏଭଳି ଦେଖିବାକୁ ମିଳିଛି କେନ୍ଦ୍ରାପଡ଼ା ଜିଲା ମହାକାଳପଡା ବ୍ଲକ ଉପକୂଳ ଅଞ୍ଚଳର ଜନଜାତି ପିଲାଙ୍କ ପାଠପଢ଼ା କ୍ଷେତ୍ରରେ। ରାମନଗର, ପେଟଛେଲା, ବଘୁଆ ମେଦ, ସିଂପଡ଼ା ଆଦି ଆଦିବାସୀ ବହୁଳ ଗାଁର ପିଲାମାନେ ପ୍ରାଥମିକ ବିଦ୍ୟାଳୟ ବନ୍ଦ ଯୋଗୁ ମୁହଁରେ ମାସ୍କ ନ ପିନ୍ଧି ବୁଲାବୁଲି କରୁଥିବା ଦେଖିବାକୁ ମିଳିଛି। କେତେଜଣ ପିଲା ତିଖିରି ଆବାସିକ ବିଦ୍ୟାଳୟରେ ନାମ ଲେଖାଇଥିଲେ ମଧ୍ୟ ବନ୍ଦ ଯୋଗୁ ଘରେ ରହିଛନ୍ତି। ବହୁ ଦୂରରେ ଜନଜାତି ପିଲାଙ୍କ ସରକାରଙ୍କ ଅନ୍‌ଲାଇନ ପାଠପଢା। ଏମାନେ ଗରିବ ଶ୍ରେଣୀର ହୋଇଥିବାରୁ ପରିବାରରେ ଖାଇବାକୁ ନାହିଁ। ପାଖରେ ଟଙ୍କା ନ ଥିବାରୁ ଏମାନେ ସ୍ମାର୍ଟ ଫୋନରେ ଅନ୍‌ଲାଇନ ପାଠ ପଢିବା ସ୍ୱପ୍ନ ପାଲଟିଛି।


ରାମଚଣ୍ଡୀ ଗଳିଆ ନଦୀପାର୍ଶ୍ୱ ଖାଲପାଟରୁ ପଢା ଭୁଲି ପିଲାମାନେ ମାଛ, କଙ୍କଡା ଧରୁଛନ୍ତି।

# ଗ୍ରାମବାସୀଙ୍କ ଦାବି ଶୁଣୁନି ପ୍ରଶାସନ: ତେଜୁଛି ଅସନ୍ତୋଷ

ଆଳି,୨।୮(ଡି.ଏନ୍.ଏ.)

### ରାସ୍ତା ପାଇଁ ହନ୍ତସନ୍ତ ମାନପୁର କୁଳସାହି ଅଧିବାସୀ

ରାଜ୍ୟ ସରକାର ଲୋକମାନଙ୍କ ଗମନାଗମନ ସୁବିଧା ପାଇଁ ବିଭିନ୍ନ ଯୋଜନାରେ କୋଟି କୋଟି ଟଙ୍କା ଖର୍ଚ୍ଚ କରି ରାସ୍ତା ନିର୍ମାଣ କରୁଛନ୍ତି। ଠିକାଦାର ଓ ଯନ୍ତ୍ରୀଙ୍କ ସଲାସୁତରାରେ ଅନେକ ସ୍ଥାନରେ ଢଳେଇ ତାଡ଼ି ଢଳେଇ ଓ ପିଚୁ ଉପରେ ପିଚୁ ପକାଇ ରାସ୍ତା ନିର୍ମାଣ କରି ଲକ୍ଷାଧିକ ଟଙ୍କା ହରିଲୁଟ ହେଉଛି। କିନ୍ତୁ ରାସ୍ତାଟିଏ ପାଇଁ ହନ୍ତସନ୍ତ ହେଉଥିବା ଲୋକମାନଙ୍କ ସମସ୍ୟା ଜାଣି ମଧ୍ୟ ବିଭାଗୀୟ ଅଧିକାରୀମାନେ ଅଜଣା ସାଜୁଛନ୍ତି। ଲୋକ ପ୍ରତିନିଧି କିମ୍ବା ପ୍ରଶାସନ ଏ ବିଷୟ ପ୍ରତି ଅବଗତ ଥିଲେ ମଧ୍ୟ ଧ୍ୟାନ ଦେଉନାହାନ୍ତି। ନିର୍ବାଚନ ସମୟ ଆସିଲେ ରାଜନେତାମାନେ ଭୋଟ ଭିକ୍ଷା ସମୟରେ ଗଦାଗଦା ପ୍ରତିଶ୍ରୁତି ଦେଉଥିବା ବେଳେ ଭୋଟ ସରିଗଲେ ସବୁ ପାଣିର ଗାର ପାଲଟି ଯାଉଛି। ଏଭଳି ଅବସ୍ଥା ଦେଖିବାକୁ ମିଳିଛି ଆଳି ବ୍ଲକ ଅନ୍ତର୍ଗତ ଭୂଇଁପୁର ପଞ୍ଚାୟତର ୧୦ନଂ. ୱାର୍ଡ ମାନପୁର କୁଳସାହି ଗ୍ରାମରେ। ଗ୍ରାମବାସୀଙ୍କ ଅଭିଯୋଗ ମୁତାବକ, ମାନପୁର ମଠଠାରୁ ବେହେରା ସାହି ପର୍ଯ୍ୟନ୍ତ ରାସ୍ତା ଶୋଚନୀୟ ହୋଇପଡିଛି। ବେହେରା ସାହି ଓ ବୋଇତି ସାହି ନିକଟ ଦେଇ କାଣି ନଦୀକୂଳରେ ହୋଇଥିବା ମାଟିରାସ୍ତା ଏବେ ବିଲ ହିଡ ପରି ହୋଇଗଲାଣି। ଏହି ରାସ୍ତାରେ ଯାତାୟାତ କରିବା କଷ୍ଟକର ହୋଇପଡୁଛି। କାଣି ନଦୀ ସେତୁ ନିକଟରୁ ନଦୀକୂଳ ଦେଇ ଯାଇଥିବା ଏକ ଢଳେଇ ରାସ୍ତା ବେହେରା ସାହି ନିକଟରେ ଅଟକି ରହିଛି। ଗ୍ରାମର ଦୁର୍ଗାପଡିଆ ନିକଟରୁ ମାନପୁର-ଗୋବିନ୍ଦପୁର ମୁଖ୍ୟ ରାସ୍ତାରୁ ଏକ ଢଳେଇ ରାସ୍ତା ନଦୀ କୂଳେ କୂଳେ ଆସି ମାନପୁର ମଠ ପୂର୍ବରୁ ଅସଂପୂର୍ଣ୍ଣ ହୋଇ ପଡିରହିଛି। ଏହି ଦୁଇ ରାସ୍ତାର ମଧ୍ୟଭାଗ ପ୍ରାୟ ୧ କିମି ଲମ୍ବ ଅଞ୍ଚଳରେ ଆଦୌ ରାସ୍ତାନାହିଁ। ତେଣୁ ଏହି ପଡ଼ାରେ ବାସ କରୁଥିବା ଲୋକେ ଯାତାୟାତରେ ଅସୁବିଧା ଭୋଗୁଛନ୍ତି। ବର୍ଷାଦିନ ଆସିଲେ ସେମାନଙ୍କ ସମସ୍ୟା ଦ୍ୱିଗୁଣିତ ହୋଇଯାଉଛି। ରାସ୍ତାଟି କାଦୁଅ ପଚର ପଚର ହୋଇ ଯାଇଥାଏ। ସାଇକେଲ ଓ ବାଇକ୍ ନେଇ ଯିବା କାଠିକର ପାଠ। ସ୍କୁଲ, କଲେଜରେ ପାଠ ପଢୁଥିବା ଛାତ୍ରୀଛାତ୍ରମାନଙ୍କୁ ନିଜ ଶିକ୍ଷାନୁଷ୍ଠାନରେ ପହଞ୍ଚିବାରେ ମଧ୍ୟ ସମସ୍ୟା ହୋଇଥାଏ। ବନ୍ୟା ଆସିଲେ ସେହି କଚ୍ଚା ରାସ୍ତାଟି ବନ୍ୟାଜଳରେ ବୁଡିଯାଏ। ଫଳରେ ସେମାନେ କୌଣସି ଜରୁରୀ କାର୍ଯ୍ୟରେ ବାହାରିଲେ ଅଥଳ ଥଳ ପାଣିରେ ପଶି ଯିବାକୁ ପଡିଥାଏ। ଅନ୍ୟ ସମୟରେ କୌଣସି ରୋଗୀକୁ ଡାକ୍ତରଖାନା ନେବାକୁ ହେଲେ ୧ କିମି ରାସ୍ତା ଭାର କରି ନେଇ ଗାଡିରେ ନେବାକୁ ପଡିଥାଏ। ଗାଁ ପ୍ରତି ପ୍ରଶାସନର ବୈମାତୃକ ମନୋଭାବ କାହିଁକି ବୋଲି ଗ୍ରାମର କଲ୍ଲୋଳ ବୋଇତି, ପ୍ରଫୁଲ୍ଲ ଦାସ, ସୁବଳ କୁମାର ବୋଇତି, ଶରତ ବୋଇତି, ଗୋପୀନାଥ ବୋଇତି, ଶତ୍ରୁଘ୍ନ ବୋଇତି, ମାନସ ବେହେରା, ଅଲେଖ ଚନ୍ଦ୍ର ଦାସ, ହରିହର ଦାସ ପ୍ରମୁଖ ପ୍ରଶ୍ନ ଉଠାଇଛନ୍ତି। ଦୀର୍ଘଦିନ ହେବ ସେମାନେ ପ୍ରଶାସନର ଦ୍ୱାରସ୍ଥ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ପ୍ରଶାସନ ପକ୍ଷରୁ ଯଦି ତୁରନ୍ତ ଏହି ସମସ୍ୟା ସମାଧାନ କରା ନ ଯାଏ, ତେବେ ସେମାନେ ଆନ୍ଦୋଳନର ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।


ମନପୁର କୂଳସାହିକୁ ରାସ୍ତା ନ ଥିବାରୁ ଲୋକେ ହଇରାଣ ହେଉଛନ୍ତି।

**ଉଠାଜଳସେଚନ ପ୍ରକଳ୍ପ ଅଚଳ**

ଯାଜପୁର ଟାଉନ,(ଡି.ଏନ.ଏ.):ଯାଜପୁର ବ୍ଲକ ନାଥସାହି ପଞ୍ଚାୟତରେ ଥିବା ଉଠାଜଳସେଚନ ପ୍ରକଳ୍ପ ସମ୍ପୂର୍ଣ୍ଣ ଅଚଳ ହୋଇଯାଇଛି। ମୌସୁମୀ ବର୍ଷା ନ ଥିବାରୁ ଜମି ଫାଟି ଆଁ କରିଛି। ଜଳସେଚନ ପ୍ରକଳ୍ପଗୁଡିକ ଅଚଳ ହୋଇପଡିଥିବାରୁ ଚଳିତ ବର୍ଷ ମରୁଡ଼ି ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ସୃଷ୍ଟି ହୋଇଛି। ପାଣି ପଞ୍ଚାୟତ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବାରୁ ଜଳସେଚନ ପ୍ରକଳ୍ପ କାମ ଆରମ୍ଭ ହୋଇପାରୁନାହିଁ। ଏହାର ପ୍ରତିବାଦରେ ଗ୍ରାମବାସୀ ଯାଜପୁର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ତୁରନ୍ତ ଅଚଳ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରିବାକୁ ସେମାନେ ଦାବି କରିଛନ୍ତି।

## ସଂକ୍ଷେପରେ

### ନଦୀରେ ବୁଡ଼ି ବୃଦ୍ଧ ମୃତ

ବରୀ,୨।୮(ଡି.ଏନ.ଏ.): ସ୍ଥାନୀୟ ଦୁଧେଇ ନଦୀରେ ବୁଡ଼ି ଜଣେ ବୃଦ୍ଧଙ୍କ ସୋମବାର ମୃତ୍ୟୁ ଘଟିଛି। ମୃତକ ହେଲେ ବରୀ ରାମଚନ୍ଦ୍ରପୁର ଥାନା ଅଧୀନ ରତଲାଙ୍ଗ ଗ୍ରାମର ଭଗବାନ ସାମଲ (୮୮)। ସେ ପରିବାର ସହ ଅରଙ୍ଗାବାଦ ଚତରଠାରେ ବହୁଦିନ ହେଲା ରହି ଆସୁଥିଲେ। ସୋମବାର ସେ ଦୁଧେଇ ନଦୀକୁ ଗାଧୋଇ ଯାଉଥିବା ବେଳେ ଏହି ଦୁଃଖଦ ଘଟଣା ଘଟିଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ତାଙ୍କୁ ଉଦ୍ଧାର କରାଯାଇ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ହେଲେ ଡାକ୍ତର ତାଙ୍କୁ ମୃତ୍ୟୁ ଘୋଷଣା କରିଥିଲେ। ଏ ସଂକ୍ରାନ୍ତରେ ଥାନାକୁ କୌଣସି ସୂଚନା ଦିଆଯାଇ ନ ଥିବା ପୋଲିସ କହିଛି।

### ମେସ୍କୋ ଷ୍ଟିଲ୍‌ରୁ ତମ୍ବା ତାର ଚୋରି, ସୁରକ୍ଷା କର୍ମୀ ଗିରଫ

କଳିଙ୍ଗନଗର,୨।୮(ଡି.ଏନ.ଏ.): କଳିଙ୍ଗନଗର ଶିଳ୍ପାଞ୍ଚଳ ମେସ୍କୋଷ୍ଟିଲ କାରଖାନାରୁ ତମ୍ବା ତାର ଚୋରି ଘଟଣାରେ ସୋମବାର ଆଉ ଜଣେ ସୁରକ୍ଷା କର୍ମୀଙ୍କୁ କଳିଙ୍ଗନଗର ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଏ ସଂକ୍ରାନ୍ତରେ ଏକ ମାମଲା (ନଂ. ୧୮୧/୨୧) ରୁଜୁ କରାଯାଇଛି। ଗିରଫ ସୁରକ୍ଷା କର୍ମୀ ହେଲେ ଯାଜପୁର ରୋଡ ଥାନା ମୁଣ୍ଡମାଳ ଗାଁର ପ୍ରଶାନ୍ତ କୁମାର ଆଇଚ (୪୮)। ରବିବାର ଏହି ଘଟଣାରେ ୬ ଜଣଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କଠାରୁ ପ୍ରଶାନ୍ତ ଟଙ୍କା ନେଉଥିଲେ। ତାଙ୍କ ଡ୍ୟୁଟି ସମୟରେ ଅଭିଯୁକ୍ତମାନେ ଚୋରି ସାମଗ୍ରୀକୁ ସହଜରେ ବାହାରକୁ ଆଣି ପାରୁଥିଲେ ବୋଲି ସୂଚନା ମିଳିବା ପରେ ପୋଲିସ ପ୍ରଶାନ୍ତଙ୍କୁ ଗିରଫ କରିଛି।

### ମାଣ୍ଡୁକା ପଞ୍ଚାୟତରେ ବାଘ ଆତଙ୍କ

ଚଣ୍ଡିଖୋଲ,୨।୮(ଡି.ଏନ୍.ଏ.): ବଡ଼ଚଣା ବ୍ଲକ୍ ମାଣ୍ଡୁକା ପଞ୍ଚାୟତ ଅଞ୍ଚଳରେ ବାଘ ବୁଲୁ ଥିବା ନେଇ ଆତଙ୍କ ଖେଳିଯାଇଛି। କୃଷ୍ଣଦାସପୁର-ରତ୍ନଗିରି ରାସ୍ତାରେ ରବିବାର ବିଳମ୍ବିତ ରାତ୍ରିରେ ଏକ ବାଘ ବୁଲୁଥିବା ସ୍ଥାନୀୟ ଟୋଲଗେଟ୍ କର୍ମଚାରୀମାନେ ଦେଖିଥିଲେ। ଏ କଥା ପ୍ରଚାର ହେବା ପରେ ମାଣ୍ଡୁକା, ପଦ୍ମଲାଭପୁର ଗ୍ରାମ ସମେତ ଆଖପାଖ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ବନ ବିଭାଗ ବୁଲୁଥିବା ବାଘକୁ ଧରିବା ପାଇଁ ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି। ବାଘଟି ନିକଟସ୍ଥ ଅସିଆ-ଚାରିନଙ୍ଗଳ ସଂରକ୍ଷିତ ଜଙ୍ଗଲରୁ ଚାଲି ଆସିଥିବା ଅନୁମାନ କରାଯାଉଛି। ବାଘ ଆତଙ୍କ ଯୋଗୁ ପାହାଡ଼ ପାଦଦେଶରେ ଥିବା ଗ୍ରାମବାସୀ ବି ଆତଙ୍କିତ ଅବସ୍ଥାରେ ଅଛନ୍ତି।

### ଜଳ ସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀଙ୍କ ପରଲୋକ

ବାଲିଚନ୍ଦ୍ରପୁର,୨।୮(ସ୍ୱ.ପ୍ର.): ଜଳସମ୍ପଦ ବିଭାଗ ସହକାରୀ ଯନ୍ତ୍ରୀ ହରେକୃଷ୍ଣ ଓଝା (୫୫)ଙ୍କ ସୋମବାର ପରଲୋକ ହୋଇଯାଇଛି। ସେ କିଛି ଦିନ ହେବ କର୍କଟ ରୋଗରେ ପୀଡ଼ିତ ହୋଇ ଚିକିତ୍ସିତ ହେଉଥିଲେ। ସେ ଗତ ୧୦ ବର୍ଷ ହେବ ନୃର୍ତାଙ୍ଗ ସବଡ଼ିଭିଜନର ବାଲିଚନ୍ଦ୍ରପୁର ସେକସନରେ କନିଷ୍ଠଯନ୍ତ୍ରୀ ଭାବେ କାମ କରୁଥିଲେ। ପଦୋନ୍ନତି ପାଇଁ ସେ ସହକାରୀ ଯନ୍ତ୍ରୀ ହୋଇଥିଲେ। ତାଙ୍କ ଘର କେନ୍ଦ୍ରାପଡ଼ା ଜିଲା ରାଜକନିକା ବ୍ଲକ ଓଲାଭର ଗ୍ରାମରେ। ସେ କଟକ ଜଗତପୁରଠାରେ ରହୁଥିଲେ। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି।

### ମଙ୍ଗରାଜପୁର ସରପଞ୍ଚଙ୍କ ପରଲୋକ

ରସୁଲପୁର,୨।୮(ଡି.ଏନ.ଏ.): ରସୁଲପୁର ବ୍ଲକ ମଙ୍ଗରାଜପୁର ପଞ୍ଚାୟତ ସରପଞ୍ଚ କୁମୁଦିନୀ ନାୟକ (୬୦)ଙ୍କ ସୋମବାର ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି।



ସେ ଗତ କିଛିଦିନ ହେବ ରକ୍ତ ଶର୍କରା ରୋଗରେ ପୀଡ଼ିତ ହୋଇ ଚିକିତ୍ସାଧୀନ ଥିଲେ। ଏହି ଖବର ଜଣାପଡ଼ିବା ପରେ ବରୀ ବିଧାୟିକା ସୁନନ୍ଦା ଦାସ, ଜିଲାପରିଷଦ ସଦସ୍ୟ ଚର୍ତୁଭୂଜ ଦ୍ୱିବେଦୀ, ସରପଞ୍ଚ ନିର୍ମଳ ସାମଲ, ସୁଶାନ୍ତ ବେହେରା, ପ୍ରଫୁଲ୍ଲ ସାହୁ, ଅଭିମନ୍ୟୁ ମହାଳିକ, ସୂର୍ଯ୍ୟମଣୀ ବେହେରା, ବିଜୟ ଦାସ, ଅମୂଲ୍ୟ ପାତ୍ର, ଜିଲା ବିଜେଡି ସାଧାରଣ ସମ୍ପାଦକ ପ୍ରଦୀପ ଦାସ, ଧର୍ମଶାଳା ବିଧାୟକ ପ୍ରତିନିଧି ଅରୁଣ ରାଉତ, ମଦନ ମଳିକ ପ୍ରମୁଖ ତାଙ୍କ ଘରେ ପହଞ୍ଚି ଶେଷ ଦର୍ଶନ କରିଥିଲେ। ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। କୁମୁଦିନୀ ୨୦୦୭ରୁ ଅଦ୍ୟାବଧି ସରପଞ୍ଚ ଭାବେ କାର୍ଯ୍ୟଭାର ତୁଲାଇ ଆସୁଥିଲେ।

# ଅସମାହିତ ବିସ୍ଥାପିତ ସମସ୍ୟା

ଯାଜପୁର ଅଫିସ,୨।୮



ଗୋବରଘାଟି ବିସ୍ଥାପିତ କଲୋନୀ।

**କଳିଙ୍ଗନଗର ଶିଳ୍ପାଞ୍ଚଳ**
- କାର୍ଯ୍ୟକାରୀ ହେଉନି ପ୍ରଶାସନିକ ନିଷ୍ପତ୍ତି
- ୬ ମାସ ହେଲା ଜଳଯୋଗାଣ ପ୍ରକଳ୍ପ ହସ୍ତାନ୍ତରକୁ ବିଡିଓଙ୍କ ନାପସନ୍ଦ
- ମାନତିରା ବିସ୍ଥାପିତ କଲୋନୀ ନିର୍ମାଣ ବିଳମ୍ବିତ

ଯାଜପୁର ଜିଲାର କଳିଙ୍ଗନଗର ଶିଳ୍ପାୟନ କାରଣରୁ ବହୁ ପରିବାର ଭିଟାମାଟି ଛାଡ଼ି ବିସ୍ଥାପିତ ହୋଇଛନ୍ତି। ହେଲେ ନିଯୁକ୍ତି ଓ ଥଇଥାନ ସୁବିଧା ପାଇବା ପାଇଁ ବିସ୍ଥାପିତ ଲୋକେ ଏବେ ବି ସଂଗ୍ରାମ କରି ଚାଲିଥିବାବେଳେ ଏହି ସମସ୍ୟାର ସମାଧାନ ଦିଗରେ ସରକାର ତଥା ପ୍ରଶାସନ ଯେତିକି ତତ୍ପରତା ପ୍ରକାଶ କରିବା କଥା ତାହା ହେଉନାହିଁ। ଫଳସ୍ୱରୂପ ବିଭିନ୍ନ ସମୟରେ ଅନଶନ, ରାଲି, ଆନ୍ଦୋଳନ ଲାଗି ରହୁଛି। ଗୋବରଘାଟି ଓ ତ୍ରିଜଙ୍ଗା ବିସ୍ଥାପିତ କଲୋନୀରେ ଦୀର୍ଘଦିନ ହେଲା ଲାଗି ରହିଥିବା ଜଳଯୋଗାଣ ସମସ୍ୟା, ମାନତିରାରେ ନୂତନ ବିସ୍ଥାପିତ କଲୋନୀ, ବିସ୍ଥାପିତଙ୍କୁ ନିଯୁକ୍ତି, ବିସ୍ଥାପିତ କଲୋନୀରେ ଡାକ୍ତର ନିଯୁକ୍ତି, ପୃଥକ ବିସ୍ଥାପିତ ପରିବାର ଆଦି ସମସ୍ୟା ଅସମାହିତ ରହିଛି। ପୂର୍ବରୁ ଅନେକ ଜିଲାସ୍ତରୀୟ ପ୍ରଶାସନିକ ବୈଠକରେ ଇଡ୍‌କୋ ଦ୍ୱାରା ପରିଚାଳିତ ଗୋବରଘାଟି ଓ ତ୍ରିଜଙ୍ଗା କଲୋନୀର ଜଳଯୋଗାଣ ପ୍ରକଳ୍ପକୁ ସୁକିନ୍ଦା ଓ ଦାନଗଦି ବିଡିଓଙ୍କୁ ପରିଚାଳନା ପାଇଁ ନିର୍ଦ୍ଦେଶ ହୋଇଥିଲେ ହେଁ ତାହା କାର୍ଯ୍ୟକାରୀ ହେଉନାହିଁ। ଏହିକ୍ରମରେ ଇଡ୍‌କୋ ପକ୍ଷରୁ ୨୮।୭।୨୦୨୧ରେ ସୁକିନ୍ଦା ଓ ଦାନଗଦି ବିଡିଓଙ୍କୁ ଅଗଷ୍ଟ ୧୪ ତାରିଖ ସୁଦ୍ଧା ଉପରୋକ୍ତ ଦୁଇ ଜଳଯୋଗାଣ ପ୍ରକଳ୍ପର ପରିଚାଳନା ଦାୟିତ୍ୱ ଗ୍ରହଣ କରିବାକୁ ଅନୁରୋଧ କରାଯାଇଛି।

କଳିଙ୍ଗନଗର ଶିଳ୍ପାଞ୍ଚଳର ଦଶମାଣିଆ, କଚେରିଗାଁ, ଟାଙ୍ଗରସାହି ଏବଂ ଖୁରୁଣ୍ଟି ଗ୍ରାମବାସୀ ଦୀର୍ଘଦିନ ହେଲା ବିସ୍ଥାପିତ ହେବାକୁ ଦାବି କରି ଆସୁଥିଲେ। ଏହାକୁ ଜିଲା ପ୍ରଶାସନ ପ୍ରାଧାନ୍ୟ ଦେଇ ମାନତିରା ବିସ୍ଥାପିତ କଲୋନୀ ପ୍ରତିଷ୍ଠା କରିବାକୁ ନିଷ୍ପତ୍ତି ନେଇଛି। ଏଥିପାଇଁ ଇଡ୍‌କୋ ପକ୍ଷରୁ ୨୫ ଏକର ଜମି ଯୋଗାଇ ଦିଆଯାଇଛି। ଏହି ବିସ୍ଥାପିତ କଲୋନୀରେ ଚାନ୍ଦିଆ ଗ୍ରାମର ବିସ୍ଥାପିତମାନଙ୍କୁ ଥଇଥାନ କରିବାକୁ ଦାବି ହୋଇଛି। ତେବେ ଜିଲା ପ୍ରଶାସନ ମଧ୍ୟ ଚାନ୍ଦିଆ ଗ୍ରାମର ୫୦ ବିସ୍ଥାପିତ ପରିବାରଙ୍କୁ ମାନତିରା କଲୋନୀରେ ଥଇଥାନ କରିବାକୁ ରାଜି ହୋଇଛି। ଏହିକ୍ରମରେ ପ୍ରଶାସନ ପକ୍ଷରୁ ୧୫୦ଟି ପ୍ଲଟ ଜରିଆରେ ଏକ ମଡେଲ କଲୋନୀ ନିର୍ମାଣ କରିବାକୁ ଇଡ୍‌କୋକୁ ପରାମର୍ଶ ଦିଆଯାଇଛି। ତେବେ ଏହି ପ୍ରକଳ୍ପର କଚ୍ଛପଗତି ବିସ୍ଥାପିତମାନଙ୍କୁ ଚିନ୍ତା ଘାରିଛି। ଶିଳ୍ପ କାରଖାନାର ପ୍ରଦୂଷଣରେ ଉପରୋକ୍ତ ଗ୍ରାମବାସୀ ନାହିଁ ନ ଥିବା ସମସ୍ୟା ଭୋଗୁଥିବାବେଳେ ପ୍ରଶାସନର ନିଷ୍ପତ୍ତିର ୨ ବର୍ଷ ଅତିକ୍ରାନ୍ତ ହୋଇ ସାରିଥିଲେ ହେଁ କାର୍ଯ୍ୟ ଅଗ୍ରଗତି କେବଳ ପାଚେରିରେ ସୀମିତ ରହିଛି। ଏହାବାଦ୍ ଟାଟା ଷ୍ଟିଲରେ ବିସ୍ଥାପିତ ଓ ଶିଳ୍ପ ପ୍ରଭାବିତ ସ୍ଥାନୀୟ ଯୁବକଙ୍କୁ ଠିକା ଶ୍ରମିକ ଭାବେ ମିଳିଥିବା ନିଯୁକ୍ତିକୁ ସ୍ଥାୟୀ କରିବାକୁ ପୂର୍ବରୁ ଅନୁରୋଧ କରାଯାଇଛି। ଏହାକୁ ମଧ୍ୟ ଜିଲା ପ୍ରଶାସନ ପକ୍ଷରୁ ସହାନୁଭୂତିଶୀଳ ହୋଇ କାର୍ଯ୍ୟକାରୀ କରିବାକୁ ଟାଟାକୁ ପରାମର୍ଶ ଦିଆଯାଇଥିଲେ ହେଁ ତାହା କାର୍ଯ୍ୟକାରୀ ହୋଇ ପାରିନାହିଁ।

ମେସ୍କୋ ଷ୍ଟିଲ କାରଖାନାରେ ୧୬୬ ବିସ୍ଥାପିତ ପରିବାରଙ୍କ ମଧ୍ୟରୁ ମାତ୍ର ୧୧୯ ଜଣଙ୍କୁ ନିଯୁକ୍ତି ମିଳିଛି। ତେଣୁ ବାକି ବିସ୍ଥାପିତମାନଙ୍କୁ ତୁରନ୍ତ ନିଯୁକ୍ତି ଦେଇ ରିପୋର୍ଟ ଦାଖଲ କରିବାକୁ ପ୍ରଶାସନ ପକ୍ଷରୁ ଗଠିତ କମିଟି ନିର୍ଦ୍ଦେଶ ଦେଇଥିଲା। ତେବେ ଏବେ ମେସ୍କୋ କାରଖାନା ବନ୍ଦ ଥିବାବେଳେ ବାକି ବିସ୍ଥାପିତଙ୍କ ନିଯୁକ୍ତି ଅନିଶ୍ଚିତତାରେ ରହିଛି। ତ୍ରିଜଙ୍ଗା କଲୋନୀରେ ଏକ ସମନ୍ୱିତ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ ଯୋଜନା ପ୍ରସ୍ତାବରେ ସୀମିତ ରହିଛି। ଏହାବାଦ୍ ଏହି କଲୋନୀରେ ରାସ୍ତା, ଡ୍ରେନେଜ, ବିଜୁଳି ଓ ଜଳ ସଂଯୋଗ ସିଷ୍ଟମ କାର୍ଯ୍ୟକାରୀ କରିବାକୁ ଇଡ୍‌କୋକୁ ନିର୍ଦ୍ଦେଶ ହୋଇଥିଲେ ହେଁ ତାହା ମଧ୍ୟ ପାଳନ ହୋଇନାହିଁ। ଏହାବାଦ ତ୍ରିଜଙ୍ଗା କଲୋନୀରେ ପରିମଳ ସୁରକ୍ଷା ପାଇଁ ୨ ଜଣ କର୍ମଚାରୀଙ୍କୁ ନିୟୋଜିତ କରିବାକୁ ମେସ୍କୋକୁ ହୋଇଥିବା ନିର୍ଦ୍ଦେଶ ମଧ୍ୟ କାର୍ଯ୍ୟକାରୀ ହୋଇ ପାରିନାହିଁ। ବହୁତ ଗୁରୁତ୍ୱପୂର୍ଣ୍ଣ ବିଷୟ ଯେ, ମେସ୍କୋ କାରଖାନା ପରିସରରେ ଆଇନ ଅନୁସାରେ ପ୍ରଦୂଷଣ ନିୟମ ପାଳନ କରିବାକୁ ମଧ୍ୟ ନିର୍ଦ୍ଦେଶ ହୋଇଥିଲା। କାରଖାନା ସମ୍ମୁଖ ଗେଟରୁ ମାନପୁର ପଟକୁ ଅଢେଇ କିଲୋମିଟର ପର୍ଯ୍ୟନ୍ତ ପାଣି ସିଞ୍ଚନ କରିବାକୁ ପ୍ରଶାସନିକ ବୈଠକରେ ନିଷ୍ପତ୍ତି ହୋଇଥିଲା, ଯାହାକୁ କମ୍ପାନୀ ଏଯାଏ ମାନି ନାହିଁ। ବରଂ ମେସ୍କୋ ପରିସରରେ ଥିବା ସାଇଡିଂକୁ ବେଆଇନ ଭାବେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଧରିତ୍ରୀରେ ଏନେଇ ଖବର ପ୍ରକାଶ ପାଇବା ପରେ ତାହା ବନ୍ଦ ହୋଇଛି। ସାଇରିଆ ଗ୍ରାମର ୯୩ ବିସ୍ଥାପିତ ପରିବାରବର୍ଗଙ୍କୁ ନିଯୁକ୍ତି ଦେବାକୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ପରାମର୍ଶ ଦେଇଥିଲେ। ଏଭଳି ଭାବେ ଆଜି ବି ବହୁ ପରିବାର ନିଯୁକ୍ତି ଓ ଥଇଥାନ ସୁବିଧା ଆଶାରେ ଚାତକ ପରି ଚାହିଁ ରହିଛନ୍ତି। ବିଳମ୍ବିତା ପ୍ରକ୍ରିୟାରେ ବିସ୍ଥାପିତ ଓ କ୍ଷତିଗ୍ରସ୍ତଙ୍କ ଦୁଃଖ ଦିନକୁ ଦିନ ବଢିଚାଲିଥିବାବେଳେ ଜିଲାରେ ଶିଳ୍ପାୟନ ଜନିତ ସମସ୍ୟା ମଧ୍ୟ ଉଗ୍ରରୂପ ଧରିବାକୁ ବସିଛି।

ଲୋକଙ୍କ ଆସ୍ଥା ଓ ବିଶ୍ୱାସ ମଧ୍ୟ ପ୍ରଶାସନ, ସରକାର ତଥା ଶିଳ୍ପ ସଂସ୍ଥା ଉପରୁ ହଟିବାରେ ଲାଗିଛି। ଏ ସଂକ୍ରାନ୍ତରେ କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ରଙ୍କୁ ପଚାରିବାରେ ସେ କହିଛନ୍ତି, ମାନତିରା ବିସ୍ଥାପିତ କଲୋନୀ ନିର୍ମାଣ ପ୍ରକ୍ରିୟାରେ ରହିଛି। ବିସ୍ଥାପିତ କଲୋନୀରେ ଜଳଯୋଗାଣ ପ୍ରକ୍ରିୟାକୁ ଉନ୍ନତ କରିବାକୁ ସମ୍ପୃକ୍ତ ବିଡିଓମାନଙ୍କୁ ପରାମର୍ଶ ଦିଆଯାଇଛି।

# ଭାସ୍କର୍ଯ୍ୟ ଶିଳ୍ପୀ ବିଶ୍ୱରଞ୍ଜନଙ୍କୁ ରାଜ୍ୟସ୍ତରୀୟ ପୁରସ୍କାର

ବାଲିଚନ୍ଦ୍ରପୁର,୨।୮(ସ୍ୱ.ପ୍ର.)





ମା'ବାପାଙ୍କ ସହିତ ବିଶ୍ୱରଞ୍ଜନ।

ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ୩୯ତମ ରାଜ୍ୟସ୍ତରୀୟ ପ୍ରଦର୍ଶନୀ ଅବସରରେ ଯାଜପୁର ଜିଲାର ଭାସ୍କର୍ଯ୍ୟ ଶିଳ୍ପୀ ବିଶ୍ୱ ରଞ୍ଜନ କରଙ୍କୁ ଲଳିତକଳା ଏକାଡ଼େମୀ ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ବାବଦକୁ ୨ ଲକ୍ଷ ଟଙ୍କାର ଚେକ୍ ସହିତ ମାନପତ୍ର, ଉପଢୌକନ ଓ ଟ୍ରଫି ପ୍ରଦାନ କରାଯାଇଛି। ଲଳିତକଳା ଏକାଡ଼େମୀର ସଭାପତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ, ସମ୍ପାଦକ ପଞ୍ଚାନନ ସାମଲଙ୍କ ଉପସ୍ଥିତିରେ ସଂସ୍କୃତି ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଶ୍ୱ ରଞ୍ଜନଙ୍କୁ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ରବିବାର ବିଶ୍ୱ ରଞ୍ଜନ ନିଜ ଘର ବଡ଼ଚଣା ବ୍ଲକ ବାଲିଚନ୍ଦ୍ରପୁର ନିକଟସ୍ଥ ପତରାଜପୁରରେ ପହଞ୍ଚିବା ପରେ ତାଙ୍କୁ ବିଭିନ୍ନ ମହଲରେ ସ୍ୱାଗତ କରାଯାଇଛି। ଅବସରପ୍ରାପ୍ତ ଶିକ୍ଷକ ରାମଚନ୍ଦ୍ର କର ଓ ଜ୍ୟୋସ୍ନାମୟୀଙ୍କ ପୁଅ ବିଶ୍ୱରଞ୍ଜନ ଚିନାମାଟିରେ ବିଭିନ୍ନ ଭାସ୍କର୍ଯ୍ୟ ପ୍ରସ୍ତୁତ କରି ଆସୁଛନ୍ତି। ଚିନାମାଟିର ଏକ ବହି ର୍ୟାକ୍ ପ୍ରସ୍ତୁତ କରି ସେ ଏହି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଥିଲେ। ବିଶ୍ୱ ରଞ୍ଜନ +୨ ବିଜ୍ଞାନ ପାଠ ପଢା ପରେ ଭୁବନେଶ୍ୱରସ୍ଥିତ ବି.କେ. ଆର୍ଟ ଆଣ୍ଡ କ୍ରାଫ୍ଟ କଲେଜରେ ୫ ବର୍ଷ ସେରାମିକ୍(ଚିନାମାଟି) ଉପରେ ତାଲିମ ନେଇଥିଲେ। ପରେ ସେ ଦିଲ୍ଲିସ୍ଥିତ ଇଗ୍ନୋରେ ୨ ବର୍ଷ ଓ ଶାନ୍ତି ନିକେତନରେ ୩ ବର୍ଷ ସେରାମିକ୍ ଉପରେ ଶିକ୍ଷା ଲାଭ କରିବା ପରେ ଭୁବନେଶ୍ୱରରେ ରହି କାମ କରୁଛନ୍ତି। ସେ ବର୍ତ୍ତମାନ ଅଲିଭ୍ ରିଡ୍‌ଲେ କଇଁଛ ଉପରେ ଗବେଷଣା ଜାରି ରଖିଛନ୍ତି। ଏଥିସହିତ ସେ ପତରାଜପୁର ହାଇସ୍କୁଲରେ ଡ୍ରଇଁ ଶିକ୍ଷକ ଭାବେ କାମ କରୁଛନ୍ତି। ଏହି ସଫଳତାର ଶ୍ରେୟ ସେ ମାଆ ଜ୍ୟୋସ୍ନାମୟୀ ଓ ଅଜା ସ୍ୱର୍ଗତ ତ୍ରିଲୋଚନ ପାଢୀଙ୍କୁ ଦେଇଛନ୍ତି।

# ୪ରୁ ଖୋଲିବ ଧର୍ମାନୁଷ୍ଠାନ

ଯାଜପୁର ଅଫିସ,୨।୮

ଯାଜପୁର ଜିଲାର ସମସ୍ତ ଧର୍ମାନୁଷ୍ଠାନ ଆସନ୍ତା ୪ ତାରିଖରୁ ଖୋଲିବାକୁ ଯାଜପୁର ଜିଲାପାଳ ଚକ୍ରବର୍ତ୍ତୀ ସିଂ ରାଠୋର ନିର୍ଦ୍ଦେଶନାମା (ନଂ.୯୭୪୦/୨।୮।୨୦୨୧) ଜାରି କରିଛନ୍ତି। ହେଲେ ଧର୍ମାନୁଷ୍ଠାନ ପରିସରରେ ଚାଲିଥିବା ଅନ୍ନପ୍ରସାଦ କେନ୍ଦ୍ରକୁ ସଂପ୍ରତି ବନ୍ଦ ରଖାଯିବ। ଧର୍ମାନୁଷ୍ଠାନ ଭିତରେ କୋଭିଡ କଟକଣାକୁ କଡାକଡି ଭାବେ ପାଳନ କରିବାକୁ ସେ ପରାମର୍ଶ ଦେଇଛନ୍ତି। ସକାଳ ୬ଟାରୁ ରାତି ୮ଟା ପର୍ଯ୍ୟନ୍ତ ସର୍ବସାଧାରଣ ଦର୍ଶନ କରିପାରିବେ। ଏହି ସମୟରେ ସମସ୍ତେ ମୁହଁରେ ମାସ୍କ ପରିଧାନ କରିବେ। ମନ୍ଦିରରେ ପ୍ରବେଶ

**କୋଭିଡ୍ କଟକଣା ଉଲ୍ଲଂଘନ କଲେ କାର୍ଯ୍ୟାନୁଷ୍ଠାନ**

ପୂର୍ବରୁ ହାତ ସାନିଟାଇଜ କରିବା ସହିତ ସାମାଜିକ ଦୂରତା ବଜାୟ ରଖିବେ। ମନ୍ଦିର ପରିସରରେ ଅଯଥାରେ ଭିଡ଼ ନ କରିବାକୁ କୁହାଯାଇଛି। ଜ୍ୱର,କାଶ କିମ୍ବା ଥଣ୍ଡାରେ ଆକ୍ରାନ୍ତ ହୋଇଥିବା ବ୍ୟକ୍ତିମାନଙ୍କ ପ୍ରବେଶ ଉପରେ ରୋକ୍ ଲଗାଯାଇଛି। ମନ୍ଦିର ପରିସରକୁ ଭୋଗ, ପ୍ରସାଦ ନିଆଯାଇପାରିବ ନାହିଁ। ଉପଯୁକ୍ତ ସ୍ଥାନରେ ଗାଡ଼ି ପାର୍କିଂ କରାଯିବ। ଏହି ନିୟମର ଉଲ୍ଲଂଘନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲାପାଳ ଚେତାବନୀ ଦେଇଛନ୍ତି।



ବିରଜାଙ୍କ ମନ୍ଦିର।

# ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ

ଯାଜପୁର ଟାଉନ,୨।୮(ଡି.ଏନ.ଏ.)





ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ଯାଜପୁର ଜିଲାପାଳଙ୍କ ଅଫିସ ସମ୍ମୁଖରେ ସୋମବାର ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ରାଜ୍ୟ ସରକାର ବିଭିନ୍ନ ଆଳ ଦେଖାଇ ବିଦ୍ୟାଳୟଗୁଡ଼ିକୁ ମିଶ୍ରଣ ଓ ଉଚ୍ଛେଦ କରିଥିଲେ। ଫଳରେ ଅନେକ ଛାତ୍ରୀଛାତ୍ର ପାଠ ପଢ଼ିବାରୁ ବଞ୍ଚିତ ହୋଇଛନ୍ତି। ଏ ନେଇ ରାଜ୍ୟସରକାରଙ୍କୁ ହାଇକୋର୍ଟ ନିର୍ଦ୍ଦେଶନାମା ଜାରି କରି ତୁରନ୍ତ ବନ୍ଦ ସ୍କୁଲଗୁଡ଼ିକୁ ଖୋଲିବା ପାଇଁ ମଧ୍ୟ ଆଦେଶ ଦେଇଥିଲେ ମଧ୍ୟ ଅଦ୍ୟାବଧି ଏହାକୁ କାର୍ଯ୍ୟକାରୀ କରାଯାଇନାହିଁ। ତୁରନ୍ତ ହାଇକୋର୍ଟଙ୍କ ଆଦେଶକୁ କାର୍ଯ୍ୟକାରୀ କରିବାକୁ ସୁରକ୍ଷା କମିଟି ପକ୍ଷରୁ ଦାବି କରାଯାଇଛି।

### ସାପ କାମୁଡ଼ାରେ ବୃଦ୍ଧଙ୍କ ମୃତ୍ୟୁ

ଚଣ୍ଡିଖୋଲ,୨।୮(ଡି.ଏନ୍.ଏ.)

ବଡଚଣା ବ୍ଲକ ଅନ୍ତର୍ଗତ କୃଷ୍ଣଦାସପୁର ଗ୍ରାମରେ ସାପ କାମୁଡ଼ାରେ ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଶଙ୍କର ଜେନା(୮୨)। ସେ ଘରେ ଶୋଇଥିବା ସମୟରେ ଏକ ବିଷଧର ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ କରାଯିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

# ବହୁଜନ ସଚେତନତା କାର୍ଯ୍ୟକ୍ରମ

ବାଲିଚନ୍ଦ୍ରପୁର,୨।୮(ସ୍ୱ.ପ୍ର.)

ଯାଜପୁର ଜିଲା ବହୁଜନ ଅନୁସୂଚିତ ଜାତି, ଜନଜାତି, ପଛୁଆବର୍ଗ ଓ ସଂଖ୍ୟାଲଘୁମାନଙ୍କୁ ନେଇ ସୋମବାର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଯତିନ୍ଦ୍ର ଜେନା ଓ ପ୍ରତାପ ଦାସଙ୍କ ଆବାହକତ୍ୱରେ ବାଲିଚନ୍ଦ୍ରପୁରସ୍ଥିତ ନାନପୁରଠାରେ ଅନୁଷ୍ଠିତ ବୈଠକରେ ଶରତ ଚନ୍ଦ୍ର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଆର୍ତ୍ତତ୍ରାଣ ଜେନା ଯୋଗଦେଇ ଡ.ବାବା ସାହେବ ଆମ୍ବେଡ଼କରଙ୍କ ଦ୍ୱାରା ଲିଖିତ ସମ୍ବିଧାନକୁ ସୁରକ୍ଷା ଦେବା ଓ ବହୁଜନ ବିଚାରଧାରାକୁ ତୃଣମୂଳସ୍ତରରେ ପହଞ୍ଚାଇ ଲୋକଙ୍କୁ ସଚେତନ କରିବା ପାଇଁ ଉପସ୍ଥିତ କାର୍ଯ୍ୟକର୍ତ୍ତାଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ଦୁଷ୍ମନ୍ତ ଜେନା, ନବ କିଶୋର ରାଉଣ, ସୁରେନ୍ଦ୍ର ମଲ୍ଲିକ, ଅଭିରାମ ମଲ୍ଲିକ, ବିମଳ ସେଠୀ, ସୁଶାନ୍ତ ମଲ୍ଲିକ, ବାସୁଦେବ ମଳିକ, ଶୁଭଶ୍ରୀ ମଳିକ, ଦଶରଥ ମଳିକ, ମୀନକେତନ ସେଠୀ, ପ୍ରଦୀପ ଦେହୁରୀ, ବ୍ରହ୍ମାନନ୍ଦ ମଳିକ, ମୃତ୍ୟୁଞ୍ଜୟ ମଳିକଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ଯୋଗ ଦେଇଥିଲେ।



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

# ନାବାଳିକାଙ୍କୁ ପିଟିଲା ପୋଲିସ

- ଏସ୍‌ପିଙ୍କ ନିକଟରେ ଫେରାଦ ହେଲେ
- କାର୍ଯ୍ୟାନୁଷ୍ଠାନ ଦାବି କଲେ ପରିବାର ସଦସ୍ୟ

ଯାଜପୁର ଅଫିସ/ ପାଣିକୋଇଲି(ଡି.ଏନ.ଏ.),୨।୮



ଏସ୍‌ପିଙ୍କୁ ଭେଟିବାକୁ ଆସିଥିବା ଦିଲୀପଙ୍କ ପରିବାର ସଦସ୍ୟ।

ଯାଜପୁର ଜିଲା ବରୀ ଥାନାଧିକାରୀ ଜଣେ ନାବାଳିକାଙ୍କୁ ମାଡ ମାରିବା ଭଳି ଏକ ସମ୍ବେଦନଶୀଳ ଅଭିଯୋଗ ଏସ୍‌ପିଙ୍କ ନିକଟରେ ହୋଇଛି। ନାବାଳିକାଙ୍କ ପକ୍ଷରୁ ସୋମବାର ହୋଇଥିବା ଅଭିଯୋଗ ମୁତାବକ ବରୀ ଥାନା ଅନ୍ତର୍ଗତ କ୍ଷେମେଶ୍ୱର ଗ୍ରାମର ଦିଲୀପ କୁମାର ନାୟକ ଓ ପ୍ରଫୁଲ୍ଲ ନାୟକଙ୍କ ପରିବାର ମଧ୍ୟରେ ଦୀର୍ଘ ବର୍ଷ ହେବ ଶତ୍ରୁତା ରହିଛି। ଦିଲୀପ ଘରେ ନ ଥିବା ବେଳେ ଗତମାସ ୧୬ ତାରିଖ ଦିନ ପ୍ରଫୁଲ୍ଲଙ୍କ ସ୍ତ୍ରୀ ନିର୍ମଳା, ପୁଅ ପ୍ରତ୍ୟୁଷ ଓ ନାତୁଣୀ ପ୍ରିୟଙ୍କା ଆସି ଗାଳିଗୁଲଜ କରିଥିଲେ। ପାଟିଶୁଣି ଦିଲୀପଙ୍କ ସ୍ତ୍ରୀ ଓ ବଡ ଝିଅ ମମତା ସେଠାରେ ପହଞ୍ଚିବାରୁ ପ୍ରତିପକ୍ଷ ସେମାନଙ୍କୁ ଗାଳି କରିବା ସହ ଟଣାଓଟରା କରିଥିଲେ। ଏନେଇ ମମତା ଥାନାରେ ଅଭିଯୋଗ କରିବାରୁ ପୋଲିସ ମାମଲା ରୁଜୁ କରିବା ପରିବର୍ତ୍ତେ ଚୁପ ରହିଥିଲା। ହେଲେ ପ୍ରଫୁଲ୍ଲଙ୍କ ସ୍ତ୍ରୀଙ୍କ ମିଥ୍ୟା ଅଭିଯୋଗ କ୍ରମେ ପୋଲିସ ଗତ ୧୮ ତାରିଖ ଦିନ ଦିଲୀପଙ୍କୁ ଥାନାକୁ ଡକାଇ ନେଇଥିଲା। ୧୯ ତାରିଖରେ ଦିଲୀପଙ୍କ ସମେତ ତାଙ୍କ ସ୍ତ୍ରୀ ଓ ଝିଅଙ୍କୁ ପୋଲିସ କୋର୍ଟ ଚାଲାଣ କରିଥିଲା। ପ୍ରଥମ ଅଭିଯୋଗରେ ମାମଲା ରୁଜୁ ନ କରି ପୋଲିସ ଉଦ୍ଦେଶ୍ୟମୂଳକ ଭାବେ ୩ଜଣଙ୍କୁ ମିଥ୍ୟା ମାମଲାରେ କୋର୍ଟ ଚାଲାଣ କରିଥିବା ଦିଲୀପଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଛି।

ପରିବାର ୩ଜଣଙ୍କୁ କୋର୍ଟ ଚାଲାଣ କରିବା ପରେ ବି ପୋଲିସ ଶାନ୍ତି ହୋଇ ନ ଥିଲା। ସେଦିନ ବରୀ ଥାନାଧିକାରୀ ସଦଳବଳେ ଦିଲୀପଙ୍କ ଘରେ ପହଞ୍ଚି ତାଙ୍କ ସାନଝିଅଙ୍କୁ ମାଡ ମାରିଥିଲେ। ଦିଲୀପଙ୍କ ୧୩ ଓ ୧୦ ବର୍ଷର ପୁଅ ଏହାର ପ୍ରତିବାଦ କରିବାରୁ ପୋଲିସର ଆକ୍ରୋଶର ଶିକାର ହୋଇଥିଲେ। ଏହାପରେ ପୋଲିସ ତାଙ୍କ ଘରେ ଥିବା ଲୁହା ଆଲମିରା ତାଲା ଭାଙ୍ଗି ନଗଦ ୩୦ ହଜାର ଟଙ୍କା, ୩୦ଗ୍ରାମ ସୁନାରୁପା ଅଳଙ୍କାର, ମୋବାଇଲ ଫୋନ, ୨ଟି ବାଇକ୍ ଓ ଅନ୍ୟାନ୍ୟ ସାମଗ୍ରୀ ନେଇଯାଇଥିଲେ। ଏପରି କି ଥାନାଧିକାରୀଙ୍କ ଉପସ୍ଥିତିରେ ୧୫ ଜଣ ବ୍ୟକ୍ତି ମିଳିତ ଭାବେ ଦିଲୀପଙ୍କ ବାଡିରେ ପଶି ସଜନା, ପିଜୁଳି, ଚାକୁଣ୍ଡା, ବଉଳ, ଅମୃତଭଣ୍ଡା ଓ ବିଭିନ୍ନ ଫୁଲ ଗଛକୁ ହାଣି ଦେବା ସହ ଘେରା ଜାଲକୁ ଛିଡାଇ ୨୦ଟି ଦେଶୀ କୁକୁଡା ନେଇଯାଇଥିଲେ। ପୋଲିସର ଏଭଳି ଗୁଣ୍ଡାଗିରି ଓ ନାବାଳିକାକୁ ମାଡ ମରା ଘଟଣାକୁ ନେଇ ଏସ୍‌ପିଙ୍କୁ ଅବଗତ କରାଯାଇଛି।

# ପ୍ରଥମ ଦିନରେ ସୂର୍ଯ୍ୟମନ୍ଦିର ବୁଲିଲେ ୫୦୨



ସୂର୍ଯ୍ୟ ମନ୍ଦିରକୁ ପ୍ରବେଶ ପାଇଁ ପର୍ଯ୍ୟଟକମାନେ ଫାଟକ ନିକଟରେ ଅପେକ୍ଷା କରିଛନ୍ତି।

କୋଣାର୍କ,୨।୮(ଡି.ଏନ୍.ଏ.)

ଦୀର୍ଘଦିନ ପରେ କଟକଣା ମଧ୍ୟରେ ସୋମବାର କୋଣାର୍କ ସୂର୍ଯ୍ୟମନ୍ଦିର ଖୋଲିଛି। ସକାଳ ୬ଟାରୁ ମନ୍ଦିର ମୁଖ୍ୟଦ୍ୱାର ତାଲା ଫିଟାଯାଇଥିଲା। ପ୍ରଥମ ଦିନରେ ୫୦୨ଜଣ ପର୍ଯ୍ୟଟକ ଅନ୍‌ଲାଇନରେ ଟିକେଟ ବୁକିଂ କରି ସୂର୍ଯ୍ୟମନ୍ଦିର ବୁଲିଥିଲେ। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ମନ୍ଦିର ଖୋଲାଯାଇଛି। ସୋମବାର ଖୋଲିବା ଜାଣି ପର୍ଯ୍ୟଟକମାନେ ଅନ୍‌ଲାଇନରେ ଟିକେଟ ବୁକିଂ କରି ଆସିଥିଲେ। ମନ୍ଦିରର ମୁଖ୍ୟ ପ୍ରବେଶ ପଥରେ ଏଏସ୍ଆଇର ଏକ ବୋର୍ଡ ଲଗାଯାଇଛି। ଏହି ବୋର୍ଡରେ ରହିଥିବା କ୍ୟୁଆର କୋର୍ଡକୁ ସ୍ମାର୍ଟଫୋନରେ ସ୍କାନ କରିବାକୁ ପଡ଼ିବ। ସ୍କାନ କଲେ ୟୁପିଆଇରେ ୩୫ଟଙ୍କା ବ୍ୟାଙ୍କ ବାଲାନ୍ସରୁ କଟିବ। ଏହାପରେ ପର୍ଯ୍ୟଟକମାନେ ଭିତରକୁ ପ୍ରବେଶ କରିବେ। ପ୍ରବେଶ ପଥରେ ନିୟୋଜିତ ସୁରକ୍ଷା କର୍ମୀ ପର୍ଯ୍ୟଟକଙ୍କ ଥର୍ମାଲ ସ୍କ୍ରିନିଂ, ସାନିଟାଇଜ୍ କରି ଭିତରକୁ ଛାଡ଼ିବେ। ମନ୍ଦିର ବୁଲିବା ପାଇଁ ହେଲେ ପର୍ଯ୍ୟଟକଙ୍କୁ ମାସ୍କ ବାଧ୍ୟତାମୂଳକ କରାଯାଇଛି। ଦୈନିକ ୨ ହଜାର ପର୍ଯ୍ୟଟକ ଅନ୍‌ଲାଇନରେ ଟିକେଟ ବୁକିଂ କରି ମନ୍ଦିର ପ୍ରବେଶ କରିବେ। ପରେ ଅଫ୍‌ଲାଇନରେ ଟିକେଟ କାଟିପାରିବେ ବୋଲି ସଂରକ୍ଷଣ ଅଧିକାରୀ ନିରଜ ସିଂ କହିଛନ୍ତି। ତେବେ ମନ୍ଦିର ଖୋଲାଯାଇଥିବା ବେଳେ ମନ୍ଦିର ଭିତରକୁ ଗାଇଡ୍, ଫଟୋଗ୍ରାଫର, ହସ୍ତଶିଳ୍ପ ବ୍ୟବସାୟୀଙ୍କୁ ବାରଣ କରାଯାଇଛି। ସୂଚନା ଥାଉକି, କରୋନା ବିପତି ସମୟରେ ଲକ୍‌ଡାଉନ ଯୋଗୁ ଏପ୍ରିଲ ୧୬ତାରିଖରୁ ସୂର୍ଯ୍ୟମନ୍ଦିର ବନ୍ଦ ରହିଥିଲା।

## ଫଟୋଗ୍ରାଫର, ଗାଇଡ୍ ସଂଘର ଧାରଣା

ସୂର୍ଯ୍ୟ ମନ୍ଦିର ପର୍ଯ୍ୟଟକଙ୍କ ନିମନ୍ତେ ସୋମବାର ଖୋଲାଯାଇଛି। ହେଲେ ଫଟୋଗ୍ରାଫର ଓ ଗାଇଡ୍‌ମାନଙ୍କୁ ପ୍ରବେଶ ନିଷେଧ ରହିଛି। ଏହି ନିୟମକୁ ବିରୋଧ କରି ଫଟୋଗ୍ରାଫର ଓ ଗାଇଡ୍ ସଂଘ ପକ୍ଷରୁ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଧାରଣା ଦିଆଯାଇଛି। ଫଟୋଗ୍ରାଫର ଓ ଗାଇଡ୍ ସଂଘ ସଭାପତି ହଟକିଶୋର ମହାରଣାଙ୍କ ନେତୃତ୍ୱରେ ସୂର୍ଯ୍ୟ ମନ୍ଦିର ପରିସରରେ ଫଟୋ ଉତ୍ତୋଳନ ଓ ଗାଇଡ୍ କରି ଜୀବିକା ନିର୍ବାହ କରୁଥିବା ଶତାଧିକ ଫଟୋଗ୍ରାଫର ଓ ଗାଇଡମାନେ ଧାରଣା ଦେଇଥିଲେ। ମନ୍ଦିରକୁ ପ୍ରବେଶ ନିଷେଧ ଦ୍ୱାରା ସେମାନଙ୍କର ଅର୍ଥ ଉପାର୍ଜନ କରିବାର ବାଟ ବନ୍ଦ ସହ ପରିବାର ଚଳାଇବା କଷ୍ଟକର ହୋଇପଡ଼ିଛି। ତେଣୁ ସୂର୍ଯ୍ୟ ମନ୍ଦିରକୁ ଫଟୋଗ୍ରାଫର ଓ ଗାଇଡମାନଙ୍କୁ ପ୍ରବେଶ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ, ଏଏସ୍ଆଇ କର୍ତ୍ତୃପକ୍ଷ ଓ ପୁରୀ ଜିଲାପାଳଙ୍କ ଦୃଷ୍ଟି ଦେଇ ପ୍ରବେଶ ଅନୁମତି ଦେବା ପାଇଁ ସଂଘର କର୍ମକର୍ତ୍ତା ଦାବି କରିଛନ୍ତି। ଏହି ପରିପ୍ରେକ୍ଷୀରେ ସଂଘ ପକ୍ଷରୁ ଗୋପ ତହସିଲ ଦାୟିତ୍ୱରେ ଥିବା ଅତିରିକ୍ତ ତହସିଲଦାର ଶରତ କୁମାର ପରିଡ଼ାଙ୍କ ଜରିଆରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ଜିଲାପାଳଙ୍କ ସହ ଆଲୋଚନା କରି ମଙ୍ଗଳବାର ଏହାର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେବାପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏହି ଦାବି ପୂରଣ କରା ନ ଗଲେ ଆନ୍ଦୋଳନକୁ ବ୍ୟାପକ କରାଯିବ ବୋଲି ସଂଘ ସଭାପତି ହଟକିଶୋର ମହାରଣା, ସମ୍ପାଦକ ଲାଲ ବିହାରୀ ତାରେଣିଆଙ୍କ ସମେତ କର୍ମକର୍ତ୍ତାମାନେ କହିଛନ୍ତି। ଧାରଣାରେ କୋଣାର୍କ ଥାନା ଦାୟିତ୍ୱରେ ଥିବା ଚନ୍ଦ୍ରଭାଗା ମେରାଇନ ଥାନାଧିକାରୀ ନୀଳିମା ପଟ୍ଟନାୟକଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଥିଲା।



ସୂର୍ଯ୍ୟ ମନ୍ଦିର ସମ୍ମୁଖରେ ଧାରଣା ଦେଇଥିବା ଫଟୋଗ୍ରାଫର ଓ ଗାଇଡ୍‌ମାନେ।

## ଆଜି ଖୋଲିବ ଚନ୍ଦକା-ଡମପଡ଼ା ଅଭୟାରଣ୍ୟ



ବାରଙ୍ଗ,୨।୮(ଡି.ଏନ୍.ଏ.): ଚନ୍ଦକା-ଡମପଡ଼ା ଅଭୟାରଣ୍ୟ ମଙ୍ଗଳବାରଠାରୁ ଖୋଲିବ। ଦୀର୍ଘଦିନ ପରେ ପୁଣି ଚନ୍ଦକା ଅଭୟାରଣ୍ୟର ପ୍ରାକୃତିକ ମନୋରମ ଦୃଶ୍ୟର ମଜା ଉଠାଇବେ ପର୍ଯ୍ୟଟକ। ଖୋଲିବା ପାଇଁ ଉଚ୍ଚପଦାଧିକାରୀଙ୍କ ପାଖରୁ ନିର୍ଦ୍ଦେଶନାମା ସୋମବାର ପହଞ୍ଚି ସାରିଛି। ତେବେ ପ୍ରବେଶ ସମୟରେ କୋଭିଡ୍ ଗାଇଡ୍‌ଲାଇନ୍‌କୁ ପର୍ଯ୍ୟଟକମାନେ ମାନିବାକୁ ପଡ଼ିବ। ପ୍ରବେଶ ପଥରେ ସମସ୍ତଙ୍କ ଥର୍ମାଲ ସ୍କ୍ରିନିଂ କରାଯାଇ ଭିତରକୁ ପ୍ରବେଶ କରାଯିବ। ପର୍ଯ୍ୟଟକମାନଙ୍କ ପାଇଁ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରାଯାଇଥିବା ବେଳେ ବୋଟିଂ ସହ ଜଙ୍ଗଲ ସଫାରିର ସୁବିଧା ପାଇପାରିବେ। କଟେଜରେ ରାତି ରହଣି ଓ ବଣଭୋଜିର ସୁବିଧା ଏବେ ମିଳିପାରିବ ନାହିଁ ବୋଲି ରେଞ୍ଜର ମାନସ ମହାନ୍ତି କହିଛନ୍ତି।

## ସଂକ୍ଷେପରେ

### ନାବାଳିକାଙ୍କୁ ମହିଳାଙ୍କ ଅପହରଣ ଅଭିଯୋଗ

ନିମାପଡ଼ା,୨।୮(ଡି.ଏନ୍.ଏ.): ଚାରିଛକ ଫାଣ୍ଡି ଅଞ୍ଚଳର ଜଣେ ୧୬ବର୍ଷୀୟା ବାଳିକାଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ଜଣେ ମହିଳା ଅପହରଣ କରି ନେଇଥିବା ଅଭିଯୋଗ ହୋଇଛି। ଏ ନେଇ ନାବାଳିକାଙ୍କ ମାଆ ରବିବାର ରାତିରେ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(ନଂ.୨୭୨/୨୧) ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ଅଭିଯୋଗ ମୁତାବକ, ଗତ ୨୯ ତାରିଖ ସକାଳେ ନାବାଳିକାଙ୍କ ମାଆବାପା ଘରେ ନ ଥିବାବେଳେ ଝିଅ ଏକା ଥିଲେ। ପରେ ମାଆବାପା ଘରକୁ ଫେରିବାବେଳେ ଝିଅ ନ ଥିବା ଦେଖିବାକୁ ପାଇଥିଲେ। ପରେ ସ୍ଥାନୀୟ ଅଞ୍ଚଳ, ଆଖପାଖ, ପଡ଼ୋଶୀ, ସମ୍ପର୍କୀୟଙ୍କ ଘରେ ଖୋଜାଖୋଜି କରିବା ସତ୍ତ୍ୱେ ଝିଅର ପତ୍ତା ପାଇପାରି ନ ଥିଲେ। ପରେ ବିଶେଷ ସୂତ୍ରରୁ, ଝିଅକୁ ଉକ୍ତ ଗାଁର ଜଣେ ମହିଳା ଅପହରଣ କରି ନେଇଥିବା ଜାଣିବାକୁ ପାଇଥିଲେ। ଶେଷରେ ନାବାଳିକାଙ୍କ ମାଆ ଉକ୍ତ ମହିଳାଙ୍କ ବିରୋଧରେ ଥାନାରେ ଅଭିଯୋଗ କରିଥିଲେ। ତେବେ କେଉଁ କାରଣରୁ ମହିଳା ଜଣକ ନାବାଳିକାଙ୍କୁ ଅପହରଣ କରିଛନ୍ତି ସେନେଇ ବିଶେଷ କାରଣ ଜଣାପଡ଼ି ନାହିଁ।

### ଚାଲାଣକାରୀ ଏମ୍‌ପିଙ୍କ ପ୍ରତିନିଧି କହି ଫେରାର

ବ୍ରହ୍ମପୁର ଅଫିସ,୨।୮: ଟ୍ରେନ୍ ଯୋଗେ ବାହାର ରାଜ୍ୟକୁ ଚାଲାଣ ପୂର୍ବରୁ ୯ ଜଣ ନାବାଳିକାଙ୍କୁ ରବିବାର ଚାଇଲ୍ଡ ଲାଇନ୍ ସଦସ୍ୟମାନେ ଗଞ୍ଜାମ ଜିଲା ବ୍ରହ୍ମପୁର ରେଳଷ୍ଟେଶନରୁ ଜିଆର୍‌ପି ପୋଲିସ ସହାୟତାରେ ଉଦ୍ଧାର କରିଛନ୍ତି। ସେମାନଙ୍କ ମଧ୍ୟରେ ୭ଜଣ କନ୍ଧମାଳ ଜିଲାର ହୋଇଥିବା ବେଳେ ଜଣେ ଗଜପତି ଓ ଅନ୍ୟଜଣେ ପୁରୀ ଜିଲାର ବୋଲି ଜଣାପଡିଛି। ଚାଲାଣକାରୀ ଜଣକ ନିଜକୁ ଏମ୍‌ପିଙ୍କ ପ୍ରତିନିଧି ପରିଚୟ ଦେଇ ଚାଇଲ୍ଡ ଲାଇନ୍ ନିକଟରୁ ଖସି ପଳାଇଥିବା ଜଣାପଡିଛି। ସମସ୍ତ ନାବାଳିକାଙ୍କୁ ସୋମବାର ଶିଶୁ ମଙ୍ଗଳ ସମିତି (ସିଡବ୍ଲ୍ୟୁସି)ରେ ହାଜର କରାଯାଇଥିବା ଚାଇଲ୍ଡ ଲାଇନ୍ ସହକାରୀ ନିର୍ଦ୍ଦେଶକ ପ୍ରଭୁ ପ୍ରସାଦ ପାତ୍ର ସୋମବାର ସୂଚନା ଦେଇଛନ୍ତି। ପରେ ସେମାନଙ୍କୁ ଉତ୍କଳ ବାଳାଶ୍ରମରେ ରଖାଯାଇଥିଲା। ସେଠାରୁ ତାଙ୍କ ପରିବାର ଲୋକେ ନିଜ ନିଜ ଘରକୁ ନେଇଯାଇଛନ୍ତି। ସେହିପରି କୋରାପୁଟ ଅଞ୍ଚଳର ୨ ଜଣ ନାବାଳକଙ୍କୁ ଟେଲିକମ୍ ବିଭାଗ ସିଗ୍‌ନାଲ କାମରେ ନିୟୋଜିତ କରାଯାଇଥିଲା। ସେମାନେ ଏଭଳି ବିପଜ୍ଜନକ କାମ କରିବାକୁ ମନା କରି ଘରକୁ ଯିବାକୁ କହିଥିଲେ। କିନ୍ତୁ ସେଠାରେ କାମ କରୁଥିବା ମିସ୍ତ୍ରି ଛାଡି ନ ଥିଲେ। ସେମାନେ କୌଶଳକ୍ରମେ ସେଠାରୁ ଖସି ଆସି ରେଳଷ୍ଟେଶନରେ ବସିଥିବା ବେଳେ ଚାଇଲ୍ଡ ଲାଇନ୍ ସଦସ୍ୟମାନେ ତାଙ୍କୁ ଉଦ୍ଧାର କରିଥିଲେ। ପରେ ସେମାନଙ୍କୁ ସିଡବ୍ଲ୍ୟୁସିରେ ହାଜର କରାଯାଇଥିଲା। ବର୍ତ୍ତମାନ ଉକ୍ତ ଦୁଇ ଶିଶୁଶ୍ରମିକ ଲାଞ୍ଜିପଲ୍ଲୀ ଉମାନଗରରେ ଥିବା ଦିବ୍ୟଜ୍ୟୋତି ଓପନ ଆଶ୍ରୟସ୍ଥଳୀରେ ଅଛନ୍ତି।





ସ୍କୁଲ୍ ବନ୍ଦ ଓ ମିଶ୍ରଣ ନୀତିକୁ ପ୍ରତ୍ୟାହାର କରି ତୁରନ୍ତ ସମସ୍ତ ସ୍କୁଲ୍‌ରେ ନାମଲେଖା କରିବାକୁ ଦାବି କରି ବିଦ୍ୟାଳୟ ସୁରକ୍ଷା କମିଟି ପକ୍ଷରୁ ସୋମବାର ସାରା ଓଡ଼ିଶା ଦାବି ଦିବସ ପାଳନ ପୂର୍ବକ ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ବିକ୍ଷୋଭ ଶୋଭାଯାତ୍ରା।

# ପରଲୋକରେ ପୂର୍ବତନ ବିଧାୟକ ଅରୁଣ ଦେ

ବାଲେଶ୍ୱର ଅଫିସ,୨।୮

ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବର୍ଷୀୟାନ ରାଜନେତା ଅରୁଣ ଦେ(୭୫)ଙ୍କ ସୋମବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ସେ ଜୁଲାଇ ୯ ତାରିଖରେ କରୋନାରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଥିଲା। ତାଙ୍କ ଅକ୍ସିଜେନ୍ ଲେଭଲ୍ କମିବାରୁ ତାଙ୍କୁ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍‌ପିଟାଲରେ ଭର୍ତ୍ତି କରାଯାଇଥିଲା। ପରବର୍ତ୍ତୀ ସମୟରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଉନ୍ନତି ହୋଇଥିଲା। ସୋମବାର ଅପରାହ୍ନରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଜଟିଳ ହୋଇପଡ଼ିବାରୁ ଚିକିତ୍ସାଧୀନ ଅବସ୍ଥାରେ ସନ୍ଧ୍ୟାରେ ମୃତ୍ୟୁ ହୋଇଯାଇଥିଲା। ପୂର୍ବରୁ ସେ ରକ୍ତ କର୍କଟରେ ପୀଡ଼ିତ ଥିଲେ। ଜଣେ ବରିଷ୍ଠ ନେତାଙ୍କୁ ହରାଇ ସାରା ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ବିୟୋଗରେ ବହୁ ନେତା, କର୍ମୀ, ଶ୍ରମିକ ନେତା, ଶ୍ରମିକ ଶୋକ ପ୍ରକାଶ କରିଛନ୍ତି। ବାଲେଶ୍ୱର ଓକିଲ ସଂଘର ସଭାପତି ମନୋଜ କୁମାର ନାୟକ, ସମ୍ପାଦକ ସନ୍ଦୀପ ନନ୍ଦୀ, ଟ୍ରେଡ୍ ୟୁନିୟନ କୋ ଅର୍ଡ଼ିନେଶନ୍ କମିଟି ସଭାପତି ପ୍ରଦୀପ୍ତ ପଣ୍ଡା, ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ, ଫକୀରମୋହନ ସାହିତ୍ୟ ପରିଷଦର ସମ୍ପାଦକ କୁମାର ଗୋପାଳ, ଜିଲା ବରିଷ୍ଠ ନାଗରିକ ମଞ୍ଚର ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ବେହେରା, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଜିଲା ବିଜେଡି ସଭାପତି ତଥା ପୂର୍ବତନ ଏମ୍‌ପି ରବୀନ୍ଦ୍ର କୁମାର ଜେନା, ବିଧାୟକ ସ୍ୱରୂପ କୁମାର ଦାସ, ରାଜ୍ୟ ମହିଳା ବିଜେଡିର କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା, ରାଜ୍ୟ ଭାଜପା ଯୁବମୋର୍ଚ୍ଚା ଉପସଭାପତି ମାନସ ଦତ୍ତ, କଂଗ୍ରେସ ନେତା ନବଜ୍ୟୋତି ପଟ୍ଟନାୟକ, ପୂର୍ବତନ ବିଧାୟକ ଜୀବନ ପ୍ରଦୀପ ଦାଶ, ଭାଜପା ଜିଲା ସଭାପତି ଉମାକାନ୍ତ ମହାପାତ୍ର, ଜିଲା କଂଗ୍ରେସ ସଭାପତି ସଞ୍ଜୀବ ଗିରି ପ୍ରମୁଖ ବ୍ୟକ୍ତିବିଶେଷ ଶୋକ ପ୍ରକାଶ କରିଛନ୍ତି।



ଅରୁଣ ଦେ

### ରାଜନୈତିକ ଜୀବନ

ସେ ଓଡ଼ିଶା ବିଧାନସଭାକୁ ୫ଥର ବିଧାୟକ ଭାବରେ ନିର୍ବାଚିତ ହୋଇଥିଲେ। ୧୯୭୧ରେ କମ୍ୟୁନିଷ୍ଟ ପାର୍ଟିରେ ଯୋଗଦେଇଥିବା ବେଳେ ୧୯୯୪ ଯାଏ ସେ ଏହି ଦଳର କର୍ମକର୍ତ୍ତା ଭାବରେ ଓଡ଼ିଶା ରାଜନୀତିରେ ସକ୍ରିୟ ଥିଲେ। ୧୯୭୪ ବିଧାନସଭା ନିର୍ବାଚନରେ ସିପିଆଇର ପ୍ରାର୍ଥୀ ଭାବେ ବାଲେଶ୍ୱର ଆସନରୁ ନିର୍ବାଚନ ଲଢ଼ି ନିର୍ବାଚିତ ହୋଇଥିଲେ। ପୁନର୍ବାର ଏହି ବିଧାନସଭା ନିର୍ବାଚନମଣ୍ଡଳୀରୁ ୧୯୮୦, ୧୯୯୦ରେ ସିପିଆଇର ପ୍ରାର୍ଥୀ, ୧୯୯୫ରେ ସ୍ୱାଧୀନ ଏବଂ ୨୦୦୪ରେ ଓଡ଼ିଶା ଗଣ ପରିଷଦ ପ୍ରାର୍ଥୀ ଭାବେ ବିଜୟୀ ହୋଇଥିଲେ। ୧୯୭୫ ମସିହାରେ ଶ୍ରମିକଙ୍କର ସମସ୍ୟା ସମାଧାନ ଲାଗି ବିଭିନ୍ନ ଶ୍ରମିକ ସଙ୍ଗଠନକୁ ଏକତ୍ର କରି ଟ୍ରେଡ୍ ୟୁନିୟନ୍ କୋ ଅର୍ଡ଼ିନେଶନ୍ କମିଟି ଗଠନ କରିଥିଲେ ଏବଂ ପ୍ରତିଷ୍ଠାତା ସଭାପତି ଭାବେ ଦୀର୍ଘଦିନ ଧରି କାର୍ଯ୍ୟ କରି ଶ୍ରମିକମାନଙ୍କର ବିଭିନ୍ନ ସମସ୍ୟାକୁ ସମାଧାନ କରିବାରେ ସକ୍ଷମ ହୋଇଥିଲେ। ବିର୍ଲା ଟାୟାର୍ସ ଶ୍ରମିକ ସଙ୍ଗଠନ, ପାୱାର ଏମ୍ପ୍ଲଇଜ ୟୁନିୟନ୍, ଉଠା ଜଳସେଚନ କର୍ମଚାରୀ ସଂଘଗୁଡିକର ସଭାପତି ସହ ରାଜ୍ୟ ଫେଡ଼େରେଶନ୍‌ର ଉପଦେଷ୍ଟା ଭାବେ କାମ କରି ଶ୍ରମିକମାନଙ୍କୁ ବହୁ ସଫଳତା ଆଣିଦେଇଥିଲେ। ଅଦ୍ୟାବଧି ରୂପ୍‌ସା ଝୋଟକଳ ଶ୍ରମିକ ସଙ୍ଗଠନର ସଭାପତି, ବାଲେଶ୍ୱର ରିକ୍ସା ଚାଳକ ସଂଘର ସଭାପତି ସମେତ ବହୁ ଶ୍ରମିକ ସଙ୍ଗଠନ ଦାୟିତ୍ୱରେ ମଧ୍ୟ ଥିଲେ। ତାଙ୍କର ଦେହାନ୍ତ ବାଲେଶ୍ୱର ଜିଲା ରାଜନୀତି କ୍ଷେତ୍ରରେ ଏକ ଅପୂରଣୀୟ କ୍ଷତି ହୋଇଛି।

### ଶୋକ ପ୍ରକାଶ କଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ରମନ୍ତ୍ରୀ

ଭୁବନେଶ୍ୱର, ୨।୮(ବ୍ୟୁରୋ): ବରିଷ୍ଠ ରାଜନେତା ତଥା ବାଲେଶ୍ୱର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ଅରୁଣ ଦେଙ୍କ ଦେହାନ୍ତ ଘଟଣାରେ ଶୋକବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଟୁଇଟ୍‌ରେ କହିଛନ୍ତି, ଜନପ୍ରତିନିଧି ଭାବେ ଲୋକାଭିମୁଖୀ କାର୍ଯ୍ୟ ପାଇଁ ସେ ସର୍ବଦା ସ୍ମରଣୀୟ ରହିବେ। ତାଙ୍କ ଅମର ଆତ୍ମାର ସଦ୍‌ଗତି କାମନା ସହ ପରିବାର ସଦସ୍ୟଙ୍କ ପ୍ରତି ମୁଖ୍ୟମନ୍ତ୍ରୀ ସମବେଦନା ଜଣାଇଛନ୍ତି।

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୋକପ୍ରକାଶ କରି କହିଛନ୍ତି, ଅରୁଣ ଦେଙ୍କ ବିୟୋଗ ଖବର ଶୁଣି ମୁଁ ମର୍ମାହତ। ତାଙ୍କ ବିୟୋଗରେ କେବଳ ବାଲେଶ୍ୱର ନୁହେଁ ବରଂ ସମଗ୍ର ଓଡ଼ିଶା ଜଣେ ଦକ୍ଷ ରାଜନେତାଙ୍କୁ ହରାଇଲା। ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଧର୍ମେନ୍ଦ୍ର ସମବେଦନା ଜଣାଇବା ସହ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଶୋକବ୍ୟକ୍ତ କରିବା ସହ କହିଛନ୍ତି, ଅରୁଣବାବୁ ମୋର ଅନ୍ତରଙ୍ଗ ବନ୍ଧୁ ଥିଲେ। ଜଣେ ପରୋପକାରୀ ଏବଂ ସାମାଜିକ କର୍ମୀ ଭାବେ ଦୀନଦୁଃଖୀଙ୍କର ଆପଣାର ବ୍ୟକ୍ତି ଥିବାରୁ ସେ ସାଧାରଣ ଜନତାଙ୍କ ପାଖରେ ଅରୁଣଦାଦା ନାମରେ ପରିଚିତ ଥିଲେ। ସେ ସ୍ୱର୍ଗତ ଦେଙ୍କ ଅମର ଆତ୍ମାର ସଦ୍‌ଗତି କାମନା କରିଛନ୍ତି। ଏହାସହ ରାଜ୍ୟର ଆହୁରି ବହୁ ବରିଷ୍ଠ ନେତା ଶୋକ ପ୍ରକାଶ କରିଛନ୍ତି।

# ୪ ଜିଲାରେ ପାଇଲଟ୍ ପ୍ରକଳ୍ପ

- ୧୬.୭୩ କୋଟି ଟଙ୍କାର ବ୍ୟୟବରାଦ
- ଉପକୃତ ହେବେ ୧୬ହଜାର ଚାଷୀ
- ଡିବିଟି ଇନ୍‌ପୁଟ୍ ଓଡ଼ିଶା ପୋର୍ଟାଲ୍‌ର ଶୁଭାରମ୍ଭ

ଭୁବନେଶ୍ୱର,୨।୮(ବ୍ୟୁରୋ)

କୃଷକଙ୍କ ଆୟ ବହୁଗୁଣିତ କରିବା ନିମନ୍ତେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ 'ବୃହତ୍ ଉଠାଜଳସେଚନ ପ୍ରକଳ୍ପରେ ଫସଲ ବିବିଧୀକରଣ' କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ସୋମବାର କୃଷିଭବନଠାରେ ବିଭାଗୀୟ ମନ୍ତ୍ରୀ ଅରୁଣ କୁମାର ସାହୁ ଏହାର ଉଦ୍‌ଘାଟନ କରିଛନ୍ତି। ପ୍ରଥମ ପର୍ଯ୍ୟାୟରେ ରାଜ୍ୟର କଳାହାଣ୍ଡି, ମାଲକାନଗିରି, ନବରଙ୍ଗପୁର ଓ କୋରାପୁଟ ଆଦି ୪ ଜିଲାରେ ପାଇଲଟ ପ୍ରକଳ୍ପ ଭାବେ ଏହା କାର୍ଯ୍ୟକାରୀ ହେବ। ମୋଟ ୭ ବ୍ଲକ୍‌ର ୨୭ ଗ୍ରାମ ପଞ୍ଚାୟତର ୧୦୧ ଗ୍ରାମର ୧୬ହଜାର ଚାଷୀ ଉପକୃତ ହେବେ। ୧୮ଟି ବୃହତ୍ ଉଠାଜଳସେଚନ ପ୍ରକଳ୍ପ ଅନ୍ତର୍ଗତ ୧୨,୨୦୭ ହେକ୍ଟର ଜମିରୁ ୩,୩୪୩ ହେକ୍ଟର ଡାଲିଜାତୀୟ ଫସଲ, ୩,୭୪୫ ହେକ୍ଟର କପା ଫସଲ, ୯୨୮ ହେକ୍ଟର ତୈଳବୀଜ, ୨,୪୫୧ ହେକ୍ଟର ମକା, ୧,୩୨୨ ହେକ୍ଟର ମାଣ୍ଡିଆ ଏବଂ ୪୧୮ ହେକ୍ଟର ପନିପରିବା ଚାଷ କରିବା ପାଇଁ ଯୋଜନା ରହିଛି। ଏଥିପାଇଁ ୧୬.୭୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଏହି ଯୋଜନାରେ ଫସଲର ବିବିଧୀକରଣ କରି ଅଣଧାନ ଚାଷ କରୁଥିବା ସମସ୍ତ ଚାଷୀଙ୍କୁ ୩ ବର୍ଷ ପାଇଁ ଡିବିଟି ମାଧ୍ୟମରେ ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ। ଜୈବିକ କୃଷି ସାମଗ୍ରୀ ଉତ୍ପାଦନ, ଅମଳ ପରବର୍ତ୍ତୀ କାର୍ଯ୍ୟ, ପ୍ରାଥମିକ ପ୍ରକ୍ରିୟାକରଣ, ମୂଲ୍ୟଯୁକ୍ତ ଦ୍ରବ୍ୟ ପ୍ରସ୍ତୁତ ଏବଂ ବିପଣନ କାର୍ଯ୍ୟ ପାଇଁ ୩୬ଟି ଗୋଷ୍ଠୀଭିତ୍ତିକ ସଙ୍ଗଠନକୁ ପ୍ରୋତ୍ସାହିତ କରାଯିବ। ଦକ୍ଷତା ବୃଦ୍ଧି କାର୍ଯ୍ୟକ୍ରମ ମାଧ୍ୟମରେ କୃଷକଙ୍କୁ ତାଲିମ ଦିଆଯିବ। ଏହି ଯୋଜନାରେ ଅଣଧାନ ଫସଲ ଚାଷ, ମୃତ୍ତିକା ସ୍ୱାସ୍ଥ୍ୟ ସଂରକ୍ଷଣ, ପୁଷ୍ଟି ବିବିଧୀକରଣ ଓ ଜଳ ବିନିଯୋଗ ଦକ୍ଷତା ବୃଦ୍ଧି ଆଦିର ଉପକାରିତା ସମ୍ବନ୍ଧରେ ବ୍ୟାପକ ଜନସଚେତନତାର ବ୍ୟବସ୍ଥା କରାଯାଇଛି।

ଏହି ଅବସରରେ ମନ୍ତ୍ରୀ ସାହୁ ଡିବିଟି ମାଧ୍ୟମରେ ଚାଷୀଙ୍କୁ ରିହାତି ପ୍ରଦାନ ନିମନ୍ତେ 'ଡିବିଟି ଇନ୍‌ପୁଟ୍ ଓଡ଼ିଶା ପୋର୍ଟାଲ୍'ର ଶୁଭାରମ୍ଭ କରିଥିଲେ। ସେ କହିଲେ, ଚଳିତ ୨୦୨୧-୨୨ ବର୍ଷରେ ଚାଷୀଙ୍କୁ ବିଭିନ୍ନ ପ୍ରକାର କୃଷି ଉପାଦାନ ଯଥା ଅଣୁସାର, ଜୀବାଣୁସାର, କୀଟନାଶକ ଆଦିର କ୍ରୟ ପାଇଁ ଦିଆଯାଉଥିବା ରିହାତିକୁ ଡିବିଟି ମାଧ୍ୟମରେ ଚାଷୀଙ୍କ ବ୍ୟାଙ୍କ ଜମାଖାତାରେ ସିଧାସଳଖ ପ୍ରଦାନ କରାଯିବ। ଚାଷୀମାନେ ସରକାରୀ ଲାଇସେନ୍ସପ୍ରାପ୍ତ ବିକ୍ରେତାଙ୍କଠାରୁ କୃଷି ଉପାଦାନ କ୍ରୟ କରିପାରିବେ। 'ମୋ ସରକାର' କାର୍ଯ୍ୟକ୍ରମର ସଫଳ ରୂପାୟନ ନିମନ୍ତେ ଏହି ବ୍ୟବସ୍ଥାକୁ ମୋବାଇଲ୍ ଆପ୍ ଓ ୱେବ୍ ପୋର୍ଟାଲ ମାଧ୍ୟମରେ କାର୍ଯ୍ୟକାରୀ କରାଯିବ। ଏହାଦ୍ୱାରା କୃଷକ କଲ୍ୟାଣକାରୀ ଯୋଜନାରେ ସ୍ୱଚ୍ଛତା ଓ ଉତ୍ତରଦାୟିତ୍ୱ ରହିବ ବୋଲି ମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି। କାର୍ଯ୍ୟକ୍ରମରେ କୃଷି ଉତ୍ପାଦନ କମିଶନର ରାଜକୁମାର ଶର୍ମା, ଜଳସମ୍ପଦ ବିଭାଗର ପ୍ରମୁଖ ଶାସନ ସଚିବ ଅନୁ ଗର୍ଗ, କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ଶାସନ ସଚିବ ସୁରେଶ କୁମାର ବଶିଷ୍ଠ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ବିଭାଗ ଶାସନ ସଚିବ ଆର୍. ରଘୁପ୍ରସାଦ, ଓୟୁଏଟି କୁଳପତି ପବନ କୁମାର ଅଗ୍ରୱାଲ, କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ଏମ୍. ମୁଥୁକୁମାର, ଉଦ୍ୟାନକୃଷି ନିର୍ଦ୍ଦେଶକ ରୋହିତ କୁମାର ଲେଙ୍କା, ମୃତ୍ତିକା ସଂରକ୍ଷଣ ଓ ଜଳବିଭାଜିକା ଉନ୍ନୟନ ନିର୍ଦ୍ଦେଶକ ହେମନ୍ତ କୁମାର ପଣ୍ଡା ଉପସ୍ଥିତ ଥିଲେ। ବିଭିନ୍ନ ଜିଲାର କୃଷି ଅଧିକାରୀ ଓ ଚାଷୀମାନେ ଭର୍ଚୁଆଲରେ ଯୋଗଦେଇଥିଲେ।

### ବୃହତ୍ ଉଠାଜଳସେଚନ ପ୍ରକଳ୍ପରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଶୁଭାରମ୍ଭ





ମନ୍ତ୍ରୀ ଅରୁଣ କୁମାର ସାହୁ ଓ ଅନ୍ୟମାନେ କାର୍ଯ୍ୟକ୍ରମ ଶୁଭାରମ୍ଭ କରୁଛନ୍ତି।

# ସୁପ୍ରିମ୍‌କୋର୍ଟ, ଏନ୍ଏଚ୍ଆର୍‌ସି, ରାଜ୍ୟ ସରକାରଙ୍କୁ ପତ୍ର

### ଅଭିଯୁକ୍ତଙ୍କ ଗୋଡ଼ରେ ଚେନ୍ ବାନ୍ଧି ଚିକିତ୍ସା କରିବା ଘଟଣା

ଭୁବନେଶ୍ୱର,୨।୮(ବ୍ୟୁରୋ)

କ୍ୟାପିଟାଲ ହସ୍ପିଟାଲରେ ଜଣେ ଅଭିଯୁକ୍ତଙ୍କ ଗୋଡ଼ରେ ଜଞ୍ଜିର ବାନ୍ଧି ଚିକିତ୍ସା କରାଯିବା ଘଟଣାକୁ ନେଇ ବିଭିନ୍ନ ମହଲରୁ କ୍ଷୋଭ ପ୍ରକାଶ ପାଇଛି। ଭାରତୀୟ ବିକାଶ ପରିଷଦ ଏ ସଂକ୍ରାନ୍ତରେ ସୁପ୍ରିମ୍ କୋର୍ଟ, ଓଡ଼ିଶା ହାଇକୋର୍ଟ, ଜାତୀୟ ମାନବାଧିକାର କମିଶନ, ରାଜ୍ୟ ମାନବାଧିକାର କମିଶନ, ଗୃହ ବିଭାଗକୁ ପତ୍ର ଲେଖି ହସ୍ତକ୍ଷେପ କରିବାକୁ ନିବେଦନ କରାଯାଇଛି। ସାମାଜିକ ଗଣମାଧ୍ୟରୁ ଏକ ପୋଷ୍ଟକୁ ଆଧାର କରି ନୟାଗଡ଼ର ସାମାଜିକ କର୍ମୀ ଶ୍ରୀଧର ପ୍ରଧାନଙ୍କୁ ପୋଲିସ ବେଆଇନ ଭାବେ ଗିରଫ କରିଥିବାବେଳେ ତାଙ୍କୁ ଚିକିତ୍ସା ସମୟରେ ଜଣେ ଦୁର୍ଦ୍ଧାନ୍ତ ଅପରାଧୀଙ୍କ ଭଳି ଜଞ୍ଜିରରେ ବନ୍ଧାଯାଇ ଚିକିତ୍ସା କରାଯାଇଛି। ଏହି ଘଟଣାରେ ଥାନା ଆଇଆଇସି ଓ ମେଡିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଶ୍ରୀଧରଙ୍କୁ ତୁରନ୍ତ ଜେଲ୍‌ରୁ ଖଲାସ କରିବା ନିମନ୍ତେ ପରିଷଦ ଅନୁରୋଧ କରିଛି।

ଶ୍ରୀଧର ହେଉଛନ୍ତି ଜଣେ ସାମାଜିକ କର୍ମୀ ଓ ଖବରଦାତା। କିଛିଦିନ ତଳେ ସେ କେତେଜଣ ସ୍ଥାନୀୟ ସରକାରୀ ଅଧିକାରୀ ଓ ଜଣେ ରାଜନେତାଙ୍କ ଦୁର୍ନୀତିମୂଳକ ଖବର ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏହାପରେ ସମ୍ପୃକ୍ତ ରାଜନୈତିକ ବ୍ୟକ୍ତିଙ୍କ ଚାପରେ ନୟାଗଡ ଥାନା ଆଇଆଇସି ଜୟଦୀପ ମହାନ୍ତି ତାଙ୍କୁ ଆଇପିସି ଦଫା ୫୦୦ ଓ ୩୦୦ରେ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ସୁପ୍ରିମ୍‌କୋର୍ଟ ଏହି ଆଇଟି ଆକ୍ଟକୁ ଉଠାଇଦେଇଥିବାବେଳେ ଥାନା ଅଧିକାରୀ ବେଆଇନ ଭାବେ ତାଙ୍କୁ ଗିରଫ କରିଥିବା ଉକ୍ତ ଚିଠିରେ ଉଲ୍ଲେଖ ରହିଛି।



# ସ୍ତନ୍ୟପାନର ଉପକାରିତା

ଅନେକ ମହିଳାଙ୍କ ମନରେ ଏକ ଧାରଣା ରହିଛି, ଶିଶୁକୁ ସ୍ତନ୍ୟପାନ କରାଇଲେ ଶାରୀରିକ ଗଠନ ଖରାପ ହୋଇଯାଏ। ଆଉ କେହି କେହି ସ୍ତନ୍ୟପାନ ସମୟରେ ଖାଦ୍ୟରେ ଅଧିକ କ୍ୟାଲୋରୀ ଆବଶ୍ୟକ ହେଉଥିବାରୁ ମୋଟା ହୋଇଯିବା ଭୟରେ ବି ପିଲାଙ୍କୁ କ୍ଷୀର ଖୁଆନ୍ତି ନାହିଁ। ହେଲେ ଜାଣନ୍ତି କି, ସ୍ତନ୍ୟପାନ କରାଇବା ଦ୍ୱାରା କେବଳ ଶିଶୁଟି ଉପକୃତ ହୁଏ ନାହିଁ ବରଂ ମା'କୁ ମଧ୍ୟ ଅନେକ ଉପକାରିତା ମିଳିଥାଏ। ଜାଣି ରଖନ୍ତୁ ଏହା ସମ୍ପର୍କରେ...

- ସ୍ତନ୍ୟପାନ କରାଇବା ଦ୍ୱାରା ମା' ଦେହରୁ ଅଯଥା ଚର୍ବିଅଂଶ ହ୍ରାସ ହୁଏ। ଫଳରେ ପ୍ରସବ ପରବର୍ତ୍ତୀ ମୋଟାପଣ ଦୂର ହୋଇଥାଏ।
- କ୍ଷୀର ଖୁଆଇବା ଦ୍ୱାରା ମା'ର ମସ୍ତିଷ୍କରୁ ଅକ୍ସିଟୋସିନ୍ ହର୍‌ମୋନର କ୍ଷରଣ ହେବାଦ୍ୱାରା ଜରାୟୁ ସଂକୁଚିତ ହୋଇଥାଏ, ଏହାର ଆକାର କମିଯାଇଥାଏ ଏବଂ ପ୍ରସବ ପରେ ରକ୍ତ କ୍ଷରଣ ମଧ୍ୟ କମ୍ ହୋଇଥାଏ। ଏଥିରେ ସମ୍ପ୍ରସାରିତ ପାକସ୍ଥଳୀ ଓ ଅନ୍ତନଳୀ ମଧ୍ୟ ସଙ୍କୁଚିତ ହୋଇ ଶୀଘ୍ର ସାଧାରଣ ଅବସ୍ଥାକୁ ଫେରିଆସିଥାଏ, ଫଳରେ ପେଟ ବାହାରିବା କମିଯାଏ।
- ସ୍ତନ୍ୟପାନ ମଧ୍ୟ ମା'କୁ ସ୍ତନକର୍କଟ(ବ୍ରେଷ୍ଟ କ୍ୟାନ୍‌ସର), ଡିମ୍ବକୋଷର କର୍କଟ ରୋଗ (ଏଣ୍ଡୋମେଟ୍ରିଆଲ୍ କ୍ୟାନ୍‌ସର), ଜରାୟୁଗ୍ରୀବା କର୍କଟରୋଗ (ସର୍ଭାଇକାଲ କ୍ୟାନ୍‌ସର), ରିଉମାଟଏଡ୍ ଆର୍ଥ୍ରାଇଟିସ୍, ହାଡ ପୋରିଆରୋଗ (ଓଷ୍ଟିଓପୋରୋସିସ୍) ଆଦି। ଏହାଛଡ଼ା ସ୍ତନ୍ୟପାନ କରାଉଥିବା ମା'ର ରକ୍ତରେ କୋଲେଷ୍ଟରଲ୍ ଓ ଟ୍ରାଇଗ୍ଲିସରାଇଡ (ରକ୍ତରେ ଚର୍ବିଅଂଶ) କମ୍ ପରିମାଣରେ ଥାଏ, ତେଣୁ ମା'କୁ ଉଚ୍ଚ ରକ୍ତଚାପ ଓ ହୃଦ୍‌ଘାତ ହେବା ଆଶଙ୍କା ମଧ୍ୟ କମ୍ ଥାଏ।



ମା' କ୍ଷୀର ମା' କ୍ଷୀର
ସବୁ ମମତାର ଗନ୍ତାଘର ସେ, ସବୁ ସେନେହର ଧାର
ମା' କ୍ଷୀର ମା' କ୍ଷୀର
ପ୍ରଭୁଙ୍କ ଆଶିଷ ଝରିଯାଏ ଯହିଁ ହୋଇ ଅମୃତର ଝର
ମା' କ୍ଷୀର ମା' କ୍ଷୀର
ଶିଶୁ ଜୀବନର ସ୍ପନ୍ଦନ ସେ ଯେ,
ପ୍ରତିଟି ଟୋପାରୁ ଶୁଭୁଥାଏ ଯା'ର ସଂଜୀବନୀର ସ୍ୱର।

# ଶିଶୁ ପାଇଁ ଅମୃତ

ମା' ସ୍ତନରୁ ଝରୁଥିବା କ୍ଷୀର ଶିଶୁ ପାଇଁ ଅମୃତର ଧାରା; ଯାହା ପ୍ରତିଷେଧକ ଟିକା ସଦୃଶ ଶିଶୁକୁ ସମସ୍ତ ରୋଗ ଓ ଜଟିଳତାରୁ ରକ୍ଷା କରିଥାଏ। ତେବେ ଶିଶୁ ପାଇଁ ସ୍ତନ୍ୟପାନର ଉପକାରିତା ବିଷୟରେ ସଚେତନ କରିବା ପାଇଁ ଅଗଷ୍ଟ ପ୍ରଥମ ସପ୍ତାହକୁ ବିଶ୍ୱ ସ୍ତନ୍ୟପାନ ସପ୍ତାହ ଭାବେ ପାଳନ କରାଯାଇ ଆସୁଛି। ଏହି ଉପଲକ୍ଷେ ବିଶେଷ ଉପସ୍ଥାପନା ...

–ପୌର୍ଣ୍ଣମାସୀ



## ସ୍ତନ୍ୟପାନ ଲାଗି ପ୍ରୋତ୍ସାହନ

ଡା. ସରୋଜିନୀ ଷଡ଼ଙ୍ଗୀ

ମା' ଯେମିତି ପୃଥିବୀର ସବୁଠାରୁ ଶକ୍ତିଶାଳୀ ଶବ୍ଦ, ଠିକ୍ ସେମିତି ମା' କ୍ଷୀର ହେଉଛି ଶିଶୁ ପାଇଁ ସର୍ବୋତ୍କୃଷ୍ଟ ଖାଦ୍ୟ। ମା' କ୍ଷୀର ସଂଜୀବନୀ ସଦୃଶ। ଶିଶୁକୁ ଏହା ଦିଏ ନୂଆ ଜୀବନ। କ୍ଷୀରର ପ୍ରତ୍ୟେକ ବିନ୍ଦୁରୁ ଝରୁଥାଏ ମା'ର ମମତାର ସ୍ୱର।

ମା'ମାନଙ୍କୁ ସ୍ତନ୍ୟପାନ ପାଇଁ ପ୍ରୋତ୍ସାହିତ କରିବା ତଥା ମା' ଓ ଶିଶୁ ପାଇଁ ସ୍ତନ୍ୟପାନର ଉପକାରିତା ବିଷୟରେ ସଚେତନ କରିବା ପାଇଁ ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା, ୟୁନିସେଫ୍ ଏବଂ ଗ୍ଲୋବାଲ୍ ବ୍ରେଷ୍ଟ ଫିଡିଂ କଲେକ୍ଟିଭ୍ ର ମିଳିତ ଉଦ୍ୟମରେ ସାରା ବିଶ୍ୱରେ ଅଗଷ୍ଟ ୧ରୁ ୭ତାରିଖ ଯାଏଁ 'ବିଶ୍ୱ ସ୍ତନ୍ୟପାନ ସପ୍ତାହ' ପାଳନ କରାଯାଉଛି। ତେବେ ଚଳିତ ବର୍ଷ ଏହି ଉପଲକ୍ଷେ ବାର୍ତ୍ତା ହେଉଛି– 'ସ୍ତନ୍ୟପାନ ପାଇଁ ମା'ମାନଙ୍କୁ ପ୍ରୋତ୍ସାହିତ କରିବା ସହ ସାହାଯ୍ୟ ମଧ୍ୟ କରିବା ଜରୁରୀ।' ସ୍ତନ୍ୟପାନ ଏକ ମାତ୍ର ଉପାୟ, ଯାହା ମାଧ୍ୟମରେ ପ୍ରତିବର୍ଷ ୮ଲକ୍ଷରୁ ଊର୍ଦ୍ଧ୍ୱ ଶିଶୁଙ୍କର ଜୀବନରକ୍ଷା ହୋଇପାରୁଛି ଏବଂ ଶିଶୁ ମୃତ୍ୟୁହାର କମିଯାଇ ପାରୁଛି। ଏଥିରେ ଜନ୍ମର ଏକବର୍ଷ ମଧ୍ୟରେ ତଥା ୧ରୁ ୫ବର୍ଷ ମଧ୍ୟରେ ଶିଶୁ ମୃତ୍ୟୁହାର ମଧ୍ୟ କମିଯାଉଛି। ତେଣୁ ଶିଶୁଙ୍କୁ ସୁସ୍ଥ ସବଳ ଓ ନୀରୋଗ ରଖିବା ପାଇଁ ମା'ମାନଙ୍କୁ ସ୍ତନ୍ୟପାନ ସମ୍ପର୍କରେ ପ୍ରଶିକ୍ଷଣ ଦେବା ତଥା ଶିଶୁ ପାଇଁ ସ୍ତନ୍ୟପାନର ଉପାଦେୟତା ସମ୍ପର୍କରେ ସେମାନଙ୍କୁ ସଚେତନ କରାଇବା ଏହି ସପ୍ତାହର ଲକ୍ଷ୍ୟ। ମା' କ୍ଷୀର ହେଉଛି ଏକ ସର୍ବୋତ୍କୃଷ୍ଟ, ପ୍ରାକୃତିକ ପରିପୂରକ ଖାଦ୍ୟ, ଯେଉଁଥିରେ



ରହିଛି ପୋଷକ ସନ୍ତୁଳନତା, ଯାହା ଶିଶୁଟି ପାଇଁ ସଂପୂର୍ଣ୍ଣ ଉପଯୋଗୀ। ତେବେ ଏଥିରେ ପ୍ରଥମ ସଚେତନତାର ବାର୍ତ୍ତା ଦେବେ ସ୍ତ୍ରୀରୋଗ ଓ ପ୍ରସୂତି ବିଶେଷଜ୍ଞ। କାରଣ ଏଥିରେ ପ୍ରାଥମିକ ପ୍ରସ୍ତୁତି ଗର୍ଭର ୫ମାସ ବେଳକୁ ହୋଇଥାଏ। ଏହି ସମୟରେ ଇଷ୍ଟ୍ରୋଜେନ୍, ପ୍ରୋଜେଷ୍ଟେରୋନ୍ ଓ ପ୍ରୋଲାକ୍ଟିନ୍ ପ୍ରଭାବରୁ କ୍ଷୀର ତିଆରିର ପ୍ରାରମ୍ଭିକ ପ୍ରକ୍ରିୟା ଆରମ୍ଭ ହୋଇଥାଏ ଏବଂ ଗର୍ଭାବସ୍ଥାର ଶେଷ ପର୍ଯ୍ୟନ୍ତ ଯାଇଥାଏ। ତେଣୁ ଏହି ସମୟରେ ରିଟ୍ରାକ୍ଟେଡ ନିପୁଲ୍ ବା ସ୍ତନରେ ଅନ୍ୟ କିଛି ଅସୁବିଧା ଥିଲେ ତା'ର ଚିକିତ୍ସା କରିବା ଆବଶ୍ୟକ।

ଏହାଛଡ଼ା ଗର୍ଭର ଶେଷ ମାସରେ ପ୍ରସବ ପୂର୍ବରୁ ନିପୁଲ୍‌କୁ ସଫା ରଖିବାକୁ ହୋଇଥାଏ। ଏହି ସମୟରେ ସ୍ତନ୍ୟପାନ ପାଇଁ ମା'ର ମାନସିକ ଓ ଶାରୀରିକ ପ୍ରସ୍ତୁତି ହୋଇଥାଏ। ଆଣ୍ଟେନାଟାଲ ଚେକ୍‌ଅପ୍ ସମୟରେ ମଧ୍ୟ ସ୍ତନ୍ୟପାନ ଜନିତ ବିଭିନ୍ନ ପ୍ରଶ୍ନର ଉତ୍ତର ଡାକ୍ତରମାନେ ଦେଇଥାନ୍ତି, ଯାହାଦ୍ୱାରା ମା'ମାନଙ୍କର ଉଦ୍‌ବେଗ ଦୂର ହୋଇଥାଏ।

ପ୍ରସବ ହେବା ପରେ ପରେ ମା'ମାନଙ୍କୁ ପ୍ରୋତ୍ସହିତ କରିବା ତଥା ସେମାନଙ୍କୁ ସ୍ତନ୍ୟପାନର ଠିକ୍ ପୋଜିସନରେ ଖାଇବାକୁ ଦେବା ନର୍ସିଂ ଷ୍ଟାଫମାନଙ୍କର କର୍ତ୍ତବ୍ୟ। ଡେଲିଭରି ପରେ ନର୍ସିଂସିଷ୍ଟରମାନଙ୍କର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ନରମାଲ ଡେଲିଭରି ହେଉ ଅବା ସିଜରିଆନ୍ ସେକ୍‌ସନ ପରେ ପରେ ସଙ୍ଗେ ସଙ୍ଗେ ସେମାନେ ମା'କୁ ଶିଶୁକୁ କ୍ଷୀର ଖୁଆଇବାରେ ଦରକାର। ବିଶେଷ ଭାବରେ କଷକ୍ଷୀର ଯେ ଶିଶୁର ପ୍ରଥମ ଟୀକା ଓ ଏଥିରେ ଭିଟାମିନ୍ ଏ, ଡି, ଇ ରୋଗ ପ୍ରତିରୋଧକ ଶକ୍ତି ପ୍ରଚୁର ପରିମାଣରେ ଅଛି, ସେକଥା ମା'ମାନେ ଜାଣିବା ଆବଶ୍ୟକ।

ମା'କୁ ସ୍ତନ୍ୟପାନ ପାଇଁ ଉପଯୁକ୍ତ ପରିବେଶ ଯୋଗାଇଦେବା ପରିବାରର ଦାୟିତ୍ୱ। ବେଳେବେଳେ ଘରେ ଗୁରୁଜନମାନେ ଶିଶୁଟିକୁ ଧରନ୍ତି ଏବଂ ଭିଡ ଯୋଗୁଁ ଲାଜରେ ମା' ଶିଶୁଟିକୁ ଖୁଆଇ ପାରେ ନାହିଁ। ଏକା ଥିଲେ ବା ଯୁଗ୍ମ ପରିବାରରେ ଥିଲେ, ଘର କାମ କରିବାକୁ ପଡେ। ଏଥିରେ ଶିଶୁଟି ଅବହେଳାର ଶିକାର ହୁଏ। ଏହାଛଡା ସୁଷମ ଖାଦ୍ୟର ଅଭାବ ଦେଖାଦେଇଥାଏ। ସବୁ ଘରକାମ, ରନ୍ଧାବଢା ଆଦି ସରୁ ସରୁ ଶିଶୁକୁ ଖୁଆଇବାକୁ ସମୟ ହୁଏ ନାହିଁ। ଏହାଛଡା କେତେକ ଗ୍ରାମାଞ୍ଚଳର କୁସଂସ୍କାର ପାଇଁ ମା' ସୁଷମ ଖାଦ୍ୟ ଖାଇପାରେ ନାହିଁ। ଏହି ସମୟରେ ମା'କୁ ହାଇକ୍ୟାଲୋରି ଯୁକ୍ତ ଖାଦ୍ୟ ଯୋଗାଇଦେବାରେ ପରିବାରର ସାହାଯ୍ୟ ଓ ସମର୍ଥନ ନିହାତି ଜରୁରୀ। କର୍ମଜୀବୀ ମା' ମାନେ ମଧ୍ୟ ନିଜ କ୍ଷୀର କାଢି ଫ୍ରିଜ୍‌ରେ ରଖି ନିଜ ଶିଶୁକୁ ଖୁଆଇ ପାରିବେ।

ସ୍ତନ୍ୟପାନ ଈଶ୍ୱରଙ୍କର ବରଦାନ। ଏହା ଶିଶୁର ଜନ୍ମଗତ ଅଧିକାର। ଏଥିରୁ ଶିଶୁକୁ ବଞ୍ଚିତ କରିବା ଉଚିତ ନୁହେଁ। ମା'ର ଦୃଢ ଇଚ୍ଛାଶକ୍ତି ଓ ସମସ୍ତଙ୍କର ପ୍ରୋତ୍ସାହନ ତଥା ସାହାଯ୍ୟ ହିଁ ସାରା ବିଶ୍ୱରେ ଶିଶୁମାନଙ୍କୁ ଶିଶୁମୃତ୍ୟୁରୁ ରକ୍ଷା କରିପାରିବ।

*–ସ୍ତ୍ରୀରୋଗ ବିଶେଷଜ୍ଞ*
*ଲିଙ୍କ୍ ରୋଡ୍, କଟକ*
*ମୋ–୯୪୩୭୦୫୫୦୦୭*

## କରୋନା ସମୟରେ ସ୍ତନ୍ୟପାନ



ବର୍ତ୍ତମାନ କରୋନା ରୂପକ ଅଦୃଶ୍ୟ ଭୂତାଣୁ ସାରା ପୃଥିବୀକୁ ଆତଙ୍କିତ କରି ଦେଇଛି। ତେଣୁ ଅନେକ ଗର୍ଭବତୀ ମହିଳାମାନେ ମଧ୍ୟ କରୋନାରେ ପୀଡିତ ହେଉଛନ୍ତି। ତେବେ ପ୍ରସବପରେ କରୋନା ଆକ୍ରାନ୍ତ ମା'ମାନେ, ନିଜ ଶିଶୁକୁ କ୍ଷୀର ଖୁଆଇଲେ ଶିଶୁଟି କରୋନାରେ ଆକ୍ରାନ୍ତ ହେବାର ଆଶଙ୍କା ଥିବାରୁ ଅନେକେ ଭୟରେ କ୍ଷୀର ଖୁଆନ୍ତି ନାହିଁ। ହେଲେ ମା' କ୍ଷୀରରେ ଏଯାଏଁ ଏହି ଭୂତାଣୁ ଚିହ୍ନଟ ହୋଇନାହିଁ। ତେଣୁ ମା' କରୋନା ଆକ୍ରାନ୍ତ ହୋଇଥିଲେ ଡବଲ ମାସ୍କ ପିନ୍ଧି, ହାତଧୋଇ ତଥା ସାମାଜିକ ଦୂରତା ରଖି ଶିଶୁକୁ ସ୍ତନ୍ୟପାନ କରାଇପାରିବେ। ଏହାବ୍ୟତୀତ ମା' କରୋନାମୁକ୍ତ ହେବା ପର୍ଯ୍ୟନ୍ତ କ୍ଷୀର କାଢି ରଖିପାରିବେ ଏବଂ ପରିବାରର କୌଣସି ସଦସ୍ୟ ଏହି କ୍ଷୀରକୁ ଶିଶୁକୁ ଖୁଆଇ ପାରିବେ।

## ମା'ର ଖାଦ୍ୟ

ମା' କ୍ଷୀରରେ ଶିଶୁର ଶାରୀରିକ ବିକାଶ ଲାଗି ଆବଶ୍ୟକ କାର୍ବୋହାଇଡ୍ରେଟ୍, କ୍ୟାଲ୍‌ସିଅମ୍, ପ୍ରୋଟିନ୍, ମିନେରାଲ୍ସ, ଭିଟାମିନ୍ସ ଭଳି ସମସ୍ତ ଆବଶ୍ୟକ ପୋଷକ ତତ୍ତ୍ୱ ଭରି ରହିଛି, ଯାହା କି ପିଲା କ୍ଷୀର ଖାଇବା ଦ୍ୱାରା ମା' ଶରୀରରୁ ହ୍ରାସ ପାଇଥାଏ। ଏହାକୁ ଭରଣା କରିବା ଲାଗି ମା'କୁ ପୂର୍ବାପେକ୍ଷା ଦୈନିକ ଭାତ ୬୦ ଗ୍ରାମ୍, ଡାଲି ୩୦ଗ୍ରାମ, କ୍ଷୀର ୧୦୦ଗ୍ରାମ୍, ତେଲ, ଘିଅ ୧୦ ଗ୍ରାମ୍ ଏବଂ ଚିନି, ଗୁଡ଼ ୧୦ ଗ୍ରାମ୍ ଅଧିକ ଖାଇବା ଆବଶ୍ୟକ। ଏହା ବ୍ୟତୀତ ରୁଟି, ଦୁଧ, ଛେନା, ଫଳ, ଶାଗୁ, ଲାଉ, ସନ୍ତୁଳା ଓ ତଟକା ପନିପରିବାରେ ପ୍ରସ୍ତୁତ ଖାଦ୍ୟ, ଫଳରସଠୁ ଆରମ୍ଭକରି ଅନ୍ୟ ସବୁ ପ୍ରକାର ଖାଦ୍ୟ ଖାଇପାରିବେ। ମା' ପ୍ରଚୁର ପାଣି ପିଇବା ସବୁଠୁ ଗୁରୁତ୍ୱପୂର୍ଣ୍ଣ। ତେଲ ମସଲା ଖାଦ୍ୟ, ଫାଷ୍ଟଫୁଡ୍ ଜାତୀୟ ଖାଦ୍ୟ ନ ଖାଇବା ଭଲ।

# ସ୍ତନ୍ୟପାନ: ଏକ ସାମାଜିକ ଦାୟିତ୍ୱ

–ଡା. ନରେଶ ଚନ୍ଦ୍ର ଆଚାର୍ଯ୍ୟ

ମାତୃ ସ୍ତନ୍ୟପାନ ଶିଶୁର ଜନ୍ମଗତ ଅଧିକାର। ଯଦିଓ, ସମସ୍ତେ ଏ ବିଷୟରେ ଅବଗତ ଯେ, ସ୍ତନ୍ୟପାନ ଶିଶୁର ସର୍ବୋତ୍ତମ ଆହାର ତଥାପି ପରିସଂଖ୍ୟାନ କହେ ପ୍ରଥମ ଛ' ମାସ ପର୍ଯ୍ୟନ୍ତ ୫୪.୯% ମାତା ସ୍ତନ୍ୟପାନ କରାଇଥାନ୍ତି। ୪୧.୬% ଜନ୍ମର ପ୍ରଥମ ଘଣ୍ଟାରେ ୮୧% ଜନ୍ମର ପ୍ରଥମ ଦିନରେ ଶିଶୁକୁ ମାତୃ ସ୍ତନ୍ୟ ଦେଇଥାନ୍ତି।

ଶିଶୁ ପାଇଁ ସ୍ତନ୍ୟପାନ ହିଁ ସମ୍ପୂର୍ଣ୍ଣ ଆହାର। ପ୍ରଥମ ଛ' ମାସ ସ୍ତନ୍ୟପାନ ବ୍ୟତୀତ ପାଣି କିମ୍ବା ଅନ୍ୟ କୌଣସି ଖାଦ୍ୟ ଦେବା ଉଚିତ ନୁହେଁ। ପ୍ରତ୍ୟେକ ସ୍ତନ୍ୟପାୟୀ ପ୍ରାଣୀ ସେମାନଙ୍କ ଶିଶୁଙ୍କ ସ୍ତନ୍ୟପାନ କରାଇଥାନ୍ତି ଓ ସେମାନଙ୍କ ଆବଶ୍ୟକତା ଅନୁଯାୟୀ ଶାରୀରିକ ଓ ମାନସିକ ଅଭିବୃଦ୍ଧି ପାଇଁ ସମସ୍ତ ଉପାଦାନ ମାତୃସ୍ତନ୍ୟରେ ରହିଥାଏ ଯେପରି ତିମି ମାଛର କ୍ଷୀରରେ ଅଧିକ ଚର୍ବି ଥାଏ ଯାହାକି ତା'ର ଶିଶୁକୁ ଜଳରେ ରହିବା ପାଇଁ ଶକ୍ତି ଯୋଗାଇବ। ବ୍ୟାଘ୍ର ଏକ ମାଂସାସୀ ପ୍ରାଣୀ ଓ ଗୋମହିଷାଦି ପଶୁ ତୃଣଭୋଜି ପ୍ରାଣୀ ସେମାନଙ୍କ ମାତୃସ୍ତନ୍ୟ ସେମାନଙ୍କୁ ଶରୀର ଓ ମସ୍ତିଷ୍କ ବୃଦ୍ଧି ପାଇଁ ଅନୁରୂପ ଉପାଦାନ ଯୋଗାଇଥାଏ।

ମାତୃସ୍ତନ୍ୟର ପ୍ରସ୍ତୁତି ଗର୍ଭଧାରଣର ମାସରୁ ଆରମ୍ଭ ହୋଇଥାଏ। ଏହା ଦୁଇଟି ହରମୋନ ଉପରେ ନିର୍ଭର କରେ। ଗୋଟିଏ ପ୍ରୋଲାକ୍ଟିନ୍ ଓ ଅନ୍ୟଟି ଅକ୍ସିଟୋସିନ୍। ଶିଶୁଟି ଜନ୍ମ ହେବା ପରେ ତା'ର ମୁଖଟି ମାତୃସ୍ତନକୁ ସ୍ପର୍ଶ କରିବା ମାତ୍ରେ ସେଠାରୁ ଶିହରଣ ଯାଇ ମସ୍ତିଷ୍କରେ ଥିବା ପିଟ୍ୟୁଟାରି ଗ୍ରନ୍ଥିରୁ ପ୍ରୋଲାକ୍ଟିନ ହରମୋନ ନିର୍ଗତ ହୁଏ ଓ ଯାହାକି ଦୁଗ୍ଧ ପ୍ରସ୍ତୁତି ଆରମ୍ଭ କରାଏ। ପ୍ରତି ସ୍ତନରେ ଥିବା ୧୫ରୁ ୨୦ଟି ଥଳିରେ ଥିବା ଦୁଗ୍ଧ ପ୍ରସ୍ତୁତି କୋଷରୁ ଦୁଗ୍ଧ ନିର୍ଗତ ହୋଇ ଏକ ନଳୀରେ ସଞ୍ଚୟ ହୁଏ। ଏଥିରୁ ଅନ୍ୟ ଏକ ଶିହରଣ ଯାଇ ମସ୍ତିଷ୍କରେ ଥିବା ପିଟ୍ୟୁଟାରୀ ଗ୍ରନ୍ଥିରୁ ଅକ୍ସିଟୋସିନ୍ ନାମକ ହର୍ମୋନ ନିର୍ଗତ ହୁଏ, ଯାହାକି ଏହି ସଞ୍ଚିତ ଦୁଗ୍ଧକୁ ନିପଲ୍‌ରେ ଥିବା ୧୫–୨୦ ଛିଦ୍ର ଦେଇ ବାହାରକୁ ନିର୍ଗତ କରାଏ। ସମସ୍ତ ମା'ଙ୍କ ସ୍ତନରେ ଏହି ପ୍ରକ୍ରିୟା ହୋଇଥାଏ। ଯାହାକି ଶିଶୁର ମୁଖ ସ୍ତନକୁ ସ୍ପର୍ଶ କଲେ ହିଁ ଆରମ୍ଭ ହୋଇଥାଏ। ଏହି ଈଶ୍ୱରଦତ୍ତ ଅନାବିଳ ସ୍ନେହରୁ ପ୍ରସ୍ତୁତ ମାତୃ ସ୍ତନ୍ୟ ଅସୀମ ଶକ୍ତି, ରୋଗ ପ୍ରତିରୋଧକ ଶକ୍ତିରେ ଭରପୂର।

**ଶିଶୁ ପାଇଁ ଉପାଦେୟ କଷକ୍ଷୀର:** ଶିଶୁ ଜନ୍ମର ପ୍ରଥମ ତିନିଦିନ କଷକ୍ଷୀର ବା କୋଲୋଷ୍ଟ୍ରମ ବାହାରେ ଯାହାର ପରିମାଣ ଦିନକୁ ୫ ମିଲି ହୋଇଥାଏ। ଏହି କ୍ଷୀରରେ ଇମ୍ୟୁନୋଗ୍ଲୋବୁଲିନ୍ ପ୍ରଚୁର ପରିମାଣରେ ଥାଏ ଏବଂ ଏଥିରେ ଥିବା କମ୍ପ୍ଲିମେଣ୍ଟ, ମାକ୍ରୋଫେଜ, ଲିମ୍ଫୋସାଇଟ୍, ଲାକ୍ଟୋଜ୍, ଭିଟାମିନ୍ ଏ, ବି୧୨ ଏବଂ କେ ଶିଶୁର ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଏହାବ୍ୟତୀତ ମାତୃସ୍ତନ୍ୟରେ ପୁଷ୍ଟିସାର ପ୍ରତି ୧୦୦ ମି.ଲି.ରେ ୧.୧ଗ୍ରାମ୍ ଲାକ୍ଟଆଲବୁମିନ୍, ହ୍ୱେପ୍ରୋଟିନ୍– କେଜିନ ୩୦% – ୪୦%, ସିଷ୍ଟିନ୍ ଓ ଟରିନ୍ ଥାଏ। ସେହିପରି ଲାକ୍ଟୋଜ୍ ୬.୫ଗ୍ରାମ୍ ଥାଏ, ଯାହାକି ଶିଶୁକୁ ଶକ୍ତି ଦେଇଥାଏ ଏବଂ କ୍ୟାଲ୍‌ସିୟମ୍ ଓ ଲୌହକୁ ଧରିରଖିଥାଏ। ଚର୍ବି ଜାତୀୟ ୩.୫ଗ୍ରାମ୍ ଗାଲାକ୍ଟୋଲିପିଡ୍ ଆକାରରେ ଥାଏ ଯାହାକି ଶିଶୁର ମସ୍ତିଷ୍କ ଅଭିବୃଦ୍ଧିରେ ସାହାଯ୍ୟ କରେ। କ୍ୟାଲ୍‌ସିୟମ୍ ଓ ଫସ୍‌ଫରସ୍ ୩୪/୧୫ ୨ରୁ ଅଧିକ ଥାଏ ଯାହାକି ପିହୁଳା ରୋଗରୁ ରକ୍ଷା କରେ। ରକ୍ତକାରକ ଶକ୍ତି ସାମାନ୍ୟ ଅଧିକ ଥିବାରୁ ଛମାସ ପୂର୍ବରୁ ରକ୍ତହୀନତା ଦେଖାଯାଏ ନାହିଁ। ଏହାବ୍ୟତୀତ ସୋଡ଼ିୟମ୍, ପୋଟାସିୟମ୍, କ୍ଲୋରାଇଡ୍, ଭିଟାମିନ୍ ଡ଼ି, ଭିଟାମିନ୍ ଇ, ଫଲିକ୍ ଏସିଡ଼, ଓସମୋଲଲିଟି ଥାଏ ଯାହାକି ଶିଶୁର ବୃକକ୍ (kidney) ଉପରେ କୁପ୍ରଭାବ ପକାଏ ନାହିଁ।

**ମା' କର୍ମଜୀବୀ ହୋଇଥିଲେ:** ବର୍ତ୍ତମାନ ଅଧିକାଂଶ ମହିଳା କର୍ମଜୀବୀ, ସେମାନଙ୍କ କ୍ଷେତ୍ରରେ ଶିଶୁଙ୍କୁ ସ୍ତନ୍ୟପାନ କରାଇବା କଷ୍ଟକର ହୋଇପଡୁଛି। ଚାହିଁଲେ ଡବା କ୍ଷୀର ପରିବର୍ତ୍ତେ ନିଜ କ୍ଷୀର କାଢି(ଏକ୍ସପ୍ରେସ୍‌ଡ ମଦର୍ସ ମିଲ୍କ ବା ଇଏମ୍‌ଏମ୍) ଶିଶୁ ପାଇଁ ସଞ୍ଚୟ କରି ଫ୍ରିଜ୍‌ରେ ରଖି ଶିଶୁକୁ ମଝିରେ ମଝିରେ ଖୁଆଇ ପାରିବେ। ସେମାନେ ବ୍ରେଷ୍ଟ ପମ୍ପ ଦ୍ୱାରା କିମ୍ବା ହାତରେ ଦିନକୁ ୮ରୁ ୧୦ ଥର ପ୍ରତିଦିନ ୮୦୦ ମି.ଲି.ରୁ ୧୦୦୦ ମି.ଲି. ପର୍ଯ୍ୟନ୍ତ କ୍ଷୀର କାଢି ସଂଗ୍ରହ କରିପାରିବେ। ଏଥିପାଇଁ ପ୍ରଥମେ ହାତକୁ ଭଲଭାବରେ ଧୋଇବେ ଓ ସମସ୍ତ ପାତ୍ରକୁ ଷ୍ଟେରିଲାଇଜ କରିବେ। କ୍ଷୀରକୁ ଜୀବାଣୁଶୂନ୍ୟ ଗ୍ଲାସ୍ କିମ୍ବା ହାର୍ଡ଼ ପ୍ଲାଷ୍ଟିକ ଗ୍ଲାସ୍‌ରେ ରଖିବେ। ମା' କ୍ଷୀର ସଂଗ୍ରହ ପରେ ସଙ୍ଗେ ସଙ୍ଗେ ୪ଘଣ୍ଟା ମଧ୍ୟରେ ଶିଶୁକୁ ଦିଆଯିବା ଆବଶ୍ୟକ କିମ୍ବା ସଙ୍ଗେ ସଙ୍ଗେ ଫ୍ରିଜ୍ ମଧ୍ୟରେ ରଖି ୭୨ ଘଣ୍ଟା ମଧ୍ୟରେ ଦିଆଯିବା ଦରକାର।



ମାତୃ ସ୍ତନ୍ୟପାନ ଦ୍ୱାରା ହିଁ ଶିଶୁକୁ ରୋଗମୁକ୍ତ ରଖିହେବ ଓ ଏକ ସୁସ୍ଥ ବିଶ୍ୱ ଭବିଷ୍ୟତରେ କଳ୍ପନା କରାଯାଇ ପାରିବ।

ସ୍ତନ୍ୟପାନକୁ ପ୍ରୋତ୍ସାହନ ଓ କାର୍ଯ୍ୟକାରୀ କରାଇବା କେବଳ ପିତାମାତାଙ୍କର ନୁହେଁ ଏକ ସାମାଜିକ ଦାୟିତ୍ୱ, ଏହା ହିଁ ଏ ବର୍ଷର ବିଶ୍ୱ ସ୍ତନ୍ୟପାନ ସପ୍ତାହର ଅନୁଚିନ୍ତା।

*–ଶିଶୁରୋଗ ବିଶେଷଜ୍ଞ,*
*ଲିଙ୍ଗରାଜ ବିହାର, ପୋଖରିପୁଟ,*
*ଭୁବନେଶ୍ୱର*

## ଗୁହାଳ ପୋଡ଼ି ୨ଗାଈ, ୮ଛେଳି ଜୀବନ୍ତ ଦଗ୍ଧ

ରଘୁନାଥପୁର, (ଡି.ଏନ୍.ଏ.): ରଘୁନାଥପୁର ଥାନା ରାଢଙ୍ଗ ଗ୍ରାମର ସୁରେନ୍ଦ୍ର ରାଉତଙ୍କ ଗୁହାଳରେ ରବିବାର ବିଳମ୍ବିତ ରାତିରେ ଅଗ୍ନିକାଣ୍ଡ ଘଟି ୨ଗାଈ ଓ ୮ଟି ଛେଳି ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ଅଗ୍ନିକାଣ୍ଡର କାରଣ ଜଣା ପଡ଼ିନାହିଁ। ସବୁଦିନ ପରି ଗୁହାଳରେ ଗାଈ ଓ ଛେଳି ରାତିରେ ଶୋଇଥିଲେ। ପଡିଶା ଲୋକଙ୍କ ଡାକ ଶୁଣି ସୁରେନ୍ଦ୍ର ଘର ବାହାରକୁ ଆସି ଗୁହାଳରେ ନିଆଁ ଲାଗିଥିବାର ଦେଖିଥିଲେ। ଦମକଳବାହିନୀ ଆସିବା ବେଳକୁ ଗୁହାଳ ଜଳିଯାଇଥିଲା। ଗାଈ ଛେଳିଙ୍କ ଉପରେ ନିର୍ଭର କରି ଚଳୁଥିବା ସୁରେନ୍ଦ୍ରଙ୍କ ପରିବାର ଏବେ ସମ୍ପୂର୍ଣ୍ଣ ଅସହାୟ ହୋଇଯାଇଛନ୍ତି। ରଘୁନାଥପୁର ପ୍ରାଣୀ ଚିକିତ୍ସକ ଓ ରେଢୁଆ ଆରଆଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି।

# ପ୍ରସ୍ତାବିତ ଟ୍ରକ୍ ଟର୍ମିନାଲ ପାଇଁ ବାଟ ଫିଟୁଛି

ପାରାଦୀପ,୨୮(ସ୍ୱ.ପ୍ର.)



ପ୍ରସ୍ତାବିତ ପ୍ରକଳ୍ପ ପାଇଁ ନିରୂପଣ ହୋଇଥିବା ସ୍ଥାନ ।

**ପାରାଦୀପ ବନ୍ଦର**
- ନୂତନ ସ୍ଥାନ ପାଇଁ କୌଣସି ଅଭିଯୋଗ ହୋଇନାହିଁ
- ୨୦୧୨ରୁ ପ୍ରକଳ୍ପ ପାଇଁ ଆଲୋଚନା ଚାଲିଛି
- ରାଜୀବ ସେବାକେନ୍ଦ୍ର ପାଖରେ ପ୍ରସ୍ତାବିତ ଜମିକୁ ବିରୋଧ କରାଯାଇଥିଲା।

ପାରାଦୀପ ବନ୍ଦରର ବହୁ ପ୍ରତୀକ୍ଷିତ ଟ୍ରକ ଟର୍ମିନାଲ ପ୍ରକଳ୍ପ ପାଇଁ ଧୀରେ ଧୀରେ ବାଟ ଫିଟୁଛି। ଭୂତମୁଣ୍ଡାଇ ମହାନଦୀ ତାଳଦଣ୍ଡା କେନାଲ ମଧ୍ୟସ୍ଥଳରେ ଏହି ପ୍ରକଳ୍ପ ସମ୍ପର୍କରେ ଯେଉଁ ନୋଟିସ ଜାରି କରାଯାଇଥିଲା ସେନେଇ କୌଣସି ଅଭିଯୋଗ ହୋଇନାହିଁ। ଏବେ ପ୍ରସ୍ତାବିତ ଟ୍ରକ ଟର୍ମିନାଲ କାମ ଆରମ୍ଭ ହେବ ବୋଲି ବିଶେଷ ସୂତ୍ରରୁ ଜଣାପଡ଼ିଛି। ଏପରିକି ଜଗତ୍‌ସିଂହପୁର ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ଗତ ଶନିବାର ପ୍ରସ୍ତାବିତ ଅଞ୍ଚଳ ବୁଲି ଯାଇଛନ୍ତି।

ସୂଚନାଯୋଗ୍ୟ, ପାରାଦୀପ ବନ୍ଦର ଓ ୧୫ ବୃହତ୍‌ଶିଳ୍ପ ପାଇଁ ପ୍ରତିଦିନ ୧୦ ହଜାରରୁ ଅଧିକ ଭାରିଯାନ ଚଳାଚଳ ହେଉଛି। ବିଶେଷକରି ପଣ୍ୟ ପରିବହନରେ ନିୟୋଜିତ ଟ୍ରକଗୁଡ଼ିକ ୫ ନଂ. (କ) ଜାତୀୟ ରାଜପଥ ଉପରେ ଅଟକି ରହିଥାଏ। ଏହି ଭାରିଯାନଗୁଡ଼ିକ ପାରାଦୀପରୁ ଚଣ୍ଡିଖୋଲ ପର୍ଯ୍ୟନ୍ତ ଧାଡିରେ ରହିଥାନ୍ତି। ଏଥିଯୋଗୁ ବହୁ ସମୟରେ ଟ୍ରାଫିକ ସମସ୍ୟା ହେବା ସହ ଦୁର୍ଘଟଣା ହୋଇଥାଏ। ପ୍ରଦୂଷଣ ମଧ୍ୟ ହୋଇଥାଏ।

ଏହାର ସମାଧାନ ପାଇଁ ୨୦୧୨ରୁ ଟ୍ରକ ଟର୍ମିନାଲ ଆଲୋଚନା ହେଲାଣି। ଏପରିକି କେତେଥର ଆନ୍ଦୋଳନ ହୋଇଛି। ୨୦୧୭ରେ ବିଜେଡି ପକ୍ଷରୁ ରାଜପଥ ଅବରୋଧ କରାଯାଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏମିତି ଅନେକ ଘଟଣା ପରେ ପାରାଦୀପ ବନ୍ଦରର ପୂର୍ବତନ ଅଧ୍ୟକ୍ଷ ରିଙ୍କେଶ ରାୟ ୨୦୧୭ରେ ଟ୍ରକ ଟର୍ମିନାଲ ସମ୍ପର୍କରେ ସୂଚନା ଦେଇଥିଲେ। ୫୦ ଏକର ଜାଗାରେ ଏକ ବିଶ୍ୱସ୍ତରୀୟ ଟର୍ମିନାଲ କରାଯିବ ବୋଲି ସେତେବେଳେ କୁହାଯାଇଥିଲା। କିନ୍ତୁ ଜାଗା ସମସ୍ୟା ସମାଧାନ ହୋଇ ନ ଥିଲା। ୨୦୧୮ରେ ତତ୍କାଳୀନ ଜିଲାପାଳ ଯାମିନୀ ଷଡ଼ଙ୍ଗୀ ଟର୍ମିନାଲ ପାଇଁ ଭୂତମୁଣ୍ଡାଇ ବଜାର ପଛପଟ ରାଜୀବ ସେବାକେନ୍ଦ୍ର ପାଖରେ ଜମି ଚିହ୍ନଟ କରି ପୋର୍ଟକୁ ଦେଇଥିଲେ। ଏପରିକି ପୋର୍ଟ ଟେଣ୍ଡର କରି ଠିକାସଂସ୍ଥା ଜରିଆରେ କାମ ଆରମ୍ଭ କରିଥିଲେ। ମାତ୍ର ୨ ଟ୍ରକ ମାଟି ପୋତାଯାଇଥିବା ବେଳେ ସ୍ଥାନୀୟ ଲୋକେ ଏହାକୁ ବିରୋଧ କରିଥିଲେ। ସେତେବେଳେ ବିରୋଧ କରିବାର ପ୍ରମୁଖ କାରଣ ସମ୍ପର୍କରେ ଭୂତମୁଣ୍ଡାଇ ପୂର୍ବତନ ସରପଞ୍ଚ ସଞ୍ଜୟ ସ୍ୱାଇଁ କୁହନ୍ତି, ଭୂତମୁଣ୍ଡାଇ ବଜାର ପଛପଟ ପ୍ରସ୍ତାବିତ ଜାଗାରେ ଉଚ୍ଚ ମାନର ସୁପର ସ୍ପେଶାଲିଷ୍ଟ ହସ୍ପିଟାଲ କରାଯିବା ପାଇଁ ଦାବି ହୋଇଛି। ଏତଦ୍‌ବ୍ୟତୀତ ଟର୍ମିନାଲ ହୋଇଥିଲେ ନିକଟସ୍ଥ ଗ୍ରାମ ପ୍ରଦୂଷଣ ହୋଇଥାନ୍ତା। ବିରୋଧ ହେବାରୁ ୨ ବର୍ଷ ପର୍ଯ୍ୟନ୍ତ ଟର୍ମିନାଲ କାମ ବନ୍ଦ ହୋଇଯାଇଥିଲା। ଏବେ ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ଇଡକୋ ନୂଆ ଜାଗା ଚିହ୍ନଟ କରିଥିଲେ। ସେ ହେଉଛି ଭୂତମୁଣ୍ଡାଇ ତାଳଦଣ୍ଡା କେନାଲ ପୋଲ ଓ ମହାନଦୀ ପୋଲ ମଧ୍ୟସ୍ଥଳର ପୂର୍ବ ପଟ ବାହାରତରିଡିଆ ଅଞ୍ଚଳ। ଏଥିପାଇଁ କୁଜଙ୍ଗ ତହସିଲଦାର ଗତବର୍ଷ ମକଦ୍ଦମା (ନଂ-୪/୨୦) ଅନୁସାରେ, ଏକ ନୋଟିସ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଲଗାଇଛନ୍ତି। ଏଥିରେ ଦର୍ଶାଯାଇଛି, ପ୍ରସ୍ତାବିତ ଟ୍ରକ ଟର୍ମିନାଲ ସମ୍ପର୍କରେ କାହାର କିଛି ଅଭିଯୋଗ ଥିଲେ ମାସକ ମଧ୍ୟରେ ଜଣାଇବା ପାଇଁ। ଉକ୍ତ ନୋଟିସ ଅବଧି ୧୦ ମାସ ଅତିକ୍ରାନ୍ତ ହେଲାଣି। ଏବେ ପ୍ରସ୍ତାବିତ ଜାଗା ପାଇଁ କୌଣସି ଅଭିଯୋଗ ନାହିଁ ବୋଲି ଭୂତମୁଣ୍ଡାଇ ସରପଞ୍ଚ ଜ୍ୟୋତିର୍ମୟୀ ସ୍ୱାଇଁ କହିଛନ୍ତି। ବାହାରତରିଡିଆ ଠାରେ ସରକାରଙ୍କ ୧୬୫.୫୦ ଏକର ମଧ୍ୟରୁ ଟର୍ମିନାଲ ପାଇଁ ୩୦ ଏକର ଜାଗା ଦିଆଯିବ ବୋଲି ଉକ୍ତ ନୋଟିସରେ ଦର୍ଶାଯାଇଛି। ଏହାର ମୌଜା ହେଲା ଭୂତମୁଣ୍ଡାଇ, ତଫସିଲଯୁକ୍ତ ସରକାରୀ ଜମି, ଖାତା ନଂ.୧, ପ୍ଲଟ ନଂ.୧।

ଏ ସମ୍ପର୍କରେ ବନ୍ଦର ପ୍ରଶାସନ ସମ୍ପଦ ବିଭାଗ ସହକାରୀ ପରିଚାଳକ ବିଶ୍ୱଜିତ୍ ମିଶ୍ର କୁହନ୍ତି, ରାଜ୍ୟ ସରକାରଙ୍କ ପକ୍ଷରୁ କୌଣସି ସୂଚନା ଆମକୁ ମିଳିନାହିଁ। ପରିବର୍ତ୍ତିତ ନୂତନ ଜାଗାକୁ ଅନୁଧ୍ୟାନ କରିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ଆଶୀର୍ବାଦ ଯୋଜନାରେ ୫୪ ଜଣଙ୍କୁ ଆର୍ଥିକ ସହାୟତା

ଜଗତ୍‌ସିଂହପୁର ଅଫିସ, ୨୮

କରୋନା ମହାମାରୀ ସମୟରେ ଉଭୟ ମାତାପିତା କିମ୍ବା ପରିବାରର ମୁଖ୍ୟ ଆୟକାରୀଙ୍କୁ ହରାଇଥିବା ପିଲାଙ୍କ ପାଇଁ ରାଜ୍ୟ ସରକାର ୧।୪।୨୦୨୦ରୁ ଆଶୀର୍ବାଦ ଯୋଜନାରେ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ମାତାପିତା ୨ ଜଣଙ୍କୁ ହରାଇଥିବା ୧୮ ବର୍ଷର କମ ପିଲାଙ୍କୁ ମାସିକ ୨,୫୦୦ ଟଙ୍କା ପ୍ରଦାନ କରାଯାଉଛି । ସେମାନଙ୍କ ମଧ୍ୟରୁ ମୁଖ୍ୟ ଆୟକାରୀ ଙ୍କୁ ହରାଇଥିବା ପିଲାଙ୍କୁ ମାସିକ ୧,୫୦୦ ଟଙ୍କା ଆର୍ଥିକ ସହାୟତା ଦେବାକୁ ବ୍ୟବସ୍ଥା ହୋଇଛି। ଏନେଇ ଗତ ଜୁଲାଇ ସୁଦ୍ଧା ଜଗତ୍‌ସିଂହପୁର ଜିଲାରୁ ପ୍ରଥମ ପର୍ଯ୍ୟାୟରେ ୫୪ ଜଣ ପିଲାଙ୍କୁ ଚିହ୍ନଟ କରାଯାଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ରଙ୍କ ନିର୍ଦ୍ଦେଶ ଅନୁସାରେ ଏହି ଯୋଜନାରେ ସାମିଲ କରାଯାଇଛି। ସେମାନଙ୍କ ମଧ୍ୟର ଜଗତ୍‌ସିଂହପୁର ବ୍ଲକରୁ ୧୧, ତିର୍ତ୍ତୋଲ ୮, ବିରିଡ଼ି ୫, କୁଜଙ୍ଗ ୪, ବାଲିକୁଦା ୧୧, ଏରସମା ୩, ନାଉଗାଁ ୪ ଓ ରଘୁନାଥପୁର ବ୍ଲକ ଅଞ୍ଚଳର ୮ ଜଣ ପିଲା ରହିଛନ୍ତି । ଅଦ୍ୟାବଧି ଜିଲାରେ ମୋଟ ୫୧୬ ଜଣ ପିଲାଙ୍କୁ ଆଶୀର୍ବାଦ ଯୋଜନାରେ ସାମିଲ କରିବା ପାଇଁ ଚିହ୍ନଟ କରାଯାଇଛି। ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ଦସ୍ତଖତ ଗ୍ରହଣ କରାଯାଇ ବିଧିବଦ୍ଧ ତଦନ୍ତ ପରେ ଯୋଗ୍ୟ ହିତାଧିକାରୀଙ୍କୁ ଆଗାମୀ ଦିନରେ ତୁରନ୍ତ ସହାୟତା ଯୋଗାଇ ଦେବା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଛନ୍ତି।

**ସଂକ୍ଷେପରେ**

## ଆଷାଢ଼ ସାହିତ୍ୟ ସଂସଦର ୩୦ତମ ବର୍ଷା ମିଳନ

ବିରିଡି, ୨୮ (ଡି.ଏନ.ଏ.): ବର୍ଷା ହିଁ ସର୍ଜନାର ରତ୍ନା ଶୁଷ୍କ ମରୁଭୂମିକୁ ସବୁଜ ଶ୍ୟାମଳ କରିଥାଏ ବର୍ଷା। ସେହିପରି 'ଓଡ଼ିଆ ସାହିତ୍ୟକୁ ବର୍ଷା' ଶୀର୍ଷକ ଲେଖା ସମୃଦ୍ଧ କରିଛି ବୋଲି ଆଷାଢ଼ ସାହିତ୍ୟ ସଂସଦ ଦଳେଇଘାଇର ୩୦ତମ ବର୍ଷା ମିଳନ ଉତ୍ସବରେ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି। ସଂସଦର ଉପସଭାନେତ୍ରୀ କବୟିତ୍ରୀ କାଦମ୍ବିନୀ ପରିଜାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ରବିବାର କାର୍ଯ୍ୟକ୍ରମକୁ ଧାନକୁଦ ପୀଠର ପୀଠାଧୀଶ ବାବା ଅରକ୍ଷିତ ଦାସମହାରାଜ ଉଦ୍‌ଘାଟନ କରିଥିଲେ। ମୁଖ୍ୟବକ୍ତା ଭାବେ କବି ଡ. ସୁରେନ୍ଦ୍ରନାଥ ତ୍ରିପାଠୀ, ବରେଣ୍ୟ ଅତିଥି ଭାବେ 'ଆମ୍ବା'ର ଅଧ୍ୟକ୍ଷ ରବିନାରାୟଣ ଜେନା, କବି ବାମଦେବ ସ୍ୱାଇଁ, ନୀଳମଣି ସାହୁ ଯୋଗ ଦେଇଥିଲେ। ପଣ୍ଡିତ ଗୁରୁ ପ୍ରସାଦ ରଥ ବେଦ ପାଠ କରିଥିଲେ। କବୟିତ୍ରୀ ପ୍ରିୟତମା ସାହୁ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଯୁବକବି ସୌମେନ୍ଦ୍ର ମହାପାତ୍ର ଉତ୍ସବକୁ ସଂଯୋଜନା କରିଥିଲେ। ସଂସଦର ସଭାପତି କବି ପୀତାମ୍ବର ମହାପାତ୍ରଙ୍କ ରଚନା 'ବେଙ୍ଗ ବଇଦର ବାହାଘର' ଶିଶୁ କବିତା ସଙ୍କଳନକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସଂସଦ ପକ୍ଷରୁ ଛାତ୍ରୀ ବର୍ଷା ପ୍ରିୟଦର୍ଶିନୀ ଜେନାଙ୍କୁ ନିର୍ମଳା ମହାପାତ୍ର ସ୍ମୃତି ସମ୍ମାନ, ପ୍ରୀତିଦୀପ୍ତ ଲେଙ୍କାଙ୍କୁ ରାଧାନାଥ ଶତପଥୀ ସ୍ମୃତି ସମ୍ମାନ, ଛାତ୍ର ସାର୍ଥକ ସାହୁଙ୍କୁ ବୀରବର ଦାଶ ସ୍ମୃତି ସମ୍ମାନ, ଅବିନାଶ ସାହୁଙ୍କୁ ବଂଶୀଧର ସ୍ମୃତି ସମ୍ମାନ, ସ୍ୱରାଜ ମିଶ୍ରଙ୍କୁ ମାୟାଧର କର ସ୍ମୃତି ସମ୍ମାନ, ଯଶରାଜ ମହାପାତ୍ରଙ୍କୁ ବ୍ରଜକିଶୋର ପଣ୍ଡା ସ୍ମୃତି ସମ୍ମାନ ସହ ଅନ୍ୟାନ୍ୟ କ୍ଷେତ୍ରରେ ସୁଶାନ୍ତ କୁମାର ସାହୁ ଓ ବିଶ୍ୱ ରଞ୍ଜନ ଦାଶଙ୍କୁ ବିଜୁ ସମ୍ମାନ, ସବ୍ୟସାଚୀ ଶତପଥୀ, ବିମଳ କୁମାର ପଣ୍ଡା, ସୌମ୍ୟ ରଞ୍ଜନ ବେହେରା, ପ୍ରଭାତ ସାହୁ ଓ ଅପରାଜିତା ଶତପଥୀଙ୍କୁ ବିଷ୍ଣୁ ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଶିକ୍ଷକ ନବୀନ କୁମାର ସେନାପତିଙ୍କୁ କୈଳାସ ନାଥ ଦୀକ୍ଷିତ ସ୍ମୃତି ସମ୍ମାନରେ ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠାନର ସମ୍ପାଦିକା କୁନ୍ତଳା ମହାପାତ୍ର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

## ସିଂହାପୁର ସ୍ୱାସ୍ଥ୍ୟକେନ୍ଦ୍ରର ବିକାଶ ଉପରେ ଗୁରୁତ୍ୱ

ରସୁଲପୁର,୨୮(ଡି.ଏନ.ଏ.): ରସୁଲପୁର ବ୍ଲକ ମଧୁବନ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନ ସିଂହାପୁରୁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ଭିତ୍ତିଭୂମି ବିକାଶ ପାଇଁ ୩୪ନଂ. ଜିଲାପରିଷଦ ସଦସ୍ୟ ରଶ୍ମୀରଞ୍ଜନ ନାୟକ ଅଣ୍ଟା ଭିଡିଛନ୍ତି । ସେ ସୋମବାର ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରି ସ୍ଥିତି ସମୀକ୍ଷା କରିଛନ୍ତି । ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମ୍ପର୍କରେ ସେ ରସଲପୁର ବିଡିଓ ଉମାକାନ୍ତ ପରିଡା, ଭୂମିକା ଗ୍ରୁପର ଅଧ୍ୟକ୍ଷ ଭୀଷ୍ମ ପ୍ରସାଦ ରଥ, ସିଂହାପୁର ସରପଞ୍ଚଙ୍କ ପ୍ରତିନିଧି ଅନନ୍ତ ସ୍ୱାଇଁଙ୍କ ସହ ଆଲୋଚନା କରିଥିଲେ । ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଡାକ୍ତର ଓ ନର୍ସମାନଙ୍କ ପାଇଁ କ୍ୱାର୍ଟର୍ସ୍ ନ ଥିବାରୁ ସ୍ୱାସ୍ଥ୍ୟକର୍ମୀମାନେ ନାନା ସମସ୍ୟା ସମ୍ମୁଖୀନ ହେଉଛନ୍ତି । ଏହାଛଡା ରୋଗୀ ସେବା ମଧ୍ୟ ବାଧାପ୍ରାପ୍ତ ହେଉଛି। ଏହି ସମସ୍ୟାର ସମାଧାନ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ସେ ନିଜ ହାତପାଣ୍ଠିରୁ ୫ଲକ୍ଷ ଟଙ୍କା ଅନୁଦାନ ମଞ୍ଜୁର କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହାଛଡା ଉକ୍ତ କ୍ୱାର୍ଟର୍ସ କାମ ଶେଷ କରିବା ଲାଗି ସେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏଙ୍କ ସହ ଆଲୋଚନା କରି ଆବଶ୍ୟକ ଅନୁଦାନର ବନ୍ଦୋବସ୍ତ କରିବେ ବୋଲି କହିଛନ୍ତି ।

## ଯାଦବ ମହାସଂଘର ନୂତନ କର୍ମକର୍ତ୍ତା

ରସୁଲପୁର,୨୮(ଡି.ଏନ.ଏ.): ରସୁଲପୁର ବ୍ଲକ ବାରବାଟୀ ପଞ୍ଚାୟତ ଦୁର୍ଗାଦେବୀ ମନ୍ଦିର ପରିସରରେ ସୋମବାର ଯାଦବ ମହାସଂଘ ପକ୍ଷରୁ ରସୁଲପୁର ମଣ୍ଡଳ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି । ମାୟାଧର ପଲେଇଙ୍କୁ ସଭାପତି ଓ ପୂର୍ଣ୍ଣାନନ୍ଦ ପଲେଇଙ୍କୁ ସମ୍ପାଦକ ଭାବେ ମନୋନୀତ କରାଯାଇଛି । ଏହି କ୍ରମରେ ଯାଜପୁର ଜିଲା ଉତ୍କଳ ଯାଦବ ମହାସଂଘର ସଭାପତି ଗଣେଶ୍ୱର ଦାସଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ମହାସଂଘର ଜିଲା ସମ୍ପାଦକ ମୁକୁନ୍ଦ ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ । ବିଜୟ ପାଲ ଯାଦବ, ସରପଞ୍ଚ ସୂର୍ଯ୍ୟମଣୀ ବେହେରା, ପୂର୍ବତନ ସମିତି ସଭ୍ୟ ନିରଞ୍ଜନ ଦାସ, ଗଦାଧର ବେହେରା, ପୂର୍ବତନ ସରପଞ୍ଚ ଗଦାଧର ଦାସ, ଯୁବ ସଭାପତି ଯୋଗେନ୍ଦ୍ର ଦାସ, ମହିଳା ସଙ୍ଗଠକ ପାର୍ବତୀ ବେହେରା, ଆଦିକନ୍ଦ ପଲାଇ ପ୍ରମୁଖ ଉପସ୍ଥିତ ଥିଲେ । ବରିଷ୍ଠ ସଦସ୍ୟଙ୍କୁ ନେଇ ଏକ ମନୋନୟନ କମିଟି ଗଠନ କରାଯାଇଥିଲା ।

## ଦୁର୍ବୃତ୍ତଙ୍କ ବିରୋଧରେ ପୋଲିସର କୋହଳ ମନୋଭାବକୁ ନିନ୍ଦା



ରାଜ୍ୟ କଂଗ୍ରେସ ଏସ୍‌ସି ଏସ୍‌ଟି ଅଧ୍ୟକ୍ଷ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି।

ନାଉଗାଁ,୨୮(ସ୍ୱ.ପ୍ର)

**ରାଜ୍ୟ କଂଗ୍ରେସ ଏସ୍‌ସି,ଏସ୍‌ଟି ଅଧ୍ୟକ୍ଷଙ୍କ ଧାରଣାସ୍ଥଳ ଗସ୍ତ**

ନାଉଗାଁ ବ୍ଲକ ବାଂଶ ପଞ୍ଚାୟତରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ କାର୍ଯ୍ୟରେ ଅନିୟମିତତା ଅଭିଯୋଗରେ ଚାଲିଥିବା ଧାରଣା ଜାରି ରହିଛି। ଦଳିତ ମହିଳା ଜବ୍‌କାର୍ଡଧାରୀ ଧାରଣାରେ ବସିଛନ୍ତି। ସୋମବାର ଧାରଣାସ୍ଥଳରେ ରାଜ୍ୟ କଂଗ୍ରେସର ଏସସି/ଏସଟି ଅଧ୍ୟକ୍ଷ ବାଙ୍କ ନିଧି ବେହେରା ପହଞ୍ଚି ମହିଳାମାନଙ୍କୁ ସମବେଦନା ଜଣାଇଛନ୍ତି। ସେ ମହିଳାମାନଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରଛନ୍ତି। ଦୁର୍ବୃତ୍ତମାନଙ୍କ ବିରୋଧରେ ପୋଲିସ କୋହଳ ମନୋଭାବ ପୋଷଣ କରି ଠିକ୍‌ଭାବେ ଦଫା ଲଗାଇନାହିଁ ବୋଲି ସେମାନେ ଅଭିଯୋଗ କରିଛନ୍ତି। ମହିଳାମାନଙ୍କୁ ନ୍ୟାୟ ପ୍ରଦାନରେ ସ୍ଥାନୀୟ ପ୍ରଶସାନ ବିଫଳ ହୋଇଛି ବୋଲି ସେ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି କାର୍ଯ୍ୟକ୍ରମରେ ଜିଲା କଂଗ୍ରେସ ସଭାପତି ନଟବର ବାରିକ,ଜିଲା ଯୁବ ସଭାପତି ପ୍ରଶାନ୍ତ ମଲିକ, ପୂର୍ବତନ ପଞ୍ଚାୟତ ସମିତି ଅଧ୍ୟକ୍ଷ ବିଚିତ୍ରା ନନ୍ଦ ଲେଙ୍କା ପ୍ରମୁଖ ଯୋଗ ଦେଇଥିଲେ।

## ବରିଷ୍ଠ ଆଇନଜୀବୀଙ୍କ ବିୟୋଗରେ କୋର୍ଟ କାର୍ଯ୍ୟ ବନ୍ଦ

ଜଗତ୍‌ସିଂହପୁର ଅଫିସ, ୨୮

ଜଗତ୍‌ସିଂହପୁର ଜିଲା ଓକିଲ ସଂଘ ବରିଷ୍ଠ ଆଇନଜୀବୀ ଚିତ୍ତରଞ୍ଜନ ଦାସଙ୍କ (୮୧) ବର୍ଷରେ ପରଲୋକ ଘଟିଛି। ତାଙ୍କ ବିୟୋଗରେ ସୋମବାର କୋର୍ଟ କାର୍ଯ୍ୟ ବନ୍ଦ ଥିଲା। ଏନେଇ ଜିଲା ଓକିଲ ସଂଘ ତରଫରୁ ଏକ ଶୋକ ସଭାର ଆୟୋଜନ ହୋଇଥିଲା। ସଂଘ ସଭା ଗୃହରେ ଆୟୋଜିତ କାର୍ଯ୍ୟକ୍ରମରେ ସଭାପତି ଗଗନ ଚନ୍ଦ୍ର ଦାଶ ପୌରୋହିତ୍ୟ କରିଥିଲେ। ଶୋକ ସଭାରେ ବରିଷ୍ଠ ଆଇନଜୀବୀ ରବିନ୍ଦ୍ରନାଥ ମହାନ୍ତି, ଦୋଳଗୋବିନ୍ଦ ଦାଶ, ପ୍ରମୋଦ କୁମାର ସ୍ୱାଇଁ, ରବୀନ୍ଦ୍ର କୁମାର ସ୍ୱାଇଁ, ଭଜହରି କର, ଘନଶ୍ୟାମ ଶତପଥୀ, ଯୁଧିଷ୍ଠିର ମିଶ୍ର, ସୁଧାଂଶୁ ମୋହନ ମିଶ୍ର ପ୍ରମୁଖ ଯୋଗଦେଇ ଚିତ୍ତରଞ୍ଜନଙ୍କ ସ୍ମୃତିଚାରଣ କରିଥିଲେ। ପରେ ସ୍ୱର୍ଗତ ଦାସଙ୍କ ପରିବାରକୁ ମୃତ୍ୟୁକାଳୀନ ସହାୟତା ରାଶି ପ୍ରଦାନ କରାଯାଇଥିଲା। ସମସ୍ତ କାର୍ଯ୍ୟକୁ ସମ୍ପାଦକ ନରେଶ ଦାସ ଓ କୋଷାଧ୍ୟକ୍ଷ ଦୁର୍ଯ୍ୟୋଧନ ରାଉତ ପରିଚାଳନା କରିଥିଲେ।

## କ୍ଷତିପୂରଣ ଦାବିରେ ମୃତଦେହ ରଖି ଧାରଣା

ପାରାଦୀପ, ୨୮(ସ୍ୱ.ପ୍ର.)

- ଦୁର୍ଘଟଣାରେ ଶ୍ରମିକ ମୃତ
- ସାର ବୋଝେଇ ଖଲାସ କାମ ଠପ୍

କେନ୍ଦ୍ରାପଡା ଜିଲା ମାର୍ଶାଘାଇ ଥାନା ଅଞ୍ଚଳ ୫ ନଂ.(କ)ଜାତୀୟ ରାଜପଥରେ ସଡ଼କ ଦୁର୍ଘଟଣାରେ ସୋମବାର ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ମନୋଜ ବେହେରା(୩୫)। ସେ ରଙ୍ଗିଆଗଡ ରେଲ୍‌ୱେ ସାଇଡିଂରେ ଓଏସ୍ଏଲ୍ (ଓଡିଶା ଷ୍ଟିଭେଡର୍ସ ଲିମିଟେଡ଼)ରେ ଠିକାଶ୍ରମିକ ଭାବେ କାମ କରନ୍ତି। ଇଫକୋ ସାର ବୋଝେଇ ଖଲାସ କାମ ପାଇଁ ଓଏସ୍ଏଲ୍ ଠିକା ନେଇଛି। ମନୋଜଙ୍କ ଘର ଠିକଣା ସ୍ପଷ୍ଟ ହୋଇ ନାହିଁ। ଅପରପକ୍ଷେ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ମୃତଦେହ ରଖି ପାରାଦୀପ ଆଦର୍ଶଥାନା ଅନ୍ତର୍ଗତ ରଙ୍ଗିଆଗଡ ରେଳଷ୍ଟେଶନସ୍ଥିତ ସାର ବୋଝେଇ ଖଲାସ ସ୍ଥାନରେ ଅପରାହ୍ଣରୁ ଧାରଣା ଦେଇଛନ୍ତି। ମନୋଜ ସେକେଣ୍ଡ ଶିଫ୍ଟ ଡ୍ୟୁଟିକୁ ଆସିବା ବେଳେ ଏହି ଦୁର୍ଘଟଣା ହୋଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କଟକ ନିଆଯାଇଥିଲା। ସେଠାରେ ମୃତ୍ୟୁ ଘଟିଛି। ଏନେଇ ଇଫ୍‌କୋ କର୍ମଚାରୀ ଓ ଶ୍ରମିକ ୟୁନିୟନ ପକ୍ଷରୁ ସାର ବୋଝେଇ ଖଲାସ କାମ ବନ୍ଦ କରି ଧାରଣା ଦିଆଯାଇଛି। ଫଳରେ ଖଲାସ କାମ ଠପ୍ ହୋଇଯାଇଛି। ରିପୋର୍ଟ ଲେଖାହେବା ସୁଦ୍ଧା ଘଟଣା ସ୍ଥଳରେ ପାରାଦୀପ ଆଦର୍ଶଥାନା ପୋଲିସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରୁଛନ୍ତି। ମାତ୍ର କୌଣସି ସମାଧାନ ହୋଇପାରିନାହିଁ।



ସାର ବୋଝେଇ ଖଲାସ ସ୍ଥାନରେ ଶ୍ରମିକମାନେ ଧାରଣା ଦେଇଛନ୍ତି।

## ଗଛ କଟାକୁ ବିରୋଧ: ତହସିଲଦାରଙ୍କ ନିକଟରେ ଅଭିଯୋଗ

ନାଉଗାଁ/ବାଲିଆ, ୨୮(ସ୍ୱ.ପ୍ର)

ନାଉଗାଁ ତହସିଲ ଗଙ୍ଗଦା-ବାଲିକୁଦାକୁ ସଂଯୋଗ କରୁଥିବା ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କର ରାସ୍ତା ପାର୍ଶ୍ୱ ଗଙ୍ଗଦା ନିକଟରୁ ଦୁର୍ବୃତ୍ତମାନେ ୮ଟି ବଡ ଆକାଶିଆ ଗଛ କାଟି ନେଇଛନ୍ତି। ଏହାକୁ ନାଉଗାଁ ଡେଭଲପମେଣ୍ଟ ଫୋରମ ଓ ସବୁଜ ସେନା ପକ୍ଷରୁ ସୋମବାର ବିରେଧ କରାଯାଇଛି। ଏନେଇ ତହସିଲଦାର ଜେ.କଳ୍ପନା ଓ ଥାନାଧିକାରୀ ଭରତ କୁମାର ବେହେରାଙ୍କ ନିକଟରେ ଲିଖିତ ଅଭିଯୋଗ ହୋଇଛି। ଏହାର ନକଲ ଜଙ୍ଗଲ ଓ ପରିବେଶ ବିଭାଗକୁ ପ୍ରଦାନ କରାଯାଇଛି। ଏହାର ତଦନ୍ତ କରାଯାଇ ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରାଯାଇଛି। ଏବିଷୟରେ ତହସିଲଦାର ଜେ.କଳ୍ପନା କହିଛନ୍ତି, ତଦନ୍ତ ପାଇଁ ରାଜସ୍ୱ ନିରୀକ୍ଷକଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ବିରିଡି ତହସିଲ ଅଧୀନ ବାଲିଆ ଗ୍ରାମର ଏକ ସରକାରୀ ଜାଗାରୁ ପୁରୁଣା ଗଛ କଟାଯାଇଥିବା ଅଭିଯୋଗ ହୋଇଛି। ପୂର୍ବରୁ ମଧ୍ୟ ଏହିସ୍ଥାନରୁ ୮ରୁ ୧୦ ଗଛ କଟାଯାଇଛି ବୋଲି ଅଭିଯୋଗରେ ଦର୍ଶାଯାଇଛି। ଦୁର୍ବୃତ୍ତମାନେ ବିଭିନ୍ନ ସମୟରେ ଚାକୁଣ୍ଡା, ଶିରିଶ, ଆମ୍ବ, ପଣସ ଆଦି ଗଛ କାଟିନେଉଛନ୍ତି ବୋଲି ଗ୍ରାମବାସୀ ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଛନ୍ତି।

## ଚାକିରି ଆବେଦନ ବୟସ ୪୨ ପାଇଁ ଦାବି



ଅତିରିକ୍ତ ଜିଲାପାଳଙ୍କୁ ଜିଲା କଂଗ୍ରେସ କର୍ମୀମାନେ ଦାବିପତ୍ର ପ୍ରଦାନ କରିବାକୁ ଯାଉଛନ୍ତି।

ଜଗତ୍‌ସିଂହପୁର ଅଫିସ, ୨୮

ସରକାରୀ ଚାକିରି ଆବେଦନ ପାଇଁ ବୟସ ସୀମା ୪୨ ବର୍ଷକୁ ବୃଦ୍ଧି କରିବା ପାଇଁ ସୋମବାର ଜଗତ୍‌ସିଂହପୁର ଜିଲା ଯୁବ କଂଗ୍ରେସ ତରଫରୁ ଦାବି କରାଯାଇଛି। ଏନେଇ ଜିଲା ସଭାପତି ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନେତୃତ୍ୱରେ ରାଜ୍ୟ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବିପତ୍ରରେ ଉଲ୍ଲେଖ ରହିଛି ଓଡ଼ିଶାରେ ସରକାରୀ ନିଯୁକ୍ତି ପାଇଁ ବୟସ ସୀମାରେ ତାରତମ୍ୟ ରହିଛି। ଯେଉଁ କାରଣରୁ ବହୁ ମେଧାବୀ ଛାତ୍ରୀଛାତ୍ର ଉଚ୍ଚତର ଶିକ୍ଷାଲାଭ ସତ୍ତ୍ୱେ ସରକାରୀ ଚାକିରିରୁ ବଞ୍ଚିତ ହେଉଛନ୍ତି।

ସମ୍ପ୍ରତି ସରକାରୀ ଚାକିରି ନିମନ୍ତେ ରାଜ୍ୟରେ ସାଧାରଣ ବର୍ଗଙ୍କ ପାଇଁ ବୟସ ସୀମା ୩୨ ବର୍ଷ ରହିଛି। କିନ୍ତୁ ଗୋଆରେ ଏହି ବୟସ ସୀମା ୪୫, ଆସାମରେ ୪୪, ତେଲେଙ୍ଗାନା ୪୪ ଓ ଆନ୍ଧ୍ରରେ ୪୨ ବର୍ଷ ରହିଛି। ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ ଓ ମଧ୍ୟପ୍ରଦେଶରେ ଏହାକୁ ୪୦ ବର୍ଷ ଧାର୍ଯ୍ୟ କରାଯାଇଛି। ଓଡ଼ିଶାରେ ଆବେଦନର ସର୍ବୋଚ୍ଚ ବୟସ ସୀମା ୪୨ ବର୍ଷ କରାଗଲେ ଆଶାୟୀ ପ୍ରାର୍ଥୀଙ୍କ ଆବେଦନ ସଂଖ୍ୟା ବୃଦ୍ଧି ପାଇପାରନ୍ତା।

# ଝାଟିମାଟି ଘରେ ବିତୁଛି ଜୀବନ

- ଗୋଟିଏ ବଖରାରେ ଚଳୁଛନ୍ତି ୬ କୁଟୁମ୍ବ
- ଆବାସ ଯୋଜନା ସାତସପନ

ନାଉଗାଁ,୨୮(ସ୍ୱ.ପ୍ର)



ଝାଟିମାଟି ଘର ସମ୍ମୁଖରେ ପିଲାମାନଙ୍କ ସହ ରଞ୍ଜୁଲତା ସ୍ୱାଇଁ।

ଗରିବ ହିତାଧିକାରୀମାନଙ୍କୁ ବାସଗୃହ ଯୋଗାଇ ଦେବା ପାଇଁ ସରକାରଙ୍କ ତରଫରୁ ଆବାସ ଯୋଜନା ଆରମ୍ଭ ହୋଇଛି। କିନ୍ତୁ ପ୍ରଶାସନିକ ଅଧିକାରୀଙ୍କ ଖାମ ଖିଆଲି ମନୋଭାବ ଯୋଗୁ ବହୁ ଯୋଗ୍ୟ ହିତାଧିକାରୀ ଏହି ଯୋଜାନାରୁ ବଞ୍ଚିତ ହୋଇଛନ୍ତି। ଏହାର ଉଦାହରଣ ନାଉଗାଁ ବ୍ଲକ ତିରୁଣା ପଞ୍ଚାୟତ ଅନ୍ତର୍ଗତ ତିରୁଣା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମରେ ସୁରେଶ ସ୍ୱାଇଁଙ୍କ ପରିବାର ପାଇଁ ପକ୍କା ଘର ସାତ ସପନ ପାଲଟିଛି। ପରିବାର କହିଲେ ସ୍ତ୍ରୀ ରଞ୍ଜୁଲତା ୩ ଝିଅ ଓ ଗୋଟିଏ ପୁଅକୁ ବୁଝାଏ। ସୁରେଶ ସେମାନଙ୍କ ସହ ଝାଟିମାଟି ଘରେ ବାସ କରୁଛନ୍ତି। ଗୋଟିଏ ବଖରା ଘରେ ରୋଷେଇବାସ ସହ ପୁରା ପରିବାର ବିଶ୍ରାମ ମଧ୍ୟ କରିଥାନ୍ତି। ଘରଟି ଭାଙ୍ଗିଯାଇଥିବାରୁ ବର୍ଷା ସମୟରେ ପାଣି ପଡୁଥିବା ବେଳେ ଓ ଖରା ଦିନେ ମଧ୍ୟ ଅସୁବିଧା ହୋଇଥାଏ। ପ୍ରାକୃତିକ ବିପର୍ଯ୍ୟୟ ଆସିଲେ ଭାଗ୍ୟକୁ ଆଦରି ପରିବାର ଲୋକେ ପଡି ରହିଥାନ୍ତି। ଆବାସ ଯୋଜନାରେ ପକ୍କାଘର ଖଣ୍ଡେ ପାଇଁ ବାରମ୍ବାର ବ୍ଲକ ଓ ପଞ୍ଚାୟତ କାର୍ଯ୍ୟାଳୟରେ ଆବେଦନ କରିଛନ୍ତି। ଏପରିକି ୨୪ ମେ ୨୦୧୭ରେ ଜିଲାପାଳଙ୍କ ଜନ ଶୁଣାଣିରେ ମଧ୍ୟ ଆବେଦନ କରିଥିଲେ। ମାତ୍ର ଏପର୍ଯ୍ୟନ୍ତ କୌଣସି ସୁଫଳ ମିଳିନାହିଁ। ଏସମ୍ପର୍କରେ ରଞ୍ଜୁଲତା କୁହନ୍ତି, ଆବସ ଯୋଜନାରେ ଆବେଦନ ପରେ ପ୍ରଶାସନ ତରଫରୁ ତଦନ୍ତ କରାଯାଇ ସମସ୍ତ କାଗଜପତ୍ର ନିଆଯାଇଛି। ମାତ୍ର ଏହାପରେ କୌଣସି ପଦକ୍ଷେପ ନିଆଯାଇନାହିଁ।

ଏବିଷୟରେ ତଦନ୍ତକାରୀ ଅଫିସର ତିରୁଣା ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୁରେଶ ନାୟକ କୁହନ୍ତି, ଯଦି ସରକାରଙ୍କ ନିର୍ଦ୍ଦେଶାନାମା ଅନୁସାରେ ଏସ୍‌ସି ଓ ଏସ୍‌ଟି ତାଲିକାରେ ତାଙ୍କୁ ନାମଥିବ ତେବେ ଯୋଜନାରେ ସାମିଲ କରାଯାଇ ପକ୍କାଘର ଯୋଗାଇ ଦେବାକୁ ପଦକ୍ଷେପ ନିଆଯିବ।

**୬.୯୫% ସ୍ତରରେ ବେକାରି ହାର**

ଜୁଲାଇରେ ବେକାରି ହାର ୬.୯୫% ସ୍ତରକୁ ଖସିଛି। ଏହାର ପୂର୍ବ ମାସରେ ଏହା ୯.୧୭% ସ୍ତରରେ ରହିଥିଲା। ସେଣ୍ଟର ଫର୍ ମନିଟରିଂ ଇଣ୍ଡିଆନ ଇକୋନୋମି ଡାଟା ମୁତାବକ, ଗ୍ରାମାଞ୍ଚଳରେ ବେକାରି ହାର ୬.୩% ସ୍ତରରେ ରହିଛି। ସେହିଭଳି ସହରାଞ୍ଚଳରେ ଏହା ୮%ରୁ ଊର୍ଦ୍ଧ୍ୱ ରହିଛି। ବର୍ତ୍ତମାନ କଟକଣା କୋହଳ ହେବା ଯୋଗୁ ଘରୋଇ ଚାହିଦା ବଢ଼ିଛି। ଫଳରେ ନିଯୁକ୍ତି ଉପରେ ଏହାର ଭଲ ପ୍ରଭାବ ରହିଛି ବୋଲି ରିପୋର୍ଟରୁ ଜଣାପଡ଼ିଛି।

## ସଂକ୍ଷେପରେ

### ବ୍ୟାଙ୍କ ଘରୋଇକରଣ ବିଳମ୍ବ ହୋଇପାରେ

**ନୂଆଦିଲ୍ଲୀ, ୨।୮:** ସରକାର ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କର ଘରୋଇକରଣ ନେଇ ଯୋଜନା ରଖିଛନ୍ତି। ମାତ୍ର ଏହା ଆସନ୍ତା ଆର୍ଥିକ ବର୍ଷକୁ ଘୁଞ୍ଚିପାରେ। ଏ ସଂକ୍ରାନ୍ତ ଆଇନ ପରିବର୍ତ୍ତନ ଲାଗି ସରକାର ଏବେ ସୁଦ୍ଧା ସଂସଦର ମଞ୍ଜୁରୀ ନେଇନାହାନ୍ତି। ଟ୍ରାଞ୍ଜାକ୍ସନ ଲାଗି ଆଇନରେ ପରିବର୍ତ୍ତନ ଲୋଡ଼ା ରହିଛି। ପ୍ରକ୍ରିୟା ସହ ଜଡ଼ିତ ଜଣେ ଅଧିକାରୀ କହିଛନ୍ତି, ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ଏ ସଂକ୍ରାନ୍ତ ଆନୁଷଙ୍ଗିକ ପ୍ରକ୍ରିୟା ବର୍ତ୍ତମାନ ସୁଦ୍ଧା ଶେଷ ହୋଇନାହିଁ। ଏହାକୁ ଦେଖିଲେ ସବୁ କାମ ଚଳିତ ବର୍ଷ ସାରିବା କଷ୍ଟକର। ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ୨ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଘରୋଇକରଣ ସମ୍ପର୍କରେ ଘୋଷଣା କରିଥିଲେ। ମାର୍ଚ୍ଚ ୨୦୨୨ ସୁଦ୍ଧା ସବୁ କାମ ସାରିବାକୁ ଲକ୍ଷ୍ୟ ରଖାଯାଇଥିଲା। ଅର୍ଥ ମନ୍ତ୍ରଣାଳୟର ଉତ୍ତର ଏ ନେଇ ଲୋଡ଼ାଯାଇଥିଲେ ମଧ ଏହା ମିଳିପାରିନାହିଁ। ସେହିଭଳି ଭାରତ ପେଟ୍ରୋଲିୟମର ଅଂଶଧନ ବିକ୍ରି ନେଇ ସରକାରଙ୍କ ପ୍ରକ୍ରିୟା ମନ୍ଥର ରହିଛି।

### ଲକ୍ଷାଧିକ କରେଣ୍ଟ ଆକାଉଣ୍ଟ ବନ୍ଦ କଲେ ବ୍ୟାଙ୍କ

**ନୂଆଦିଲ୍ଲୀ, ୨।୮:** ଭାରତୀୟ ରିଜର୍ଭ ବ୍ୟାଙ୍କର ନିୟମ ପାଳନ କରିବା ଲାଗି ସାରା ଦେଶର ବ୍ୟାଙ୍କଗୁଡ଼ିକ ଲକ୍ଷାଧିକ କରେଣ୍ଟ ଆକାଉଣ୍ଟ ବନ୍ଦ କରିଛନ୍ତି। ଏହି ଆକାଉଣ୍ଟଗୁଡ଼ିକ କ୍ଷୁଦ୍ର ବ୍ୟବସାୟଗୁଡ଼ିକର ବୋଲି ଜଣାପଡ଼ିଛି। ରିଜର୍ଭ ବ୍ୟାଙ୍କ ନିୟମ ପାଳନ କରିବାରେ ଏହି ଆକାଉଣ୍ଟ ସକ୍ଷମ ହୋଇ ନ ଥିଲେ। ଇ-ମେଲ୍ ଦ୍ୱାରା ଗ୍ରାହକଙ୍କୁ ଏ ସମ୍ପର୍କରେ ଅବଗତ କରାଯାଇଛି। ବ୍ୟାଙ୍କଗୁଡ଼ିକ କହିଛନ୍ତି, ଶାଖା ସହିତ କ୍ୟାଶ୍ କ୍ରେଡିଟ ଓଭରଡ୍ରାଫ୍ଟ ଖାତା ଜାରି ରଖିଲେ କରେଣ୍ଟ ଆକାଉଣ୍ଟ ଖାତାକୁ ବନ୍ଦ କରିବାକୁ ହେବ। ଷ୍ଟେଟ ବ୍ୟାଙ୍କ ଏହାର ଜଣେ ଆକାଉଣ୍ଟଧାରୀଙ୍କୁ କହିଛି, କ୍ୟାଶ୍ କ୍ରେଡିଟ ଏବଂ ଓଭରଡ୍ରାଫ୍ଟ ସୁବିଧା ଏକା ସହ ଉଠାଇ ହେବ ନାହିଁ। ଏଥିଲାଗି ୩୦ ଦିନ ମଧ୍ୟରେ ନିଜର ବ୍ୟାଙ୍କ ଆକାଉଣ୍ଟକୁ ବନ୍ଦ କରନ୍ତୁ। ଏଭଳି ନିୟମ ଦ୍ୱାରା ଏସ୍‌ବିଆଇ ୬୦ ହଜାର ଖାତା ବନ୍ଦ କରିଛି। ଗତ ବର୍ଷ ଆର୍‌ବିଆଇ ନୂଆ ନିୟମ ଆଣିଥିଲା।

# ସରକାରୀ ସହାୟତା ଲୋଡ଼ିଲେ ବିର୍ଲା

**ନୂଆଦିଲ୍ଲୀ, ୨।୮**


କୁମାର ମଙ୍ଗଳମ ବିର୍ଲା

ଭୋଡାଫୋନ ଆଇଡିଆ ଉପରେ ରହିଥିବା ଆର୍ଥିକ ବୋଝ ବର୍ତ୍ତମାନ ପ୍ରମୋଟରଙ୍କ ଲାଗି ଚିନ୍ତାର କାରଣ ପାଲଟିଛି। ଫଳରେ ପ୍ରମୋଟର ନୂଆ ନିବେଶ କରିବାକୁ ପଛଘୁଞ୍ଚା ଦେଉଛନ୍ତି। ଭୋଡାଫୋନ ଆଇଡିଆର ପ୍ରମୋଟର ତଥା ଅଧ୍ୟକ୍ଷ କୁମାର ମଙ୍ଗଳମ ବିର୍ଲା ଏହି ପ୍ରସଙ୍ଗରେ କେନ୍ଦ୍ର କ୍ୟାବିନେଟ ସଚିବ ରାଜୀବ ଗାବାଙ୍କୁ ସୋମବାର ଚିଠି ଲେଖିଛନ୍ତି। ଚିଠିରେ ବିର୍ଲା ଲେଖିଛନ୍ତି, ଭୋଡାଫୋନ ଆଇଡିଆର ଅସ୍ତିତ୍ୱ ବଞ୍ଚାଇବା ଲାଗି ସେ ନିଜର ଅଂଶଧନ କୌଣସି ସରକାରୀ କିମ୍ବା ଘରୋଇ ଫାଇନାନ୍ସିଆଲ କମ୍ପାନୀକୁ ଦେବାକୁ ପ୍ରସ୍ତୁତ ଅଛନ୍ତି। ଅର୍ଥାତ୍ ସେ କମ୍ପାନୀର ଅଂଶଧନ ଛାଡ଼ିଦେବାକୁ ଅଫର ଦେଇଛନ୍ତି।

ଭୋଡାଫୋନ ଆଇଡିଆରେ କୁମାର ମଙ୍ଗଳମ ବିର୍ଲାଙ୍କର ୨୭% ଅଂଶଧନ ରହିଛି। ଏହାବାଦ ବ୍ରିଟିଶ କମ୍ପାନୀ ଭୋଡାଫୋନ ପିଏଲ୍‌ସିର ୪୪% ଅଂଶଧନ ଏହି କମ୍ପାନୀରେ ରହିଛି। ବିଏସ୍‌ଇ ଡାଟା ମୁତାବକ, ଭୋଡାଫୋନ ଆଇଡିଆ ଲିମିଟେଡ୍‌ର ବଜାର ପୁଞ୍ଜୀକରଣ ୨୩.୭୩ ହଜାର କୋଟି ରହିଛି। ଭୋଡାଫୋନ ଆଇଡିଆ ସହିତ ଦେଶର ୨୭ କୋଟି ଲୋକ ଯୋଡ଼ି ହୋଇଛନ୍ତି। ଏଭଳି ସ୍ଥିତିରେ ବିଦେଶୀ ନିବେଶକମାନଙ୍କର ଭରସା ଜିତିବା ଲାଗି ସରକାର ପଦକ୍ଷେପ ନେବାର ଆବଶ୍ୟକତା ରହିଛି। ଏହା ନ ହେଲେ ଭୋଡାଫୋନ ଆଇଡିଆର ଅସ୍ତିତ୍ୱ ସଙ୍କଟ ମଧ୍ୟକୁ ଚାଲିଯିବା ଆଶଙ୍କା ରହିଛି।

### ଭୋଡାଫୋନ-ଆଇଡିଆରେ ଅଂଶଧନ ଛାଡ଼ିବାକୁ ଦେଲେ ଅଫର

ଉଲ୍ଲେଖଯୋଗ୍ୟ, ୨୦୨୦ ସେପ୍ଟେମ୍ବରରେ କମ୍ପାନୀର ବୋର୍ଡ ୨୫ ହଜାର କୋଟି ଟଙ୍କାର ପାଣ୍ଠି ସଂଗ୍ରହ ଲାଗି ମଞ୍ଜୁରୀ ପ୍ରଦାନ କରିଥିଲା। ମାତ୍ର କମ୍ପାନୀ ଏହା ହାସଲ କରିବାରେ ବିଫଳ ହୋଇଛି। ଆଡଜଷ୍ଟେଡ୍ ଗ୍ରସ୍ ରେଭେନ୍ୟୁ(ଏଜିଆର୍) ବାବଦ ଭୋଡାଫୋନ ଆଇଡିଆ ଉପରେ ୨୧,୫୦୦ କୋଟି ଟଙ୍କା ବାକି ରହିଛି। କମ୍ପାନୀ ମାତ୍ର ୭୮୦୦ କୋଟି ଟଙ୍କା ଏଜିଆର୍ ବାକି ପ୍ରଦାନ କରିଛି। ମାତ୍ର ଟେଲିକମ୍ ବିଭାଗ କହିଛି, କମ୍ପାନୀ ଉପରେ ୫୮ ହଜାର କୋଟି ଟଙ୍କା ବାକି ରହିଛି।

## ଟାପାରିଆ ଟୁଲ୍ସର ଭିଡିଇ ପ୍ଲାୟର୍ସ

**ଭୁବନେଶ୍ୱର, ୨।୮**



ଟାପାରିଆ ଟୁଲ୍ସ ପକ୍ଷରୁ ବଜାରକୁ ନୂଆ ଭିଡିଇ ପ୍ଲାୟର୍ସ ଆସିଛି। ଏହାକୁ ଉଚ୍ଚ ଗ୍ରେଡ୍‌ର ଆଲଏ ଷ୍ଟିଲ୍‌ରେ ପ୍ରସ୍ତୁତ କରାଯାଇଛି। ନୂଆ ପ୍ଲାୟର୍ସ ସର୍ବୋତ୍ତମ କାର୍ଯ୍ୟକ୍ଷମତା ପ୍ରଦାନ କରିବାରେ ସହାୟକ ହେବ ବୋଲି କମ୍ପାନୀ ପକ୍ଷରୁ ସୂଚନା ମିଳିଛି। ଏଥିରେ ଉଚ୍ଚ ଗୁଣବତ୍ତା ବିଶିଷ୍ଟ ସ୍ଲିଭସ୍ ରହିଛି। ଫଳରେ ଏହା ଗ୍ରିପ୍‌କୁ ଭଲ ଭାବେ ବ୍ୟବହାର କରିବାରେ ସହାୟକ ହେବ। ଏଥିରେ କମ୍ବିନେଶନ ପ୍ଲାୟର୍ସ, ଲଙ୍ଗ ନୋଜ ପ୍ଲାୟର୍ସ, ଏଣ୍ଡ ୱେର ସ୍ଲିପିଂ ପ୍ଲାୟର୍ସ ରହିଛି। ଏହା ନମନୀୟ ଏବଂ କଠିନ ତାରକୁ କାଟିବାରେ ସକ୍ଷମ ହେବ। ଟାପାରିଆର ବିଭିନ୍ନ ରେଞ୍ଜ ପ୍ଲାୟର୍ସକୁ ଗ୍ରାହକ ବେଶ୍ ପସନ୍ଦ କରିଥିବା କମ୍ପାନୀ କହିଛି। ମଣିଷର କାମକୁ ସହଜ କରିବାରେ ଏହି ଟୁଲ୍ ସବୁ ସହାୟକ ହେଉଛି। କମ୍ପାନୀ ସାରା ଦେଶରେ ବର୍ତ୍ତମାନ ଏହାର ପ୍ରଡକ୍ଟ ପହଞ୍ଚାଇବା ଲାଗି ପ୍ରୟାସ ଜାରି ରଖିଛି। ବିଦେଶକୁ ମଧ ଟୁଲ୍ସ ସବୁ ରପ୍ତାନି କରାଯାଉଛି।

## ଫର୍ନିଚର ଗୋଡାଉନର ନୂଆ ଶୋ'ରୁମ୍



**ଭୁବନେଶ୍ୱର, ୨।୮**

ଫର୍ନିଚର ଗୋଡାଉନ ପକ୍ଷରୁ ଭୁବନେଶ୍ୱରର ପାତ୍ରପଡ଼ାରେ ଏହାର ତୃତୀୟ ଷ୍ଟୋର ଶୁଭାରମ୍ଭ ହୋଇଛି। ଏହା ୧୨,୫୦୦ ବର୍ଗଫୁଟ ପରିମିତ ସ୍ଥାନରେ ଖୋଲିଛି। କାର୍ଯ୍ୟକ୍ରମ ଅବସରରେ ଏମ୍‌ଡି ଶଶାଙ୍କ ଶେଖର ଆଚାର୍ଯ୍ୟ, ସଙ୍ଗୀତା ଆଚାର୍ଯ୍ୟ, ସ୍ନିଗ୍ଧା ପରିଡ଼ାଙ୍କ ସମେତ ପିଏନ୍‌ବିର ଜୋନାଲ କାର୍ଯ୍ୟାଳୟ ଡିଜିଏମ୍ ଆଦିତ୍ୟ କୁମାର ପାଢ଼ୀ, ଏଜିଏମ୍ ଏମ୍‌ସିସି ରାକେଶ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ଏଠାରେ ଗ୍ରାହକ ବିଭିନ୍ନ ପ୍ରତିଷ୍ଠିତ କମ୍ପାନୀର ଆସବାବପତ୍ର ଲାଭ କରିପାରିବେ। ଷ୍ଟେଟ୍ ଅଫ୍ ଆର୍ଟ କାରଖାନା ଏବଂ ଅତ୍ୟାଧୁନିକ ଜ୍ଞାନକୌଶଳରେ ଏହାକୁ ପ୍ରସ୍ତୁତ କରାଯାଇଛି। ନୂଆ ଶୋ'ରୁମ୍‌ରେ ଗ୍ରାହକ ଫର୍ନିଚର, ଅଫିସ ଫର୍ନିଚର, ମଡ୍ୟୁଲାର ଇଣ୍ଟେରିୟର ଏବଂ ଫର୍ନିସିଂ ଆଦି ସାମଗ୍ରୀ ଲାଭ କରିପାରିବେ। ଓଡ଼ିଶାରେ ବିସ୍ତୃତ ବର୍ଗର ପ୍ରଡକ୍ଟ ସବୁ ପ୍ରସ୍ତୁତ କରାଯିବା ସହ ଗ୍ରାହକଙ୍କୁ ଯୋଗାଣ ହେଉଛି ବୋଲି ଫର୍ନିଚର ଗୋଡାଉନ ପକ୍ଷରୁ ସୂଚନା ଦିଆଯାଇଛି।

# ମିନି ଆଇପ୍ ଏଲ୍ଆଇସି ଏମ୍‌ଡି

**ମୁମ୍ବାଇ, ୨।୮**



ଭାରତୀୟ ଜୀବନ ବୀମା ନିଗମ(ଏଲ୍ଆଇସି)ର ପରିଚାଳନା ନିର୍ଦ୍ଦେଶକ ଭାବେ ମିନି ଆଇପ୍ ଦାୟିତ୍ୱ ଭାର ଗ୍ରହଣ କରିଛନ୍ତି। ଏମ୍‌ଡି ଭାବେ ତାଙ୍କ ନିଯୁକ୍ତି ସମ୍ପର୍କରେ ଭାରତ ସରକାର ନିକଟରେ ଏକ ବିଜ୍ଞପ୍ତି ପ୍ରକାଶ କରିଥିଲେ। ଆନ୍ଧ୍ର ବିଶ୍ୱବିଦ୍ୟାଳୟରୁ ବାଣିଜ୍ୟରେ ସ୍ନାତକୋତ୍ତର ପରେ ସେ ଏଲ୍ଆଇସିରେ ୧୯୮୬ରେ ଡାଇରେକ୍ଟ ରିକ୍ରୁଟ ଅଫିସର ଭାବେ ଯୋଗଦେଇଥିଲେ। ଏଲ୍ଆଇସିର ବିଭିନ୍ନ ପଦପଦବୀରେ ସେ କାର୍ଯ୍ୟ କରିଛନ୍ତି। ନୂଆ ଦାୟିତ୍ୱ ପୂର୍ବରୁ ସେ କମ୍ପାନୀର ଆଇନ ବିଭାଗର ଇଡି ଭାବେ ଅବସ୍ଥାପିତ ଥିଲେ। ହାଇଦ୍ରାବାଦରେ ପ୍ରଥମ ମହିଳା ଜୋନାଲ ମ୍ୟାନେଜର, ଅନ୍ତର୍ଜାତୀୟ ପରିଚାଳନା ବିଭାଗର ଇଡି, ଏଲ୍ଆଇସି ଏଚ୍ଏଫ୍ଏଲ୍ ଫାଇନାନ୍ସିଆଲ ସର୍ଭିସେସ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଏବଂ ସିଇଓ ଭଳି ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ରହି ସେ କାମ କରିଛନ୍ତି। ତାଙ୍କ କାର୍ଯ୍ୟକାଳ ସମୟରେ ସେ ଏଲ୍ଆଇସି ହାଉସିଂ ଫାଇନାନ୍ସର କାରବାରକୁ ଏକ ନୂଆ ଦିଗନ୍ତ ଦେବା ସହ ଲାଭବାନ କରାଇବାକୁ ସକ୍ଷମ ହୋଇଥିବା କମ୍ପାନୀ ପକ୍ଷରୁ ସୂଚନା ମିଳିଛି।

### ସ୍ୱାଭାବିକ ହେଉଛି ମାନୁଫାକ୍ଚରିଂ କ୍ଷେତ୍ର

**ନୂଆଦିଲ୍ଲୀ,୨।୮:** ଅର୍ଥ ବ୍ୟବସ୍ଥା ଲାଗି ଖୁସି ଖବର। ଦେଶର ମାନୁଫାକ୍ଚରିଂ କ୍ଷେତ୍ର କାର୍ଯ୍ୟକଳାପ ସ୍ୱାଭାବିକ ସ୍ଥିତିକୁ ଫେରୁଥିବା ନଜରକୁ ଆସିଛି। ଜୁନ୍‌ରେ ଉତ୍ପାଦନ କାର୍ଯ୍ୟକଳାପ ଖସିବା ପରେ ଜୁଲାଇରେ ଏହା ବୃଦ୍ଧି ହୋଇଛି। ଏହି କ୍ଷେତ୍ର ସହ ଜଡ଼ିତ ସୂଚକାଙ୍କ ୩ ମାସର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ଲକ୍‌ଡାଉନ ଯୋଗୁ ଆଇଏଚ୍ଏସ୍ ମାର୍କିଟର ପରଚେଜିଂ ମ୍ୟାନେଜର୍ସ ଇଣ୍ଡେକ୍ସ (ପିଏମ୍ଆଇ) ଜୁନ୍ ମାସରେ ଖସିବା ପରେ ଜୁଲାଇରେ ଉନ୍ନତ ରହିଛି। ଜୁନ୍‌ରେ ପିଏମ୍ଆଇ ୪୮.୧ ସ୍ତରରେ ରହିଥିଲା। ଏଥିରେ ସୁଧାର ଆସି ୫୫ ସ୍ତର ଛୁଇଁଛି।

## କୃଷି ଋଣ ଛାଡ଼ ପ୍ରସ୍ତାବ ବିଚାରକୁ ନିଆଯାଇନି

**ନୂଆଦିଲ୍ଲୀ, ୨।୮**

କୃଷି ଋଣ ଛାଡ଼ କରିବା ନେଇ କୌଣସି ପ୍ରସ୍ତାବ ଉପରେ ବର୍ତ୍ତମାନ ବିଚାର କରାଯାଉ ନ ଥିବା ସରକାର ସୋମବାର ସ୍ପଷ୍ଟ କରିଛନ୍ତି। ଏହା ମଧ୍ୟରେ ଅନୁସୂଚିତ ଜାତି ଏବଂ ଜନଜାତି କୃଷକଙ୍କ ଋଣ ସାମିଲ ରହିଥିବା ଜଣାପଡ଼ିଛି। ଲୋକ ସଭାକୁ ଏକ ଲିଖିତ ଉତ୍ତରରେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ଭାଗବତ କରାଡ କହିଛନ୍ତି, ୨୦୦୮ ପରଠାରୁ କେନ୍ଦ୍ର ସରକାର ଏଭଳି କୌଣସି ଋଣ ଛାଡ଼ ଯୋଜନା କରିନାହାନ୍ତି। କୃଷିକ୍ଷେତ୍ର ସହ ଜଡ଼ିତ ବ୍ୟକ୍ତିବିଶେଷ ଏବଂ କୃଷକଙ୍କ ଉନ୍ନତି ଲାଗି ଉଭୟ କେନ୍ଦ୍ର ସରକାର ଏବଂ ରିଜର୍ଭ ବ୍ୟାଙ୍କ ପକ୍ଷରୁ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଉଛି। କୃଷକଙ୍କ ବୋଝ କିଭଳି କମିବ ସେ ଦିଗକୁ ମଧ ଧ୍ୟାନ ରଖାଯାଇଛି।

## ମନେ ପଡ଼ନ୍ତି

**ଏକାଦଶାହ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ଶ୍ରୀଯୁକ୍ତ ରବୀନ୍ଦ୍ରନାଥ ମହାନ୍ତି**

୬୮/୧୮୮୪-୧୫ ଲେନ୍-୨, ଶ୍ରୀରାମ ବିହାର, ସୋ, ଭରତପୁର, ଭୁବନେଶ୍ୱର,
ଗ୍ରାମ: କୁଡେଇ, ସୋର, ବାଲେଶ୍ୱର
ଆବିର୍ଭାବ: ୧୦।୦୩।୧୯୪୭
ତିରୋଧାନ: ୨୪।୦୭।୨୦୨୧

ତୁମର ଅମର ପୁଣ୍ୟ ଆତ୍ମାର ସଦ୍‌ଗତି କାମନା କରି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା, ଭଲପାଇବାରୁ ଆମକୁ ବଞ୍ଚିତ କରି ଏକାକରି ଆରପାରିକୁ ଚାଲିଗଲ, କିନ୍ତୁ ତୁମେ ଆମ ହୃଦୟରେ ଚିରକାଳ ପାଇଁ ସ୍ମରଣୀୟ ହୋଇ ରହିବ।

**ତୁମର ଶୋକସନ୍ତପ୍ତ ପରିବାର, ପରିଜନ ଓ ବନ୍ଧୁଜନ।**

ଧ-୨୧୨୨୮

## ଫୁରସତ୍

# ସ୍ୱାମୀ ବ୍ରେଡ୍ ଛାଡ଼ିବାରୁ ଗର୍ଭବତୀ ହେଲେ ସ୍ତ୍ରୀ

**ଲଣ୍ଡନ:** ବ୍ରିଟେନରେ ରହୁଥିବା ଏକ ଦମ୍ପତି କେବେ ମା' ବାପା ହୋଇପାରିବେନି ବୋଲି ଡାକ୍ତର ମନା କରିଦେଇଥିଲେ। ଏହି ଦମ୍ପତିଙ୍କ ଶରୀରର ସ୍ଥିତି ସନ୍ତାନ ଜନ୍ମ କରିବା ପାଇଁ ସକ୍ଷମ ନ ଥିବା ବିଭିନ୍ନ ରିପୋର୍ଟରୁ ଜଣାପଡ଼ିଥିଲା। ମାତ୍ର ଡାଏଟ୍‌ରେ ପରିବର୍ତ୍ତନ କରିଦେବାରୁ ତାଙ୍କ ଘରକୁ ଖୁସି ଖବର ଆସିଛି।

ମଣ୍ଟୋଗୋମେରିରେ ରହୁଥିବା ୫୫ ବର୍ଷୀୟ ଷ୍ଟିଫେନ ଏବଂ ତାଙ୍କ ସ୍ତ୍ରୀ ରେଚଲଙ୍କର ମେଡିକାଲ କଣ୍ଡିଶନ୍ ଠିକ୍ ନ ଥିବାରୁ ସେମାନେ ଆଇଭିଏଫ୍ ଜରିଆରେ ମଧ ସନ୍ତାନ ଜନ୍ମ କରିପାରିବେନି ବୋଲି ଡାକ୍ତରଙ୍କଠାରୁ ଶୁଣିବା ପରେ ଭାଙ୍ଗି ପଡ଼ିଥିଲେ। କିନ୍ତୁ ସେମାନେ ଜାଣି ନ ଥିଲେ ପାଉଁରୁଟି ଖାଇବା ଛାଡ଼ିଦେବା ପରେ ତାଙ୍କ



ଜୀବନରେ ଏମିତି ଚମତ୍କାର ଘଟିବ। ଷ୍ଟିଫେନଙ୍କର ଡାଇବେଟିସ ସମସ୍ୟା ସହ ଶୁକ୍ରାଣୁ ସଂଖ୍ୟା ମଧ କମ୍ ଥିଲା। ତେଣୁ ସେ ନିଜର ଡାଏଟ ପ୍ଲାନ କରିଥିଲେ। ଖାଦ୍ୟ ତାଲିକାରୁ ସେ ବ୍ରେଡ ବା ପାଉଁରୁଟି ଖାଇବା ଛାଡ଼ି ଦେଇଥିଲେ। ଏହାର ୫ ମାସ ପରେ ରେଚଲ ଗର୍ଭବତୀ ହୋଇଥିଲେ। ଦୀର୍ଘଦିନ ଧରି ସନ୍ତାନଟିଏ ଯାହାର ହେଉ ନ ଥିଲା ସାମାନ୍ୟ ପାଉଁରୁଟି ଛାଡ଼ିବା ଯେ ତାଙ୍କ ଘରେ ଏତେ ଖୁସି ଆଣିବ ସେ କେବେ ଭାବି ନ ଥିଲେ। ଷ୍ଟିଫେନ କୁହନ୍ତି, ଡାକ୍ତରମାନେ ଯେତେବେଳେ ତାଙ୍କୁ ମନା କରିଥିଲେ ସେ କେବେ ଆଉ ମା'-ବାପା ହୋଇପାରିବେନି ସେମାନେ ସନ୍ତାନ ଆଶା ଛାଡ଼ି ଦେଇଥିଲେ। ମାତ୍ର ବ୍ରେଡ୍ ଛାଡ଼ିବା ଯୋଗୁ ତାଙ୍କ ଜୀବନରେ ଖୁସି ଭରି ଯିବ ବୋଲି କେବେ ଚିନ୍ତା କରି ନ ଥିଲେ। ରେଚଲ ଏବେ ମା' ହେବାକୁ ଯାଉଛନ୍ତି। ଏହି ଖୁସିରେ ଦମ୍ପତିଙ୍କ ଗୋଡ଼ ଆଉ ତଳେ ଲାଗୁନି। ପରିବାର ଲୋକେ ମଧ ଏହି ଖବର ଶୁଣି ବହୁତ ଖୁସି ଅଛନ୍ତି ବୋଲି କୁହନ୍ତି ରେଚଲ।

## ଭୋଗ ହୁଏ ପଥର

**ରାଞ୍ଚି:** ଝାଡ଼ଖଣ୍ଡରେ ଏକ ମନ୍ଦିର ରହିଛି, ଯେଉଁଠି ଭକ୍ତମାନେ ଠାକୁରଙ୍କ ପାଖରେ ମାନସିକ କରି କେବଳ ପଥର ଅର୍ପଣ କରିଥାନ୍ତି। ରାମଗଡ଼ ଜିଲ୍ଲାରେ ଥିବା ପତରାତୁ ଡ୍ୟାମ୍ ନିକଟରେ ରହିଛି ମାଆ ପଞ୍ଚବାହିନୀ ମନ୍ଦିର। ଏହି ମନ୍ଦିରରେ ଭକ୍ତମାନେ ପଥର ଅର୍ପଣ କଲେ ସେମାନଙ୍କ ମନସ୍କାମନା ପୂରଣ ହୁଏ ବୋଲି ବିଶ୍ୱାସ ରହିଛି। ସେଥିପାଇଁ ଭକ୍ତମାନେ ଏହି ମନ୍ଦିରରେ କୌଣସି ପ୍ରକାରର ଫୁଲ କିମ୍ବା ପ୍ରସାଦ ଅର୍ପଣ କରି ନ ଥାନ୍ତି। ବରଂ ଏସବୁ ବଦଳରେ କେବଳ ପଥର ଖଣ୍ଡେ ଅର୍ପଣ କରି ପୂଜାର୍ଚ୍ଚନା କରିଥାନ୍ତି। ବିଧି ମୁତାବକ ପଥର ଅର୍ପଣ କରିବା ପରେ ଭକ୍ତମାନେ ଫେରି ଯାଇଥାଆନ୍ତି। ଏହାପରେ ମନସ୍କାମନା ପୂରଣ ହେବା ପରେ ପୁଣି ଥରେ ମାଆଙ୍କ ପାଖକୁ ଆସି ସେହି ମାନସିକ ପଥରକୁ ନେଇ ପାଖରେ ଥିବା ନଳକାରୀ ନଦୀରେ ବିସର୍ଜନ କରି ଦେଇଥାନ୍ତି। ଗାଁ ଲୋକଙ୍କ କହିବା ଅନୁସାରେ ମନ୍ଦିର ସ୍ଥାପନ ହେବା ଦିନଠାରୁ ଏଠାରେ ପଥର ଚଢ଼ାଇବା ପରମ୍ପରା ରହି ଆସିଛି। ୧୯୬୨ ମସିହାରେ ଏହି ମନ୍ଦିରକୁ ଗାଁ ଲୋକେ ନିର୍ମାଣ କରାଇଥିଲେ।

# ଟାୱାର ଉପରେ ୧୩୫ ଦିନ



**ଚଣ୍ଡିଗଡ଼:** ପଞ୍ଜାବର ଗୁରୁଦାସପୁରରେ ଜଣେ ଯୁବକ ୨୦୦ ଫୁଟ ଉଚ୍ଚର ଟାୱାର ଉପରେ ଦିନେ କି ଦୁଇଦିନ ନୁହେଁ, ପୂରା ୧୩୫ ଦିନ ବିତାଇଛନ୍ତି। ପ୍ରବଳ ଖରା, ବର୍ଷାକୁ ଖାତିର ନ କରି ଏହି ଟାୱାର ଉପରେ ରହିଥିଲେ ଯୁବକ ଜଣକ। ପୋଲିସ ଏବଂ ପ୍ରଶାସନ ତାଙ୍କୁ ଟାୱାର ଉପରୁ ଓହ୍ଲାଇବା ପାଇଁ କହିଥିଲେ ମଧ ସେ ଓହ୍ଲାଇ ନ ଥିଲେ। ସେ କହିଲେ ମୋ' ସର୍ତ୍ତ ପୂରଣ ନ ହେବା ଯାଏ ଟାୱାର ଉପରୁ ଓହ୍ଲାଇବି ନାହିଁ। ଏହି ଯୁବକଙ୍କ ନାଁ ସୁରେନ୍ଦ୍ର ପାଲ ସିଂହ। ସେ ଇଟିଟି ଟେଷ୍ଟରେ ପାସ କରିବା ପରେ ଶିକ୍ଷକରେ ଭର୍ତ୍ତି ହେବା ପାଇଁ ଅପେକ୍ଷା କରିଥିଲେ। ମାତ୍ର ଦୀର୍ଘଦିନ ଧରି ଚାକିରି ପାଇଁ କୌଣସି ନୋଟିସ ଆସିଲା ନାହିଁ। ବେରୋଜଗାର କାରଣ ଯୋଗୁ ସେ ଭାଙ୍ଗି ପଡ଼ିଥିଲେ। ସେ ସରକାରଙ୍କ ଅବହେଳାକୁ ଦାୟୀ କରି ଏପରି ଭିନ୍ନ ଆନ୍ଦୋଳନ ଆରମ୍ଭ କରିଥିଲେ। ସୁରେନ୍ଦ୍ର ଗୁରୁଦାସପୁରସ୍ଥିତ ଏକ ମୋବାଇଲ ଟାୱାର ଉପରେ ଚଢ଼ି ଯାଇଥିଲେ। ଏହି ଟାୱାର ଉପରେ ସେ ୧୩୫ ଦିନ ରହିଥିଲେ। ଏହା ପରେ ସରକାର ୬୦୦୦ ନୂଆ ଶିକ୍ଷକ ଭର୍ତ୍ତି ପାଇଁ ଘୋଷଣା କରିଥିଲେ। ସୁରେନ୍ଦ୍ର ଏହା ଜାଣିବା ପରେ ଖୁସିରେ ନାଚି ଉଠିବା ସହ ଟାୱାର ଉପରୁ ଓହ୍ଲାଇଥିଲେ। ଅନ୍ୟପକ୍ଷରେ ଦୀର୍ଘଦିନ ଧରି ସେ ଖରା, ବର୍ଷାରେ ଟାୱାରରେ ଉପରେ ରହି ତାଙ୍କର ସ୍ୱାସ୍ଥ୍ୟ ଖରାପ ହୋଇଯାଇଛି। ସେ ଠିକ୍ ଭାବେ ଠିଆ ହୋଇପାରୁନାହାନ୍ତି। ପ୍ରଶାସନିକ ଅଧିକାରୀମାନେ ଆମ୍ବୁଲାନ୍ସ ଡକାଇ ତାଙ୍କୁ ହସ୍ପିଟାଲ ନେଇଛନ୍ତି। ସେଠାରେ ତାଙ୍କର ଚିକିତ୍ସା ଚାଲିଛି। ସୁରେନ୍ଦ୍ର ସରକାରଙ୍କୁ ଧନ୍ୟବାଦ ଦେଇଛନ୍ତି।



# କ୍ରିକେଟ ଖେଳିବେ ଜାହ୍ନବୀ କପୁର

**ମୁମ୍ବାଇ:** ବଲିଉଡ ନାୟିକା ଜାହ୍ନବୀ କପୁରଙ୍କ ହାତରେ ଏବେ ଅଫର ପରେ ଅଫର୍ । ମାର୍ଚ୍ଚରେ ରିଲିଜ ହୋଇଥିବା ଫିଲ୍ମ 'ରୁହି'ରେ ଜାହ୍ନବୀ ଅଭିନେତା ରାଜକୁମାର ରାଓଙ୍କ ସହ ନଜର ଆସିଥିଲେ । ଏଥର ପୁଣିଥରେ ଏହି ଯୋଡିଙ୍କୁ ଦେଖିବାକୁ ମିଳିବ ବୋଲି ଶୁଣାଯାଉଛି । ମୁଭି 'ଗୁଞ୍ଜନ ସକ୍ସେନା'ର ନିର୍ଦ୍ଦେଶକ ଶରନ ଶର୍ମା ପୁଣିଥରେ ଜାହ୍ନବୀଙ୍କୁ ନେଇ କୁଆଡେ କାମ ଆରମ୍ଭ କରିବାକୁ ଯାଉଛନ୍ତି । ଏଥିରେ ସେ ରାଜକୁମାର ରାଓଙ୍କୁ ନାୟକ ଭୂମିକାରେ ନେଇ ପାରନ୍ତି ବୋଲି କୁହାଯାଉଛି । ମିଡିଆ ରିପୋର୍ଟ ଅନୁଯାୟୀ, ଏବେ ସ୍କ୍ରିପ୍ଟ ଉପରେ କାମ ଚାଲିଛି । ଫିଲ୍ମର ଟାଇଟଲ ଫାଇନାଲ ହୋଇ ନ ଥିଲେ ବି ଜାହ୍ନବୀ ଓ ରାଜକୁମାର ଏଥିରେ କ୍ରିକେଟର୍ସ ଭୂମିକାରେ ନଜର ଆସିବେ ବୋଲି କୁହାଯାଉଛି । ଏଥିପାଇଁ ସେମାନଙ୍କୁ ଟ୍ରେନିଂ ବି ଦିଆଯିବ । ଏବେ ଜାହ୍ନବୀଙ୍କ ହାତରେ ହେଲେନ, ଦୋସ୍ତାନା-୨ ଭଳି ବଡ଼ ବଡ଼ ପ୍ରୋଜେକ୍ଟ ଥିବା ବେଳେ ରାଜକୁମାର ରାଓଙ୍କ ହାତରେ ବି ଏକାଧିକ ଅଫର ରହିଛି। ସେ 'ହମ ଦୋ ହମାରେ ଦୋ', 'ବଧାଇ ଦୋ', 'ସେକେଣ୍ଡ ଇନିଙ୍ଗସ'ରେ ନଜର ଆସିବେ।

## ନୋ କିସିଂ ଜୋନ୍ ସୋସାଇଟି

**ମୁମ୍ବାଇ:** ନୋ ସ୍ମୋକିଂ ଜୋନ, ନୋ ରେସ୍ ଡ୍ରାଇଭିଂ ଜୋନ୍ ନୋ ଲିଟରିଂ ଜୋନ ଆଦି ସମ୍ପର୍କରେ ସଭିଏଁ ଜାଣିଥିବେ। ତେବେ ନୋ କିସିଂ ଜୋନ୍ ସମ୍ପର୍କରେ ଶୁଣିଲେ ଯେ କେହି ଘଡ଼ିଏ ନିଶ୍ଚିତ ଚିନ୍ତା କରିବେ। ଏଭଳି ଏକ ଜୋନ ମୁମ୍ବାଇର ବୋରିୱାଲିସ୍ଥିତ ସତ୍ୟମ ଶିବମ ସୁନ୍ଦରମ ସୋସାଇଟିରେ ରହିଛି। ଏହି ଅଞ୍ଚଳରେ ପୂର୍ବରୁ ଭିଡ଼ ଜମୁଥିଲା। ପ୍ରେମିକ ପ୍ରେମିକାମାନେ ଏଠାରେ ଭିଡ଼ ଜମାଇବା ସହିତ ଆପତ୍ତିଜନକ କାର୍ଯ୍ୟ କଳାପ କରୁଥିଲେ। ଏହାଯୋଗୁ ସ୍ଥାନୀୟ ବାସିନ୍ଦା ବିରକ୍ତ ହୋଇପଡ଼ିଥିଲେ। ରାସ୍ତାରେ ଯିବା ଆସିବା ସମୟରେ ଏଭଳି ଦୃଶ୍ୟ ଦେଖିବାକୁ ପଡୁଥିବାରୁ ସେମାନେ ଅସନ୍ତୋଷ ପ୍ରକାଶ କରିଥିଲେ। ଏଭଳି କାର୍ଯ୍ୟକୁ ରୋକିବା ଲାଗି ସ୍ଥାନୀୟ ବାସିନ୍ଦା ଏକ ଏକ ପଦକ୍ଷେପ ଗ୍ରହଣ କରିଛନ୍ତି।




ସେମାନେ ଏଠାରେ ବୋର୍ଡରେ ନୋ କିସିଂ ଜୋନ ଲେଖିବା ସହିତ ରାସ୍ତାରେ ମଧ ଏଭଳି ଲେଖିଛନ୍ତି। ସୋସାଇଟିର ଫାଟକ ସମ୍ମୁଖରେ ଏହି ସାଇନ ବୋର୍ଡ ଲଗାଯାଇଛି। ଏବେ ଏହା ସୋସିଆଲ ମିଡ଼ିଆରେ ଭାଇରାଲ ହେବାରେ ଲାଗିଛି।

## CLASSIFIED DISPLAY

**MORE SPACE • SAME PRICE** — TARIFF — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**NURSING**
ADMISSION OPEN
For Session 2021-22
Courses Offered
B.Sc. Nursing (4 yrs.)
(Approved by ONMRC, BBSR, and Affiliated by Utkal University, BBSR.
GNM (3 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
ANM (2 yrs.)
(Approved by ONMRC, BBSR and Affiliated by Indian Nursing Council, New Delhi)
DMLT (2 yrs.)
(Approved by DMLT / RT Council BBSR)
PALLI CHANDAN
GROUP OF INSTITUTION
Women's College Road, Nimapada, Puri-752106
Ph.- 9437282699 / 9658570761
Email- kamal2007@pcgi.co.in

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍
ବାବା ଅମନ ବଙ୍ଗାଲୀ
ବ୍ୟବସାୟ, ବିବାହ/ପ୍ରେମରେ ସମସ୍ୟା, ସଉତୁଣୀ/ଶତ୍ରୁ ମୁକ୍ତି, ଗୃହକ୍ଲେଶ, ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ପୋତାଧନ ଇତ୍ୟାଦି
କୌଣସି ପଣ୍ଡିତ, ମୌଲବୀ, ତାନ୍ତ୍ରିକ, ଅଘୋରି ବାବା ମୁଁ କରିଥିବା କାମକୁ କାଟିଲେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବଶୀକରଣ, ମୂଠକରଣୀ ଏବଂ କଳାଯାଦୁ ସ୍ପେଶାଲିଷ୍ଟ
8882703236
8750699637

**ALL EDITION - B/W (Everyday)**
for Booking Contact:
0674-2580385
8637280816, 9338757574
7894447167, 9338226625

**ପାଠକଙ୍କ ପାଇଁ ସୂଚନା:** ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


ନାଓମି ଓସାକା


ମାଇକେଲେ ଲି ଅହେ


ଜେସିକା ଫକ୍ସ


ଫ୍ରାନ୍ସିନ ନିୟୋନସାବା

## ଟୋକିଓ ଅଲିମ୍ପିକ୍ସରେ ନିଆରା ହେୟାର କଟ୍

**ଟୋକିଓ,୨।୮:** ବିଶ୍ୱର ସର୍ବଶ୍ରେଷ୍ଠ କ୍ରୀଡ଼ା ସମାରୋହ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିବା ଓ ପୋଡିୟମ ଫିନିଶ କରିବା ସବୁ ଆଥଲେଟଙ୍କର ଏକ ବଡ଼ ସ୍ୱପ୍ନ ରହିଥାଏ। ନିଜ ଇଭେଣ୍ଟରେ ସଫଳତା ହାସଲ କରିବାକୁ ପ୍ରୟାସ କରିବା ସହ କେତେଜଣ ଆଥଲେଟ ନିଜର ବିଭିନ୍ନ ନିଆରା ଷ୍ଟାଇଲ୍ କାରଣରୁ ଚର୍ଚ୍ଚିତ ରହିବା ସହ ଅନ୍ୟମାନଙ୍କର ଦୃଷ୍ଟିଆକର୍ଷଣ କରିଥାନ୍ତି। ଜାପାନ ରାଜଧାନୀ ଟୋକିଓରେ ଚାଲିଥିବା ଅଲିମ୍ପିକ୍ସର ୩୨ତମ ସଂସ୍କରଣରେ ମଧ୍ୟ ଏମିତି କେତେଜଣ ଆଥଲେଟ୍‌ଙ୍କୁ ଦେଖିବାକୁ ମିଳିଛି। ଏହି ଆଥଲେଟମାନଙ୍କ ହେୟାର ଷ୍ଟାଇଲକୁ ପ୍ରଶଂସକମାନେ ପସନ୍ଦ କରିଛନ୍ତି।

ଏହି ଦୃଷ୍ଟିକୋଣରୁ ଦେଖିବାକୁ ଗଲେ ଜାପାନ ମହିଳା ଟେନିସ ତାରକା ନାଓମି ଓସାକାଙ୍କ ନାମ ପ୍ରଥମେ ଆସିବ। ଜୁଲାଇ ୨୩ରେ ଟୋକିଓ ସ୍ଥିତ ନ୍ୟାଶନାଲ ଷ୍ଟାଡିୟମରେ ଉଦ୍‌ଘାଟନୀ ଉତ୍ସବ ସମାରୋହରେ ଓସାକା ଅଲିମ୍ପିକ୍ସ କଲ୍‌ଡ୍ରନ ତଥା ଅଗ୍ନିକୁଣ୍ଡରେ ଜ୍ୟୋତି ପ୍ରଜ୍ୱଳନ କରିବା ଅବସରରେ ନିଜର ସ୍ୱତନ୍ତ୍ର କେଶବିନ୍ୟାସ ପାଇଁ ସମସ୍ତଙ୍କ ନଜରକୁ ଆସିବା ସହ ଚର୍ଚ୍ଚିତ ହୋଇଥିଲେ। ୪ଟି ଗ୍ରାଣ୍ଡସ୍ଲାମ ସିଙ୍ଗଲ୍ସ ଟାଇଟଲ ଜିତିଥିବା ଓସାକା ଗାଢ଼ ନାଲି ଓ ଧଳା ରଙ୍ଗରେ ନିଜର କେଶକୁ ରଙ୍ଗିନ କରିଥିଲେ। ଜ୍ୟୋତି ପ୍ରଜ୍ୱଳନ କରିବା ଅବସରରେ ସେ ବେଶ୍ ଆକର୍ଷଣୀୟ ମନେହେଉଥିଲେ। ସେଣ୍ଟ କିଟ୍ସ ଓ ନେଭିସ୍‌ର ଟ୍ରାକ ଆଣ୍ଡ ଫିଲ୍ଡ ଆଥଲେଟ ଅମ୍ୟା କ୍ଲାର୍କ ନିଅନ ପିଙ୍କ ରଙ୍ଗରେ ନିଜର ସ୍ୱତନ୍ତ୍ର କେଶବିନ୍ୟାସ କରିଥିଲେ। ସେହିପରି ଫ୍ରାନ୍ସର ଜୁଡୋ ଫାଇଟର ରୋମାନେ ଡିକୋ ନିଜର ହେୟାର ଷ୍ଟାଇଲ ଓ ପ୍ରଦର୍ଶନ ପାଇଁ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ସେ ଚଳିତ ଅଲିମ୍ପିକ୍ସରେ ମିକ୍ସଡ ଟିମ୍ ଇଭେଣ୍ଟରେ ସ୍ୱର୍ଣ୍ଣ ଓ + ୭୮ କେ.ଜି. ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଥିଲେ।

କେତେଜଣ ଆଥଲେଟ ନିଜର ପ୍ରଦର୍ଶନ ଅପେକ୍ଷା ସୁସଜ୍ଜିତ କେଶବିନ୍ୟାସ କାରଣରୁ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଥିଲେ। ମଙ୍ଗୋଲିଆର କୋଚ୍ ଅନଣ୍ଡ୍ରାଲବାଟ୍ ଏଲ୍‌ଖାଗଭା ଅଲିମ୍ପିକ୍ସ ରିଙ୍ଗ୍ ଶୈଳୀରେ ହେୟାର କଟ୍ କରିଛନ୍ତି। ସେହିପରି ୫୦୦୦ ମିଟର ଦୌଡ଼ ଫିନିଶ କରିଥିବା ବୁରୁଣ୍ଡି ଧାବିକା ଫ୍ରାନ୍‌ସିନ ନିୟୋନସାବାଙ୍କ କେଶବିନ୍ୟାସ ମଧ୍ୟ ନିଆରା ଥିଲା। ସେହିପରି ଆଙ୍ଗୋଲା ମହିଳା ହ୍ୟାଣ୍ଡବଲ୍ ଖେଳାଳି ଆଜେନେଡ କାର୍ଲୋସ୍ ସବୁଜ ରଙ୍ଗରେ କେଶ ସଜାଇ ପ୍ରତିଯୋଗିତାରେ ଅବତୀର୍ଣ୍ଣ ହୋଇଥିଲେ। ରୁଷୀୟ ଅଲିମ୍ପିକ୍ କମିଟି ମହିଳା ରଗବୀ ଖେଳାଳି ଅଲେନା ଟିରୋନ ବାଇଗଣି ରଙ୍ଗରେ କେଶ ସଜାଇଥିଲେ। ତ୍ରିନିଦାଦ ଓ ଟବାଗୋ ୧୦୦ମିଟର ମହିଳା ରନର ମାଇକେଲେ ଲି ଅହେ ନାରଙ୍ଗୀ ରଙ୍ଗରେ କେଶ ବିନ୍ୟାଶ କରି ପ୍ରତିଯୋଗିତାକୁ ଓହ୍ଲାଇ ଥିଲେ। ଜାମ୍ବିଆର ୧୦୦ମିଟର ଧାବିକା ରୋଡା ଏନ୍‌ଜୋବଭୁ ଧଳା ଓ ମାଟିଆ ରଙ୍ଗରେ କେଶସଜ୍ଜା କରିଥିଲେ। ସେହିପରି ବାର୍ବାଡୋସ୍‌ର ୪୦୦ ମିଟର ହର୍ଡଲ୍ସ ଧାବିକା ଟିଆ- ଆଡାନ ବେଲେ ସମ୍ପୂର୍ଣ୍ଣ ଭାବେ ନୀଳ ରଙ୍ଗ ଓ ନୂଆ ରୂପରେ ନିଜର କେଶସଜ୍ଜା କରିଥିଲେ। ଜାମାଇକା ୧୦୦ମିଟର ଧାବିକା ଶେଲି- ଅନ ଫ୍ରାଜର- ପ୍ରାଇସ, ଚାଇନାର ମହିଳା ଡାଇଭର ଶି ଟିଙ୍ଗ୍‌ମାଓ, କେନିଆର ମହିଳା ବିଚ୍ ଭଲିବଲ ଖେଳାଳି ଗାଉଡେନ୍ସିଆ ମାକୋଖା, ଆମେରିକା ମହିଳା ଶଟ୍‌ପୁଟର ରାଭେନ ସଣ୍ଡର୍ସ, ସୋଲୋମନ ଆଇଲାଣ୍ଡର ତାରକା ସନ୍ତରଣକାରୀ ଏଡଗାର ରିଚାର୍ଡସନ, ନେଦରଲାଣ୍ଡସର ୱିଣ୍ଡ ସର୍ଫର କିରନ ବାଡଲୋଏ ମଧ୍ୟ ବିଭିନ୍ନ ରଙ୍ଗରେ କେଶ ସଜାଇ ସମସ୍ତଙ୍କୁ ପ୍ରଭାବିତ କରିବାକୁ ପ୍ରୟାସ କରିଥିଲେ। ତେବେ ଫ୍ରାନ୍ସ ଜୁଡୋକା ରୋମେନ ଡିକ୍‌କୋ ଧଳା, ନାଲି ଓ ବ୍ଲୁ ରଙ୍ଗରେ କେଶସଜ୍ଜା କରିଥିଲେ। ଆମେରିକା ବାସ୍କେଟବଲ ଖେଳାଳି ବ୍ରିଟନେ ଗ୍ରିନର, କାନୋଏ ସ୍ଲାଲୋମ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବା ଜେସିକା ଫକ୍ସଙ୍କ ମେଡାଲ ସେରିମନିରେ ନିଜର କେଶସଜ୍ଜା ପାଇଁ ଗଣମାଧ୍ୟମଗୁଡିକର ଦୃଷ୍ଟିଆକର୍ଷଣ କରଥିଲେ। ପଦକ ପିନ୍ଧିବା ବେଳେ ତାଙ୍କ କେଶ ଉପରକୁ ଠିଆ ହୋଇଥିବାର ଦେଖାଯାଇଥିଲା ଓ ଏହା ବେଶ୍ କୌତୂହଳ ସୃଷ୍ଟି କରିଥିଲା। କ୍ୟୁବାର ମହିଳା ଜୁଡୋ ତାରକା ଇଡାଲିସ୍ ଓର୍ଟିଜ୍, ଦକ୍ଷିଣ ଆଫ୍ରିକାର ୧୦୦ ମିଟର ଧାବକ ଶନ ମାସ୍ୱାଙ୍ଗାନୀ, ଜାମାଇକା ୮୦୦ ମିଟର ଧାବିକା ନଟୋୟା ଗୌଲ, ଫ୍ରାନ୍ସର ରେସିଂ ସାଇକ୍ଲିଷ୍ଟ ମେଲଭିନ ଲଣ୍ଡେରନେଉ ଓ ଅଲିମ୍ପିକ ଆୟୋଜକ ଜାପାନର ତାରକା ଆର୍ଟିଷ୍ଟିକ ଜିମ୍ନାଷ୍ଟ କାଜୁମା କାୟା ନିଜର ହେୟାର ଷ୍ଟାଇଲ ପାଇଁ ବେଶ୍ ଚର୍ଚ୍ଚିତ ହୋଇଛନ୍ତି।


ଅଲେନା ଟିରୋନ୍


ରୋମାନେ ଡିକୋ


ଗାଉଡେନ୍ସିଆ ମାକୋଖା



ଆଜେନାଇଡ୍ କାର୍ଲୋସ


ଅମ୍ୟା କ୍ଲାର୍କ


ଶନ ମାସ୍ୱାଙ୍ଗାନୀ


ଶି ଟିଙ୍ଗମାଓ


ରାଭେନ ସଣ୍ଡର୍ସ



## ଅଲିମ୍ପିକ୍ସ ପଦକ ତାଲିକା

| ଦେଶ | ସ୍ୱର୍ଣ୍ଣ | ରୌପ୍ୟ | ବ୍ରୋଞ୍ଜ | ମୋଟ |
|---|---|---|---|---|
| ଚାଇନା | ୨୯ | ୧୭ | ୧୬ | ୬୨ |
| ଆମେରିକା | ୨୨ | ୨୫ | ୧୭ | ୬୪ |
| ଜାପାନ | ୧୭ | ୬ | ୧୦ | ୩୩ |
| ଅଷ୍ଟ୍ରେଲିଆ | ୧୪ | ୪ | ୧୫ | ୩୩ |
| ଆରଓସି | ୧୨ | ୨୧ | ୧୭ | ୫୦ |
| ଗ୍ରେଟ ବ୍ରିଟେନ | ୧୧ | ୧୨ | ୧୨ | ୩୫ |
| ଫ୍ରାନ୍ସ | ୬ | ୧୦ | ୭ | ୨୩ |
| ଜର୍ମାନୀ | ୬ | ୬ | ୧୧ | ୨୩ |
| ଦକ୍ଷିଣ କୋରିଆ | ୬ | ୪ | ୯ | ୧୯ |
| ନେଦରଲାଣ୍ଡ୍ସ | ୫ | ୭ | ୬ | ୧୮ |
| ଇଟାଲୀ | ୪ | ୯ | ୧୫ | ୨୮ |
| ନ୍ୟୁଜିଲାଣ୍ଡ | ୪ | ୩ | ୪ | ୧୧ |
| ଚେକ୍ ରିପବ୍ଲିକ୍ | ୪ | ୩ | ୧ | ୮ |
| କାନାଡ଼ା | ୩ | ୪ | ୭ | ୧୪ |
| ସୁଇଜରଲାଣ୍ଡ | ୩ | ୪ | ୫ | ୧୨ |
| କ୍ରୋଏସିଆ | ୩ | ୨ | ୨ | ୭ |
| ଚାଇନିଜ୍ ତାଇପେ | ୨ | ୪ | ୪ | ୧୦ |
| ବ୍ରାଜିଲ | ୨ | ୩ | ୫ | ୧୦ |
| କ୍ୟୁବା | ୨ | ୩ | ୩ | ୮ |
| ହଙ୍ଗେରି | ୨ | ୨ | ୨ | ୬ |
| ଡେନମାର୍କ | ୨ | ୧ | ୨ | ୫ |
| ସ୍ଲୋଭେନିଆ | ୨ | ୧ | ୧ | ୪ |
| ଇକ୍ୱେଡର | ୨ | ୧ | ୦ | ୩ |
| ଗ୍ରୀସ୍ | ୨ | ୦ | ୧ | ୩ |
| କୋସୋଭୋ | ୨ | ୦ | ୦ | ୨ |
| କାତାର | ୨ | ୦ | ୦ | ୨ |
| ଜର୍ଜିଆ | ୧ | ୪ | ୧ | ୬ |
| ସ୍ପେନ | ୧ | ୩ | ୩ | ୭ |
| ରୋମାନିଆ | ୧ | ୩ | ୦ | ୪ |
| ସୁଇଡେନ | ୧ | ୩ | ୦ | ୪ |
| ଭେନଜୁଏଲା | ୧ | ୩ | ୦ | ୪ |
| ହଂକଂ | ୧ | ୨ | ୦ | ୩ |
| ଦକ୍ଷିଣ ଆଫ୍ରିକା | ୧ | ୨ | ୦ | ୩ |
| ସ୍ଲୋଭାକିଆ | ୧ | ୨ | ୦ | ୩ |
| ଅଷ୍ଟ୍ରିଆ | ୧ | ୧ | ୩ | ୫ |
| ଇଣ୍ଡୋନେସିଆ | ୧ | ୧ | ୩ | ୫ |
| ସର୍ବିଆ | ୧ | ୧ | ୩ | ୫ |
| ଜାମାଇକା | ୧ | ୧ | ୨ | ୪ |
| ବେଲଜିୟମ | ୧ | ୧ | ୧ | ୩ |
| ଇଥିଓପିଆ | ୧ | ୧ | ୧ | ୩ |
| ନରୱେ | ୧ | ୧ | ୧ | ୩ |
| ପୋଲାଣ୍ଡ | ୧ | ୧ | ୦ | ୨ |
| ଟ୍ୟୁନିସିଆ | ୧ | ୧ | ୦ | ୨ |
| ତୁର୍କୀ | ୧ | ୦ | ୪ | ୫ |
| ଆୟର୍ଲାଣ୍ଡ | ୧ | ୦ | ୨ | ୩ |
| ଇସ୍ରାଏଲ | ୧ | ୦ | ୨ | ୩ |
| ବେଲାରୁଷ | ୧ | ୦ | ୧ | ୨ |
| ଇସ୍ତୋନିଆ | ୧ | ୦ | ୧ | ୨ |
| ଫିଜି | ୧ | ୦ | ୧ | ୨ |
| ଉଜ୍‌ବେକିସ୍ତାନ | ୧ | ୦ | ୧ | ୨ |
| ବର୍ମୁଡା | ୧ | ୦ | ୦ | ୧ |
| ଇରାନ | ୧ | ୦ | ୦ | ୧ |
| ଲାଟଭିଆ | ୧ | ୦ | ୦ | ୧ |
| ମରକ୍କୋ | ୧ | ୦ | ୦ | ୧ |
| ଫିଲିପାଇନ୍ସ | ୧ | ୦ | ୦ | ୧ |
| ପ୍ୟୁଏର୍ଟୋ ରିକୋ | ୧ | ୦ | ୦ | ୧ |
| ଥାଇଲାଣ୍ଡ | ୧ | ୦ | ୦ | ୧ |
| କଲମ୍ବିଆ | ୦ | ୨ | ୧ | ୩ |
| ଡୋମିନିକାନ ରିପବ୍ଲିକ | ୦ | ୨ | ୧ | ୩ |
| ୟୁକ୍ରେନ | ୦ | ୧ | ୫ | ୬ |
| ମଙ୍ଗୋଲିଆ | ୦ | ୧ | ୨ | ୩ |
| **ଭାରତ** | **୦** | **୧** | **୧** | **୨** |
| କେନିୟା | ୦ | ୧ | ୧ | ୨ |
| ପର୍ତ୍ତୁଗାଲ | ୦ | ୧ | ୧ | ୨ |
| ସାନ୍ ମାରିନୋ | ୦ | ୧ | ୧ | ୨ |
| ଉଗାଣ୍ଡା | ୦ | ୧ | ୧ | ୨ |
| ବୁଲଗେରିଆ | ୦ | ୧ | ୦ | ୧ |
| ଜୋର୍ଡାନ | ୦ | ୧ | ୦ | ୧ |
| ନର୍ଥ ମାସେଡୋନିଆ | ୦ | ୧ | ୦ | ୧ |
| ତୁର୍କମେନିସ୍ତାନ | ୦ | ୧ | ୦ | ୧ |
| କାଜାଖସ୍ତାନ | ୦ | ୦ | ୩ | ୩ |
| ମେକ୍ସିକୋ | ୦ | ୦ | ୩ | ୩ |
| ଆଜରବୈଜାନ | ୦ | ୦ | ୨ | ୨ |
| ଇଜିପ୍ଟ | ୦ | ୦ | ୨ | ୨ |
| ଆର୍ଜେଣ୍ଟିନା | ୦ | ୦ | ୧ | ୧ |
| ଆର୍ମେନିଆ | ୦ | ୦ | ୧ | ୧ |
| ଆଇଭରି କୋଷ୍ଟ | ୦ | ୦ | ୧ | ୧ |
| ଫିନ୍‌ଲାଣ୍ଡ | ୦ | ୦ | ୧ | ୧ |
| କୁଏତ | ୦ | ୦ | ୧ | ୧ |
| ମାଲେସିଆ | ୦ | ୦ | ୧ | ୧ |

## ନରେଶଙ୍କୁ ପାରାଲିମ୍ପିକ୍ସ ଦଳରେ ସାମିଲ ପାଇଁ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

**ନୂଆଦିଲ୍ଲୀ, ୨।୮ (ପି.ଟି.):** ଆସନ୍ତା ଟୋକିଓ ଗେମ୍ସ ପାଇଁ ୫ଥର ପାରାଲିମ୍ପିଆନ ଶୁଟର ନରେଶ କୁମାର ଶର୍ମାଙ୍କୁ ତୁରନ୍ତ ଜଣେ ଅତିରିକ୍ତ ପ୍ରତିଯୋଗୀ ଭାବେ ଭାରତୀୟ ଦଳରେ ସାମିଲ କରିବା ଲାଗି ସୁପ୍ରିମକୋର୍ଟ ସୋମବାର ପାରାଲିମ୍ପିକ କମିଟି ଅଫ୍ ଇଣ୍ଡିଆ(ପିସିଆଇ)କୁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ଏ.ଏମ୍. ଖାନ୍‌ୱିଲକର, ବି.ଆର୍. ଗାଭି ଓ କ୍ରିଷ୍ଣା ମୁରାରିଙ୍କୁ ନେଇ ଗଠିତ ଖଣ୍ଡପୀଠ ଏକ ଜରୁରୀ ଶୁଣାଣିରେ ଏହି ଅର୍ଜୁନ ପୁରସ୍କାର ବିଜେତା ଶୁଟରଙ୍କୁ ସ୍ପୋର୍ଟିଂ ଇଭେଣ୍ଟରେ ଭାଗ ନେବା ଲାଗି ପଠାଇବା ପାଇଁ ପିସିଆଇକୁ ନିର୍ଦ୍ଦେଶ ଦେଇଛନ୍ତି। ଶୁଟରଙ୍କ ତରଫରୁ ସିନିୟର ଆଡଭୋକେଟ ବିକାଶ ସିଂ କୋର୍ଟରେ ଉପସ୍ଥିତ ରହିଥିଲେ। ଅଗଷ୍ଟ ୨ସିଲେକ୍ସନ ପାଇଁ ଶେଷ ତାରିଖ ଥିଲା। ଏକ ସଙ୍ଗରେ ୩ ଜଣ ଶୁଟର ପଠାଇ ହେବ ବୋଲି ସେ ଯୁକ୍ତି ଉପସ୍ଥାପନ କରିଥିଲେ। କେନ୍ଦ୍ର ସରକାର କହିଥିଲେ, ଦଳ ସିଲେକ୍ସନ ଏକ କମିଟି ଦ୍ୱାରା ହେଉଛି। ସର୍ବୋଚ୍ଚ ନ୍ୟାୟାଳୟଙ୍କ ଏହି ନିର୍ଦ୍ଦେଶନାମାକୁ କାର୍ଯ୍ୟକାରୀ କରିବାରେ କୌଣସି ଆପତ୍ତି ନାହିଁ। ପଦକ ସଂଖ୍ୟା ବୃଦ୍ଧି ପାଇଲେ ସରକାର ଖୁସି ହେବେ। ଟୋକିଓ ପାରାଲିମ୍ପିକ୍ସ ଅଗଷ୍ଟ ୨୪ରୁ ଆରମ୍ଭ ହେବ। ତାଙ୍କୁ ଚୟନ କରା ନ ଯିବାରୁ ଶୁଟର ଜଣକ ଅସନ୍ତୋଷ ପ୍ରକାଶ କରିଥିଲେ।

## ବାଲାନ୍ସ ବିମ୍ ଫାଇନାଲ୍ସରେ ଭାଗ ନେବେ ବାଇଲ୍ସ

**ଟୋକିଓ, ୨।୮ (ଏପି):** ଆମେରିକାର ଷ୍ଟାର ଜିମ୍ନାଷ୍ଟ ସିମୋନ ବାଇଲ୍ସଙ୍କ ମାନସିକ ସ୍ୱାସ୍ଥ୍ୟାବସ୍ଥାରେ ସୁଧାର ଆସିଛି। ମଙ୍ଗଳବାର ହେବାକୁଥିବା ବାଲାନ୍ସ ବିମ୍ ଫାଇନାଲରେ ସେ ଅଂଶଗ୍ରହଣ କରିବେ। ଏକ ସପ୍ତାହ ହେଲା ସେ ପ୍ରତିଯୋଗିତାରୁ ଦୂରେଇ ଯାଇଥିଲେ। ଏଥିରେ ଯୁକ୍ତରାଷ୍ଟ୍ର ଆମେରିକା (ୟୁଏସ୍‌ଏ) ଜିମ୍ନାଷ୍ଟିକ୍ସ ପକ୍ଷରୁ ଖୁସିବ୍ୟକ୍ତ କରାଯାଇଛି। ବାଇଲ୍ସଙ୍କ ବ୍ୟତୀତ ଆମେରିକାର ଅନ୍ୟ ଜଣେ ସୁନି ଲି' ମଧ୍ୟ ବାଲାନ୍ସ ବିମ୍ ଫାଇନାଲରେ ଭାଗ ନେବେ। ୨୪ବର୍ଷୀୟା ବାଇଲ୍ସ ୫ବର୍ଷ ପୂର୍ବେ ରିଓ ଡି' ଜେନିରୋରେ ବିମ୍‌ରେ ବ୍ରୋଞ୍ଜ ଜିତିଥିଲେ। ଏଥର ଅଲିମ୍ପିକ୍ସ ପାଇଁ ସେ ୮ ମହିଳା ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି। ପ୍ରଥମ ରୋଟେଶନରେ ଭଲ୍ଟରେ ଖରାପ ପ୍ରଦର୍ଶନ ପରେ ସେ ଜୁଲାଇ ୨୭ରେ ଟିମ୍ ଫାଇନାଲରୁ ଓହରିଯାଇଥିଲେ। ତାଙ୍କ ବିନା କିନ୍ତୁ ପ୍ରତିଯୋଗିତାରେ ୩ ଆମେରିକାନ ଟିମ୍ ମେଟ ଭାଗ ନେଇଥିଲେ।

## ମଙ୍ଗଳବାର ଭାରତର କାର୍ଯ୍ୟସୂଚୀ
### (ଭାରତୀୟ ସମୟ ଅନୁସାରେ)

**ଆଥଲେଟିକ୍ସ:**

- ମହିଳା ଜାଭେଲିନ୍ ଥ୍ରୋ କ୍ୱାଲିଫିକେଶନ ଗ୍ରୁପ୍ 'ଏ'-ଅନୁ ରାଣୀ, ସମୟ: ସକାଳ ୫ଟା ୫୦ ମିନିଟ।
- ପୁରୁଷ ଶଟପୁଟ୍ କ୍ୱାଲିଫିକେଶନ ଗ୍ରୁପ୍ ଏ'-ତେଜିନ୍ଦରପାଲ ସିଂ ତୁର୍, ସମୟ: ପ୍ରତ୍ୟୁଷ ୩ଟା ୪୫।

**ହକି:**

- ପୁରୁଷ ସେମିଫାଇନାଲ-ଭାରତ ବନାମ ବେଲଜିୟମ, ସମୟ: ସକାଳ ୭ଟା।

**ରେସ୍‌ଲିଂ:**

- ମହିଳା ୬୨ କେଜି ୭ମ ବାଉଟ୍-ସୋନମ ମଲିକ ବନାମ ବୋଲରତୁୟା ଖୁରେଲଖୁ (ମଙ୍ଗୋଲିଆ), ସମୟ: ସକାଳ ୮ଟା ୩୦।

## ସିଜନ ଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ଦୂତୀ ବିଫଳ

**ଭୁବନେଶ୍ୱର, ୨।୮(କ୍ରୀଡ଼ା ପ୍ରତିନିଧି):** ଭାରତୀୟ ଆଥଲେଟ୍ ଭାବେ ସିଜନଶ୍ରେଷ୍ଠ ପ୍ରଦର୍ଶନ ସତ୍ତ୍ୱେ ଓଡ଼ିଶାର ଦୂତୀ ଚାନ୍ଦ ଟୋକିଓ ଅଲିମ୍ପିକ୍ସ ୨୦୦ ମିଟର ରେସ୍ ଫାଇନାଲ୍ସରେ ପ୍ରବେଶ କରିବାରେ ବିଫଳ ହୋଇଛନ୍ତି। ସୋମବାର ଅନୁଷ୍ଠିତ ରେସ୍‌ର ୪ ନମ୍ବର ହିଟ୍‌ରେ ଦୌଡ଼ିଥିବା ଦୂତୀ ୨୩.୮୫ ସେକେଣ୍ଡ ସମୟ ନେଇ ୭ ଜଣଙ୍କ ମଧ୍ୟରେ ନିମ୍ନରେ ରହିଥିଲେ। ପୂର୍ବରୁ ୧୦୦ ମିଟର ହିଟ୍‌ରେ ମଧ୍ୟ ସେ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ କରିପାରି ନ ଥିଲେ। ୪ ନମ୍ବର ହିଟ୍‌ରେ ନାମ୍ବିଆର କ୍ରିଷ୍ଟିନେ ଏମ୍‌ବୋମା ୨୨.୧୧, ଆମେରିକାର ଗାବ୍ରିଏଲ ଥୋମାସ ୨୨.୨୦ ଓ ନାଇଜରର ଅମିନାତୌ ସେୟିନୀ ୨୨.୭୨ ସେକେଣ୍ଡ ସମୟ ନେଇ ଫାଇନାଲ୍ସକୁ ଯୋଗ୍ୟତା ଅର୍ଜନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ

**ଅଲିମ୍ପିକ୍ସ ୨୦୦ ମିଟର ହିଟ୍**

ଜାମ୍ବିଆର ରୋଡା ଏନ୍‌ଜୋବଭୁ ୨୩.୩୩, ଜର୍ମାନୀର ଜେସିକା-ବିୟାଙ୍କା ୱେସୋଲି ୨୩.୪୧ ଏବଂ ବ୍ରାଜିଲର କ୍ରିଷ୍ଟିନା ଭିଟୋରିଆ ରୋସା ୨୩.୫୯ ସେକେଣ୍ଡ ସମର ସହ ଯଥାକ୍ରମେ ୪ର୍ଥରୁ ୬ଷ୍ଠ ସ୍ଥାନରେ ରହିଥିଲେ।


ମହିଳା ୨୦୦ ମିଟର ହିଟ୍‌ରେ ଦୂତୀ ଚାନ୍ଦ (ବାମରୁ ପ୍ରଥମ)।

## ଅଲିମ୍ପିକ୍ସର ନୂଆ ଟେଷ୍ଟୋଷ୍ଟେରନ ବିବାଦ

**ଟୋକିଓ, ୨।୮ (ଏପି):** ନାମ୍ବିଆର ଦୁଇ ୧୮ ବର୍ଷୀୟା ଧାବିକା ମହିଳା ୨୦୦ ମିଟର ଫାଇନାଲରେ ପ୍ରବେଶ ଦ୍ୱାରା ଅଲିମ୍ପିକ୍ସରେ ନୂଆ ଟେଷ୍ଟୋଷ୍ଟେରନ (ପୁରୁଷ ହରମୋନ) ବିବାଦ ଦେଖା ଦେଇଛି। କିଛି ସପ୍ତାହ ପୂର୍ବେ ଉଭୟଙ୍କୁ ୪୦୦ମିଟର ରେସ୍‌ରେ ଅଂଶଗ୍ରହଣ ପାଇଁ ବାରଣ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଜଣେ ହେଲେ ଖ୍ରିଷ୍ଟିନ ଏମ୍‌ବୋମା।



3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ହକିରେ ସ୍ୱର୍ଣ୍ଣିମ ଯୁଗ ଫେରୁଛି

ନୂଆଦିଲ୍ଲୀ,୨।୮(ପି.ଟି.)

ଅଲିମ୍ପିକ୍ସ ହକିରେ ଭାରତୀୟ ମହିଳା ଦଳ ସେମିଫାଇନାଲରେ ପ୍ରବେଶ କରିବା ପରେ ସାରା ଦେଶରେ ଉତ୍ସବମୁଖର ପରିବେଶ ସୃଷ୍ଟି ହୋଇଛି। ଭାରତର ଏହି ଦୃଷ୍ଟାନ୍ତମୂଳକ ପ୍ରଦର୍ଶନ ଦେଶର ସମଗ୍ର କ୍ରୀଡ଼ାଜଗତକୁ ଖୁସି କରାଇଛି। ପୂର୍ବତନ ଓ ଏବେକାର କ୍ରୀଡ଼ାବିତ୍, ରାଜନେତାମାନେ ଭାରତୀୟ ମହିଳାଙ୍କ ପ୍ରଶଂସାରେ ଶତମୁଖ ହୋଇଛନ୍ତି।

ଭାରତୀୟ ଦଳ ସ୍ୱପ୍ନକୁ ସତରେ ପରିଣତ କରିଛି ବୋଲି ପୂର୍ବତନ ହକି ଅଧିନାୟକ ବୀରେନ ରାସକ୍ୱିନା କହିଛନ୍ତି। ଭାରତୀୟ ଡିଫେନ୍ସ ପ୍ରଦର୍ଶନରେ ପ୍ରଭାବିତ ହୋଇଛି। ଖେଳାଳିମାନେ କେବଳ ଡିଫେଣ୍ଡ

## ସାରା ଦେଶ ଉତ୍ସବମୁଖର

କରିନାହାନ୍ତି ଭଲ ଆଟାକ୍ ମଧ୍ୟ କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷରେ ଭାରତ ନିର୍ଭୀକ ଖେଳ ପ୍ରଦର୍ଶନ କରିଛି। ଫିଟ୍‌ନେସ ଓ ପ୍ରତିଭା ଭାରତୀୟ ଖେଳାଳିଙ୍କ ପାଇଁ ଆଶୀର୍ବାଦ ସଦୃଶ ହୋଇଛି। ବିଶ୍ୱର ଏକ ଶ୍ରେଷ୍ଠ ଦଳ ବିପକ୍ଷରେ ଗୋଲ ସ୍କୋର କରି ବିଜୟୀ ହେବା ନିଶ୍ଚିତ ଭାବେ ଏକ ଐତିହାସିକ ଘଟଣା।

କେନ୍ଦ୍ର କ୍ରୀଡ଼ାମନ୍ତ୍ରୀ ଅନୁରାଗ ସିଂ ଠାକୁର ଟୁଇଟ୍ କରି ଭାରତର ପ୍ରଦର୍ଶନକୁ ଐତିହାସିକ ବୋଲି କହିଛନ୍ତି। ଦଳ ପ୍ରଥମଥର ପାଇଁ ସେମିରେ ପ୍ରବେଶ କରି ସାରା ଦେଶକୁ ଗର୍ବିତ କରିଛି ବୋଲି ସେ କହିଛନ୍ତି। ସେହିପରି ପୂର୍ବତନ କ୍ରୀଡ଼ାମନ୍ତ୍ରୀ କିରେନ ରିଜିଜୁ ମଧ୍ୟ ଟୁଇଟ୍ କରି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଉଭୟ ପୁରୁଷ ଓ ମହିଳା ହକି ଦଳ ସେମିରେ ପ୍ରବେଶ କରିଛି। ଏହି ସଫଳତା ଅବର୍ଣ୍ଣନୀୟ ଓ ପ୍ରଶଂସା କରିବାକୁ ମୋ ପାଖରେ ଭାଷା ନାହିଁ ବୋଲି ରିଜିଜୁ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

ସେହିପରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଧ୍ୟ ଭାରତୀୟ ଦଳର ପ୍ରଶଂସାରେ ଶତମୁଖ ହୋଇଛନ୍ତି। ଓଡ଼ିଶା ସରକାର ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳର ପ୍ରାୟୋଜକ ରହିଛନ୍ତି। ଏହି ବିଜୟ ପାଇଁ ସେ ଭାରତୀୟ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ଦଳ ଏହି ବିଜୟଧାରା ବଜାୟ ରଖୁ ଓ ଦେଶ ପାଇଁ ଗୌରବ ଆଣି ଦେଉ। ଏଥିପାଇଁ ସେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ଦଳ ତା'ର ପ୍ରକୃତ ଶକ୍ତି ଓ ସାମର୍ଥ୍ୟ ପ୍ରଦର୍ଶନ କରିଛି ବୋଲି ପୂର୍ବତନ ଅଧିନାୟକ ତଥା ହକି କିମ୍ବଦନ୍ତୀ ଧନରାଜ ପିଲେ କହିଛନ୍ତି। ଭାରତ ପଦକ ହାସଲଠାରୁ ଆଉ ମାତ୍ର ଗୋଟିଏ ପାଦ ଦୂରରେ ରହିଛି। ମହିଳା ଖେଳାଳିଙ୍କ ପ୍ରଦର୍ଶନରେ ସାରା ଦେଶ ଗର୍ବିତ ବୋଲି ସେ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

ସେହିପରି ପୂର୍ବତନ କ୍ରୀଡ଼ାମନ୍ତ୍ରୀ ତଥା ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଭାରତୀୟ ଶୁଟର ରାଜ୍ୟବର୍ଦ୍ଧନ ସିଂ ରୋଠୋର ଟୁଇଟ୍ କରି ଭାରତୀୟ ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତୀୟ ମହିଳା ଖେଳାଳି ଗୌରବ ଆଣିଦେଇଛନ୍ତି ଓ ସେମିଫାଇନାଲ ପାଇଁ ବିସ୍ତ୍ରା ଶୁଭେଚ୍ଛା ଜଣାଇଛନ୍ତି। ରିଓ ଅଲିମ୍ପିକ୍ସ ବ୍ରୋଞ୍ଜ ପଦକ ବିଜୟିନୀ ସାକ୍ଷୀ ମଲିକ ମଧ୍ୟ ଟୁଇଟ୍ କରି ଦଳକୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ବିଲିୟାର୍ଡ୍ସ ଓ ସ୍ନୁକର ଚାମ୍ପିୟନ ପଙ୍କଜ ଆଡଭାଣୀ ଉଭୟ ପୁରୁଷ ଓ ମହିଳା ଦଳକୁ ଅଭିନନ୍ଦନ ଜଣାଇଛନ୍ତି। ଭାରତର ପ୍ରଦର୍ଶନ ଦୃଷ୍ଟାନ୍ତମୂଳକ ହୋଇଛି ବୋଲି ଫୁଟବଲ ଅଧିନାୟକ ସୁନୀଲ ଛେତ୍ରୀ କହିଛନ୍ତି। ଉଭୟ ପୁରୁଷ ଓ ମହିଳ ଦଳ ପଦକ ହାସଲ କରିବେ ଗେଳି ସେ ଆଶାପ୍ରକାଶ କରିଛନ୍ତି। ସେହିପରି ପୂର୍ବତନ ବ୍ୟାଟ୍ସମ୍ୟାନ ଭିଭିଏସ୍ ଲକ୍ଷ୍ମଣ, ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ସମ୍ପାଦକ ଜୟ ଶାହ ମଧ୍ୟ ଭାରତକୁ ଅଭିନନ୍ଦନ ଜଣାଇବା ସହ ଶୁଭେଚ୍ଛା ଜଣାଇଛନ୍ତି। ମହିଳା ଦଳ ପ୍ରଥମଥର ପାଇଁ ସେମିରେ ପ୍ରବେଶ କରିଛି। ସେହିପରି ପୁରୁଷ ଦଳ ପାଖାପାଖି ୫ ଦଶନ୍ଧି ପରେ ସେମିକୁ ଉଠିଛି। ଏହା ଭାରତୀୟ ହକ ପାଇଁ ଶୁଭ ସୂଚନା ବୋଲି ଲକ୍ଷ୍ମଣ ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।



ଗୋଲ୍ ଦେବାପରେ ଗୁରୁଜିତ୍ କୌର୍‌ଙ୍କୁ ଅଧିନାୟିକା ରାଣୀ ରାମପାଲ ବଧାଇ ଜଣାଉଛନ୍ତି।



ଭାରତଠାରୁ ହାରିବା ପରେ ପରାଜୟ ଗ୍ଲାନିରେ ଅଷ୍ଟ୍ରେଲିଆ ମହିଳା ହକି ଦଳର ଖେଳାଳିମାନେ।

# ପ୍ରଥମ ଟେଷ୍ଟ ଖେଳିବେନି ମୟଙ୍କ


ମୁଣ୍ଡରେ ଆଘାତ ପାଇବା ପରେ ମୟଙ୍କ ଅଗ୍ରୱାଲ।

ନଟିଂହାମ୍, ୨।୮ (ପି.ଟି.)

ଇଂଲଣ୍ଡ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟ ମ୍ୟାଚ ଖେଳିପାରିବେ ନାହିଁ ଭାରତର ଓପନିଂ ବ୍ୟାଟ୍ସମ୍ୟାନ ମୟଙ୍କ ଅଗ୍ରୱାଲ। ଏଠାରେ ନେଟ୍ସ ସେସନ ବେଳେ ଟିମ୍ ମେଟ ମହମ୍ମଦ ସିରାଜଙ୍କ ଏକ ବାଉନ୍ସର ହେଲମେଟରେ ବାଜିବାରୁ ତାଙ୍କ ମସ୍ତିଷ୍କରେ ଆଘାତ ଲାଗିଥିବା କୁହାଯାଉଛି। ସିରାଜ ସମ୍ଭବତଃ ବର୍ତ୍ତମାନ ଭାରତୀୟ ଲାଇନ୍ ଅପ୍‌ର ସବୁଠାରୁ ଦ୍ରୁତ ବୋଲର। ଅଗ୍ରୱାଲଙ୍କ ମସ୍ତିଷ୍କ ପରୀକ୍ଷା ସରିଛି। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ମେଡିକାଲ ଟିମ୍ ତାଙ୍କ ଉପରେ ନଜର ରଖିଥିବା ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ବୁଧବାର ଏଠାରେ ଭାରତ ଓ ଇଂଲଣ୍ଡ ମଧ୍ୟରେ ପ୍ରଥମ ଟେଷ୍ଟ ଆରମ୍ଭ ହେବ। ଖବର ଅନୁସାରେ ସିରାଜଙ୍କ ବଲ ବାଜିବାରେ ଅଗ୍ରୱାଲ କିଛିଟା ଯନ୍ତ୍ରଣା ଅନୁଭବ କରିଥିଲେ। ସେ ମୁଣ୍ଡରୁ ହେଲମେଟ ବାହାର କରି ଗ୍ରାଉଣ୍ଡରେ ବସି ପଡ଼ିଥିଲେ। ତତ୍‌କ୍ଷଣାତ ଫିଜିଓ ନୀତିନ ପଟେଲ ତାଙ୍କ ପାଖରେ ପହଞ୍ଚିଯାଇଥିଲେ। ନେଟ୍ସ ଛାଡ଼ିବା ବେଳକୁ ସେ ତାଙ୍କ ମୁଣ୍ଡର ପଛ ପାଖ ଚାପି ଧରିଥିବା ଲକ୍ଷ୍ୟ କରାଯାଇଥିଲା। ଟେଷ୍ଟ ମ୍ୟାଚଗୁଡ଼ିକରେ ସାଧାରଣତଃ କେ.ଏଲ୍. ରାହୁଲ ଓପନ କରିଥାନ୍ତି। କିନ୍ତୁ ଆଜିକାଲି ତାଙ୍କୁ ମିଡିଲ ଅର୍ଡରରେ ବ୍ୟାଟିଂ କରିବା ଲାଗି କୁହାଯାଉଛି। ଅଗ୍ରୱାଲଙ୍କ ଅନୁପସ୍ଥିତିରେ ହୁଏତ ତାଙ୍କୁ ଓପନିଂ କରିବା ଲାଗି କୁହାଯାଇ ପାରେ। ଅନ୍ୟତମ ବିକଳ୍ପ ରହିଛନ୍ତି ବେଙ୍ଗଲ ଓପନର ଅଭିମନ୍ୟୁ ଈଶ୍ୱରନ। ଅଷ୍ଟ୍ରେଲିଆରେ ଯାହା କରାଯାଇଥିଲା ତାହାକୁ ଯଦି ଅନୁସରଣ କରାଯାଏ ତେବେ ହନୁମା ବିହାରୀଙ୍କୁ ଓପନିଂ କରିବା ଲାଗି କୁହାଯାଇପାରେ। ବିହାରୀ ଯଦି ଓପନିଂ ସହ ଅଫ୍ ସ୍ପିନ ବୋଲିଂ କରନ୍ତି ତେବେ ସିମର ଅଲରାଉଣ୍ଡର ଶାର୍ଦ୍ଦୂଳ ଠାକୁରଙ୍କୁ ଦଳରେ ସ୍ଥାନ ମିଳିପାରେ।



କ୍ରିକେଟ ସିରିଜ୍ ପୂର୍ବରୁ ଟ୍ରଫି ସହ ଇଂଲଣ୍ଡ ଅଧିନାୟକ ଜୋ ରୁଟ୍ ଓ ଭାରତ ଅଧିନାୟକ ବିରାଟ କୋହଲି।

# କମଲପ୍ରୀତ ୬ଷ୍ଠ ସ୍ଥାନରେ ରହିଲେ



କମଲପ୍ରୀତ୍ କୌର

**ଟୋକିଓ, ୨।୮ (ପି.ଟି.):** ପ୍ରଥମ ଥର ଅଲିମ୍ପିକ୍ସରେ ଭାଗ ନେଇଥିବା ଭାରତୀୟ ଡିସ୍କସ୍ ଥ୍ରୋୟର କମଲପ୍ରୀତ୍ କୌର ୬ଷ୍ଠ ସ୍ଥାନ ଅଧିକାର କରିଛନ୍ତି। ସୋମବାର ବର୍ଷାରେ ବାଧାପ୍ରାପ୍ତ ଫାଇନାଲରେ ତାଙ୍କର ଶ୍ରେଷ୍ଠ ପ୍ରଦର୍ଶନ ୬୩.୭୦ ମିଟର ରହିଥିଲା। ୨୫ ବର୍ଷୀୟା କୌର ଶନିବାର ଦ୍ୱିତୀୟ ଶ୍ରେଷ୍ଠ ଭାବେ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ। ସୋମବାର ଏକ ଘଣ୍ଟାରୁ ଅଧିକ ସମୟ ଧରି ବର୍ଷା ହେବାରୁ ୮ରାଉଣ୍ଡ ବିଶିଷ୍ଟ ପ୍ରତିଯୋଗିତାରେ ବାଧା ସୃଷ୍ଟି ହୋଇଥିଲା। ହେଲେ ସେ ପଦକ ଦାବିଦାର ହୋଇପାରି ନ ଥିଲେ। ତୃତୀୟ ରାଉଣ୍ଡରେ ୬୩.୭୦ମିଟର ଥ୍ରୋ ସହ ସେ ୬ଷ୍ଠ ହୋଇଥିଲେ। ଏହାଦ୍ୱାରା ସେ ୨୦୧୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ସ୍ୱର୍ଣ୍ଣ ବିଜୟିନୀ କ୍ରିଷ୍ଣା ପୁନିଆଙ୍କ ୨୦୧୨ ଲଣ୍ଡନ ଅଲିମ୍ପିକ୍ସ ପ୍ରଦର୍ଶନର ସମକକ୍ଷ ହୋଇପାରିଥିଲେ। କୌରଙ୍କର ଅନ୍ତର୍ଜାତୀୟ ଅଭିଜ୍ଞତା କମ୍ ରହିଥିବାରୁ ଆତ୍ମବିଶ୍ୱାସର ଅଭାବ ପରିଲକ୍ଷିତ ହୋଇଥିଲା। ସେ ତାଙ୍କ ବ୍ୟକ୍ତିଗତ କୋଚ୍ ଅନୁପସ୍ଥିତି ଅନୁଭବ କରୁଥିଲେ। ପ୍ରତିଯୋଗିତା ସାରା ନର୍ଭସ ଜଣାପଡୁଥିଲେ। ସେ କେବଳ ଏକମାତ୍ର ଅନ୍ତର୍ଜାତୀୟ ପ୍ରତିଯୋଗିତା ୨୦୧୭ ୱାର୍ଲ୍ଡ ୟୁନିଭର୍ସିଟି ଗେମ୍ସରେ ଭାଗ ନେଇଥିଲେ। କୌର ହେଉଛନ୍ତି ପଞ୍ଜାବ ରାଜ୍ୟ ଅନ୍ତର୍ଗତ କବାରୱାଲା ଗ୍ରାମର ଜଣେ କୃଷକଙ୍କ ଝିଅ। ଶନିବାର କ୍ୱାଲିଫିକେଶନ ରାଉଣ୍ଡରେ ତାଙ୍କ ଶ୍ରେଷ୍ଠ ଥ୍ରୋ ୬୪ ମିଟର ସହ ସେ ଦ୍ୱିତୀୟ ସ୍ଥାନରେ ରହିଥିଲେ। ଦେଶ ତାଙ୍କଠାରୁ ପଦକ ଆଶା କରୁଥିଲା। ଆମେରିକାର ଭାଲାରି ଅଲମାନ ପ୍ରଥମ ରାଉଣ୍ଡ ଥ୍ରୋ ୬୮.୯୮ମିଟରର ସହ ସ୍ୱର୍ଣ୍ଣ ଜିତିଥିବାବେଳେ ଜର୍ମାନୀର କ୍ରିଷ୍ଟିନ୍ ପୁଡେଞ୍ଜ୍ (୬୬.୮୬ମିଟର) ଏବଂ ବର୍ତ୍ତମାନର ବିଶ୍ୱ ଚାମ୍ପିୟନ କ୍ୟୁବାର ୟେମି ପରେଜ (୬୫.୭୨ ମିଟର) ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଥିଲେ।

# କ୍ୱାଲିଫାଏ କରିପାରିଲେନି ତୋମାର, ରାଜପୁତ

**ଟୋକିଓ, ୨।୮ (ପି.ଟି.):** ଟୋକିଓ ଅଲିମ୍ପିକ୍ସର ପୁରୁଷ ୫୦ ମିଟର ରାଇଫଲ ଥ୍ରି ପୋଜିଶନ ଇଭେଣ୍ଟର ଫାଇନାଲ୍ସ ପାଇଁ କ୍ୱାଲିଫାଏ କରିବାରେ ବିଫଳ ହୋଇଛନ୍ତି ଭାରତୀୟ ଶୁଟର ଐଶ୍ୱରୀ ପ୍ରତାପ ସିଂ ତୋମାର ଓ ସଞ୍ଜୀବ ରାଜପୁତ। ଆସାକା ଶୁଟିଂ ରେଞ୍ଜ୍‌ରେ ଅନୁଷ୍ଠିତ କ୍ୱାଲିଫିକେଶନରେ ତୋମାର ୨୧ତମ ସ୍ଥାନରେ ରହିଥିବା ବେଳେ ରାଜପୁତ ୩୨ତମ ସ୍ଥାନ ଅଧିକାର କରିଥିଲେ। କେବଳ ଶ୍ରେଷ୍ଠ ୮ ଆଥଲେଟ ଫାଇନାଲକୁ କ୍ୱାଲିଫାଏ କରିବେ। ଫଳରେ ଭାରତୀୟ ଶୁଟିଂ ଦଳ କ୍ରମାଗତ ଦୁଇଟି ଅଲିମ୍ପିକ୍ସରେ ବିନା ପଦକରେ ଫେରିବ।





ନିଜ ଚେହେରାର ତ୍ୱଚାକୁ
କ୍ଷତିକାରକ କେମିକାଲ୍ ନୁହେଁ, ଆୟୁର୍ବେଦର
ସୌନ୍ଦର୍ଯ୍ୟ ଓ ସୁରକ୍ଷା ଦିଅନ୍ତୁ...

New Dr. Juneja's ®
ରୂପ ମନ୍ତ୍ରା
Ayurvedic Cream, Capsules, Soap & Face Wash


ବାସ୍ତବିକ ଅନୁଭୂତି: ମୁଁ ଶିବାନୀ ଶେଟ୍ଟି, ଚଣ୍ଡିଗଡ଼ର ବାସିନ୍ଦା ଅଟେ । ବିଗତ ଅନେକ ସମୟ ଧରି ମୋ ଚେହେରାର ରଙ୍ଗ ଶ୍ୟାମଳ ଓ ସ୍କିନ୍ ଅତ୍ୟନ୍ତ ଅଏଲି ହୋଇଯାଇଥିଲା । ମୁଁ ଦିନରେ ଦୁଇଥର ରୂପ ମନ୍ତ୍ରା ଫେସ୍ ୱାଶ୍‌ରେ ଚେହେରାକୁ ଧୋଇ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍ ଲଗାଇଲି । ଏବେ ମୋତେ ଏହାକୁ ବ୍ୟବହାର କରିବାରେ ତିନି ସପ୍ତାହ ହିଁ ହୋଇଛି, କିନ୍ତୁ ମୋ ଚେହେରାର ସ୍କିନ୍ ବହୁତ କୋମଳ ଓ ଅଏଲ୍ ଫ୍ରି ହୋଇଯାଇଛି ।


ବାସ୍ତବିକ ଅନୁଭୂତି: ମୁଁ ରୋହିତ କୋଚର, ନୂଆଦିଲ୍ଲୀର ବାସିନ୍ଦା । ମଡେଲିଂ ଓ ଆକ୍ଟିଂ ମୋର ସ୍ୱପ୍ନ ଅଟେ । କିନ୍ତୁ କିଛି ମାସ ଧରି ମୋର ଚେହେରା ମଳିନ, ଅଏଲି ଦେଖାଯିବାକୁ ଲାଗିଥିଲା, ଏହା ସହିତ ଚେହେରାରେ ମଧ୍ୟ ବ୍ରଣ ହୋଇଯାଇଥିଲା । ମୁଁ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍, ଫେସ୍ ୱାଶ୍‌ର କମ୍ପ୍ଲିଟ୍ ଟ୍ରିଟ୍‌ମେଣ୍ଟ ଏକ ମାସ ପାଇଁ ବ୍ୟବହାର କଲି । ମୋତେ ଏହାଦ୍ୱାରା ବହୁତ ଲାଭ ମିଳିଲା ।


ବାସ୍ତବିକ ଅନୁଭୂତି: ମୁଁ ବିବେକ, ହରିୟାଣାର ବାସିନ୍ଦା । ପେସାରେ ମୁଁ ଜଣେ ମଡେଲ୍ ଅଟେ । ବିଗତ ଅନେକ ସମୟ ଧରି ମୋ ଚେହେରାର ସ୍କିନ୍ ମାନ୍ଦା ହେବାରେ ଲାଗିଥିଲା । ତା'ପରେ ମୁଁ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍ ନିୟମିତ ବ୍ୟବହାର କଲି । ପାଖାପାଖି ଦୁଇମାସର ନିୟମିତ ଉପଯୋଗ ଦ୍ୱାରା ଆଜି ମୋ ଚେହେରାର ଚମକ ସମସ୍ତଙ୍କୁ ଆକର୍ଷିତ କରୁଛି ।


ବାସ୍ତବିକ ଅନୁଭୂତି: ପ୍ରିୟା, ଚଣ୍ଡିଗଡ଼ର ବାସିନ୍ଦା ଅଟନ୍ତି । ସେ ଲେଖନ୍ତି ଯେ, ମୋ ଚେହେରାର ରଙ୍ଗ ଦିନକୁ ଦିନ ସାମାନ୍ୟ ଶ୍ୟାମଳ ହେବାରେ ଲାଗିଥିଲା । ନିଜ ବାନ୍ଧବୀଙ୍କ କହିବା ଅନୁସାରେ ମୁଁ ରୂପ ମନ୍ତ୍ରା ହର୍ବାଲ୍ ଫେସ୍ ୱାଶ୍‌ରେ ଚେହେରାକୁ ସଫା କଲି ଏବଂ ତା'ପରେ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍ ବ୍ୟବହାର କଲି । ତିନି ସପ୍ତାହ ମଧ୍ୟରେ ହିଁ ମୋର ଫେସ୍ କମ୍ପ୍ଲେକ୍ସନ୍‌ରେ ଅସାଧାରଣ ପରିବର୍ତ୍ତନ ଅନୁଭୂତ ହେବାକୁ ଲାଗିଲା ।


ବାସ୍ତବିକ ଅନୁଭୂତି: ଅମିଷା ସୁଦ୍, ହିମାଚଳ ପ୍ରଦେଶର ବାସିନ୍ଦା । ସେ ଲେଖିଛନ୍ତି ଯେ, ମୋ ଚେହେରାର ତ୍ୱଚା ବହୁତ ରୁକ୍ଷ ଓ ନିର୍ଜୀବ ଥିଲା, ଚେହେରାରେ ବାଦାମୀ ଦାଗ ମଧ୍ୟ ଭରିଯାଇଥିଲା । ମୋ ପାପାଜୀ ମୋତେ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍ ଓ ଫେସ୍ ୱାଶ୍ ଆଣିଦେଲେ । ଏହାର ନିୟମିତ ବ୍ୟବହାର ଦ୍ୱାରା ଅଳ୍ପ ଦିନରେ ହିଁ ମୋତେ ଭଲ ପାର୍ଥକ୍ୟ ଦେଖାଦେବାରେ ଲାଗିଛି ।


ବାସ୍ତବିକ ଅନୁଭୂତି: ମୁଁ ଦିଶାନ୍ତ ଜିନ୍ଦଲ, ପଞ୍ଜାବର ବାସିନ୍ଦା ଅଟେ । ମୁଁ ନିଜ ଚେହେରାରେ କାଠବ୍ରଣ ଓ କଳା ଭାତୁଡ଼ି କାରଣରୁ ବହୁତ ବିବ୍ରତ ରହୁଥିଲି । ଦିନେ ଗୁଗଲ୍‌ରେ ସର୍ଚ୍ଚ କରିବା ସମୟରେ ମୋତେ ଆୟୁର୍ବେଦିକ ରୂପ ମନ୍ତ୍ରା କମ୍ପ୍ଲିଟ୍ ଟ୍ରିଟମେଣ୍ଟ ବିଷୟରେ ଜଣାପଡ଼ିଲା । ମୁଁ ରୂପ ମନ୍ତ୍ରା ଫେସ୍ ୱାଶ୍ ଦ୍ୱାରା ଦିନରେ ଦୁଇଥର ଚେହେରା ଧୋଇଲି ଓ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍ ଲଗାଇଲି । ମାତ୍ର 15 ଦିନ ମଧ୍ୟରେ ବହୁତ ଭଲ ଲାଭ ଅନୁଭୂତ ହେଉଛି ।


ବାସ୍ତବିକ ଅନୁଭୂତି: ପୂଜା ହରନଲ ଉତ୍ତରପ୍ରଦେଶର ବାସିନ୍ଦା । ସେ ନିଜ ଚେହେରାରେ ବ୍ରଣ କାରଣରୁ ବହୁତ ଚିନ୍ତିତ ରହୁଥିଲେ । ଏଥିପାଇଁ ସେ ଅନେକ କସ୍‌ମେଟିକ୍ କ୍ରିମ୍ ବ୍ୟବହାର କଲେ, କିନ୍ତୁ କିଛି ଫରକ ପଡ଼ିଲା ନାହିଁ । ଏହାପରେ ସେ ନିଜ ବାନ୍ଧବୀଙ୍କ କଥାକୁ ମାନି ରୂପ ମନ୍ତ୍ରା ହର୍ବାଲ ଫେସ୍ ୱାଶ୍‌ରେ ଚେହେରାକୁ ଧୋଇ ଆୟୁର୍ବେଦିକ ରୂପ ମନ୍ତ୍ରା କ୍ରିମ୍ ବ୍ୟବହାର କଲେ । ମାତ୍ର ଏକ ମାସର ପ୍ରୟୋଗ ଦ୍ୱାରା ହିଁ ଚେହେରାର ବ୍ରଣରେ ଅନେକ ପାର୍ଥକ୍ୟ ଦେଖାଗଲା ।


ବାସ୍ତବିକ ଅନୁଭୂତି: ଅଳକା, ହିମାଚଳ ପ୍ରଦେଶର ବାସିନ୍ଦା । ଅଳକାଙ୍କ କହିବା ଅନୁଯାୟୀ ସେ ଜବ୍ କରନ୍ତି ଓ ଅଫିସ୍ ଯିବା ଆସିବା ସମୟରେ ପଲ୍ୟୁଶନ୍ କିମ୍ବା ଫାଷ୍ଟ-ଫୁଡ୍ ଖାଇବା ଦ୍ୱାରା ତାଙ୍କ ଚେହେରାର ତ୍ୱଚା ଶ୍ୟାମଳ ଓ ନିସ୍ତେଜ ହେବାରେ ଲାଗିଥିଲା । ସେ ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍‌କୁ ମଧ୍ୟ ଦିନରେ ଦୁଇଥର ଲଗାଇଲେ ଓ ରୂପ ମନ୍ତ୍ରା ଫେସ୍ ୱାଶ୍‌କୁ ନିୟମିତ ପ୍ରୟୋଗ କଲେ । ସେ ଲେଖିଛନ୍ତି ଯେ ଏବେ ତାଙ୍କ ଚେହେରାରେ ସ୍ଥାୟୀ ଗ୍ଲୋ ଆଣ୍ଡ ଫିଲ୍ ଆସିଯାଇଛି ।




ରୂପ ମନ୍ତ୍ରା ଆୟୁର୍ବେଦିକ କ୍ରିମ୍‌ରେ ରହିଥିବା ଏଲୋଭେରା, ତୁଳସୀ, ଦ୍ରାକ୍ଷା, ହରିଦ୍ରା, ଚନ୍ଦନ, ବାଦାମ ଇତ୍ୟାଦି ଆୟୁର୍ବେଦିକ ଜଡ଼ିବୁଟି ଚେହେରାରେ ପ୍ରାକୃତିକ ଆର୍ଦ୍ରତାକୁ ସୁରକ୍ଷିତ ରଖି ଏକ ଟ୍ରିଟ୍‌ମେଣ୍ଟ ଭାବେ କାମ କରିଥାଏ ।

ଧରିତ୍ରୀ
DHARITRI
ମଙ୍ଗଳବାର, ୩ ଅଗଷ୍ଟ, ୨୦୨୧



## ସଂକ୍ଷେପରେ

### ସାପ କାମୁଡ଼ାରେ ଶିଶୁ ମୃତ

**ବ୍ରହ୍ମପୁର ଅଫିସ,୨।୮:** ସାପ କାମୁଡ଼ାରେ ଗୁରୁତର ଥିବା ଜଣେ ଶିଶୁଙ୍କର ବ୍ରହ୍ମପୁର ବଡମେଡିକାଲରେ ମୃତ୍ୟୁ ଘଟିଛି। ମୃତକ ସଦର ଥାନା ଅନ୍ତର୍ଗତ ଗୌଡୁମି ଗ୍ରାମର କେ.ଗୁରୁମୂର୍ତ୍ତି ରେଡ୍ଡୀଙ୍କ ପୁଅ କେ.ଶୃତି ରେଡ୍ଡୀ(୫)। ସଦର ଥାନା ପୋଲିସ ସୋମବାର ଶିଶୁଟିର ମୃତଦେହ ଜବତ କରି ନଂ.୩୬/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିବା କହିଛି। ସୂଚନା ଅନୁଯାୟୀ, ଗତ ୨୭ ତାରିଖ ରାତିରେ ଗୁରୁମୂର୍ତ୍ତି ଓ ତାଙ୍କ ପରିବାର ଲୋକ ଖାଇସାରିବା ପରେ ଶୋଇବାକୁ ଯାଇଥିଲେ। ସେହିପରି ଶୃତି ମଧ ତାଙ୍କ ବାପା, ମା' ଓ ଭଉଣୀଙ୍କ ସହ ଶୋଇଥିଲେ। ବିଳମ୍ବିତ ରାତିରେ ତାଙ୍କୁ ଏକ ସାପ କାମୁଡି ଦେଇଥିଲା। ସେ ଚିତ୍କାର କରିବାରୁ ପରିବାର ଲୋକେ ଉଠି ଥିଲେ। ଶିଶୁଟିକୁ ଚିକିତ୍ସା ପାଇଁ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ରବିବାର ରାତିରେ ମୃତ୍ୟୁ ଘଟିଥିଲା।

### ବ୍ରହ୍ମପୁର ଡାକ ମଣ୍ଡଳର ପ୍ରତିଷ୍ଠା ଦିବସ

**ବ୍ରହ୍ମପୁର ଅଫିସ୍,୨।୮:** ବ୍ରହ୍ମପୁର ଡାକ ମଣ୍ଡଳର ୭୪ ତମ ପ୍ରତିଷ୍ଠା ଦିବସ ଡାକ ମଣ୍ଡଳ କାର୍ଯ୍ୟାଳୟରେ ରବିବାର ପାଳିତ ହୋଇଯାଇଛି। ଏଥିରେ ଡାକ ଅଧିକ୍ଷକ ତାରିଣୀ ଚରଣ ପାଢୀ ସଭାପତିତ୍ୱ କରିଥିଲେ। ବ୍ରହ୍ମପୁର ପୋଷ୍ଟାଲ ଡ଼ିଭିଜନ୍‌ର ସହକାରୀ ନିର୍ଦ୍ଦେଶକ ଭବାନୀ ପ୍ରସାଦ ପାଢୀ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ଗୋଟିଏ ଦିନରେ ଦେଢ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଡ଼ାକ ଜୀବନ ବୀମା ପ୍ରିମିୟମ୍ ସଂଗ୍ରହ ହେଉଥିବା ନେଇ ବ୍ରହ୍ମପୁର ଡ଼ାକ ଘର କର୍ମକର୍ତ୍ତାଙ୍କ ଉତ୍ସର୍ଗୀକୃତ ସେବାକୁ ପ୍ରଶଂସା କରିଥିଲେ। ମୁଖ୍ୟବକ୍ତା ରୂପେ ସହକାରୀ ନିର୍ଦ୍ଦେଶକ ବି.ମହେଶ୍ୱର ରାଓ ଯୋଗ ଦେଇ ୧୧ ହଜାରରୁ ଉର୍ଦ୍ଧ୍ୱ ଗ୍ରାହକଙ୍କୁ ବାୟୋମେଟ୍ରିକ୍ ମାଧ୍ୟମରେ ଡ଼ିଜିଟାଲ ଟଙ୍କା ଉଠାଣ ବ୍ୟବସ୍ଥା ବ୍ରହ୍ମପୁର ଡ଼ାକ ମଣ୍ଡଳ ରାଜ୍ୟରେ ରେକର୍ଡ଼ ହାସଲ କରିଥିବା କହିଥିଲେ। ସମ୍ମାନିତ ଅତିଥି ରୂପେ ସିନିୟର ଆକାଉଣ୍ଟାଣ୍ଟ ଅଧିକାରୀ ରାଧାକାନ୍ତ ସାବତ, ରେଳ ଡାକ ସେବା ଅଧିକ୍ଷକ ରଘୁନାଥ ସାହୁ ଓ ଇଣ୍ଡିଆ ପୋଷ୍ଟ ପେମେଣ୍ଟ୍ ବ୍ୟାଙ୍କ ସିନିୟର୍ ମ୍ୟାନେଜର୍ ବିଷ୍ଣୁ ପ୍ରସାଦ ରଥ ଯୋଗ ଦେଇଥିଲେ। ଏହି ଅବସରରେ ବିଗତ ଆର୍ଥିକ ବର୍ଷରେ ସର୍ବାଧିକ ଆକାଉଣ୍ଟ ଖୋଲିଥିବା ଗେଟ ବଜାର ଉପ ଡ଼ାକପାଳ ଅଜିତ ବେହେରା ଓ ଗୋଟିଏ ଦିନରେ ସର୍ବାଧିକ ଆକାଉଣ୍ଟ୍ ଖୋଲିଥିବା ଯୋଗୁଁ ବ୍ରହ୍ମପୁର ସିଟି ପୋଷ୍ଟ ଅଫିସକୁ ପୁରସ୍କୃତ କରାଯାଇଥିଲା।

### ଧର୍ମାନୁଷ୍ଠାନ ଖୋଲିବାକୁ ଦାବି

**ବ୍ରହ୍ମପୁର ଅଫିସ୍,୨।୮:** ରାଜ୍ୟ ସରକାର ଅଗଷ୍ଟ ମାସ ପାଇଁ କୋଭିଡ୍ କଟକଣାକୁ ଆହୁରି ଅଧିକ କୋହଳ କରିଥିଲେ ମଧ ଧର୍ମାନୁଷ୍ଠାନ ଖୋଲିବା ନିଷ୍ପତ୍ତିକୁ ଝୁଲାଇ ରଖିଛନ୍ତି। ଏହାକୁ ନେଇ ବିଭିନ୍ନ ସଂଗଠନ ପକ୍ଷରୁ ଅସନ୍ତୋଷ ଦେଖାଦେଇଛି। ରବିବାର ଗଞ୍ଜାମ ଜିଲା ପର୍ଶୁରାମ ବାହିନୀ ପକ୍ଷରୁ ସିଦ୍ଧାର୍ଥ ନଗରଠାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଧର୍ମାନୁଷ୍ଠାନ ଖୋଲା ନ ଯିବା କାରଣରୁ ବ୍ରାହ୍ମଣମାନଙ୍କର ଜୀବନ ଜୀବିକା ଉପରେ ପ୍ରଭାବ ପଡୁଛି। ତେଣୁ ସମସ୍ତ ବ୍ରାହ୍ମଣ ବୃତ୍ତିକୁ ପାଥେୟ କରି ସରକାରୀ ସହାୟତା, ଆରକ୍ଷଣ ସମ୍ବନ୍ଧୀୟ ନିୟମ କୋହଳ ଓ ବୟୋଜ୍ୟେଷ୍ଠ ବ୍ରାହ୍ମଣଙ୍କୁ ସ୍ୱତନ୍ତ୍ର ପେନ୍‌ସନ୍ ତାଲିକାଭୁକ୍ତ କରିବା ପାଇଁ ସଂଘ ଦାବି କରିଛି। ବୈଠକରେ ସଂଘ ସଭାପତି ମାନସ ପଣ୍ଡିତ, ଉପସଭାପତି ପ୍ରଶାନ୍ତ ଦାଶ, ଉପଦେଷ୍ଟା ମନୋଜ କୁମାର ମହାପାତ୍ର, ସଂପାଦକ ଜଗନ୍ନାଥ ନନ୍ଦଙ୍କ ସମେତ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଯୁକ୍ତ ୨ ବିଜ୍ଞାନ ପ୍ରାକ୍ଟିକାଲ ନମ୍ବର ଦେବାରେ ପ୍ରିୟାପ୍ରୀତି

■ଟ୍ୟୁଶନ ପିଲାଙ୍କୁ ଅଧିକ ନମ୍ବର ପରେ ଉତ୍ତେଜନା

■ଗୋଡିପଡ଼ା କଲେଜରେ ଉପେକ୍ଷିତ ଛାତ୍ରୀଛାତ୍ରଙ୍କ ଧାରଣା

ନୟାଗଡ଼ ଅଫିସ,୨।୮

ନୟାଗଡ଼ ଜିଲା ଗୋଡିପଡା କଲେଜର ବିଜ୍ଞାନ ବିଭାଗର କେତେଜଣ ଅଧ୍ୟାପକ ନିଜ ପାଖରେ କୋଚିଂ ନେଉଥିବା ଛାତ୍ରୀଛାତ୍ରଙ୍କୁ ପ୍ରାକ୍ଟିକାଲରେ ଅଧିକ ନମ୍ବର ଦେବାର ଜଣାପଡିବା ପରେ ଉତ୍ତେଜନା ପ୍ରକାଶ ପାଇଛି। ପ୍ରତିବାଦରେ ଉପେକ୍ଷିତ ପାସ ଛାତ୍ରୀଛାତ୍ର ନିଜ କଲେଜର ଅଧ୍ୟାପକଙ୍କ ବିରୋଧରେ ଧାରଣା ଦେଇଥିଲେ। ସୋମବାର ପୂର୍ବାହ୍ନ ୧୧ଟାରୁ ଧାରଣା ଆରମ୍ଭ ହୋଇଥିଲା। କଲେଜ ଅଧକ୍ଷା ଉଷାରାଣୀ ପଟ୍ଟନାୟକ ଉପଜିଲାପାଳଙ୍କ ସହ ଆଲୋଚନା କରି ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେବା ପରେ ଅପରାହ୍ନ ୩ଟାରେ ଧାରଣା ହଟିଥିଲା। ଆନ୍ଦୋଳନରେ ଅଭିଭାବକ ସାମିଲ ହୋଇଥିବା ଦେଖିବାକୁ ମିଳିଥିଲା।

ଅଭିଯୋଗ ଅନୁସାରେ, ଗୋଡିପଡା କଲେଜର ବିଜ୍ଞାନ ବିଭାଗର କେତେଜଣ ଅଧ୍ୟାପକ ନିଜେ କୋଚିଂ ସେଣ୍ଟର କରି ଛାତ୍ରୀଛାତ୍ରଙ୍କୁ ପାଠ ପଢ଼ାଉ ଥିଲେ।



ଗୋଡିପଡ଼ା କଲେଜ ସମ୍ମୁଖରେ ଛାତ୍ରମାନଙ୍କ ଧାରଣା।

କଲେଜରେ ପାଠ ପଢୁଥିବା ସବୁ ଛାତ୍ରୀଛାତ୍ରଙ୍କୁ ତାଙ୍କ କୋଚିଂକୁ ଆସିବାକୁ ଚାପ ପକାଉଥିଲେ। ତେବେ କେତେଜର ଛାତ୍ରୀଛାତ୍ର ତାଙ୍କ ପାଖକୁ ନ ଆସି ଅନ୍ୟତ୍ର କୋଚିଂ ନେଇଥିଲେ। ତେବେ କେତେଜଣ କଲେଜ ଅଧ୍ୟାପକଙ୍କ ନିକଟରେ କୋଚିଂ ନେଇ ନ ଥିବା ୨୬ ଛାତ୍ରୀଛାତ୍ରଙ୍କ ପ୍ରାକ୍ଟିକାଲ ନମ୍ବର ଜାଣିଶୁଣି କମ ଦିଆଯାଇଛି। ଭଲ ପାଠ ପଢୁ ନ ଥିଲେ ମଧ ନିଜ କୋଚିଂର ଛାତ୍ରୀଛାତ୍ରୀଙ୍କୁ ଅନୁକମ୍ପା ଦେଖାଯାଇଛି ବୋଲି ଅଭିଯୋଗ ଉଠିଛି। ଏ ନେଇ ରାଜେଶ ମହାନ୍ତି ନାମକ ଜଣେ ଛାତ୍ର କହିଛନ୍ତି ମୋତେ ବାରମ୍ବାର କୋଚିଂ ସେଣ୍ଟରକୁ ଡକାଯାଇଥିଲା। ମୋ ପରି ଅନ୍ୟମାନଙ୍କୁ ଡକାଯାଇଥିଲା। ହେଲେ ଭଲ ପାଠ ପଢ଼ା ଯାଉ ନ ଥିବାରୁ ଆମେ ଆମର ଅଧ୍ୟାପକଙ୍କ କୋଚିଂକୁ ନ ଯାଇ ଅନ୍ୟତ୍ର ଯାଇଥିଲୁ। ହେଲେ ଆମ ଉପରେ କୋଚିଂକୁ ନ ଯିବାର ରାଗ ପରିଶୋଧ କରାଯାଇଛି। ଯାହାକି ଗୁରୁଙ୍କ ପକ୍ଷେ ଏହା ଶୋଭନୀୟ ନୁହେଁ। ଏହାର ତଦନ୍ତ କରାଯାଇ ଦୋଷୀ ଅଧ୍ୟାପକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ସେ ଅନୁରୋଧ କରିଛନ୍ତି। ଏ ନେଇ ଉପଜିଲାପାଳ ଲଗ୍ନଜିତ ରାଉତ କୁହନ୍ତି, ଯେଉଁ ଛାତ୍ରୀଛାତ୍ର ପ୍ରାକ୍ଟିକାଲ ନମ୍ବର ପାଇବାରେ ଅସନ୍ତୁଷ୍ଟ ଅଛନ୍ତି, ସେମାନେ ଧାରଣା ଦେବା ବଦଳରେ ପରୀକ୍ଷା ଦିଅନ୍ତୁ। ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗର ସତ୍ୟାତା ନାହିଁ। ଯେଉଁ ଛାତ୍ରୀଛାତ୍ର ଅଭିଯୋଗ ଆଣିଛନ୍ତି ସେମାନେ କଲେଜ ପକ୍ଷରୁ ହୋଇଥିବା ଶହେ ଦିନିଆ କ୍ଲାସରେ ଅନୁପସ୍ଥିତ ଥିବାର ଜଣାପଡିଛି। ଯାହାଦ୍ୱାରା କେତେଜଣ ପିଲାଙ୍କ ପ୍ରାକ୍ଟିକାଲ ନମ୍ବର କମି ଯାଇଥିବାର ଜଣାପଡିଛି।

# ପ୍ରଶାସନିକ ଅବ୍ୟବସ୍ଥାରୁ ବଢୁଛି ଦୁର୍ନୀତି

■ଜିଲାପାଳଙ୍କ ବଦଳି ଦାବି କଲା କଂଗ୍ରେସ

■କ୍ରାନ୍ତି ଦିବସରେ ଲଣ୍ଠନ ଜାଳି କରାଯିବ ପ୍ରତିବାଦ

ନୟାଗଡ଼ ଅଫିସ,୨।୮

ନୟାଗଡ଼ ଜିଲାରେ ପ୍ରଶାସନିକ ଅବ୍ୟବସ୍ଥାରୁ ଦୁର୍ନୀତି ବଢୁଛି । ଏହାକୁ ଲଗାମ ଦେବାରେ ଜିଲାପାଳ ଅସମର୍ଥ ହେଉଛନ୍ତି । ଏଭଳିସ୍ଥଳେ ଜିଲାପାଳ ପୋମା ଟୁଡୁଙ୍କ ବଦଳି ଦାବି କରିଛି ଜିଲା କଂଗ୍ରେସ । ଏଥିପାଇଁ କଂଗ୍ରେସ ପକ୍ଷରୁ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଆନ୍ଦୋଳନ କରାଯିବ । କଂଗ୍ରେସ କର୍ମୀ, ସମର୍ଥକ ଓ ନେତମାନେ ମୁହଁରେ କଳାକନା ବାନ୍ଧି ଲଣ୍ଠନ ଧରି ଆନ୍ଦୋଳନରେ ସାମିଲ ହେବେ ବୋଲି ଜିଲା ସଭାପତି ରଣଜିତ୍ ଦାଶ ସୂଚନା ଦେଇଛନ୍ତି।

ଜିଲାର ପୁଆଣିଆ, ମହିଷାଗୋଠପଲୀ, ସୁନାଖଳା, ପୋକଶୁଙ୍ଘା, ପଙ୍କାଳସାହି, ବଳଭଦ୍ରପୁରରେ ବେଆଇନ ଭାବେ ପାହାଡ଼ ଖନନ ଚାଲିଛି। ତାହା ବିରୋଧରେ ପ୍ରଶାସନ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନାହିଁ । ପୁରୁଣା ଦଶପଲ୍ଲାରେ ରେଲୱେ ଟ୍ରାକ୍ ନିର୍ମାଣ ପାଇଁ ପାହାଡ ଫଟାଯାଇ ୨ରୁ ୩କୋଟି ଟଙ୍କାର ପଥର ଠିକାଦାର ନେଇ ଲାଭବାନ ହୋଇଛନ୍ତି । ଏହି ଲୁଟ ପଛରେ ୪୦ ଲକ୍ଷ ଟଙ୍କାର ଡିଲ୍ ହୋଇଛି । ଏହାର ତଦନ୍ତକୁ ଚପାଇ ଦିଆଯାଇଛି । ଆଗକୁ ପଞ୍ଚାୟତ ନିର୍ବାଚନ ଥିବାରୁ ଜିଲାରେ ବହୁ କର୍ମଚାରୀ ଓ ଅଧିକାରୀ ୫ବର୍ଷ ହେବ ଗୋଟିଏ ସ୍ଥାନରେ ରହିଛନ୍ତି । ୩ ବର୍ଷରୁ ଉର୍ଦ୍ଧ୍ୱ ସମୟ ଗୋଟିଏ ପଦବୀରେ ରହିଥିବା କର୍ମଚାରୀ ଓ ଅଧିକାରୀଙ୍କ ବଦଳି ନ ହେଲେ ପଞ୍ଚାୟତ ନିର୍ବାଚନରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସେ କହିଛନ୍ତି। ନୟାଗଡ଼ ଟିନିକଲରୁ ୩୦ କୋଟି ଟଙ୍କାର ଉପକରଣ ଚୋରି ହୋଇ ଯାଇଛି। ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସିସିଟିଭି କ୍ୟାମେରା ଲାଗିଥିଲେ ମଧ ଚୋରି ରୋକି ହୋଇନାହିଁ । ଗତ ୨ବର୍ଷରେ ନୟାଗଡ଼ରେ ଏମ୍‌ଜିଏନ୍‌ଆରଇଜିଏସ୍‌ରେ ୨୦୦ କୋଟି ଟଙ୍କା ଖର୍ଚ୍ଚରେ ବହୁ ଅନିୟମିତତା ହୋଇଛି। ଭାପୁର ବ୍ଲକରେ ବି ଦୁର୍ନୀତି ହୋଇଛି । ଜିଲାରେ କଷ୍ଟମ ମିଲରମାନେ ୨ବର୍ଷ ଧରି ନିମ୍ନମାନର ଚାଉଳ ଯୋଗାଣ କରୁଥିଲେ ମଧ୍ୟ କାର୍ଯ୍ୟାନୁଷ୍ଠାନ ନାହିଁ । ଏଣୁ କଂଗ୍ରେସ ଜିଲାପାଳଙ୍କ ବଦଳି ଦାବି କରି ଆନ୍ଦୋଳନକୁ ଓହ୍ଲାଇବ ବୋଲି ସେ କହିଛନ୍ତି। କଂଗ୍ରେର ଦାବିକୁ ସରକାର ଅଣଦେଖା କଲେ ନବୀନ ନିବାସ ଆଗରେ ଧାରଣା ଦିଆଯିବ ବୋଲି ଦାଶ ଚେତାବନୀ ଦେଇଛନ୍ତି।

# ବିଦ୍ୟୁତ୍ ଦର ବୃଦ୍ଧିକୁ ଶିଳ୍ପ ମାଲିକଙ୍କ ବିରୋଧ

ବ୍ରହ୍ମପୁର ଅଫିସ୍,୨।୮

ଟିପିଏସ୍‌ଓଡ଼ିଏଲ୍ ପକ୍ଷରୁ ବିଦ୍ୟୁତ ଦର ବୃଦ୍ଧି କରାଯାଇଥିବାରୁ ଗଞ୍ଜାମ ଜିଲାର ବହୁ ଶିଳ୍ପ ମାଲିକ ଅସନ୍ତୋଷ ଜାହିର କରିଛନ୍ତି। ଏ ନେଇ ଓଡ଼ିଶା ଆସେମ୍ବଲି ଅଫ୍ ସ୍ମଲ୍ ଆଣ୍ଡ ମିଡ଼ିୟମ୍ ଏଣ୍ଟରପ୍ରାଇଜେସ୍ (ଓଏଏସ୍‌ଏମ୍‌ଇ) ଗଞ୍ଜାମ ଜିଲା ସଂଘ ପକ୍ଷରୁ ରବିବାର ଆଙ୍କୁଲିଠାରେ ଖବରଦାତା ସମ୍ମିଳନୀ କରାଯାଇଛି। ଏଥିରେ ଜିଲାର ବହୁ କ୍ଷୁଦ୍ର ଓ ମଧ୍ୟମ ବର୍ଗର ଶିଳ୍ପ ପ୍ରତିଷ୍ଠାନର ମାଲିକ ଯୋଗ ଦେଇଥିଲେ। ସଂଘ ପକ୍ଷରୁ କୁହାଯାଇଛି, ପୂର୍ବରୁ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକରୁ କେଡ଼ବ୍ଲ୍ୟୁଏଚ୍‌ରେ ବିଦ୍ୟୁତ ଦର ଧାର୍ଯ୍ୟ ହେଉଥିଲା। ଯାହାକି ଦର କମ୍ ରହିଥିଲା। କିନ୍ତୁ ବର୍ତ୍ତମାନ କେଭିଏଏଚ୍‌ରେ ବିଦ୍ୟୁତ ଦର ଧାର୍ଯ୍ୟ ହୋଇଛି। ଫଳରେ ବିଦ୍ୟୁତ ଦର ବୃଦ୍ଧି ପାଇଥିବା ସଂଘ ଅଭିଯୋଗ କରିଛି। କରୋନା ମହାମାରୀ କାରଣରୁ ବର୍ତ୍ତମାନ ଶିଳ୍ପ ପ୍ରତିଷ୍ଠାନ ଗୁଡ଼ିକର ସ୍ଥିତି ସୁଧୁରି ନ ଥିବା ବେଳେ ବିଦ୍ୟୁତ ଦର ବୃଦ୍ଧି ବୋଝ ଉପରେ ନଳିତା ବିଡ଼ା ସଦୃଶ୍ୟ ବୋଲି ସଂଘ ପ୍ରକାଶ କରିଛି। ସରକାର ଏଥିପ୍ରତି ପଦକ୍ଷେପ ଗ୍ରହଣ କରିବା ପାଇଁ ସଂଘ ଦାବି କରିଛି। ଏ ନେଇ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀ ଓ ଶକ୍ତି ମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରିବାକୁ ନିଷ୍ପତ୍ତି ହୋଇଥିଲା। ଖବରଦାତା ସମ୍ମିଳନୀରେ ସଂଘର ସଭାପତି ପ୍ରକାଶ ନାୟକ, ସଂପାଦକ ଇଂ.ଫିନେନ୍ଦୁ ସାହୁ, ସହ ସଂପାଦକ ଇଂ.ମନୋରଞ୍ଜନ ସାହୁ, ଉପସଭାପତି ଶ୍ରୀମନ୍ତ ଦାଶ, କୋଷାଧ୍ୟକ୍ଷ ବିକାଶ ଚୌଧୁରୀ ଓ ଉପଦେଷ୍ଟା ରାମହରି ମହାନ୍ତିଙ୍କ ସମେତ ଜିଲାର ଚାଉଳ ମିଲର୍, ଗ୍ରାନାଇଟ୍ ମିଲର୍, କ୍ରସର ମାଲିକ ଭଳି ବିଭିନ୍ନ ଶିଳ୍ପ ପ୍ରତିଷ୍ଠାନର ମାଲିକ ଉପସ୍ଥିତ ଥିଲେ।

# ଧରାପଡ଼ିନାହାନ୍ତି ଅଭିଯୁକ୍ତ ଦିଅର

## ମହିଳାଙ୍କ ଆତ୍ମହତ୍ୟା ଘଟଣା

ବ୍ରହ୍ମପୁର ଅଫିସ,୨।୮

ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଆଙ୍କୋଲି ଇନ୍ଦିରାନଗରରେ ଜଣେ ମହିଳା ଗତ ଜୁନ୍ ୩୦ତାରିଖରେ ଆତ୍ମହତ୍ୟା କରିଥିଲେ। ଶାଶୁଘରେ ନିର୍ଯାତନା ସହି ନ ପାରି ଭଉଣୀ ଜାନକୀ ମହାନ୍ତି ଆତ୍ମହତ୍ୟା କରିଥିବା ନେଇ ଭାଇ ସୁନୀଲ ନାହାକ ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ ନଂ.୧୫୮/୨୧ରେ ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଗଣେଶ ମହାନ୍ତିଙ୍କୁ ଗିରଫ କରିଥିଲା। କିନ୍ତୁ ଅଭିଯୁକ୍ତ ଦିଅରଙ୍କୁ ପୋଲିସ ଏ ଯାଏ ଗିରଫ କରିନାହିଁ ବୋଲି ସୁନୀଲ ଓ ତାଙ୍କ ବାପା କଳ୍ପତରୁ ନାହାକ କହିଛନ୍ତି। ଦିଅର ଅଧିକାଂଶ ସମୟ ଭଉଣୀଙ୍କୁ ନିର୍ଯାତନା ଦେଉଥିଲେ ବୋଲି ସୁନୀଲ କହିଛନ୍ତି। ତେଣୁ ତାଙ୍କୁ ଗିରଫ କରି ନ୍ୟାୟ ପ୍ରଦାନ କରିବାକୁ ବାପ, ପୁଅ ନିବେଦନ କରିଛନ୍ତି। ସୂଚନା ଅନୁସାରେ ଗତ ପ୍ରାୟ ୧୦ ବର୍ଷ ତଳେ ଆସିକା ଥାନା ଚନ୍ଦ୍ରପଲ୍ଲୀର ଜାନକୀଙ୍କୁ ତାଙ୍କ ଗାଁର ଗଣେଶ ବାହା ହୋଇଥିଲେ। କିଛିବର୍ଷ ପରେ ତାଙ୍କର ଏକ ଝିଅ ହୋଇଥିଲା। ସେମାନେ ଶିଳ୍ପାଞ୍ଚଳ ଇନ୍ଦିରାନଗର ସ୍ଥିତ ଏକ ଭଡ଼ାଘରେ ରହୁଥିଲେ। ସେଠାରେ ଜାନକୀଙ୍କ ଦିଅର ମଧ ରହୁଥିଲେ। ଗତ କିଛିବର୍ଷ ହେଲା ଜାନକୀଙ୍କୁ ସ୍ୱାମୀ ଓ ଦିଅର ନିର୍ଯାତନା ଦେଇ ଆସୁଥିଲେ। ମାନସିକ ଓ ଶାରୀରିକ ନିର୍ଯାତନା ଅଧିକ ହେବାରୁ ସେ ଗତ ଜୁନ୍ ୩୦ ତାରିଖରେ ରଶି ଲଗାଇ ଆତ୍ମହତ୍ୟା କରିଥିଲେ।

# ବିଦ୍ୟାଭାରତୀଙ୍କୁ ପୁଣି ହୋଇପାରେ ଜେରା

## ଏସିଏଫ୍‌ଙ୍କ ମୃତ୍ୟୁ ଘଟଣା

ପାରଳାଖେମୁଣ୍ଡି,୨।୮(ଡି.ଏନ.ଏ.)

ଗଜପତି ଜିଲା ପାରଳାଖେମୁଣ୍ଡି ସହକାରୀ ବନ ସଂରକ୍ଷକ (ଏସିଏଫ୍) ସୌମ୍ୟରଞ୍ଜନ ମହାପାତ୍ରଙ୍କ ମତ୍ୟୁ ଘଟଣାରେ ପୋଲିସ ପୁଣି ତଦନ୍ତ ପ୍ରକ୍ରିୟା ଆରମ୍ଭ କରିଛି । ସୋମବାର ପାରଳାଖେମୁଣ୍ଡି ଥାନା ଅଧିକାରୀ ବିବେକାନନ୍ଦ ସ୍ୱାଇଁଙ୍କ ସହ ୫ ଜଣିଆ ଟିମ୍ ଘଟଣାର ପୁନଃତଦନ୍ତ ପାଇଁ ସୌମ୍ୟଙ୍କ ସ୍ତ୍ରୀ ବିଦ୍ୟାଭାରତୀଙ୍କ ବାପଘର ମୟୂରଭଞ୍ଜ ଜିଲା କପ୍ତିପଦାର ଗୌଡଗାଁକୁ ଯାଇଛନ୍ତି। ରବିବାର ଉକ୍ତ ଟିମ୍ ବ୍ରହ୍ମପୁର ଏବଂ ଭୁବନେଶ୍ୱର ଠାରେ ଫରେନସିକ ଏବଂ ସାଇଣ୍ଟିଫିକ ଟିମ ସହ କିଛି ତଥ୍ୟର ରିପୋର୍ଟ ଆସିଛି କି ନାହିଁ ତାହା ଆଲୋଚନା କରିଥିଲେ। ଯଦି ରିପୋର୍ଟ ଆସିଥାଏ ଏବଂ ସେଥିରେ ବିଦ୍ୟାଭାରତୀଙ୍କ ସମ୍ପୃକ୍ତି ନେଇ ପ୍ରମାଣ ମିଳିଲେ ତାଙ୍କୁ ଜେରା କରାଯିବା ସମ୍ଭାବନା ରହିଛି । ଅନ୍ୟପକ୍ଷରେ ତଦନ୍ତକାରୀ ଟିମ କଟକଠାରେ କ୍ରାଇମବ୍ରାଞ୍ଚ ଟିମ ସହ ମଧ ଯୋଗାଯୋଗ କରିଛି ।

# ସରକାରୀ ଚାକିରି ବୟସ ସୀମା ବୃଦ୍ଧି ଦାବି

## ଯୁବ କଂଗ୍ରେସର ଉପଜିଲାପାଳଙ୍କୁ ଦାବିପତ୍ର

ବ୍ରହ୍ମପୁର ଅଫିସ୍,୨।୮

ସରକାରୀ ନିଯୁକ୍ତିରେ ଆବେଦନ ବୟସ ସୀମା ୪୨ ବର୍ଷ ବୃଦ୍ଧି ଦାବି କରିଛି ଗଞ୍ଜାମ ଜିଲା ଯୁବ କଂଗ୍ରେସ (ବ୍ରହ୍ମପୁର ଜୋନ୍)। ଏ ନେଇ ସୋମବାର ଯୁବ କଂଗ୍ରେସ ପକ୍ଷରୁ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଓଡ଼ିଶା ପବ୍ଲିକ ସର୍ଭିସ କମିଶନ, ଓଡ଼ିଶା ସବ୍‌ଅର୍ଡିନେଟ ଷ୍ଟାଫ୍ ସିଲେକ୍ସନ କମିଶନ, ଷ୍ଟେଟ ସିଲେକ୍ସନ ବୋର୍ଡ, ଓଡ଼ିଶା ଷ୍ଟାଫ୍ ସିଲେକ୍ସନ କମିଶନ ଆଦି ଦ୍ୱାରା ପରିଚାଳିତ ବିଭିନ୍ନ ଚାକିରିରେ ଖାଲିଥିବା ପଦବୀଗୁଡ଼ିକ ପ୍ରତ୍ୟେକ ବର୍ଷ ନିୟମାନୁସାରେ ପୂରଣ ହେବା କଥା। କିନ୍ତୁ ତାହା ପୂରଣ ନ ହେବା କାରଣରୁ ବହୁ ମେଧାବୀ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଇଛି। ରାଜ୍ୟ ସରକାର ଏ ସବୁ




ଉପଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା କର୍ମକର୍ତ୍ତା।

କ୍ଷେତ୍ରରେ ବୟସ ସୀମା ୩୨ ବର୍ଷ ସୀମିତ ରଖୁଥିବାରୁ ବହୁ ମେଧାବୀ ଛାତ୍ରୀଛାତ୍ର ଉଚ୍ଚ ଶିକ୍ଷା ପାଠ୍ୟକ୍ରମ ସାରିବା ପୂର୍ବରୁ ନିଯୁକ୍ତି ବୟସ ଅତିକ୍ରାନ୍ତ ହୋଇଯାଉଥିବା ଯୁବ କଂଗ୍ରେସ କହିଛି। ଦାବିପତ୍ର ପ୍ରଦାନ ସମୟରେ ଜିଲା ଯୁବ କଂଗ୍ରେସ ସଭାପତି ବିଜୟରାଜ ପାଣିଗ୍ରାହୀଙ୍କ ସମେତ ପତିତ ପାବନ ଗନ୍ତାୟତ, ଜଗନ୍ନାଥ ପଲାଇ, ରାଜୀବ ରଣା ଖୁଣ୍ଟିଆ, ମାନସ ସାହୁ ଓ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ଜବାବ ମାଗୁଛି ଜନତା କାର୍ଯ୍ୟକ୍ରମ

ବ୍ରହ୍ମପୁର ଅଫିସ୍,୨।୮

ଜନ ଜାଗରଣ ଅଭିଯାନ ମଞ୍ଚ ପକ୍ଷରୁ ସୋମବାର ଜବାବ ମାଗୁଛି ଜନତା ନାମକ କାର୍ଯ୍ୟକ୍ରମ ଗାନ୍ଧୀନଗର ଛକଠାରେ ଅନୁଷ୍ଠିତ ହୋଇଯାଇଛି। ଗଞ୍ଜାମ ଜିଲାରେ ଘରକୁ ଘର ବୁଲି ଲୋକଙ୍କ ଅଭିଯୋଗ ସଂଗ୍ରହ କରିବା, ଜମି ପଟ୍ଟା ସହ ପକ୍କା ଘର, ପିଇବା ପାଣି, ଡ୍ରେନେଜ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ଭଳି ମୌଳିକ ସମସ୍ୟା ସମାଧାନକୁ ପ୍ରାଧାନ୍ୟ, କରୋନାରେ ମୃତ ପରିବାରଙ୍କୁ ୪ ଲକ୍ଷର ଆର୍ଥିକ ସହାୟତା ଓ ସରକାରୀ ଚାକିରି, କରୋନାରେ ଚାକିରି ହରାଇଥିବା ବ୍ୟକ୍ତିଙ୍କୁ ମାସିକ ୧୦ ହଜାର ଟଙ୍କା ଓ ତାଲା ବନ୍ଦ ଦ୍ୱାରା ପ୍ରଭାବିତ ହୋଇଥିବା କ୍ଷୁଦ୍ର ବ୍ୟବସାୟୀ, ଡ୍ରାଇଭର, ଉଠାଦୋକାନୀ ଏବଂ ଶ୍ରମିକଙ୍କୁ ୧ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ପାଇଁ ସଂଘ ଦାବି କରିଛି। ଏଥିରେ ଜନ ଜାଗରଣ ଅଭିଯାନ ମଞ୍ଚ ସଭାପତି ମଧୁସୂଦନ ସେଠୀ ସଭାପତି, ଆମ୍ ଆଦ୍‌ମି ପାର୍ଟି ଜିଲା ସମ୍ପାଦକ ଆଦିତ୍ୟ ରଥ, ଆବାହକ ସୁବାସ ରାଉତଙ୍କ ସମେତ ନିରାକାର ନାୟକ, ଆଇନଜୀବୀ ଅବନୀ ଗୟା ଓ ଶିବରାମ ପାଣିଗ୍ରାହୀ ଏବଂ ସଂଘର ବହୁ ସଦସ୍ୟ ଉପସ୍ଥିତ ଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ମଞ୍ଚ କର୍ମକର୍ତ୍ତା।

# ହିଞ୍ଜିଳିକାଟୁ ମୋ ଖତ ପ୍ରସ୍ତୁତି କେନ୍ଦ୍ରକୁ ଆଇଏସ୍‌ଓ ମାନ୍ୟତା

ହିଞ୍ଜିଳିକାଟୁ,୨।୮(ଡି.ଏନ୍.ଏ)

ହିଞ୍ଜିଳିକାଟୁ ମ୍ୟୁନିସିପାଲିଟି ପକ୍ଷରୁ ସମ୍ବଳ କେନ୍ଦ୍ର ଭାବେ ପରିଚିତ ଏମ୍‌ଆର୍‌ଏଫ୍( ମେଟେରିଆଲ ରିକଭରି ଫ୍ୟାସିଲିଟି) ଓ ବର୍ଜ୍ୟବସ୍ତୁରୁ ପ୍ରସ୍ତୁତ ମୋ ଖତ କେନ୍ଦ୍ରକୁ ଇଣ୍ଟର ନ୍ୟାଶନାଲ ଏକ୍ୟୁରେଟ ସାର୍ଟିଫିକେଶନ, ଲଣ୍ଡନ ପକ୍ଷରୁ ଆଇଏସଓ ମାନ୍ୟତା ମିଳିଛି। ପ୍ରକାଶଥାଉ କି, ମ୍ୟୁନିସିପାଲଟି ପକ୍ଷରୁ


Certificate

This is to certify that

WEALTH CENTER (MCC & MRF) HINJILICUT MUNICIPALITY

NEAR NUAGADA, WARD NO.-09, HINJILICUT MUNICIPALITY, DISTRICT GANJAM, INDIA

has been found in Compliance with requirements of

Environmental Management System

ISO 14001:2015

for the following scope:

PROVIDING MATERIAL RECOVERY FACILITY & PRODUCING MO KHATA FROM WET WASTE

International Accurate Certification

ନୂଆଁଗଡ଼ଠାରେ ସ୍ଥାପିତ ଏମ୍‌ସିସି ଓ ଏମ୍‌ଆର୍‌ଏଫ୍ କେନ୍ଦ୍ରରେ ବର୍ଜ୍ୟବସ୍ତୁର ପରିଚାଳନା କେନ୍ଦ୍ରରେ ତରଳ ଓ କଠିନ ବର୍ଜ୍ୟବସ୍ତୁର ଠିକ ପରିଚାଳନା କରାଯାଉଛି। ଏଥିରୁ ପ୍ରସ୍ତୁତ ଖତକୁ ବିକ୍ରି କରାଯିବା ସହ ଏହା ମ୍ୟୁନିସିପାଲଟିର ସମ୍ବଳ କେନ୍ଦ୍ର ଭାବରେ ପରିଚିତ ହୋଇଛି। ଏହି କେନ୍ଦ୍ରକୁ ପରିବେଶ ପରିଚାଳନା ପଦ୍ଧତି ଅନୁଯାୟୀ ପାଳନ ହୋଇଥିବାରୁ ଏହି ସାର୍ଟିଫିକେଟ ପ୍ରଦାନ କରାଯାଇଛି।

# ୩୬ ୟୁନିଟ୍ ରକ୍ତ ସଂଗ୍ରହ

ଆସିକା,୨।୮(ଡି.ଏନ.ଏ)

ଆସିକା ସୁଗାର ଟାଉନ ଜେସିସ ପକ୍ଷରୁ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଆସିକା ବିଧାୟିକା ମଞ୍ଜୁଳା ସ୍ୱାଇଁ ଏହାକୁ ଉଦଘାଟନ କରିଥିଲେ। ଯୁବନେତା ନଚିକେତା ସ୍ୱାଇଁ ଯୋଗଦେଇ ଯୁବ ଗୋଷ୍ଠୀର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ । ଶିବିରରେ ୩୬ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ପ୍ରକଳ୍ପ ନିର୍ଦ୍ଦେଶକ ଦେବାଶିଷ ପଣ୍ଡାଙ୍କ ସଂଯୋଜନାରେ କେ. ସତ୍ୟନାରାୟଣ ପାତ୍ର, ସନ୍ତୋଷ ପାତ୍ର, ଗୌରବ ପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ବିଏମ୍‌ସି ପକ୍ଷରୁ ଡେଙ୍ଗୁ ସଚେତନତା ରଥ ଶୁଭାରମ୍ଭ

ବ୍ରହ୍ମପୁର ଅଫିସ୍,୨।୮

ବ୍ରହ୍ମପୁର ମହାନଗର ନିଗମ (ବିଏମ୍‌ସି)ପକ୍ଷରୁ ସହରରେ ଡେଙ୍ଗୁ ସଚେତନତା ନେଇ ସୋମବାର ୨ଟି ସଚେତନତା ରଥର ଶୁଭାରମ୍ଭ ହୋଇଯାଇଛି। ବିଏମ୍‌ସି କମିଶନର ସିଦ୍ଧେଶ୍ୱର ବଳିରାମ ବୋନ୍ଦାର ରଥକୁ ଶୁଭାରମ୍ଭ କରିଥିଲେ। ଏହି ୨ଟି ରଥ ସହର ସାରା ବୁଲି ଡେଙ୍ଗୁର କାରଣ ଓ ନିରାକରଣ ସମ୍ପର୍କରେ ସହରବାସୀଙ୍କୁ ସଚେତନ କରିବ। ଏଥିସହ ଆଶା, ଅଙ୍ଗନୱାଡି ଓ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏଡିସ୍ ମଶା କାମୁଡ଼ିବା ଦ୍ୱାରା ଡେଙ୍ଗୁ ଓ ଚିକୁନଗୁନିଆ ହୋଇଥାଏ।। ଅଙ୍ଗନୱାଡି, ଆଶା, ଏଏନ୍‌ଏମ୍ ଓ ସ୍ୱଚ୍ଛ ସାଥୀମାନେ ଏହି ସଚେତନତାରେ ସାମିଲ



ଅଙ୍ଗନୱାଡି ଓ ଆଶା କର୍ମୀ ସଚେତନ କରୁଛନ୍ତି।



ସଚେତନତା ରଥ

## ପ୍ରତି ୱାର୍ଡ଼ରେ କରାଯିବ ସଚେତନତା

ହୋଇ ପ୍ରତି ୱାର୍ଡର ଘରକୁ ଘର ବୁଲି ଲୋକଙ୍କୁ ସଚେତନ କରାଇବେ। ଏଥିସହ ସଫେଇ କର୍ମୀ, ଜମାଦାର, ସହରାଞ୍ଚଳ ମ୍ୟାଲେରିଆ ୟୁନିଟ୍ କର୍ମଚାରୀ ସାମିଲ ହୋଇ ଲୋକଙ୍କୁ ସଚେତନ କରାଇବା ସହ ପରୀକ୍ଷା କରାଯିବ ବୋଲି ନିଗମ ପକ୍ଷରୁ କୁହାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି କମିଶନର ରୋମାଞ୍ଚିଳ ଖମାରି, ଆଶୁତୋଷ ସାମଲ, ଏଡିପିଏଚ୍‌ଓ ଡ. ମନୋଜ ପଣ୍ଡା, ସ୍ୱାସ୍ଥ୍ୟ ଅଧିକାରୀ ଡ. ମାନସ ପଣ୍ଡାଙ୍କ ସମେତ ବିଏମ୍‌ସିର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ଗଞ୍ଜାମ ଜିଲା କଂଗ୍ରେସ କମିଟି ପୁନର୍ଗଠନ

■ ୧୮ ନୂଆ କର୍ମକର୍ତ୍ତାଙ୍କ ନାମ ଘୋଷଣା

■ ବାଦ ପଡ଼ିଛନ୍ତି ଅନେକ ପୁରୁଖା ନେତା

ବ୍ରହ୍ମପୁର ଅଫିସ,୨।୮

ଗଞ୍ଜାମ ଜିଲା କଂଗ୍ରେସ କମିଟି ପୁନର୍ଗଠନ ହୋଇଛି। ଜିଲା ସଭାପତି ତଥା ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା ଜୁନ ୧୪ରେ ପଠାଇଥିବା ୧୮ ନୂଆ କର୍ମକର୍ତ୍ତାଙ୍କ ନାମ ତାଲିକାକୁ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଅନୁମୋଦନ ପରେ ସୋମବାର ଘୋଷଣା କରାଯାଇଛି। ସଞ୍ଜୟ ମିଶ୍ର, ବିଜୟ ସାହୁ ଓ ମହେଶ୍ୱର ପାତ୍ର ଉପସଭାପତି ହୋଇଛନ୍ତି। ଦୁଇଜଣ ସାଧାରଣ ସମ୍ପାଦକଙ୍କ ମଧ୍ୟରେ ପ୍ରଶାନ୍ତ କୁମାର ବିଶୋୟୀ ଓ ବନଜା ପଣ୍ଡା ଅଛନ୍ତି। ୫ ମହିଳାଙ୍କ ସମେତ ୧୩ ଜଣ ଜିଲା କମିଟିରେ ସମ୍ପାଦକ ହୋଇଛନ୍ତି। ସେମାନେ ହେଲେ ଏସ୍. ଦଣ୍ଡପାଣି ପାତ୍ର, ଅରବିନ୍ଦ ନାହାକ, କେ. କୁନା, ଜବାହରଲାଲ ସାହୁ, ଗୀତା ଦାସ, ଗୀତାଞ୍ଜଳି ସାହୁ, ଡି.ପଦ୍ମିନୀ, ରୁବିନା ଦାସ, ପ୍ରତିଭା ପଣ୍ଡା, କାଳିଆ ପାଢ଼ୀ, ଉତ୍ତମ ଦାସ, ଅଜୟ ପଣ୍ଡା ଓ ନାରାୟଣ ସେଠୀ।

ସେହିପରି ଇନ୍ଦିରା ପଶୁପାଳକ, ସୁଷମା ପ୍ରଧାନ, ମୋନିକା ପାଣିଗ୍ରାହୀ, ରଶ୍ମିତା ମହାପାତ୍ର, କୃଷ୍ଣଚନ୍ଦ୍ର ପାତ୍ର, ସନାତନ ପାଣିଗ୍ରାହୀ, ଅଗସ୍ତି ବରାଡ଼ଙ୍କୁ କାର୍ଯ୍ୟକାରୀ କମିଟି ସଦସ୍ୟା ଓ ସଦସ୍ୟ କରାଯାଇଛି। ପ୍ରଶାନ୍ତ ବିଶୋୟୀ କୋଷାଧ୍ୟକ୍ଷ ହୋଇଛନ୍ତି। ନୂଆ କମିଟିରେ ମହିଳାଙ୍କୁ ଅଗ୍ରାଧିକାର ଦିଆଯାଇଛି। ଏସ୍.ଧର୍ମାରାଜୁ ରେଡ୍ଡୀ, ଶିଶିର କୁମାର ଆଚାର୍ଯ୍ୟ, ସନ୍ତୋଷ ନାୟକ, ପ୍ରଫୁଲ୍ଲ ପଣ୍ଡା, ଦେବୀ ପ୍ରସାଦ ବିଶୋୟୀ, କେ.ନରସିଂହ ମୂର୍ତ୍ତି, ପଦ୍ମ ଚରଣ ସାହୁ, ହରିହର ସ୍ୱାଇଁ, ବିଶ୍ୱଜିତ ତରାଇ ଓ ମନୋଜ ଆଚାର୍ଯ୍ୟଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ କରାଯାଇଛି।

ଜିଲା ସଭାପତିଙ୍କ ତାଲିକାରେ ନାମ ନ ଥିବା ସତ୍ତ୍ୱେ ପିସିସି ସଭାପତି ଗଞ୍ଜାମର ପୂର୍ବତନ ସଭାପତି ତଥା ଗୋପାଳପୁର ପ୍ରାକ୍ତନ ବିଧାୟକ ତ୍ରିନାଥ ବେହେରା, ପୂର୍ବତନ ଜିଲା ମୁଖପାତ୍ର ପୀତବାସ ପଣ୍ଡା ଓ ବିସ୍ମୟ ମହାପାତ୍ରଙ୍କୁ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଭାବେ ମନୋନିତ କରିଛନ୍ତି। ଅପରପକ୍ଷରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ରାମଚନ୍ଦ୍ର ରଥ, ପୂର୍ବତନ ବାଚସ୍ପତି ଚିନ୍ତାମଣି ଦ୍ୟାନ୍‌ସାମନ୍ତରାଙ୍କ ସମେତ ଅନେକ ପୁରୁଖା କଂଗ୍ରେସ ନେତାଙ୍କୁ ଉପେକ୍ଷା କରାଯାଇଛି।

## ସଂକ୍ଷେପରେ

### ୨ଗ୍ରାମ ବ୍ରାଉନସୁଗାର ଜବତ, ଜଣେ ଗିରଫ

ନୟାଗଡ଼ ଅଫିସ,୨।୮: ନୟାଗଡ଼ ସଦର ଥାନା ପୋଲିସ ବୋଦାପଡା ପମ୍ପ ହାଉସଠାରୁ ସୋମବାର ୨ ଗ୍ରାମ ବ୍ରାଉନସୁଗାର ଜବତ କରିଛି। ବ୍ରାଉନସୁଗାର ବିକ୍ରି କରୁଥିବାବେଳେ ଫତେଗଡ ଥାନା ଭାପୁର ପାଟଣାସାହର ବାବୁଲା ସାହୁଙ୍କୁ ଗିରଫ କରିଛି। ମଙ୍ଗଳବାର ବାବୁଲାଙ୍କୁ କୋର୍ଟ ଚାଲାଣ କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

### ୩୦ କରୋନା ଆକ୍ରାନ୍ତ

ନୟାଗଡ଼ ଅଫିସ,୨।୮: ନୟାଗଡ଼ ଜିଲାରେ କରୋନା ୩୦ ଆକ୍ରାନ୍ତ ଚିହ୍ନଟ ପରେ ଦ୍ୱିତୀୟ ଲହରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫,୬୩୩ ରେ ପହଞ୍ଚିଛି। ସୋମବାର ରିପୋର୍ଟରେ ଦଶପଲ୍ଲା ବ୍ଲକରେ ୨, ଗଣିଆରେ ୧, ଖଣ୍ଡପଡାରେ ୫, ନୟାଗଡରେ ୨, ନୂଆଗାଁରେ ୩, ଓଡଗାଁରେ ୮, ରଣପୁର ବ୍ଲକରେ ୩ଜଣ ଓ ନୟାଗଡ଼ ମ୍ୟୁନିସିପାଲିଟିରେ ୬ ଜଣ ଅଛନ୍ତି। କରୋନାର ପ୍ରଥମ ଓ ଦ୍ୱିତୀୟ ପର୍ଯ୍ୟାୟ ଲହର ନୟାଗଡ଼ ଜିଲାରୁ ୧୪୯ ଜୀବନ ଦୀପ ଲିଭି ସାରିଲାଣି।

### ଚାକିରି ବୟସ ୪୨କୁ ବୃଦ୍ଧି ପାଇଁ କଂଗ୍ରେସର ଦାବି

ନୟାଗଡ ଅଫିସ,୨।୮: ଚାକିରି ବୟସ ୪୨କୁ ବୃଦ୍ଧି କରିବାକୁ ଯୁବ କଂଗ୍ରେସ ଦାବି କରିଛି। ଏ ନେଇ ଯୁବ କଂଗ୍ରେସ ପକ୍ଷରୁ ଜିଲା ସଭାପତି ପ୍ରତୀକ ମହାପାତ୍ରଙ୍କ ନେତୃତ୍ୱରେ ଏକ ଦଳ ଅତିରିକ୍ତ ଜିଲାପାଳଙ୍କ ଜରିଆରେ ମୁଖ୍ୟ ଶାସନ ସଚିବଙ୍କୁ ସୋମବାର ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଯୁବ କଂଗ୍ରେସ ପକ୍ଷରୁ କୁହାଯାଇଛି ଅନ୍ୟ ରାଜ୍ୟରେ ସରକାରୀ ଚାକିରିର ବୟସ ୪୦ରୁ ଊର୍ଦ୍ଧ୍ୱ ରହିଥିବାବେଳେ ଓଡ଼ିଶାରେ ଏହା ୩୨ ବର୍ଷ ରହିଛି। ଫଳରେ ଅନେକ ମେଧାବୀ ଯୁବତୀଯୁବକ ଚାକିରି ପାଇବାରୁ ବଞ୍ଚିତ ହେଉଛନ୍ତି। ଏଣୁ ଚାକିରି ବୟସ ୪୨ ହେବା ଦରକାର ବୋଲି ଯୁକ୍ତି କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା କଂଗ୍ରେସ ସଭାପତି ରଣଜିତ ଦାଶ, ରାଜ୍ୟ ଯୁବ କଂଗ୍ରେସ ଆଇନ ବିଭାଗ ମୁଖ୍ୟ ଆଦିତ୍ୟ ପ୍ରସାଦ ପରିଡା, ରଣପୁର ଯୁବ କଂଗ୍ରେସ ନେତା ଜିତେନ୍ଦ୍ର ପ୍ରଧାନ ଏଥିରେ ଭାଗ ନେଇଥିଲେ।

### ମଠ ମହନ୍ତଙ୍କ ପରଲୋକ

ନୟାଗଡ ଅଫିସ,୨।୮: ନୟାଗଡ ପୁରୁଣା ସହରସ୍ଥିତ ବଡମଠର ମହନ୍ତ ତଥା ନୟାଗଡର ଆରାଧା ଦେବୀ ମା’ ଦକ୍ଷିଣକାଳୀ ମନ୍ଦିର ପରିଚାଳନା କମିଟିର ସଭାପତି ସୁଦାମ ଚରଣ ଦାସ ମହାରାଜଙ୍କର ପରଲୋକ ହୋଇଛି। ମୃତ୍ୟୁ ବେଳକୁ ୭୮ ବର୍ଷ ହୋଇଥିଲା। ମଠ ମହନ୍ତଙ୍କ ଘର ନୟାଗଡ଼ ଜିଲା ଓଡ଼ଗାଁ ବ୍ଲକ ଆଙ୍ଗିସିଙ୍ଗିରେ। ସେ ୧୯୫୨ରୁ ବାବାଜୀ ହୋଇ ଯାଇଥିଲେ। ୧୯୬୮ରୁ ବଠମଠର ମହନ୍ତ ଭାର ନେଇଥିଲେ। ତାଙ୍କ ମୃତ୍ୟୁରେ ନୟାଗଡ଼ରେ ଶୋକର ଛାୟା ଖେଳିଯାଇଛି। କୃଷିମନ୍ତ୍ରୀ ଅରୁଣ ସାହୁ, ମା’ ଦକ୍ଷିଣକାଳୀ ମନ୍ଦିର ପରିଚାଳନା କମିଟିର କର୍ମକର୍ତ୍ତା ଦୁଃଖ ପ୍ରକାଶ କରିଛନ୍ତି।

# ୯ ବେଆଇନ କ୍ରଶରକୁ ଲଗାମ ନାହିଁ

- ମାଟିରେ ମିଶୁଛି ନୟାଗଡ଼ର ୧୨ରୁ ଊର୍ଦ୍ଧ୍ୱ ମୁଣ୍ଡିଆ
- ରାଜସ୍ୱ ନ ଦେଇ ଦିନକୁ ୫୦ ଲକ୍ଷ ଲୁଟ୍
- ଏସ୍‌ଟିଏଫ୍ ତଦନ୍ତ ପାଇଁ ଦାବି ଜୋର ଧରିଲା




ପୁଆଣିଆ ମୁଣ୍ଡିଆ ପାଖରେ ଚାଲିଥିବା କ୍ରଶର।

ନୟାଗଡ଼ ଅଫିସ,୨।୮

ବଣ ପାହାଡ଼ଘେରା ନୟାଗଡ଼ ଜିଲାରୁ ଧୀରେ ଧୀରେ ପାହାଡ଼ ସବୁ ପଦା ହେବାରେ ଲାଗିଛି। ଜିଲାର ଓଡ଼ଗାଁ ତହସିଲର ପୁଆଣିଁଆ, ପଙ୍କାଳସାହି ଓ ମହିଷାଗୋଠ, ରଣପୁର ତହସିଲର ସୁନାଖଳା ଓ ପୋକଶୁଙ୍ଘା, ନୂଆଗାଁ ତହସିଲର ବଳଭଦ୍ରପୁର, ଦଶପଲ୍ଲା ତହସିଲରେ ପୋଇବାଡିରେ ୩ଟି ଏପରି ମୋଟ ୯ ସ୍ୱୟଂଚାଳିତ ଷ୍ଟୋନ କ୍ରଶର ବେଆଇନ ଭାବେ ଚାଲୁଥିବା ଅଭିଯୋଗ ହେଉଛି। ଏହି କ୍ରଶରଗୁଡିକ ଜିଲାର ୧୨ରୁ ଊର୍ଦ୍ଧ୍ୱ ପାହାଡ଼ରେ ବେଆଇନ ବ୍ଲାଷ୍ଟିଂ କରାଇ ମାଟିରେ ମିଶାଇ ଚାଲିଛନ୍ତି। ସରକାରଙ୍କୁ ରାଜସ୍ୱ ନ ଦେଇ ପ୍ରତ୍ୟହ ପ୍ରାୟ ୫୦ ଲକ୍ଷ ଟଙ୍କା ଲୁଟ୍ ହେଉଛି। କେତେଜଣ ପ୍ରଭାବଶାଳୀ ବ୍ୟକ୍ତି ଅବାଧରେ ବ୍ଲାଷ୍ଟିଂ ଓ କ୍ରଶର ଚଳାଇ ଆସୁଥିଲେ ମଧ୍ୟ ସେମାନଙ୍କ ଉପରେ ପ୍ରଶାସନର ଲଗାମ ନାହିଁ। ତେବେ ଚାପରେ ଚେପା ହୋଇ ପ୍ରଶାସନ ଧରପଗଡକୁ ଭୁଲି ଯାଇଛି ବୋଲି ଅଭିଯୋଗ ହେଉଛି। ପ୍ରଶାସନ ନୀରବତାକୁ ରୋକିବାକୁ ହେଲେ ଏସ୍‌ଟିଏଫ୍ (ସ୍ୱତନ୍ତ୍ର ଟାସ୍କଫୋର୍ସ) ତଦନ୍ତର ଆବଶ୍ୟକତା ପଡିଛି ବୋଲି ସାଧାରଣରେ ଦାବି ହେଉଛି।

ଅଭିଯୋଗ ଅନୁସାରେ, ପୁଆଣିଅଁ, ପଙ୍କାଳସାହି, ମହିଷାଗୋଠ, ସୁନାଖଳା, ପୋକଶୁଙ୍ଘା, ବଳଭଦ୍ରପୁର, ପୋଇବାଡି ପ୍ରଭୃତି ଅଞ୍ଚଳର ସ୍ଥାନୀୟ ମୁଣ୍ଡିଆଗୁଡ଼ିକରେ ବ୍ଲାଷ୍ଟିଂ ପାଇଁ କୋଲକାତାରୁ ବିସ୍ଫୋରକ ସାମଗ୍ରୀ ଆସୁଛି। କ୍ରଶରଗୁଡ଼ିକ ପ୍ରତ୍ୟହ ହାଇୱା ଯୋଗେ ୫୦୦ରୁ ୬୦୦ ଟ୍ରିପ୍ ଚିପ୍‌ସ, ମେଟାଲ ଓ ବଜୁରି ଜିଲାର ବିଭିନ୍ନ ଅଞ୍ଚଳକୁ ଚାଲାଣ କରୁଛନ୍ତି। କୌଣସି ସ୍ଥାନରେ ଧରାପଡ଼ିଲେ ପ୍ରଭାବଶାଳୀ ବ୍ୟକ୍ତିମାନେ ଅନୁଗତଙ୍କ ଫୋନରେ ସବୁ ସମାଧାନ କରାଇ ଦେଉଛନ୍ତି। ବେଆଇନ ବ୍ଲାଷ୍ଟିଂ ଓ କ୍ରଶର ନେଇ ଦଶପଲ୍ଲା, ରଣପୁର, ଓଡ଼ଗାଁ ଅଞ୍ଚଳର କେତେଜଣ ବ୍ୟକ୍ତି କହିଛନ୍ତି, ଜିଲାର ବିଭିନ୍ନ ମୁଣ୍ଡିଆରେ ବେଆଇନ ବ୍ଲାଷ୍ଟିଂ ଚାଲିଛି। ତେବେ ଅଟୋମେଟିକ କ୍ରଶର ଯୋଗୁ ତୁରନ୍ତ ମୁଣ୍ଡିଆ ପଦା ହୋଇଯାଉଛି। ୨ରୁ ୬ ବର୍ଷ ବିଭିନ୍ନ ସ୍ଥାନରେ ବେଆଇନ କ୍ରଶରଗୁଡ଼ିକ ଚାଲୁ ରହିଛି। ଅଭିଯୋଗ କଲେ ସୁଫଳ ମିଳୁନି। ପ୍ରତିଷ୍ଠିତ ଲୋକେ ଜିଲାର ମୁଣ୍ଡିଆଗୁଡ଼ିକୁ ଲୁଟୁଛନ୍ତି। ପ୍ରଶାସନ କିଛି ତ କରୁନି। ଏସ୍‌ଟିଏଫ୍ ବି ନଜର ଦେଉନି। ପରିବେଶବିତ୍ ବିଭୁ ପ୍ରସାଦ ଦାଶ କୁହନ୍ତି, ସରକାର ରାଜସ୍ୱ ନ ପାଇ ମଧ୍ୟ ବେଆଇନ କାର୍ଯ୍ୟକୁ ପ୍ରୋତ୍ସାହନ ଦେଇ ଚାଲିଛନ୍ତି। ଡିନାମାଇଟ୍ ଲଗାଇ ପାହାଡ଼ ବ୍ଲାଷ୍ଟିଂ ହେଉଥିବାବେଳେ ଅଟୋମେଟିକ କ୍ରଶର ମୁଣ୍ଡିଆକୁ ଖାଇଚାଲିଛି। ଫଳରେ ଜଙ୍ଗଲ ନଷ୍ଟ ହେଉଛି। ଏଭଳି ବେଆଇନ କାର୍ଯ୍ୟକୁ ସ୍ଥାନୀୟ ଜନସାଧାରଣ ପ୍ରତିବାଦ କରିବା ଦରକାର। ନଚେତ ପାଠପଢ଼ା ବହିରେ ରହିଯିବ ନୟାଗଡ଼ ଜିଲାର ପ୍ରାକୃତିକ ଶୋଭାରାଜି ବୋଲି ସେ ପ୍ରକାଶ କରିଛନ୍ତି। ପରିବେଶବିତ୍ ସଞ୍ଜୟ ସାହୁ ଓ ଗଛସାର ଅନ୍ତର୍ଯାମୀ ସାହୁ କୁହନ୍ତି, ଜିଲାସାରା ବେଆଇନ ଭାବେ କ୍ରଶର ଚାଲିଛି। ପୁଣି ବେଆଇନ ବ୍ଲାଷ୍ଟିଂ ହେଉଛି। କିଛି ସ୍ଥାନରେ ନିଲାମଧାରୀ ଓ କ୍ରଶରମାଲିକଙ୍କ ବେଆଇନ କାର୍ଯ୍ୟର ପ୍ରତିବାଦ କଲେ ଧମକଚମକ ଦିଆଯାଉଛି। ବେଆଇନ କି ନିଲାମ ଖଣି ହେଉ ପ୍ରଶାସନର କାର୍ଯ୍ୟାନୁଷ୍ଠାନ ଶୂନ। ଏଣୁ ବଣ ପାହାଡ଼ ଘେରା ନୟାଗଡ଼ ଜିଲାରୁ ଧୀରେ ଧୀରେ ଜଙ୍ଗଲ କମି ଯାଉଥିବାବେଳେ ପାହାଡ଼ ମାଟିରେ ମିଶୁଛି। ଏ ନେଇ ଆମର ଅଭିଯୋଗ ଶୀତଳଭଣ୍ଡାରରେ ରହି ଯାଉଛି।

### ଚାଷଜମି ପାଣିରେ ବୁଡ଼ି ଚାଷୀଙ୍କ ମୃତ୍ୟୁ

ଓଡ଼ଗାଁ, ୨।୮ (ସ୍ୱ.ପ୍ର.)

ମୃତ୍ୟୁ ବି ଏମିତି ଆସେ। ସୋମବାର ସକାଳେ ବିଲରେ ହଳ କରୁଥିବା ବେଳେ ହଠାତ୍ ପାଣିରେ ବୁଡି ଜଣେ ଚାଷୀଙ୍କ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ସେ ହେଲେ ଓଡ଼ଗାଁ ଥାନା ଗୌଡପୁଟ ପଞ୍ଚାୟତ ଗୁଆନ୍ଦ ହରିଜନ ସାହିର ପ୍ରମୋଦ ନାୟକ(୪୫) ବୋଲି ଜଣାଯାଇଛି। ପ୍ରମୋଦ ଜମିରେ ହଳ କରୁଥିବା ବେଳେ କୌଣସି କାରଣରୁ ହଠାତ୍ ଅଚେତ ହୋଇ ପାଣିରେ ପଡି ବୁଡି ରହି ଯାଇଥିଲେ। ପରିବାର ଲୋକେ ତାଙ୍କୁ ହଳ କରୁଥିବା ଦେଖିବାକୁ ନ ପାଇ ଖୋଜାଖୋଜି କରିବାରେ ପାଣିରୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଆଣିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ କରି ପରିବାରକୁ ହସ୍ତାନର କରିଛି। ମୃତକ ଚାଷୀଙ୍କୁ ଦୁଇ ନାବାଳକ ପୁତ୍ର ଓ ସ୍ତ୍ରୀଙ୍କୁ ଯଥାଶୀଘ୍ର ସରକାରୀ ସହାୟତା ପ୍ରଦାନ କରିବାକୁ ଆମ୍ବ ଅଧକ୍ଷ ନିତ୍ୟାନନ୍ଦ ପ୍ରଧାନ ଦାବି କରିଛନ୍ତି।

# ଧ୍ୱଂସାଭିମୁଖୀ କଣ୍ଟିଲୋର ସର୍ବପୁରାତନ ସ୍କୁଲ



ରକ୍ଷଣାବେକ୍ଷଣ ଅଭାବରୁ ଧ୍ୱଂସାଭିମୁଖୀ ଶିକ୍ଷାନୁଷ୍ଠାନ।

ଖଣ୍ଡପଡ଼ା,୨।୮(ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ଅଧୀନ କଣ୍ଟିଲୋ ସରକାରୀ ନିମ୍ନପ୍ରାଥମିକ ବିଦ୍ୟାଳୟ ରକ୍ଷଣାବେକ୍ଷଣ ଅଭାବରୁ ବିଭିନ୍ନ ସମସ୍ୟା ମଧ୍ୟରେ ଚାଲିଛି । ସ୍ୱାଧୀନତାର ବହୁ ବର୍ଷ ପୂର୍ବରୁ ପ୍ରତିଷ୍ଠିତ ହୋଇଥିବା ଏହି ବିଦ୍ୟାଳୟରେ ଶିଶୁ ଶ୍ରେଣୀଠାରୁ ୩ୟ ଶ୍ରେଣୀ ପର୍ଯ୍ୟନ୍ତ ପିଲାମାନେ ଅଧ୍ୟୟନ କରୁଥିଲେ । ପରବର୍ତ୍ତୀ ସମୟରେ ଏହି ଶିକ୍ଷାନୁଷ୍ଠାନକୁ ସରକାରୀ ମଧ୍ୟ ଇଂରାଜୀ ବିଦ୍ୟାଳୟର ମାନ୍ୟତା ମିଳିଥିଲା । ପରେ ଏହି ସ୍କୁଲକୁ କଣ୍ଟିଲୋ ନିମ୍ନ ପ୍ରାଥମିକ ବିଦ୍ୟାଳୟ ସହିତ ସାମିଲ କରାଯାଇଥିଲା। ୧୯୪୭ରେ ଉକ୍ତ ବିଦ୍ୟାଳୟର ନାମ ପରିବର୍ତ୍ତନ କରାଯାଇ ସରକାରୀ ଭଗବାନ ମଧ୍ୟ ଇଂରାଜୀ ବିଦ୍ୟାଳୟ ନାମରେ ନାମିତ କରାଯାଇଥିଲା । ତତ୍କାଳୀନ ରାଜ୍ୟପାଳ ଅଯୋଦ୍ଧା ନାଥ ଖୋସଲା ସେହି ସ୍କୁଲକୁ ଉଦ୍‌ଘାଟନ କରିଥିଲେ। ୨୦୧୭ରେ ରାଜ୍ୟ ସରକାରଙ୍କ ନୂତନ ନିୟମ ଅନୁଯାୟୀ ଉକ୍ତ ବିଦ୍ୟାଳୟଟି ଗୋଟିଏ ପରିସରରେ ଥିବା ନୀଳମାଧବ ବିଦ୍ୟାପୀଠ ସହ ସାମିଲ ହୋଇ ନୀଳମାଧବ ନୋଡାଲ ହାଇସ୍କୁଲ ଅଧୀନରେ ରହିଛି । ଏବେ ଉକ୍ତ ଶିକ୍ଷାନୁଷ୍ଠାନଟି ଉପଯୁକ୍ତ ରକ୍ଷଣାବେକ୍ଷଣ ଅଭାବରୁ ବିପଦଶଙ୍କୁଳ ଅବସ୍ଥାରେ ଅଛି। ବାରମ୍ବାର ଅଭିଯୋଗ ପରେ ଶିକ୍ଷା ବିଭାଗ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ କର୍ତ୍ତୃପକ୍ଷ ଏହି ସ୍କୁଲ ପରିଦର୍ଶନ କରି ଉକ୍ତ ଅସୁରକ୍ଷିତ ଘୋଷଣା କରିଥିଲେ। ଫଳରେ ଛାତ୍ରୀଛାତ୍ରଙ୍କୁ ପାଣ୍ଠି ପାଖରେ ଥିବା ଶିକ୍ଷାନୁଷ୍ଠାନକୁ ସ୍ଥାନାନ୍ତର କରାଯାଇଥିଲା । ଏହାପରେ ବି ଶିକ୍ଷା ବିଭାଗ କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗ ଉକ୍ତ ସ୍କୁଲ ପାଇଁ କୌଣସି ପଦକ୍ଷେପ ଗ୍ରହଣ କରି ନ ଥିବାରୁ ଜନଅସନ୍ତୋଷ ପ୍ରକାଶ ପାଇଛି। ଏଣେ ଉକ୍ତ ସ୍କୁଲ ଓ ତା ପାଖରେ ଥିବା ଡାକ୍ତରଖାନା ଜମି ଏବେ ଜବରଦଖଲକାରୀଙ୍କ କବ୍‌ଜାରେ ରହିଛି।

ଏ ସଂକ୍ରାନ୍ତରେ ନୀଳମାଧବ ନୋଡାଲ ବିଦ୍ୟାପୀଠ ମୋ ସ୍କୁଲ ଅଭିଯାନ ସମିତି ସଭାପତି ଡ. ଅର୍ଜୁନ ସାହୁ କୁହନ୍ତି, ଏହି ସ୍କୁଲଟି କଣ୍ଟିଲୋର ସର୍ବପୁରାତନ ଶିକ୍ଷାନୁଷ୍ଠାନ, ଏଥିରେ ବହୁ ଛାତ୍ରୀଛାତ୍ରଙ୍କ ସ୍ମୃତି ଜଡିତ । ଜନସଂଖ୍ୟା ଦୃଷ୍ଟିରୁ ଏହି ଶିକ୍ଷାନୁଷ୍ଠାନର ସଂପ୍ରସାରଣ ପାଇଁ ଅତିରିକ୍ତ ଜମିର ଆବଶ୍ୟକତା ରହିଛି । ଜିଲା ପରିଷଦ ସଭ୍ୟ ରାମେଶ୍ୱର ଶତପଥୀ କୁହନ୍ତି, ନୀଳମାଧବ ପର୍ଯ୍ୟଟନ କ୍ଷେତ୍ରର ବିକାଶ ସହ କଣ୍ଟିଲୋ ମେଡିକାଲକୁ ସିଏଚ୍‌ସି କରାଯିବା ପାଇଁ ଜିଲା ପରିଷଦରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏ ସଂକ୍ରାନ୍ତରେ ରାଜ୍ୟ ସରକାରଙ୍କୁ ମଧ୍ୟ ଅବଗତ କରାଯାଇଛି । ମେଡିକାଲ ନିକଟରେ ଅବ୍ୟବହୃତ ହୋଇ ପଡିଥିବା ସ୍ଥାନକୁ ଡାକ୍ତରଖାନା ସଂପ୍ରସାରଣ ପାଇଁ ସଂରକ୍ଷିତ ରଖିବାର ଆବଶ୍ୟକତା ରହିଛି। ସରପଞ୍ଚ ପ୍ରତାପଚନ୍ଦ୍ର ସାହୁ କୁହନ୍ତି, ଆଗାମୀ ଭବିଷ୍ୟତରେ ମେଡିକାଲ ସହ ଶିକ୍ଷାନୁଷ୍ଠାନର ସଂପ୍ରସାରଣ ଯୋଜନା ରହିଛି। ବିଭାଗୀୟ କର୍ତ୍ତୃପକ୍ଷ ସେହି ଜାଗାର ସୁରକ୍ଷା ଦିଗରେ ଦୃଷ୍ଟି ଦେବା ସହ ପଞ୍ଚାୟତ ପକ୍ଷରୁ ଏଦିଗରେ ଜିଲାପାଳଙ୍କୁ ଅବଗତ କରାଯିବ । କଣ୍ଟିଲୋ ନାଗରିକ ମଞ୍ଚର ସଭାପତି ଅଖିଳ କୁମାର ମହାରଣା କୁହନ୍ତି, ମେଡିକାଲ ସଂପ୍ରସାରଣର ଆବଶ୍ୟକତା ଥିବାରୁ ଅବ୍ୟବହୃତ ଶିକ୍ଷାନୁଷ୍ଠାନ ଜାଗାକୁ ରୋଗୀ କଲ୍ୟାଣ ସମିତି ପକ୍ଷରୁ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଜବରଦଖଲରେ ଥିବା ସେହି ଜାଗାକୁ ମେଡିକାଲକୁ ହସ୍ତାନ୍ତର କରାଯିବା ଦରକାର । ପୂର୍ବତନ ସରପଞ୍ଚ ସଚ୍ଚିଦାନନ୍ଦ ଦାଶ କୁହନ୍ତି, ପିଲାଦିନେ ଆମ ପାଠ ପଢିଥିବା ଏହି ଶିକ୍ଷାନୁଷ୍ଠାନଟି କେତେଜଣ ଜବରଦଖଲ କରିବାରେ ଲାଗିଛନ୍ତି। ସେହି ଜାଗାକୁ ଜବରଦଖଲ ମୁକ୍ତ କରିବାର ଆବଶ୍ୟକତା ରହିଛି । ଖଣ୍ଡପଡ଼ା ବ୍ଲକ୍ ଶିକ୍ଷାଧିକାରିଣୀ ଜୟନ୍ତୀ ସାହୁ କୁହନ୍ତି, ନୀଳମାଧବ ନୋଡ଼ାଲ ବିଦ୍ୟାପୀଠର ପ୍ରଧାନ ଶିକ୍ଷକ ଏ ସମ୍ପର୍କରେ ଜିଲାପାଳ ଓ ଶିକ୍ଷା ବିଭାଗକୁ ଅବଗତ କରାଇଲେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ।

# ଗାଁରେ ଅସ୍ୱାସ୍ଥ୍ୟକର ପରିବେଶ, ଡେଙ୍ଗୁ ବ୍ୟାପିବା ଆଶଙ୍କା

ଖଣ୍ଡପଡ଼ା,୨।୮ (ସ୍ୱ.ପ୍ର)

ଖଣ୍ଡପଡ଼ା ବ୍ଲକ ଅଞ୍ଚଳର ବିଭିନ୍ନ ଗାଁରେ ବର୍ଷାଋତୁ ଯୋଗୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହୋଇଛି। ଯେଉଁଠି ଦେଖିବ ସେଠି ବର୍ଷା ପାଣି ଜମା ହୋଇ ରହୁଥିବାରୁ ମଶା, ମାଛିଙ୍କ ଦୌରାତ୍ମ୍ୟ ବେଳକୁ ବେଳ ବୃଦ୍ଧି ପାଇବାରେ ଲାଗିଛି। ଏପରି କି ପ୍ରଶାସନ ପକ୍ଷରୁ ବିଭିନ୍ନ ଗାଁରେ ସିମେଣ୍ଟ କଂକ୍ରିଟ ରାସ୍ତା ନିର୍ମାଣ କରାଯାଇଛି। ମାତ୍ର ରାସ୍ତା ପାର୍ଶ୍ୱରେ ବର୍ଷା ଜଳ ନିଷ୍କାସନ ନିମନ୍ତେ ଡ୍ରେନେଜ ବ୍ୟବସ୍ଥା ନ ଥିବାରୁ ସାମାନ୍ୟ ବର୍ଷା ହେଲେ ସିମେଣ୍ଟ କଂକ୍ରିଟ ରାସ୍ତା ଉପରେ ବର୍ଷା ଜଳ ଜମିରହି ପୂତି ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ସାମ୍ପ୍ରତିକ ପରିସ୍ଥିତିରେ ମହାମାରୀ କରୋନାର ପ୍ରକୋପ ସାଙ୍ଗକୁ ଅସ୍ୱାସ୍ଥ୍ୟକର ପରିବେଶକୁ ନେଇ ଡେଙ୍ଗୁ ରୋଗ ବ୍ୟାପିବା ଆଶଙ୍କାରେ ଅଞ୍ଚଳବାସୀ ଆତଙ୍କିତ ହୋଇପଡିଛନ୍ତି। ପ୍ରତ୍ୟେକ ଗ୍ରାମରେ ଗାଁ କଲ୍ୟାଣ ସମିତି ଗଠନ କରାଯାଇଛି। ମାତ୍ର ଗାଁ କଲ୍ୟାଣ ସମିତିର ସଦସ୍ୟମାନେ ଗ୍ରାମର ପରିବେଶ ଦିଗରେ ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ବର୍ଷାଦିନ ଆରମ୍ଭରୁ ଗ୍ରାମ ପରିବେଶରେ ବ୍ଲିଚିଂ ପାଉଡର ଟିକିଏ ମଧ୍ୟ ପ୍ରଶାସନ ପକ୍ଷରୁ ପକା ଯାଉ ନ ଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି। ଗାଁ ଗଣ୍ଡାର ଅସ୍ୱାସ୍ଥ୍ୟକର ପରିବେଶ ପ୍ରତି ପଞ୍ଚାୟତ କର୍ତ୍ତୃପକ୍ଷ ଧ୍ୟାନ ଦେବାକୁ ବିଭିନ୍ନ ମହଲରୁ ଦାବି ହେଉଛି।

# ନାଏବ ସରପଞ୍ଚଙ୍କ ପ୍ରତିବାଦ ପରେ ଉତ୍ତେଜନା

ନୟାଗଡ଼ ଅଫିସ,୨।୮

**ଅଣକର୍ମଚାରୀ ବାଣ୍ଟୁ ଥିଲେ ରାଶନ ସାମଗ୍ରୀ**

ଭାପୁର ବ୍ଲକ୍ ବାଉଁଶବାଟି ପଞ୍ଚାୟତରେ ଜଣେ ଅଣ କର୍ମଚାରୀ ରାଶନ ସାମଗ୍ରୀ ବାଣ୍ଟୁଥିଲେ । ସରପଞ୍ଚ, ସମିତି ସଭ୍ୟ, କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ଅନୁପସ୍ଥିତିରେ ପଞ୍ଚାୟତର ଜଣେ ଅଣ କର୍ମଚାରୀ ରାଶନ ସାମଗ୍ରୀ ବାଣ୍ଟିବା ଠିକ୍ ନୁହେଁ ବୋଲି ନାଏବ ସରପଞ୍ଚ ପ୍ରତିବାଦ କରିଥିଲେ। ଏଥିରେ ସ୍ୱଚ୍ଛତା ରହିବ ନାହିଁ ବୋଲି ସେ କହିବା ପରେ ଦୁଇଜଣଙ୍କ ମଧ୍ୟରେ ବଚସା ହୋଇଥିଲା । ଫଳରେ କିଛି ସମୟ ପାଇଁ ସେଠାରେ ଉତ୍ତେଜନା ପ୍ରକାଶ ପାଇଥିଲା । ଗତ ୨୯ ତାରିଖରେ ହୋଇଥିବା ଏହି ଘଟଣା ନେଇ ନାଏବ ସରପଞ୍ଚ ସୁଶାନ୍ତ ଧଳଙ୍କ ଅଭିଯୋଗ ପରେ ପୋଲିସ ବାଉଁଶବାଟି ଗାଁର ଭାଗବତ ଧଳ(୫୨) ବିରୋଧରେ ଏକ ମାମଲା(ନଂ.୧୩୪/୨୧) ରୁଜୁ କରିଥିଲା। ଭାଗବତଙ୍କ ପାଲଟା ଅଭିଯୋଗ ପରେ ନାଏବ ସରପଞ୍ଚ ସୁଶାନ୍ତଙ୍କ ନାମରେ ଏକ ମାମଲା(ନଂ.୧୩୫/୨୧) ରୁଜୁ କରି ପୋଲିସ ତଦନ୍ତ ଆରମ୍ଭ କରିଛି।

# କବାଡ଼ିଆଙ୍କ ଗୋଦାମ ପାଲଟିଛି ଅଙ୍ଗନୱାଡି କେନ୍ଦ୍ର

ଖଣ୍ଡପଡ଼ା,୨।୮ (ସ୍ୱ.ପ୍ର.)

ପ୍ରଶାସନର ଅଣଦେଖା ଯୋଗୁ ଖଣ୍ଡପଡା ବ୍ଲକ ଅଧୀନ ସିଧାମୂଳା ଗାଁରେ ଥିବା ୩ଟି ଅଙ୍ଗନୱାଡି କେନ୍ଦ୍ର ଏବେ କବାଡିଆଙ୍କ କବ୍‌ଜାରେ ଥିବା ଜଣାପଡିଛି। କବାଡିଆମାନେ ବିଭିନ୍ନ ଅଦରକାରୀ ସାମଗ୍ରୀ ସବୁ ଅଙ୍ଗନୱାଡି କେନ୍ଦ୍ରରେ ମହଜୁଦ ରଖିଛନ୍ତି। ସୂଚନାଯୋଗ୍ୟ କୋଭିଡ୍ କଟକଣା ଯୋଗୁ ୧୬ ମାସ ଧରି ଅଙ୍ଗନୱାଡି କେନ୍ଦ୍ରଗୁଡ଼ିକ ବନ୍ଦ ରହିଛି। ଶିଶୁମାନେ ଓ ଅଙ୍ଗନୱାଡି କର୍ମୀ କେହି ହେଲେ କେନ୍ଦ୍ରକୁ ଯାଉ ନ ଥିବାର ସୁଯୋଗ ନେଇ କବାଡିଆମାନେ ସେହି ଗୃହଗୁଡ଼ିକୁ ଗୋଦାମ କରିଛନ୍ତି। ଖଣ୍ଡପଡ଼ା ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷାଧିକ ଟଙ୍କା ବ୍ୟୟରେ ସିଧାମୂଳା ପଞ୍ଚାୟତସ୍ଥିତ ପ୍ରାଥମିକ ବିଦ୍ୟାଳୟ ନିକଟରେ ୧ ନଂ., ୨ ନଂ. ଓ ୩ ନଂ. ନୂତନ ଅଙ୍ଗନୱାଡି କେନ୍ଦ୍ର ନିର୍ମାଣ କରାଯାଇଥିଲା। ଏଗୁଡ଼ିକର ସୁରକ୍ଷା ପ୍ରାଚୀର ନ ଥିବା ବେଳେ ସମ୍ପୃକ୍ତ ପରିସର ଅସ୍ୱାସ୍ଥ୍ୟକର ପରିବେଶ ମଧ୍ୟରେ ରହିଛି। ଅଙ୍ଗନୱାଡି କେନ୍ଦ୍ରର କାନ୍ଥ ବାଡ଼ ସବୁ କିଛି ରଙ୍ଗ କରାଯିବା ସହ ବିଭିନ୍ନ ଚିତ୍ର ଶୋଭା ପାଉଥିଲା। ଗ୍ରାମବାସୀ ସମ୍ପୃକ୍ତ ଅଙ୍ଗନୱାଡି କେନ୍ଦ୍ରରେ କବାଡ଼ି ସାମଗ୍ରୀ ରଖିଥିବା ବ୍ୟକ୍ତିଙ୍କୁ ବାରଣ କରୁଥିଲେ ମଧ୍ୟ ସେ କାହା କଥା ଶୁଣି ନ ଥିବା ଅଭିଯୋଗ ହେଉଛି। ଏ ସମ୍ପର୍କରେ ଖଣ୍ଡପଡ଼ା ସିଡିପିଓ ସତ୍ୟଭାମା ଦେବୀଙ୍କୁ ପଚାରିବାରେ ଏ ଦିଗରେ ପଦକ୍ଷେପ ଗ୍ରହଣ କରିବେ ବୋଲି ସେ ସୂଚନା ଦେଇଛନ୍ତି। ଏଥିପ୍ରତି ବ୍ଲକ ପ୍ରଶାସନ ଓ ସିଡିପିଓ ଦୃଷ୍ଟି ଦେବାକୁ ସିଧାମୂଳା ଗ୍ରାମବାସୀ ଦାବି କରିଛନ୍ତି।




ସିଧାମୂଳା ପଞ୍ଚାୟତସ୍ଥିତ ପ୍ରାଥମିକ ବିଦ୍ୟାଳୟ ନିକଟରେ ୧ ନଂ. ଅଙ୍ଗନୱାଡିରେ କବାଡ଼ିଆ ସାମଗ୍ରୀ ଗଦା ହୋଇଛି।

# ବଢ଼ିଲା ଭାପୁର ବ୍ଲକ ଉପାଧ୍ୟକ୍ଷଙ୍କ ଅଡୁଆ

ନୟାଗଡ଼ ଅଫିସ,୨।୮

**ମକଦ୍ଦମାର ଅଗ୍ରଗତିର ଷ୍ଟାଟସ ରିପୋର୍ଟ ମାଗିଲେ କୋର୍ଟ**

**ଭାପୁର ରାଜନୀତି ଚଳଚଞ୍ଚଳ**

ନୟାଗଡ଼ ଜିଲା ଭାପୁର ବ୍ଲକରେ ଉପାଧ୍ୟକ୍ଷଙ୍କ ନାଁରେ ଥାନାରେ ମକଦ୍ଦମା ହେବା ଓ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ପାଇଁ ଭୋଟ ତାରିଖ ସ୍ଥିରୀକୃତ ପରେ ବ୍ଲକ ରାଜନୀତି ଚଳଚଞ୍ଚଳ ହୋଇଉଠିଛି। ତେବେ ଉପାଧ୍ୟକ୍ଷ ଗୟାଧର ପରିଡା ଏବଂ ଦୁଇ ସହଯୋଗୀ ଜ୍ୟୋତି ରଞ୍ଜନ ପଣ୍ଡା ଓ ଯୋଗେନ୍ଦ୍ର କୁମାର ସ୍ୱାଇଁଙ୍କ ନାଁରେ ଫତେଗଡ ଥାନାରେ ହୋଇଥିବା ମାମଲାର ଅଗ୍ରଗତି ନେଇ ଷ୍ଟାଟସ୍ ରିପୋର୍ଟ କୋର୍ଟ ମାଗିବା ପରେ ଅଡୁଆ ବଢ଼ିବାରେ ଲାଗିଛି।

ସୂଚନାଯୋଗ୍ୟ, ଜାଲ ଦସ୍ତଖତ ଓ ଲେଟର ପ୍ୟାଡକୁ ଅପବ୍ୟବହାର କରି ୨ ବର୍ଷ ହେଲା ଉପାଧ୍ୟକ୍ଷ ସରକାରୀ କାର୍ଯ୍ୟରେ ଅନିୟମିତତା, ସରକାରୀ ଟଙ୍କା ଆତ୍ମସାତ, କୋଟି କୋଟି ଟଙ୍କାର ଫଲସ୍ ବିଲ୍ କରାଇ ଅଧ୍ୟକ୍ଷାଙ୍କୁ ଫସାଇବାକୁ ଉଦ୍ୟମ କରିଛନ୍ତି ବୋଲି ଥାନାରେ ଜୁଲାଇ ୧୧ରେ ଅଭିଯୋଗ ହୋଇଥିଲା। ପ୍ରତିବାଦ କରିବାରୁ ବିଭିନ୍ନ ସମୟରେ ହତ୍ୟା ଧମକ, ଜାତିଆଣ ଆକ୍ଷେପ ସହିବାକୁ ପଡିଥିବା ଦର୍ଶାଯାଇଥିଲା। ଅଭିଯୋଗ ପରେ ଜୁଲାଇ ୧୫ରେ ପୋଲିସ ମକଦ୍ଦମା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଖଣ୍ଡପଡା ଏସ୍‌ଡିପିଓ ତଦନ୍ତକାରୀ ଅଧିକାରୀ ଅଛନ୍ତି। ତେବେ ଜୁଲାଇ ୧୫ରୁ ୨୩ ତାରିଖ ମଧ୍ୟରେ ପୋଲିସ ତଦନ୍ତ ଆଳରେ ଚୁପ ରହିଥିଲା। ତଦନ୍ତରେ ଶିଥିଳତା ଯୋଗୁ ଏତଲାକାରୀ ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରା ଅସନ୍ତୋଷ ବ୍ୟକ୍ତ କରିଥିଲେ। ତଦନ୍ତର ଅଗ୍ରଗତି ସମ୍ପର୍କରେ ଏକ ରିପୋର୍ଟ ତଲବ ପାଇଁ ନୟାଗଡ଼ ଜିଲା ଜଜ୍ ତଥା ସ୍ୱତନ୍ତ୍ର ଜଜ୍‌ଙ୍କ କୋର୍ଟରେ ଫୌଜଦାରୀ କାର୍ଯ୍ୟବିଧି ସଂହିତାର ଧାରା ୧୫୬(୩) ମତେ ଏକ ପିଟିସନ ଦାଏର କରି ତଦନ୍ତକାରୀ ଅଧିକାରୀଙ୍କଠାରୁ ରିପୋର୍ଟ ମାଗିବାକୁ ନିବେଦନ କରିଥିଲେ। କୋର୍ଟ ଏହାକୁ ଗ୍ରହଣ କରି ଅଗଷ୍ଟ ୪ ସୁଦ୍ଧା ତଦନ୍ତର ଅଗ୍ରଗତି ସମ୍ପର୍କିତ ଷ୍ଟାଟସ ରିପୋର୍ଟ ଦାଖଲ କରିବାକୁ ତଦନ୍ତକାରୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିବା ଆଇନଜୀବୀ ରଣଜିତ ଦାଶ କହିଛନ୍ତି।

**ଅଜ୍ଞାତବାସରେ ସମିତିସଭ୍ୟ, ସରପଞ୍ଚ**

ଅଗଷ୍ଟ ୧୭ରେ ଭାପୁର ବ୍ଲକ ଅଧ୍ୟକ୍ଷାଙ୍କ ବିରୋଧରେ ଅନାସ୍ଥା ଭୋଟ ହେବ। ଏଭଳିସ୍ଥଳେ ସରପଞ୍ଚ ଓ ସମିତିସଭ୍ୟମାନଙ୍କୁ ଆଉ ଦେଖିବାକୁ ମିଳୁନାହିଁ। ଜଣେ ଲୋକ ପ୍ରତିନିଧିଙ୍କ ସୂଚନା ଅନୁସାରେ, ଭାପୁର ବ୍ଲକ ଏବେ ରାଜ୍ୟ ରାଜନୀତିରେ ଚର୍ଚ୍ଚାରେ ରହିଛି। ଏଠାରେ ଅଧ୍ୟକ୍ଷା ଓ ଉପାଧ୍ୟକ୍ଷଙ୍କ ମଧ୍ୟରେ ବିବାଦ ପରେ ଉଭୟ ଗୋଷ୍ଠୀ ନିଜର ସମର୍ଥିତ ସରପଞ୍ଚ ଓ ସମିତିସଭ୍ୟଙ୍କୁ ଅଜ୍ଞାତ ସ୍ଥାନରେ ନେଇ ରଖିଛନ୍ତି। ଭୋଟ ହେବା ଦିନ ସେମାନଙ୍କୁ ଆଣି ମତଦାନ କରାଇବେ। ତେବେ ଉଭୟ ଗୋଷ୍ଠୀ ନିଜର ସମର୍ଥକମାନଙ୍କୁ ବିଶ୍ୱାସକୁ ନେଇ ପାରୁନାହାନ୍ତି। କାଳେ କିଏ ଏପଟସେପଟ କରିଦେବ। ଉଭୟ ଗୋଷ୍ଠୀ ପକ୍ଷରୁ କୁହାଯାଉଛି ଆମ ପଛରେ ଅଧିକ ସମର୍ଥନ ଅଛି। ଆମେ ବିଜୟୀ ହୋଇ ଦେଖାଇ ଦେବୁ। ତେବେ ସମୟ କହିବ କ’ଣ ଫଳାଫଳ ହେବ। କାହାର ଭାପୁର ବ୍ଲକରେ ଦବଦବା ରହିବ।

**ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗଣଧାରଣା ଆଜି**

ଭାପୁର ବ୍ଲକ ଅଧ୍ୟକ୍ଷା ଶାନ୍ତିଲତା ବେହେରାଙ୍କୁ ବିଭିନ୍ନ ଶାରୀରିକ ଓ ମାନସିକ ନିର୍ଯାତନା ଦେଇଥିବା ଉପାଧ୍ୟକ୍ଷ ପରିଡା, ଦୁଇ ସହଯୋଗୀଙ୍କୁ ଅନୁସୂଚିତ ଜାତି ଓ ଜନଜାତି ନିର୍ଯାତନା ନିବାରଣ ନିୟମ ୧୯୮୯ ଧାରା ୩(୧)(ଡ)(ଥ)(ପ)ରେ ଗିରଫ ଦାବି ନେଇ ଗଣଧାରଣା ଦିଆଯିବ। ଏ ନେଇ ନୟାଗଡ ଏସ୍‌ପିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରାଷ୍ଟ୍ରୀୟ ଦଳିତ ମହାସଂଘ ଓ ରାଜ୍ୟ ଆମ୍ବେଡକର ବିଚାର ମଞ୍ଚ ପକ୍ଷରୁ ମଙ୍ଗଳବାର ଗଣଧାରଣା ଦିଆଯିବ ବୋଲି କୁହଯାଇଛି।

## ସଂକ୍ଷେପରେ

### ଶିଶୁପୁତ୍ର ଚିକିତ୍ସାରେ ଅର୍ଥ ବାଧକ

ଛତ୍ରପୁର,୨।୮(ଡି.ଏନ୍.ଏ.): ଧରାକୋଟ ବ୍ଲକ ଅନ୍ତର୍ଗତ ଝାଡବନ୍ଧ ଗ୍ରାମର କୃଷ୍ଣଚନ୍ଦ୍ର ସେଠୀଙ୍କ ୫ ବର୍ଷୀୟ ପୁଅ ଆୟୁଷ ଜନ୍ମରୁ କୌଣସି ଏକ ରୋଗରେ ଆକ୍ରାନ୍ତ ହୋଇଛନ୍ତି। ପୁଅର ଉନ୍ନତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ସହାୟତା ଯୋଗାଇ ଦେବାକୁ ମା' ବାପା ସୋମବାର ଜିଲାପାଳଙ୍କୁ ଗୁହାରି କରିଛନ୍ତି। କୃଷ୍ଣଚନ୍ଦ୍ର ଜଣେ ଦିନ ମଜୁରିଆ। ପୁଅର ଚିକିତ୍ସା ପାଇଁ ସେ ଧାର କରଜ କରି ପ୍ରାୟ ୬ ଲକ୍ଷ ଟଙ୍କା ଖର୍ଚ୍ଚ କରି ସାରିଲେଣି। ହେଲେ ଶରୀରରେ କୌଣସି ଉନ୍ନତି ପରିଲକ୍ଷିତ ହେଉନାହିଁ। ପୁଅର ଖାଦ୍ୟ କିଣିବା ପାଇଁ ମଧ ପାଖରେ ସମ୍ବଳ ନାହିଁ ବୋଲି କହିଛନ୍ତି ମା'ବାପା। ଉନ୍ନତ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ନିବେଦନ କରିଛନ୍ତି।

### ଗଞ୍ଜାମ ଏନ୍ଏସି ଯୁବ, ଛାତ୍ର ସଭାପତିଙ୍କୁ ସମ୍ବର୍ଦ୍ଧନା

ଗଞ୍ଜାମ,୨।୮(ଡି.ଏନ.ଏ.): ଯୁବ ବିଜେଡି ପକ୍ଷରୁ ଗଞ୍ଜାମ ଏନ୍ଏସି ଯୁବ ସଭାପତି ସୁଧୀର କୁମାର ପାଢ଼ୀ ଓ ଛାତ୍ର ସଭାପତି ଭାବେ ରାକେଶ ରଞ୍ଜନ ଦାସଙ୍କୁ ମନୋନୀତ କରାଯାଇଛି। ଏହି ଅବସରରେ ଉଭୟଙ୍କୁ ବ୍ରହ୍ମପୁରଠାରେ ଦଳୀୟ ନେତୃବୃନ୍ଦ ସମ୍ବର୍ଦ୍ଧିତ କରିଛନ୍ତି। ଏଥିପାଇଁ ସେମାନେ ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଜିଲା ସଭାପତି ଓ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରାଙ୍କୁ କୃତଜ୍ଞତା ଜଣାଇଛନ୍ତି। ବିଜ୍ଞପ୍ତି ପ୍ରକାଶ ପରେ ପ୍ରତ୍ୟେକ ଦଳୀୟ କର୍ମକର୍ତ୍ତାଙ୍କୁ ଗଞ୍ଜାମ ବ୍ଲକ ବିଜେଡି ନେତୃବୃନ୍ଦ ନୀଳାଞ୍ଚଳ ବାରିକି, ଗୌରୀ ଶଙ୍କର ବାରିକି, ସୀମାଞ୍ଚଳ ସାହୁ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

### ଅତିରିକ୍ତ ଜିଲା ଶିକ୍ଷାଧିକାରୀଙ୍କ ସ୍ମାର୍ଟ ସ୍କୁଲ ପରିଦର୍ଶନ

ଶେରଗଡ,୨।୮(ଡି.ଏନ.ଏ.):ଗଞ୍ଜାମ ଜିଲାର ୨ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ଓ ରାଜେଶ ପ୍ରଧାନ ଶନିବାର ଶେରଗଡ଼ ବ୍ଲକ ଅନ୍ତର୍ଗତ ୫ଟି ଉଚ୍ଚ ବିଦ୍ୟାଳୟର ସ୍ମାର୍ଟ ଶ୍ରେଣୀ ପରିଦର୍ଶନ କରିଛନ୍ତି। ସେମାନେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଉଚ୍ଚ ବିଦ୍ୟାଳୟ, ଶେରଗଡ଼ ବାଳିକା ଉଚ୍ଚ ବିଦ୍ୟାଳୟ, ତାକରଡା ଶହୀଦ ଉଚ୍ଚ ବିଦ୍ୟାଳୟ, ଧବଳପୁର ଉଚ୍ଚ ବିଦ୍ୟାଳୟ ଓ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟ ବୁଲି ଦେଖିଥିଲେ। ସ୍ମାର୍ଟ ଶ୍ରେଣୀରେ ରହିଥିବା ସୁବିଧାସୁଯୋଗ ଦେଖି ଖୁସି ବ୍ୟକ୍ତ କରିଥିଲେ। ଉକ୍ତ ଗସ୍ତ ସମୟରେ ବିଡିଓ ଶମ୍ଭୁନାଥ ନନ୍ଦି, ସହକାରୀ ନିର୍ବାହୀ ଯନ୍ତ୍ରୀ କେଦାରନାଥ ପଣ୍ଡା ମଧ ବିଦ୍ୟାଳୟଗୁଡିକ ପରିଦର୍ଶନ କରିଥିଲେ। ପ୍ରକାଶଯୋଗ୍ୟ, ଅଗଷ୍ଟ ୧୫ ପୂର୍ବରୁ ବ୍ଲକର ୨୮ ଉଚ୍ଚ ବିଦ୍ୟାଳୟର ୧୦୭ ସ୍ମାର୍ଟ ଶ୍ରେଣୀ, ୨୮ ଲାଇବ୍ରେରି, ୨୮ ଲାବୋରାଟୋରି, ପ୍ରତି ବିଦ୍ୟାଳୟରେ ଶୌଚାଳୟ ଓ ପିଇବା ପାଣି ସୁବିଧା ହୋଇଯିବ ବୋଲି ବିଡିଓ କହିଛନ୍ତି।

### ଆଇସିଡିଏସ୍ ସୁପରଭାଇଜରଙ୍କ ବିୟୋଗ

ଭଞ୍ଜନଗର,୨।୮(ଡି.ଏନ.ଏ.): ସମନ୍ୱିତ ଶିଶୁ ବିକାଶ ଯୋଜନା (ଆଇସିଡିଏସ୍) ଭଞ୍ଜନଗର ଏନ୍ଏସିରେ କାର୍ଯ୍ୟରତ ଥିବା ସୁପରଭାଇଜର ସୁଜତା ଶତପଥୀ(୫୦)ଙ୍କ ରବିବାର ବିୟୋଗ ହୋଇଛି। ସେ କର୍କଟରେ ଆକ୍ରାନ୍ତ ହୋଇ କିଛିଦିନ ହେଲା ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ସୁଜାତା ଭଞ୍ଜନଗର କୋର୍ଟର ସରକାରୀ ଓକିଲ ରଞ୍ଜିତ ତ୍ରିପାଠୀଙ୍କ ସ୍ତ୍ରୀ । ତାଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ବହୁ ବ୍ୟକ୍ତି ଶୋକବ୍ୟକ୍ତ କରିଛନ୍ତି । ସେହିପରି ଖବରଦାତା ଜୟକୃଷ୍ଣ ପଟ୍ଟନାୟକଙ୍କ ମା' ରେବତୀ ପଟ୍ଟନାୟକଙ୍କ ମଧ ରବିବାର ଲଣ୍ଡେଇସାହିସ୍ଥିତ ବାସଭବନରେ ପରଲୋକ ହୋଇଛି। ବେଲେଶ୍ୱର ଶ୍ମଶାନ ଘାଟରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି ।

### ବିଜୁ ଯୁବ ଜନତା ଦଳର ନୂତନ କର୍ମକର୍ତ୍ତା ଘୋଷଣା

ସୋରଡା,୨।୮(ଡି.ଏନ୍.ଏ.)-ଗଞ୍ଜାମ ଜିଲା ବିଜୁ ଯୁବ, ଛାତ୍ର ଜନତା ଦଳର ନୂତନ କର୍ମକର୍ତ୍ତା ଘୋଷଣା ହୋଇଯାଇଛି। ବିଜୁ ଯୁବ ଜନତା ଦଳର ଜିଲା ଉପସଭାପତି ଭାବେ ସୋରଡ଼ା ବ୍ଲକ ବଞ୍ଚର ଗ୍ରାମର ବିକଳ ଗଉଡଙ୍କୁ ମନୋନୀତ କରାଯାଇଛି। ସୋରଡ଼ା ବିଜୁ ଯୁବ ଜନତା ବ୍ଲକ ସଭାପତି ଭାବେ ରାଜେଶ ସାହୁ,ଏନ୍ଏସିରେ ଶକ୍ତି ରଞ୍ଜନ ସୁଆର ଓ ଛାତ୍ର ଜନତା ଦଳରେ ସୋରଡ଼ା ନିର୍ବାଚନମଣ୍ଡଳୀ ଉପସଭାପତି ଭାବେ ପ୍ରସନ୍ନ ମୁନି, ବ୍ଲକ ସଭାପତି ଦେବବ୍ରତ ପ୍ରଧାନ,ଏନ୍ଏସି ପାଇଁ ଆଶିଷ ପାଢ଼ୀଙ୍କୁ ଦଳ ପକ୍ଷରୁ ମନୋନୀତ କରାଯାଇଛି। ରବିବାର ବ୍ରହ୍ମପୁର ଦଳୀୟ କାର୍ଯ୍ୟାଳୟଠାରେ ଏମ୍ପି ପ୍ରମିଳା ବିଶୋଇ, ଚନ୍ଦ୍ରଶେଖର ସାହୁ ଓ ବିଧାୟକ ଜିଲା ନେତୃବୃନ୍ଦମାନଙ୍କ ଉପସ୍ଥିତିରେ ଉପସଭାପତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଗୋପାଳ ସମାଜ ତରଫରୁ ଟୁଟୁ ଗଉଡ଼, ନୃସିଂହ ଗଉଡ଼, ବିଜୟ ଗଉଡ଼ ମଧ ସ୍ୱାଗତ କରିଥିଲେ।

# ନିଯୁକ୍ତି ଲାଗି ବୟସ ସୀମା ୪୨ ହେଉ

## କଂଗ୍ରେସ ପକ୍ଷରୁ ଦାବିପତ୍ର ପ୍ରଦାନ

ଫୁଲବାଣୀ ଅଫିସ/ପାରଳାଖେମୁଣ୍ଡି, (ଡି.ଏନ୍.ଏ.)୨।୮


ଫୁଲବାଣୀରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ସରକାରୀ ଚାକିରି ବା ନିଯୁକ୍ତି ଲାଗି ବୟସ ସୀମା ୪୨ବର୍ଷକୁ ବୃଦ୍ଧି କରିବାକୁ କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ସୋମବାର ଫୁଲବାଣୀ ସହରରେ ଜିଲା ଯୁବ କଂଗ୍ରେସ ପକ୍ଷରୁ ର୍ୟାଲି କରାଯିବା ସହ ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି।

ରାଜ୍ୟରେ ଦୀର୍ଘବର୍ଷ ହେଲା ଗୋଟିଏ ଦଳ ଶାସନ କରୁଛି । ହେଲେ ଯୁବପିଢ଼ି ନିଯୁକ୍ତି ନ ପାଇ ଦିଗହରା ହୋଇପଡିଛନ୍ତି। ବେକାରି ସମସ୍ୟା ଉତ୍କଟ ହେବାରେ ଲାଗିଛି । ଓଡ଼ିଶା ପବ୍ଲିକ ସର୍ଭିସ କମିଶନ(ଓପିଏସ୍ସି), ଓଡ଼ିଶା ସବ୍ ଅର୍ଡିନେଟ ଷ୍ଟାଫ୍ ସିଲେକ୍ଶନ କମିଶନ(ଓଏସ୍ଏସ୍ସି), ଓଡିଶା ଷ୍ଟାଫ ସିଲେକସ୍ନ କମିଶନ (ଓଏସ୍ଏସ୍ସି), ଷ୍ଟେଟ ସିଲେକ୍ସନ ବୋର୍ଡ(ଏସ୍ଏସ୍ବି) ଆଦି ଦ୍ୱାରା ହେଉଥିବା ପରୀକ୍ଷା ଏବଂ ଚୟନ ପ୍ରକ୍ରିୟା ନିୟମ ଅନୁସାରେ ପ୍ରତ୍ୟେକ ବର୍ଷ ପୂରଣ ହେବା କଥା । ହେଲେ ତାହା ଠିକ୍ ସମୟରେ ହେଉ ନ ଥିବାରୁ ବହୁ ଆଶାୟୀ ପ୍ରାର୍ଥୀଙ୍କ ଭବିଷ୍ୟତ ଅନ୍ଧାରକୁ ଠେଲି ହୋଇଯାଉଛି । ଓଡ଼ିଶା ସରକାର ଚାକିରି ପାଇଁ ଆଶାୟୀଙ୍କ ବୟସ ସୀମା ୩୨ ବର୍ଷରେ ସୀମିତ ରଖି ଥିବାରୁ ଏଭଳି ସମସ୍ୟା ଉପୁଜୁଛି ବୋଲି କଂଗ୍ରେସ ପକ୍ଷରୁ ଅଭିଯୋଗ ହୋଇଛି। ଓଡ଼ିଶାରେ ସରକାରୀ ଚାକିରିରେ ସାଧାରଣ ବର୍ଗଙ୍କ ସର୍ବୋଚ୍ଚ ବୟସ ସୀମା ୩୨ ଥିବା ବେଳେ ଗୋଆରେ ୪୫, ଆସାମରେ ୪୪, ତେଲଙ୍ଗାନାରେ ୪୪, ଆନ୍ଧ୍ରରେ ୪୨, ଉତ୍ତରପ୍ରଦେଶ, ରାଜସ୍ଥାନ, ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶରେ ୪୦ ବର୍ଷ ଧାର୍ଯ୍ୟ ହୋଇଛି । ଓଡ଼ିଶାରେ ଏଥିପ୍ରତି ଦୃଷ୍ଟି ଦିଆ ଯାଉ ନ ଥିବାରୁ ଅନେକ ମେଧାବୀ ଛାତ୍ରୀଛାତ୍ର ସରକାରୀ ଚାକିରିରୁ ବଞ୍ଚିତ ହେଉଛନ୍ତି। ଏ ଦିଗ ଉପରେ ସରକାର ବିଚାର କରି ବୟସ ସୀମା ୪୨କୁ ବୃଦ୍ଧି କରିବାକୁ ଜିଲା ଯୁବ କଂଗ୍ରେସ ସଭାପତି ବସନ୍ତ କୁମାର ପାଢ଼ୀ ପ୍ରକାଶ କରିଛନ୍ତି। ଯୁବ କଂଗ୍ରେସ ଉପ ସଭାପତି ସୁବ୍ରତ କୁମାର ବେହେରା, ସାଧାରଣ ସମ୍ପାଦକ କିଶନ ବେହେରା, ସମ୍ପାଦକ ବିକ୍ରମ ବେହେରା, ଛାତ୍ର ନେତା ଅନୁପମ କହଁର, ଦୀପକ ବେହେରା, ଅନାମ ନାୟକ, ସଂସାର ଭୋଇ, ସୂର୍ଯ୍ୟକାନ୍ତ ଦାସ, ଶିବଶଙ୍କର ବେହେରା, ବଳଦେବ ବେହେରା, ଗୌର ଚରଣ ବେହେରା, ବସନ୍ତ ଦିଗାଲ ଓ ହେମନ୍ତ କର ପ୍ରମୁଖ ର୍ୟାଲିରେ ସାମିଲ ଥିଲେ । ସେହିପରି ଗଜପତି ଜିଲା ଯୁବ କଂଗ୍ରେସ ପକ୍ଷରୁ ମଧ ଏକ ଦାବିପତ୍ର ମୁଖ୍ୟ ଶାସନ ସଚିବଙ୍କ ଉଦ୍ଦେଶ୍ୟରେ ଜିଲାପାଳ ଲିଙ୍ଗରାଜ ପଣ୍ଡାଙ୍କୁ ପ୍ରଦାନ କରାଯାଇଛି। ଜିଲା ଯୁବ କଂଗ୍ରେସ ସଭାପତି ସୂର୍ଯ୍ୟନାରାୟଣ ପାତ୍ର, ନଗର କଂଗ୍ରେସ ସଭାପତି ବସନ୍ତ କୁମାର ପଣ୍ଡା ପ୍ରମୁଖ ଜଣାଇଛନ୍ତି । ହି ଦାବି ପତ୍ର ପ୍ରଦାନ ବେଳେ ଜିଲ୍ଲା କଂଗ୍ରେସର ବହୁ ଦଳୀୟ ନେତା କର୍ମୀ ଉପସ୍ଥିତ ଥିଲେ ।

# ସେବାୟତ ଟିକା ନେଇଥିଲେ ଖୋଲିବ ମନ୍ଦିର

## ଧର୍ମାନୁଷ୍ଠାନ ଖୋଲିବା ନେଇ ଚାଲିଛି ଆଲୋଚନା

ଛତ୍ରପୁର,୨।୮(ଡି.ଏନ୍.ଏ.)

ଅଗଷ୍ଟ ମାସ ପାଇଁ ସରକାର କୋଭିଡ୍ କଟକଣା କୋହଳ କରିଛନ୍ତି। ଶପିଂମଲ୍, ସିନେମାହଲ୍, ପାର୍କ ଓ ବେଳାଭୂମି ଖୋଲିଛି। ହେଲେ ଧାର୍ମିକ ପୀଠ ଖୋଲିବା ନିଷ୍ପତ୍ତି ଜିଲାପାଳ ନେବେ ବୋଲି କହିଛନ୍ତି। ଧାର୍ମିକ ଅନୁଷ୍ଠାନ କମିଟି ସହ ଆଲୋଚନା କରାଯିବା ପରେ ଖୋଲାଯିବ। ଗଞ୍ଜାମ ଜିଲାରେ ଏବେ କରୋନା ଆକ୍ରାନ୍ତ ସଂଖ୍ୟା କମ୍ ରହିଥିଲେ ସୁଦ୍ଧା କୌଣସି ଧାର୍ମିକ ଅନୁଷ୍ଠାନ ଖୋଲି ନାହିଁ। ଜିଲାର ଆରାଧ୍ୟା ଦେବୀ ମା' ତାରାତାରିଣୀ ମନ୍ଦିର ମଧ ଦୀର୍ଘଦିନ ହେଲା ବନ୍ଦ ରହିଛି। ଧାର୍ମିକ ଅନୁଷ୍ଠାନ ଖୋଲିବା ନେଇ ଆଲୋଚନା ଚାଲିଛି ବୋଲି ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ସୋମବାର କହିଛନ୍ତି। ଉପଜିଲାପାଳ, ସ୍ଥାନୀୟ ତହସିଲଦାରଙ୍କଠାରୁ ମତାମତ ନିଆଯାଇଛି। ଏଥିସହ କୋଭିଡ୍ ନିୟମ ମାନିବା ପାଇଁ ମନ୍ଦିରର ପ୍ରସ୍ତୁତି କ'ଣ ରହିଛି ସେବାୟତଙ୍କ ସହ ସେ ସମ୍ପର୍କରେ ଆଲୋଚନା କରାଯିବ। ୪/୫ ଦିନ ମଧ୍ୟରେ ମନ୍ଦିର ଖୋଲିବା ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଯେଉଁଠି ସେବାୟତମାନେ ଟିକା ନେଇ ସାରିଛନ୍ତି, ସେଠି ମନ୍ଦିର ଖୋଲିବାକୁ ଅଧିକ ପ୍ରାଧାନ୍ୟ ଦିଆଯିବ ବୋଲି ଜିଲାପାଳ କହିଛନ୍ତି। ସୂଚନାଯୋଗ୍ୟ, କରୋନା ଲାଗି ଦୀର୍ଘମାସ ହେଲା ସାଧାରଣ ଲୋକଙ୍କ ମନ୍ଦିର ପ୍ରବେଶକୁ ବାରଣ କରାଯାଇଥିବା ବେଳେ ସେବାୟତଙ୍କ ଦ୍ୱାରା କେବଳ ଠାକୁରଙ୍କ ନୀତି ଚାଲିଛି ।

# ଖାଁ ଖାଁ ବୁଦ୍ଧଖୋଲ ଶୈବପୀଠ


ଖାଁ ଖାଁ ବୁଦ୍ଧଖୋଲ।

## ଶ୍ରାବଣ ଦ୍ୱିତୀୟ ସୋମବାର

ବୁଗୁଡ଼ା,୨।୮(ଡି.ଏନ.ଏ.)

ଶ୍ରାବଣ ମାସର ପ୍ରଥମ ସୋମବାର ଭଳି ଦ୍ୱିତୀୟ ସୋମବାର ବୁଗୁଡ଼ାର ଐତିହାସିକ ଶୈବପୀଠ ବୁଦ୍ଧଖୋଲ ମଧ ଖାଁ ଖାଁ ଲାଗିଥିଲା। ଶୁଭୁ ନଥିଲା ବୋଲବମ୍ର ସ୍ୱର। ଆଜିର ଦିନରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ଆସୁଥିବା କାଉଡ଼ିଆଙ୍କ ଭିଡ଼ ବୁଦ୍ଧଖୋଲ ଶୈବପୀଠରେ ଦେଖିବାକୁ ମିଳୁଥିଲା। କିନ୍ତୁ କରୋନା କଟକଣା ଯୋଗୁ ଗତବର୍ଷ ଭଳି ଏ ବର୍ଷ ମଧ କାଉଡିଆଙ୍କ ଉପରେ ରୋକ ଲଗାଯାଇଛି। କେବଳ ବୁଦ୍ଧଖୋଲ ଶୈବପୀଠ ନୁହେଁ, ସ୍ଥାନୀୟ କୁବରେଶ୍ୱର ଶୈବପୀଠ ବି କାଉଡ଼ିଆଙ୍କ ବିନା ଖାଁ ଖାଁ ହୋଇଛି। ଅନ୍ୟପକ୍ଷରେ ପ୍ଲାଷ୍ଟିକ୍ ଫୁଲ ଓ ସର୍ପରେ ସଜ୍ଜିତ ବାହୁଙ୍ଗି, ତମ୍ବା ଓ ପିତଳ ଡାଳ, ମାଟିପାତ୍ର ଓ ଶିକା ସଜାଇବା ପାଇଁ ଉଦ୍ଦିଷ୍ଟ ଉପକରଣ ସାଙ୍ଗକୁ କାଉଡିଆ ପୋଷାକ ବିକ୍ରି କରୁଥିବା ବ୍ୟବସାୟୀମାନେ ହାତବାନ୍ଧି ବସିଥିବା ଦେଖାଯାଇଛି।

# ନିମ୍ନମାନର ପିଚୁ ରାସ୍ତା ନିର୍ମାଣ

ଛତ୍ରପୁର,୨।୮(ଡି.ଏନ.ଏ.)

ଛତ୍ରପୁର ବ୍ଲକ ଅନ୍ତର୍ଗତ ସରଭିଁପୁର ଗ୍ରାମଠାରୁ ଗଙ୍ଗାପୁରକୁ ସଂଯୋଗ କରୁଥିବା ଗ୍ରାମ୍ୟ ଉନ୍ନୟନ( ଆରଡି ) ରାସ୍ତାର ଉନ୍ନତୀକରଣ ଓ ମରାମତିରେ ବ୍ୟାପକ ଅନିୟମିତତା ହୋଇଛି ବୋଲି ସାଧାରଣରେ ଆଲୋଚନା ଜୋର ଧରିଛି। ବିକାଶ କାର୍ଯ୍ୟ ପାଇଁ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ଖର୍ଚ୍ଚ କରୁଥିବା ବେଳେ ଏଠି କିନ୍ତୁ ବିକାଶ ନାଁରେ ବ୍ୟତିକ୍ରମ ଦେଖିବାକୁ ମିଳୁଛି। କେତେକ ଦୁର୍ନୀତିଗ୍ରସ୍ତ ସରକାରୀ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକାରେ ସରକାରୀ ଅର୍ଥ ଶୋଷଣ କରାଯାଉଛି। ନିମ୍ନମାନର ପିଚୁରେ ରାସ୍ତା ମରାମତି କରାଯାଉଥିବାରୁ ଏହାର ସ୍ଥାୟିତ୍ୱ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କାମ କରିବାର ମାତ୍ର ଦୁଇ ଦିନ ପରେ ରାସ୍ତାରୁ ଉଠି ପଡ଼ିଲାଣି ପିଚୁ ଓ ଗୋଡି। ରାସ୍ତା ଖାଲ ଢିପ ହୋଇ ରହିଛି ଅନେକ ଜାଗାରେ । ପୂର୍ବରୁ ଭଲ ଥିବା ରାସ୍ତାରେ ନାମକୁମାତ୍ର ପିଚୁ ବିଛାଯାଇ ଥିବାରୁ ଅବସ୍ଥା ଅତି ଶୋଚନୀୟ ହୋଇପଡିଛି । ଯାହା ଦୁର୍ଘଟଣାକୁ


ରାସ୍ତାରୁ ପିଚୁ ଉଠିଯାଇଛି।

ଆମନ୍ତ୍ରଣ କରୁଛି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଉକ୍ତ ରାସ୍ତା ଉପରେ ପ୍ରାୟ ୨୦ ଖଣ୍ଡ ଗ୍ରାମର ଲୋକ ନିର୍ଭର କରିଥାନ୍ତି। ବଉଳଗାଁ, ବିପୁଲିଙ୍ଗି, ଟିକଲଖଣ୍ଡି, ଛତ୍ରପୁର ଓ ପୋଟଲାମପୁର ଆଦି ଅଞ୍ଚଳ ସହ ଲୋକେ ଦୈନନ୍ଦିନ ନିର୍ଭର କରିଥାନ୍ତି। ଏଣୁ ଉକ୍ତ ରାସ୍ତାଟି ବହୁ ଗୁରୁତ୍ୱ ବହନ କରୁଛି। ଏ ସମ୍ପର୍କରେ ଆରଡି କନିଷ୍ଠ ଯନ୍ତ୍ରୀ ସଚ୍ଚିକାନ୍ତ ଦାଶଙ୍କୁ ନିମ୍ନମାନର ରାସ୍ତା ନିର୍ମାଣ ହୋଇଥିବା ନେଇ ପଚାରିବାରୁ ୪ଶହ ମିଟର ରାସ୍ତା ମରାମତି ପାଇଁ ୩ଲକ୍ଷ ଆସିଛି । ମୁଁ ନିଜେ ନିର୍ମାଣ କାର୍ଯ୍ୟରେ ଉପସ୍ଥିତ ଥିଲି । ଭଲ କାମ ହୋଇଛି, ଯଦି ଖରାପ କାମ ହୋଇଛି ତେବେ ଠିକାଦାରଙ୍କ ବିଲ୍ କରାଯିବ ନାହିଁ ବୋଲି ସେ କହିଛନ୍ତି।

# କଲେଜରେ ଚାରା ଉପାଡି କଂକ୍ରିଟ ଖମ୍ବ ଭାଙ୍ଗିଲେ ଦୁର୍ବୃତ୍ତ

ଗଞ୍ଜାମ,୨।୮(ଡି.ଏନ.ଏ.)

ଗଞ୍ଜାମ ମହାବିଦ୍ୟାଳୟ ପରିସରରେ କେହି ଦୁର୍ବୃତ୍ତ ପଶି ଲଗାଯାଇଥିବା କିଛି ଗଛ ଓ କଂକ୍ରିଟ ପୋଲକୁ ଉପାଡି ଫିଙ୍ଗି ଦେଇଛନ୍ତି। ଏହାକୁ ନେଇ ବିଭିନ୍ନ ମହଲରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଥାନାରେ ଏତଲା ମଧ ଦିଆଯାଇଛି ବୋଲି ଅଧକ୍ଷ ଡ. ପ୍ରବୀଣ କୁମାର ନନ୍ଦ ସୂଚନା ଦେଇଛନ୍ତି। ଏତଲା ପରେ ଗଞ୍ଜାମ ଆଇଆଇସି ଶୁଭେନ୍ଦୁ କୁମାର ସାହୁ ଘଟଣାସ୍ଥଳକୁ ଯାଇଥିଲେ। ସୂଚନାଯୋଗ୍ୟ, କଲେଜ ପରିସରରେ ଗତ କିଛି ଦିନ ତଳେ ଚାରା ରୋପଣ କରାଯିବା ସହ ତାହାର ସୁରକ୍ଷା ପାଇଁ ସିମେଣ୍ଟ ପୋଲ ଜରିଆରେ ବାଡ଼ ବନ୍ଧା ଯାଇଥିଲା। କେହି ଦୁର୍ବୃତ୍ତ ପଶି ସେଗୁଡ଼ିକୁ ଉପାଡି ଦେଇଛନ୍ତି। ତେବେ ପୋଲିସ କର୍ତ୍ତୃପକ୍ଷ ପାଟ୍ରୋଲିଂ ବ୍ୟବସ୍ଥା କଡ଼ାକଡ଼ି କରିବା ସହ ଦୁର୍ବୃତ୍ତମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟ୍

ଫୁଲବାଣୀ ଅଫିସ, ୨।୮

ଫୁଲବାଣୀ ସହର ପଟାବାଲି ସାହିରେ ଜଣେ ବ୍ୟବସାୟୀଙ୍କ ଘରୁ ଲକ୍ଷାଧିକ ଟଙ୍କାର ସୁନା ଗହଣା ଏବଂ ଟଙ୍କା ଲୁଟ୍ ହୋଇଛି । ୩ ଦୁର୍ବୃତ୍ତପ ଘରେ ପଶି ବନ୍ଧୁକ ଦେଖାଇ ଲୁଟ୍ କରିଥିବା ନେଇ ବ୍ୟବସାୟୀ ଜଣକ ଟାଉନ ଥାନାରେ ସୋମବାର ଅଭିଯୋଗ କରିଛନ୍ତି। ସୂଚନା ଅନୁଯାୟୀ, ବ୍ୟବସାୟୀ ପ୍ରଶାନ୍ତ କୁମାର ପ୍ରାଣୀଗ୍ରାହୀଙ୍କ ପୁଅ ବୋହୁ ରବିବାର ବ୍ରହ୍ମପୁରକୁ ଯାଇଥିଲେ। ପ୍ରଶାନ୍ତ ଘରେ ଏକା ଥିଲେ । ରବିବାର ରାତି ପ୍ରାୟ ୧୧ଟାରେ ୩ ଦୁର୍ବୃତ୍ତ ଘରକୁ ପଶି ଆସି ଏକ ବନ୍ଧୁକ ଦେଖାଇ ଟଙ୍କା କେଉଁଠି ଅଛି ପଚାରିଥିଲେ । ପ୍ରଶାନ୍ତ ଭୟରେ ଆଲମିରାରେ ଅଛି ବୋଲି କହିବାରୁ ସେମାନେ ଲକ ଭାଙ୍ଗି ଟଙ୍କା ଓ ସୁନା ନେଇ ଯାଇଥିଲେ । ପ୍ରଶାନ୍ତଙ୍କଠାରୁ ଖବରପାଇ ସଦର ଏସଡ଼ିପିଓ ମହେନ୍ଦ୍ର ନାଥ ମୁର୍ମୁ, ଥାନାଧିକାରୀ ସୁଶାନ୍ତ କୁମାର ସେଠୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ।

# ନିରଞ୍ଜନ ହେଲେ ଯୁବ ବିଜେଡି ଜିଲା ଉପସଭାପତି

ଦିଗପହଣ୍ଡି,୨।୮(ଡି.ଏନ.ଏ.)

ଦିଗପହଣ୍ଡି ବ୍ଲକ ଉପାଧକ୍ଷା ପ୍ରତିନିଧି ତଥା ଯୁବ ନେତା ଏମ୍.ନିରଞ୍ଜନ ରେଡ୍ଡୀଙ୍କୁ ଯୁବ ବିଜେଡି ଗଞ୍ଜାମ ଜିଲା ଉପସଭାପତି ରୂପେ ମନୋନୀତ କରାଯାଇଛି। ରାଜ୍ୟ ଯୁବ ବିଜେଡି ସଭାପତି ବ୍ୟୋମକେଶ ରାୟ ଏବଂ ସମ୍ପାଦକ ପ୍ରଣବ ବଳବନ୍ତ ରାୟଙ୍କ ଦ୍ୱାରା ପ୍ରକାଶିତ ତାଲିକାରେ ତାଙ୍କ ନାଁ ପ୍ରକାଶିତ ହୋଇଥିବା ବେଳେ ସମୀର ସ୍ୱାଇଁଙ୍କୁ ଜିଲା କମିଟି ସମ୍ପାଦକ ଭାବେ ଚୟନ କରାଯାଇଛି। ସେହିପରି ଦିଗପହଣ୍ଡି ଏନ୍ଏସି ଓ ବ୍ଲକ ପାଇଁ ଛାତ୍ର, ଯୁବ ବିଜେଡି କାର୍ଯ୍ୟକର୍ତ୍ତାମାନଙ୍କୁ ମନୋନୀତ କରାଯାଇଛି। ଛାତ୍ର ବିଜେଡିର ରାଜ୍ୟ ସଭାପତି ଦେବୀ ରଞ୍ଜନ ତ୍ରିପାଠୀଙ୍କ ଦ୍ୱାରା ପ୍ରକାଶିତ ତାଲିକାରେ ଜିତେନ୍ଦ୍ର ମେକାପଙ୍କୁ ଦିଗପହଣ୍ଡି ଏନ୍ଏସି ଏବଂ ଏସ୍.ଅର୍ଜୁନଙ୍କୁ ବ୍ଲକ ସଭାପତି ଭାବେ ମନୋନୀତ କରାଯାଇଛି। ନୀଳମାଧବ ଗୌଡ଼, ଜଗନ୍ନାଥ ପ୍ରଧାନ ଏବଂ କୈବଲ୍ୟ ସାହୁଙ୍କୁ ଛାତ୍ର ବିଜେଡିର ଜିଲା ସମ୍ପାଦକ ରୂପେ ମନୋନୀତ କରାଯାଇଛି। ଚିତ୍ରସେନ ଗୌଡ ଏବଂ ଶିବଶଙ୍କର ଗୌଡଙ୍କୁ ଯୁବ ବିଜେଡି ବ୍ଲକ ଏବଂ ଦିଗପହଣ୍ଡି ଏନ୍ଏସି ସଭାପତି ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ନବନିଯୁକ୍ତ କର୍ମକର୍ତ୍ତା ମାନଙ୍କୁ ଯୁବ ବିଜେଡି ରାଜ୍ୟ କର୍ମକର୍ତ୍ତା ବିପ୍ଳବ ପାତ୍ର, ଦିଗପହଣ୍ଡି ବ୍ଲକ ଅଧକ୍ଷ ବିପିନ ଚନ୍ଦ୍ର ପ୍ରଧାନ, ଦିଗପହଣ୍ଡି ଏନ୍ଏସିର ପୂର୍ବତନ ଅଧକ୍ଷ ଉଦୟ ନାଥ ସ୍ୱାଇଁ, ଭି. ରବି ନାରାୟଣ ରାଜୁ, ମହିଳା ବିଜେଡି କାର୍ଯ୍ୟକର୍ତ୍ତା ନିରୁପମା ପଟ୍ଟନାୟକ, ପୂର୍ବତନ କାଉନସିଲର ମାଗି ସେଠୀ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି।

# ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

ଆସିକା,୨।୮(ଡି.ଏନ.ଏ)

ଆସିକା ତହସିଲଦାର ଭାବେ ଭଞ୍ଜନଗର ଏନଏସିର ନିର୍ବାହୀ ଅଧିକାରୀ ଆଶୁତୋଷ ଗୌରବ କର ସୋମବାର ଅତିରିକ୍ତ ଦାୟିତ୍ୱ ଗ୍ରହଣ କରିଛନ୍ତି। ପୂର୍ବରୁ ଏଠାରେ ଥିବା ତହସିଲଦାର ସଦାନନ୍ଦ ସେଠୀ ଅବସର ଗ୍ରହଣ କରିବା ପରେ ପଦବୀ ଖାଲିଥିଲା। ତହସିଲଦାର କର ଦାୟିତ୍ୱ ଗ୍ରହଣ ପରେ ଜନସାଧାରଣଙ୍କ ରାଜସ୍ୱ ବିଭାଗୀୟ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ଧ୍ୟାନ ଦେବେ ବୋଲି କହିଛନ୍ତି।

# ବିଦେଶରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି ସୀମାଞ୍ଚଳ

## ଭିଟାମାଟିକୁ ଫେରାଇ ଆଣିବାକୁ ପରିବାରର ଗୁହାରି

ଛତ୍ରପୁର,୨।୮(ଡି.ଏନ.ଏ)

ବିଦେଶରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ଖଲ୍ଲିକୋଟ ତୋଟାଗାଁର ସୀମାଞ୍ଚଳ ରାଉତଙ୍କୁ ଭିଟାମାଟିକୁ ଫେରାଇ ଆଣିବା ପାଇଁ ତାଙ୍କ ସ୍ତ୍ରୀ ଓ ପୁଅ ଜିଲା ପ୍ରଶାସନକୁ ଗୁହାରି କରିଛନ୍ତି। ସ୍ୱାମୀଙ୍କୁ ଫେରାଇ ଆଣି ଏଠାରେ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ସ୍ତ୍ରୀ ସୁପ୍ରଭା ଜିଲାପାଳ ବିଜୟ ଅମୃତା କୁଲାଙ୍ଗେଙ୍କୁ ନିବେଦନ କରିଛନ୍ତି। ସୀମାଞ୍ଚଳ ନିଜ ପରିବାର ଚଳାଇବା ଓ ଦୁଇ ପୁଅଙ୍କୁ ଭଲ ପାଠ ପଢାଇବା ଆଶାରେ ୨୦୧୭ରେ ବିଦେଶ ଯାଇଥିଲେ। ସେ ଆରବ ଦେଶର ବାହାରିନର ଏନଏସଏଚ ନାମକ ଏକ କମ୍ପାନୀରେ କାମ କରୁଥିଲେ। ୨୦୨୧ ଜୁଲାଇ ୧୮ରେ ସୀମାଞ୍ଚଳଙ୍କ ମସ୍ତିଷ୍କରୁ ରକ୍ତସ୍ରାବ ହେଲା । ପରେ ସେ ପକ୍ଷାଘାତରେ ପୀଡ଼ିତ ହେଲେ। ଓଡିଆ ସମାଜର ପ୍ରତିଷ୍ଠାତା ତାଙ୍କ ଚିକିତ୍ସା ପାଇଁ ଆଗେଇ ଆସିଛନ୍ତି । ବର୍ତ୍ତମାନ ସୀମାଞ୍ଚଳ ସଲମାନିଆ ମେଡିକାଲରେ ଚିକିତ୍ସିତ ହେଉଛନ୍ତି । ଜଣେ ଓଡିଆଙ୍କୁ ସାହାଯ୍ୟ କରିବା ପାଇଁ ଓଡିଆ ସମାଜର ପ୍ରତିଷ୍ଠାତା ଡ. ଅରୁଣ କୁମାର ପ୍ରହରାଜ ସୀମାଞ୍ଚଳଙ୍କ ନିକଟରେ ସମସ୍ତ ସାହାଯ୍ୟ ଓ ସହଯୋଗ କରାଉଛନ୍ତି ।

# କ୍ରିକେଟ ଟୁର୍ନାମେଣ୍ଟ ଉଦ୍ଯାପିତ

କବିସୂର୍ଯ୍ୟନଗର,୨।୮

କବିସୂର୍ଯ୍ୟନଗର ଗୌଡ଼ଡିପଠାରେ ଅନୁଷ୍ଠିତ ଏକ ସପ୍ତାହବ୍ୟାପୀ ନୀଳକଣ୍ଠେଶ୍ୱର କ୍ରିକେଟ ଟୁର୍ନାମେଣ୍ଟ ସୋମବାର ଉଦ୍ଯାପିତ ହୋଇଯାଇଛି। ନଗର ବିଜେଡି ସଭାପତି ରସଲ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ମନୋରଞ୍ଜନ ମହାପାତ୍ର, ମୁଖ୍ୟବକ୍ତା ଭାବେ ଲକ୍ଷ୍ମୀପ୍ରିୟା ସାହୁ, ସମ୍ମାନିତ ଅତିଥି ଭାବେ ଛାତ୍ର ବିଜେଡି ସଭାପତି ବିକ୍ରାନ୍ତ ସାହୁ, ଯୁବ ନଗର ବିଜେଡି ସଭାପତି ତାଜେନ୍ଦ୍ର ଖଟେଇ, ଜିଲା ଯୁବ ବିଜେଡି ଉପସଭାପତି ପ୍ରଶ୍ନ ନାୟକ, ଶକ୍ତିପ୍ରସାଦ ପ୍ରଧାନ ପ୍ରମୁଖ ଯୋଗଦେଇ ଟ୍ରଫି ସହ ପୁରସ୍କାର ରାଶି ବଣ୍ଟନ କରିଥିଲେ। ଫାଇନାଲ ମ୍ୟାଚରେ କବିସୂର୍ଯ୍ୟନଗର ବିପକ୍ଷରେ ଖାଡ଼ବାଇ ସଫଳତା ପାଇଛି। ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ଖାଡ଼ବାଇର ଶକ୍ତି ଓ ଶ୍ରେଷ୍ଠ ଖେଳାଳି ଭାବେ କବିସୂର୍ଯ୍ୟନଗରର ଶଙ୍କର ଟ୍ରଫି ସହ ପୁରସ୍କାର ରାଶି ଅତିଥିଙ୍କଠାରୁ ଗ୍ରହଣ କରିଛନ୍ତି।

# ନାବାଳକଙ୍କ ପରିବାରକୁ ମିଳିଲା ସହାୟତା

## ଆନ୍ଧ୍ରରେ ଶ୍ରମିକ ଜଳିଯିବା ଘଟଣା

ରାୟଗଡ଼(ଗଜପତି),୨।୮

ଆନ୍ଧ୍ରପ୍ରଦେଶର ଗୁଣ୍ଟୁର ଜିଲା ଲଙ୍କାଭାନିଦିବା ଗ୍ରାମର ଏକ ଚିଙ୍ଗୁଡି ଫ୍ୟାକ୍ଟରିରେ ଗତ ଶୁକ୍ରବାର ଅଗ୍ନିକାଣ୍ଡ ଘଟି ଓଡ଼ିଶାର ୬ ଜଣ ଦାଦାନ ଶ୍ରମିକଙ୍କ ମୃତ୍ୟୁ ଘଟିଥିଲା। ରବିବାର ଗଜପତି ଜିଲା ରାୟଗଡ଼ ଥାନା ଅଧିନ ସାନତୁଣ୍ଡି ଗ୍ରାମର ଦଶମ ଶ୍ରେଣୀର ଛାତ୍ର ମହେନ୍ଦ୍ର ଶବରଙ୍କ ଆନ୍ଧ୍ରରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ସୋମବାର ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ମୃତ ମହେନ୍ଦ୍ରଙ୍କ ପରିବାରୁ ୨ ଲକ୍ଷ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି। ପ୍ରଶାସନ ପକ୍ଷରୁ ଉପଜିଲାପାଳ ଦିଲ୍ଲୀପ କୁମାର ମହାରଣା ସାନତୁଣ୍ଡି ଆସି ମହେନ୍ଦ୍ରଙ୍କ ବାପାଙ୍କୁ ଚେକ୍ ପ୍ରଦାନ କରିଛନ୍ତି। ରେଡ୍କ୍ରସ୍ ପାଣ୍ଠିରୁ ୨୦ ହାଜର ଟଙ୍କାର


ମହେନ୍ଦ୍ରଙ୍କ ପରିବାରଙ୍କୁ ସହାୟତା ରାଶି ଚେକ୍ ପ୍ରଦାନ।

ଚେକ୍ ମିଳିଥିବା ବେଳେ ହରିଶ୍ଚନ୍ଦ୍ର ଯୋଜନାରେ ୨ ହାଜର ଟଙ୍କା ପ୍ରଦାନ କରାଯାଇଛି। ଏଥିସହ ରାୟଗଡ଼ା ଜିଲାର ଜିଲାପାଳ ରେଡ୍କ୍ରସ୍ ପାଣ୍ଠିରୁ ୧୦ ହଜାର ଟଙ୍କା ଏବଂ ଆନ୍ଧ୍ର ସରକାର ପକ୍ଷରୁ ୩ ଲକ୍ଷ, କମ୍ପାନୀ ପକ୍ଷରୁ ୨ ଲକ୍ଷ, ସେଠାକାର ସ୍ଥାନୀୟ ସରପଞ୍ଚ ୩ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ମୋଟରେ ୧୦ ଲକ୍ଷ ୩୨ ହଜାର ଟଙ୍କା ପାଇଥିବା ପରିବାର ଲୋକେ ପ୍ରକାଶ କରିଛନ୍ତି। ଏଥିରେ ଉପଜିଲାପାଳଙ୍କ ସମେତ ଶ୍ରମ ଅଧିକାରୀ ସୁବାଷ ମଣ୍ଡଳ, ବିଡିଓ ରାଜା ରଞ୍ଜିତ ପ୍ରତାପ ବଳ, ବ୍ଲକ ଅଧକ୍ଷ ଧନେଶ୍ୱର ଭୂୟାଁ, ଜିଲା ପରିଷଦ ଉପାଧକ୍ଷ ଆର୍. ବିଜୟ କୁମାର, ବିଜେଡି ଜିଲା ସଭାପତି ପ୍ରଦୀପ ନାୟକ, ମହିଳା ସଭାନେତ୍ରୀ ପୂର୍ଣ୍ଣବାସୀ ନାୟକ, ବରିଷ୍ଠ ବିଜେଡି ନେତା ଅନ୍ତର୍ଯ୍ୟାମୀ ଗମାଙ୍ଗୋ, ପିଇଓ ଲକ୍ଷ୍ମୀକାନ୍ତ ପାତ୍ର, ସରପଞ୍ଚ ସୁବାଷ ଶବର, ସଂଘମିତ୍ରା ଶବର, ବ୍ଲକ ସଭାପତି ସୀମା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।